ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୧୭/୨୦୨୫ (୧୮ ପୃଷ୍ଠା) | Bhubaneswar, Wednesday, September 17/2025 Page 18 | ₹ 7.00 | DHENKANAL
୫୧ଶ ଭାଗ ୨୯୩ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 51 ISSUE 293 | ମୂଲ୍ୟ ₹୭/-

DSPL-252

सत्यमेव जयते
Government of India

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜନ୍ମ ଦିବସ ଉପଲକ୍ଷେ

# ଏକ୍ ପେଡ୍ ମା' କେ ନାମ୍ ୨.୦





"ଆଜି ସାରା ଦେଶରେ 'ଏକ୍ ପେଡ୍ ମା' କେ ନାମ୍' ଅଭିଯାନ ଏକ ଜନଆନ୍ଦୋଳନରେ ପରିଣତ ହୋଇଛି । ଏହି ଅଭିଯାନର ପ୍ରଥମ ପର୍ଯ୍ୟାୟରେ ଓଡ଼ିଶାରେ ୬.୭୨ କୋଟି ଚାରାରୋପଣ କରାଯାଇଥିଲା । ଚଳିତ ବର୍ଷ 'ଏକ୍ ପେଡ୍ ମା' କେ ନାମ୍ ୨.୦' ଅଭିଯାନରେ ରାଜ୍ୟରେ ୭.୫ କୋଟି ଚାରାରୋପଣ ଲାଗି ଲକ୍ଷ୍ୟ ରଖାଯାଇଛି ।"

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ବୃକ୍ଷ ଆମ ଜୀବନ

- ସବୁଜିମା
- ଅମ୍ଳଜାନ ପ୍ରଦାନ
- ବୃଷ୍ଟିପାତ
- ଜଳ ସଂରକ୍ଷଣ
- ପରିବେଶ ସନ୍ତୁଳନ
- ତାପମାତ୍ରା ନିୟନ୍ତ୍ରଣ
- ଫୁଲ, ଫଳ ଓ ଛାଇ
- ଶବ୍ଦ ଓ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ
- ମୃତ୍ତିକା ସଂରକ୍ଷଣ
- ପ୍ରାକୃତିକ ବିପର୍ଯ୍ୟୟରୁ ସୁରକ୍ଷା

## ୧୭ ସେପ୍ଟେମ୍ବର ୨୦୨୫ରେ
## ରାଜ୍ୟବ୍ୟାପୀ ୭୫ ଲକ୍ଷ ଚାରାରୋପଣ ଅଭିଯାନ

ଆସନ୍ତୁ, 'ଏକ୍ ପେଡ୍ ମା' କେ ନାମ୍' ଅଭିଯାନରେ ଆମେ ସମସ୍ତେ ସାମିଲ ହେବା, ଆମ ଜନ୍ମଦାତ୍ରୀ ମା' ପ୍ରତି ସମ୍ମାନ ପ୍ରଦର୍ଶନ କରିବା ସହିତ ଧରିତ୍ରୀ ମା'ର ସୁରକ୍ଷା ପାଇଁ ଗଛଟିଏ ନିଶ୍ଚୟ ଲଗାଇବା

**ଗଛ ଲଗାଇବା, ମିଳିମିଶି ଆମ ପରିବେଶର ଯତ୍ନ ନେବା**
**ଭବିଷ୍ୟତ ପିଢ଼ି ପାଇଁ ଏକ ସୁନ୍ଦର ପୃଥିବୀ ଗଢ଼ି ତୋଳିବା**



ଚାରାରୋପଣ କରି ଚାରା ସହିତ ସେଲ୍ଫି ନେବା, 'ମେରି ଲାଇଫ୍' ପୋର୍ଟାଲରେ ଅପଲୋଡ୍ କରିବା ଏବଂ ଇ-ସାର୍ଟିଫିକେଟ ଡାଉନଲୋଡ କରିବା ।

OIPR-08002/13/0027/2526

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର

DSPL-265



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ

**୧୭ ସେପ୍ଟେମ୍ବର - ୨ ଅକ୍ଟୋବର ୨୦୨୫**

ପ୍ରଧାନମନ୍ତ୍ରୀ

## ଶ୍ରୀ ନରେନ୍ଦ୍ର ମୋଦୀଙ୍କ

କରକମଳରେ

## ସୁସ୍ଥ ନାରୀ, ସଶକ୍ତ ପରିବାର ରାଷ୍ଟ୍ରୀୟ ଅଭିଯାନର

## ଶୁଭାରମ୍ଭ

ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଗରିମାମୟ ଉପସ୍ଥିତି

**ଡ. ହରି ବାବୁ କମ୍ଭମପାଟି**

ରାଜ୍ୟପାଳ

**ଶ୍ରୀ ମୋହନ ଚରଣ ମାଝୀ**

ମୁଖ୍ୟମନ୍ତ୍ରୀ

**୧୭ ସେପ୍ଟେମ୍ବର ୨୦୨୫ | ଇଡ୍‌କୋ ପ୍ରଦର୍ଶନୀ ପଡିଆ, ଭୁବନେଶ୍ୱର**

OIPR-10003/13/0272/2526

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

ଧରିତ୍ରୀ DHARITRI
ଧରିତ୍ରୀ 51 Years
ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୧୭/୨୦୨୫ | Bhubaneswar, Wednesday, September 17/2025

# ଜନ୍ମଦିନର ଅଭିନନ୍ଦନ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ

20 ପେନ୍ ଇନ୍ ବୁକ୍ସ
ଉତ୍କର୍ଷର ୨୦ ବର୍ଷ
PEN IN BOOKS
twenty years of excellence

ପ୍ରତିଘର ପାଠାଗାର
ଖୋଲିଦିଏ ମସ୍ତିଷ୍କର ମୁଦା ଦୁଆର
ପେନ୍ ଇନ୍ ବୁକ୍ସର ସୃଜନ ଉଦ୍ୟମ

## ଜଣେ ରାଜନେତାଙ୍କ ଭିତରେ ଥିବା ଲେଖକଙ୍କୁ ପଢ଼ିବା
## ଜଣେ ଲେଖକଙ୍କ ରାଜନୈତିକ ଯାତ୍ରା ବିଷୟରେ ଜାଣିବା



'ଜଞ୍ଜାଳମୟ ଜୀବନରେ କିଛି ମୁହୂର୍ତ୍ତ ବାହାର କରି ଯଦି ନିଜ ଭିତରକୁ ଦେଖିବେ ତେବେ ଆପଣଙ୍କୁ ବି ଭବ୍ୟ ଦିବ୍ୟ ପ୍ରେମତୀର୍ଥର ଦର୍ଶନ ମିଳିବା ଅବଶ୍ୟମ୍ଭାବୀ।' ଏତିକି କଥାରେ ଶ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ଦାର୍ଶନିକତାର ପରିଚୟ ଦେଇଛନ୍ତି, ଯାହା ବୁଦ୍ଧ ବାଣୀ ପରି ମଧୁର ଏବଂ କୀର୍ତ୍ତିମନ୍ତ। ବୁଦ୍ଧ କହିଥିଲେ, ଆତ୍ମଦୀପ୍ତ ହୁଅ। ଅନ୍ଧକାର ଭିତରେ ଆତ୍ମାର ବତି ହାତରେ ଧରି ଆମେ ଆଗକୁ ଚାଲିଛେ। ମୋଦିଜୀଙ୍କର ଉପରୋକ୍ତ ଧାଡ଼ିଟିରେ ଏହା ମର୍ମେମର୍ମେ ପ୍ରତିଫଳିତ। ତାଙ୍କର ୮ଟି ଯାକ ଗଳ୍ପରେ ଏହିଭଳି ଜୀବନାଦର୍ଶ ରହିଛି। ପୁସ୍ତକଟି ପଢ଼ିଲେ ପାଠକ ନିଶ୍ଚେ ଉଦ୍‌ବୁଦ୍ଧ ହେବ ଏଥିରେ ସନ୍ଦେହ ନାହିଁ।

**ପଦ୍ମଭୂଷଣ ଡ. ପ୍ରତିଭା ରାୟ, ପ୍ରସିଦ୍ଧ ଲେଖିକା**



'ନରେନ୍ଦ୍ର ମୋଦୀ' ପୁସ୍ତକରେ ରହିଛି ଗୁଡ଼ିଏ ଚମତ୍କାର ଫଟୋ ସଙ୍ଗକୁ ସୁଖପାଠ୍ୟ ଅନେକ ଅଜଣା ତଥ୍ୟ। "ଅଟଳ ବିହାରୀ ବାଜପେୟୀଙ୍କ ପରି ଶ୍ରୀ ନରେନ୍ଦ୍ର ମୋଦୀ ଜଣେ ରାଜନେତା ଏବଂ ଲେଖକ। ଗୁଜରାଟୀ ବ୍ୟତୀତ ସେ ହିନ୍ଦୀରେ ଦେଶପ୍ରେମ କବିତା ମଧ ଲେଖନ୍ତି। ତାଙ୍କର ଗୋଟିଏ ଗଳ୍ପ ସଂକଳନ ମଧ ରହିଛି, ଯାହା ସେ ଜରୁରିକାଳୀନ ପରିସ୍ଥିତି ସମୟରେ ଲେଖିଥିଲେ।" ସତରେ ଏ ସବୁ ମୋ' ପାଇଁ ନୂଆ। ବହିଟି ଛୋଟ ହେଲେ ବି ବିସ୍ତୃତ ସୂଚନାରେ ଭରପୂର। ଭଲ ଲାଗିଲା।

**ଦାଶ ବେନହୁର, ପ୍ରସିଦ୍ଧ ଲେଖକ**



ଜୀବନ କେବେ ଖିରାଛାଇର ବୋହୂଚୋରି ଖେଳ ତ କେବେ ହସଲୁହର ହରଣଗୁଣନ ଭିତରେ ଉଙ୍କିଳି ଉଠୁଥିବା ସମୟର ଜଳଛବି। ବହୁବିଧ ଚିତ୍ର ଓ ଚେତନାର ନାନ୍ଦନିକ ଉଚ୍ଚାରଣ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଗଳ୍ପ ସଂକଳନ 'ପ୍ରେମତୀର୍ଥ'। ଆଶା ଓଡ଼ିଆ ପାଠକେ ଏ ଗଳ୍ପ ଦର୍ପଣରେ କେଉଁଠି ନା କେଉଁଠି ନିଜର ମୁହଁ ଦେଖି ପୁଲକିତ ହେବେ।

**ମୋହନ ଚରଣ ମାଝୀ, ମୁଖ୍ୟମନ୍ତ୍ରୀ**




ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଲିଖିତ ଗଳ୍ପ ସଂକଳନ 'ପ୍ରେମତୀର୍ଥ' ଓଡ଼ିଆରେ ଅନୂଦିତ ହେବା ଆନନ୍ଦର କଥା। ଏ ବହି ମଣିଷକୁ ଭଲପାଇବା ଓ ଅନ୍ୟକୁ ଆପଣେଇ ନେବାର କଳା ଶିଖାଏ। ଓଡ଼ିଆ ପାଠକମାନେ ଏ ବହି ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କର ସୃଜନାତ୍ମକ ବ୍ୟକ୍ତିତ୍ୱକୁ ଅତି ନିକଟରୁ ଉପଲବ୍ଧି କରିପାରିବେ।

**ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ**




ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଲିଖିତ 'ପ୍ରେମତୀର୍ଥ' ପୁସ୍ତକ ଓଡ଼ିଆରେ ଅନୂଦିତ ହେବା ଗର୍ବର ବିଷୟ। ମଣିଷ ପ୍ରତି ମଣିଷର ଅନାବିଳ ପ୍ରେମରୁ ନିଜ କାହାଣୀର ଖିଅ ସାଉଁଟିଛନ୍ତି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଜୀ। ଓଡ଼ିଆ ସାହିତ୍ୟଜଗତ ଓ ପାଠକଗଣ ଏ ଅନୁବାଦ ପୁସ୍ତକକୁ ନିଶ୍ଚୟ ପସନ୍ଦ କରିବେ ବୋଲି ମୁଁ ଆଶା କରୁଛି।

**ସୂର୍ଯ୍ୟବଂଶୀ ସୂରଜ, ସଂସ୍କୃତି ମନ୍ତ୍ରୀ**




ଦେଶରେ ଜରୁରିକାଳୀନ ସ୍ଥିତି ବେଳେ ନରେନ୍ଦ୍ର ମୋଦୀ ଲେଖିଥିବା ୮ଟି ଗୁଜରାଟୀ କାହାଣୀର ଓଡ଼ିଆ ଅନୁବାଦ
ମୂଲ୍ୟ ୨୪୯/-




ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପିଲାଦିନ, ସଂଘର୍ଷ, ରାଜନୀତି ଓ ନେତୃତ୍ୱର କାହାଣୀ
(୧୫ଟି ରଙ୍ଗିନ କଳାକୃତି ପୁସ୍ତକରେ ସଂଲଗ୍ନ)
ମୂଲ୍ୟ ୧୯୯/-

## ୪୪୮ ଟଙ୍କାର ପୁସ୍ତକ ସାଙ୍ଗକୁ ଡାକ ଖର୍ଚ୍ଚ ୬୦ ଟଙ୍କା*

## ଏକତ୍ର ମାତ୍ର ୩୯୯ ଟଙ୍କା

*ଖର୍ଚ୍ଚ ଅଧିକ ବା କମ ହୋଇପାରେ

ନିର୍ଦ୍ଦିଷ୍ଟ ପୁସ୍ତକ ବିଷୟରେ ଅଧିକ ଜାଣିବାକୁ ଓ କିଣିବାକୁ ଚାହୁଁଥିଲେ, ମୋବାଇଲ କ୍ୟାମେରାରେ ପୁସ୍ତକ ସଂଲଗ୍ନ କ୍ୟୁ-ଆର୍ କୋଡ୍ ସ୍କାନ୍ କରି ୱେବ୍‌ସାଇଟ୍‌କୁ ଯାଆନ୍ତୁ।

ଆମର ସମ୍ପୂର୍ଣ୍ଣ ପୁସ୍ତକ ତାଲିକା ଦେଖିବା ପାଇଁ ବାମ ପାଖେ ଥିବା କ୍ୟୁ-ଆର୍ କୋଡ୍ ସ୍କାନ୍ କରି ୱେବ୍‌ସାଇଟ୍‌କୁ ଯାଆନ୍ତୁ।

ନିଜ ପାଠାଗାର ବିଷୟରେ ସାମାଜିକ ଗଣମାଧ୍ୟମରେ ଲେଖନ୍ତୁ ଏବଂ ଆମକୁ ଯୋଡ଼ନ୍ତୁ। ପେନ୍ ଇନ୍ ବୁକ୍ସ ପ୍ରତି ମାସରେ ଗୋଟିଏ ପାଠାଗାରକୁ ସହଯୋଗ ଓ ଉତ୍ସାହିତ କରିବ।***
ହାଶ୍‌ଟ୍ୟାଗ୍ ବ୍ୟବହାର କରନ୍ତୁ
#ପ୍ରତିଘରପାଠାଗାର #PratiGharaPathagara #ପେନ୍‌ଇନ୍‌ବୁକ୍ସ #peninbooks

ପେନ୍ ଇନ୍ ବୁକ୍ସ
ବହି ସରାଗିଆଙ୍କ ସ୍ୱର୍ଗ
୨୦୦୬ ମସିହାରୁ
ଯୋଗାଯୋଗ
ଓଡ଼ିଆ ମିଡିଆ ପ୍ରାଇଭେଟ ଲିମିଟେଡ
ଏମ୍-୬/୫୧, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର - ୭୫୧୦୧୩

facebook.com/peninbooks
instagram.com/peninbooks_
twitter.com/peninbooks
youtube.com/@PENINBOOKS
peninbooks.com

୧ ଯେକୌଣସି ୟୁପିଆଇ ଆପ୍, ଯଥା- ଫୋନ୍‌ପେ', ପେ'ଟିଏମ୍, ଗୁଗୁଲ୍‌ପେ', ଭିମ୍ ଆପ୍, କ୍ରେଡ୍ ଇତ୍ୟାଦିରେ ଡାହାଣ ପାଖରେ ଥିବା କ୍ୟୁ-ଆର୍ କୋଡ୍ ସ୍କାନ୍ କରି କିମ୍ବା ୟୁପିଆଇ ଆଇଡି odiamedia@iciciରେ ୩୯୯ ଟଙ୍କା ପଇଠ କରନ୍ତୁ।
୨ ୟୁପିଆଇ ରେଫରେନ୍ସ ନମ୍ବର ସ୍ପଷ୍ଟ ଦିଶୁଥିବା ସଫଳ ପଇଠର ସ୍କ୍ରୀନ୍‌ସଟ୍ ସହ ନିଜର ସମ୍ପୂର୍ଣ୍ଣ ଠିକଣା, ପିନ୍ କୋଡ୍ ଓ ଫୋନ୍ ନମ୍ବର ତଳ ନମ୍ବରକୁ ହ୍ୱାଟ୍‌ସଆପ୍‌ରେ ପଠାଇ ଦିଅନ୍ତୁ।
୩ ସ୍ପୀଡ୍‌ପୋଷ୍ଟ / କୋରିଅର୍ ଯୋଗେ କ୍ରେତାଙ୍କୁ ପୁସ୍ତକ ସହିତ ରସିଦ ପଠାଯିବ।**
୪ ଯୋଜନା ୨୫ ସେପ୍ଟେମ୍ବର ୨୦୨୫, ଗୁରୁବାର ରାତି ୧୧ଟା ୫୯ ଯାଏଁ ବୈଧ।
୫ ବୈଧ ତାରିଖ ପରେ ଅଥବା ୩୯୯ ଭିନ୍ନ ଅନ୍ୟ କୌଣସି ପରିମାଣର ଅର୍ଥ ପଇଠ କଲେ ପୁସ୍ତକ ପଠାଯିବ ନାହିଁ।

**78469 81182**




OMPL/2509/AD36

**ପୁସ୍ତକ ଶୀଘ୍ର ପଠାଯିବ। ଏକ ମାସ ମଧ୍ୟରେ ପୁସ୍ତକ ନପାଇଲେ ଉପର ଫୋନ୍ ନମ୍ବରରେ ଅଭିଯୋଗ କରିପାରିବେ। ଫୋନ୍ ନମ୍ବର ସକାଳ ୧୦ଟାରୁ ସଂଧ୍ୟା ୬ଟା ଯାଏଁ ଖୋଲା ରହେ। ଡାକରେ ଯିବାବେଳେ ପୁସ୍ତକ ନଷ୍ଟ ହେଲେ ଅନୁଷ୍ଠାନ ଦାୟୀ ରହିବ ନାହିଁ। କିଣିବା ପରେ ପୁସ୍ତକ ଫେରସ୍ତ ହେବ ନାହିଁ। ଏ ସମ୍ପର୍କିତ ସମସ୍ତ ବିବାଦ କେବଳ ଭୁବନେଶ୍ୱର ନ୍ୟାୟକ୍ଷେତ୍ର ଅଧୀନରେ ସମାଧାନ ହେବ। ***ଓଡ଼ିଆ ମିଡିଆର ନିଷ୍ପତ୍ତି ଚୂଡ଼ାନ୍ତ।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ସମୟ: ସକାଳ ୭ଟା।
- ବିଜେବି ସ୍ୱୟଂଶାସିତ କଲେଜ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: କଲେଜ ପରିସର, ସମୟ: ସକାଳ ୯ଟା।
- ଚାରାରୋପଣ କାର୍ଯ୍ୟକ୍ରମ 'ଏକ୍ ପେଡ୍ ମା' କେ ନାମ୍', ସ୍ଥାନ: ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ କ୍ୟାମ୍ପସ, ସମୟ: ପୂର୍ବାହ୍ନ ୧୦ଟା।
- ବିଦ୍ୟାକନକ ସୃଜନାନୁଷ୍ଠାନ ପକ୍ଷରୁ ଆୟୋଜିତ ନାଟ୍ୟ ଲହରୀ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା
- ଖୋର୍ଦ୍ଧା ଜିଲା ବିଜୁ ମହିଳା ଜନତା ଦଳ ପକ୍ଷରୁ ଏସ୍‌ପିଙ୍କୁ ଦାବିପତ୍ର, ସ୍ଥାନ: ଏସ୍‌ପିଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ପଲ୍ଲା ତୋଟାପଡା ହାଇସ୍କୁଲ, ସମୟ: ସକାଳ ୯ଟା।

## ବାଲେଶ୍ୱର
- ଏଫ୍‌ଏମ୍‌ୟୁରେ ଏକ ପେଡ୍ ମା' କେ ନାମ କାର୍ଯ୍ୟକ୍ରମ,ସ୍ଥାନ:ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର,ସମୟ: ସକାଳ ୭ଟା ୩୦।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ:ମେଡିକାଲ ପରିସର, ସିମୁଳିଆ, ସମୟ:ସକାଳ ୯ଟା ୩୦।
- ଚାରା ରୋପଣ,ସ୍ଥାନ: ନୀଳମଣି ମହାବିଦ୍ୟାଳୟ ରୂପସା,ସମୟ:ପୂର୍ବାହ୍ନ୧୧ଟା।

## ଭଦ୍ରକ
- 'ଗଛ ବଞ୍ଚାଅ ପରିବେଶ ବଞ୍ଚାଅ' ସଚେତନତା ଶୋଭାଯାତ୍ରା, ସ୍ଥାନ: ପୁରୁଣାବଜାର ଦଧିବାମନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଭଦ୍ରକ, ସମୟ: ସକାଳ ୮ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ମୁନିପଡ଼ିଆ, ବାସୁଦେବପୁର, ସମୟ: ସକାଳ ୯ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ଚାରାରୋପଣ, ସ୍ଥାନ: ଇଚ୍ଛାପୁର, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ବସ୍ ସିଣ୍ଡିକେଟ୍ ପକ୍ଷରୁ ବିଶ୍ୱକର୍ମା ପୂଜା, ସ୍ଥାନ: ବନ୍ତଛକ ବସ୍‌ଷ୍ଟାଣ୍ଡ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର
- ହାଟଡିହୀ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ ପରିସର, ହାଟଡିହୀ, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ
- ଏକ ପେଡ୍ ମା' କେ ନାମ୍ କାର୍ଯ୍ୟକ୍ରମ,ସ୍ଥାନ: ଚଢ଼େଇଗାଁ ପଞ୍ଚାୟତ କାର୍ଯ୍ୟାଳୟ, ମୋରଡ଼ା,ସମୟ: ପୂର୍ବାହ୍ନ ୧୦ଟା।

## ଗଞ୍ଜାମ
- ବୁଗୁଡ଼ା ଏନ୍‌ଏସି ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ: ବୁଗୁଡ଼ା ପିପୁଲ୍ସ ହାଇସ୍କୁଲ, ସମୟ: ସକାଳ ୮ ଟା।
- ସଶକ୍ତ ନାରୀ ସଶକ୍ତ ପରିବାର ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ମୁନିସିପେଣ୍ଟ ସିଏଚସି ଛତ୍ରପୁର, ସମୟ: ସକାଳ ୯ ଟା।
- ଶ୍ରୀ ବିଶକର୍ମା ପୂଜନ ଉତ୍ସବ, ସ୍ଥାନ: ବାଘୁଆ ଜଳସେଚନ କଲୋନୀ,ବୁଗୁଡ଼ା, ସମୟ: ପୂର୍ବାହ୍ନ ୧୦ ଟା।

## ଗଜପତି
- ସ୍ୱଚ୍ଛତା ହିଁ ସେବା, ସ୍ଥାନ: ମୋହନା ବ୍ଲକ୍ ପରିସର, ସମୟ: ସକାଳ ୮ ଟା।

## ଢେଙ୍କାନାଳ
- ଅଗ୍ନିଶମ ସେବା କାର୍ଯ୍ୟାଳୟ ପରିସରରେ ଚାରା ରୋପଣ, ସ୍ଥାନ: ଅଗ୍ନିଶମ ସେବା କାର୍ଯ୍ୟାଳୟ, ଢେଙ୍କାନାଳ, ସମୟ: ସକାଳ ୮ଟା୩୦।
- ମହିଳା ବିଜେଡିର ବିକ୍ଷୋଭ ଶୋଭାଯାତ୍ରା, ସ୍ଥାନ: ବଳରାମ ମନ୍ଦିର ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।

## ଅନୁଗୋଳ
- ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ : ଆଠମଲ୍ଲିକସ୍ଥିତ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୭ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ : ଆଠମଲ୍ଲିକ ସହରସ୍ଥିତ ୪ ଓ ୫ନଂ. ୱାର୍ଡ, ସମୟ: ସକାଳ ୮ଟା।
- ସ୍ୱଚ୍ଛତା ସଚେତନତା, ସ୍ଥାନ: ଆଠମଲ୍ଲିକସ୍ଥିତ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୯ଟା।
- ସ୍ୱଚ୍ଛତା ପାଇଁ ସେବା କାର୍ଯ୍ୟକ୍ରମର ଶୁଭାରମ୍ଭ, ସ୍ଥାନ: ଆଠମଲ୍ଲିକ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।

## ଜଗତ୍‌ସିଂହପୁର
- ପାରାଦୀପର ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ମହୋତ୍ସବ ଆରମ୍ଭ, ବ୍ୟାଙ୍କ ଛକ, ବଡ଼ପଡ଼ିଆ,ପାରାଦୀପ, ସମୟ: ସକାଳ ୬ଟା।
- ପାରାଦୀପ ପୌର ପରିଷଦ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଉପଲକ୍ଷେ ସମୂହ ସଫେଇ, ସ୍ଥାନ: ଦୁର୍ଗାମନ୍ଦିର ପାଖ, ବଡ଼ପଡ଼ିଆ, ପାରାଦୀପ ସମୟ: ସକାଳ ୮ଟା।
- ପାରାଦୀପ ମଣ୍ଡଳ ଭାଜପା ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଉପଲକ୍ଷେ ରକ୍ତଦାନ ଶିବିର, ନୂଆବଜାର, ପାରାଦୀପ, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ଦିନିକିଆ ଚାରାରୋପଣ କାର୍ଯ୍ୟକ୍ରମ ଏକ ପେଡ୍ ମା' କେ ନାମ, ସ୍ଥାନ: ବାଲିବିଲା ଖେଳ ପଡ଼ିଆ, ଇନ୍ଦ୍ରାପା, ମଣିଜଙ୍ଗା ପଞ୍ଚାୟତ, ତିର୍ତ୍ତୋଲ, ସମୟ: ପୂର୍ବାହ୍ନ ୧୦ଟା୩୦।
- ବିଶ୍ୱକର୍ମା ପୂଜା ଉପଲକ୍ଷେ ଓମ୍ପା ପକ୍ଷରୁ କଳସ ଶୋଭାଯାତ୍ରା, ବତିଘର ପାଖ ବେଳାଭୂମି, ପାରାଦୀପ, ସମୟ: ମଧ୍ୟାହ୍ନ ୧୨ଟା।

## କେନ୍ଦ୍ରାପଡ଼ା
- ଜିଲା ପ୍ରଶାସନ ପକ୍ଷରୁ ଏକ ପେଡ ମା' କି ନାମ କାର୍ଯ୍ୟକ୍ରମ, ସ୍ଥାନ: ଦୋବନ୍ଧି, ପେଣ୍ଠ ସମୁଦ୍ର କୂଳ, ରାଜନଗର, ସମୟ: ସକାଳ ୯ଟା।
- ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ସିଏଚସି, ରାଜନଗର, ସମୟ: ସକାଳ ୯ଟା।
- ରକ୍ତଦାନ ଶିବିର, ସ୍ଥାନ: ବରାଡିଆ ଉଚ୍ଚ ବିଦ୍ୟାଳୟ, ରାଜକନିକା, ସମୟ: ସକାଳ ୯ଟା।
- ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ, ସ୍ଥାନ: ସିଆଳିଆ ଠାକୁରାଣୀ ପୀଠ, ବରାଡିଆ, ରାଜକନିକା, ସମୟ: ପୂର୍ବାହ୍ନ ୧୦ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଆଳାଇଲୋ, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- କଳିଙ୍ଗନଗର ଶିଳ୍ପାଞ୍ଚଳରେ ବିଶ୍ୱକର୍ମା ପୂଜା, ସ୍ଥାନ : କଳିଙ୍ଗନଗର ଶିଳ୍ପାଞ୍ଚଳର ବିଭିନ୍ନ କାରଖାନା ପରିସର, ସମୟ: ସକାଳ ୯ଟା।
- ଯାଜପୁରରୋଡ ଟ୍ରକ ମାଲିକ ସଂଘ ପକ୍ଷରୁ ବିଶ୍ୱକର୍ମା ଦେବଙ୍କ ପୂଜୋତ୍ସବ, ସ୍ଥାନ : ଯାଜପୁର ରୋଡ ଚୋରଦା ବାଇପାସ, ସମୟ : ପୂର୍ବାହ୍ନ୧୦ଟା।
- ବ୍ୟାସନଗର ଟ୍ରକ ମାଲିକ ସଂଘ ପକ୍ଷରୁ ବିଶ୍ୱକର୍ମା ପୂଜା, ସ୍ଥାନ : ଚୋରଦା ବାଇପାସ, ସମୟ : ପୂର୍ବାହ୍ନ ୧୦ଟା।
- ଘରୋଇ ବସ ମାଲିକ ସଂଘ ପକ୍ଷରୁ ବିଶ୍ୱକର୍ମା ପୂଜା, ସ୍ଥାନ: ବସଷ୍ଟାଣ୍ଡ ବଜାର, ସମୟ: ପୂର୍ବାହ୍ନ ୧୦ଟା।
- ଲୋକାଲ ଟ୍ରକ ମାଲିକ ସଂଘ ପକ୍ଷରୁ ବିଶ୍ୱକର୍ମା ପୂଜା, ସ୍ଥାନ: ଯାଜପୁର ରୋଡ ରେଲବାହୀ ମାଲଗୋଦାମ, ସମୟ : ପୂର୍ବାହ୍ନ ୧୧ଟା।

## ନୟାଗଡ଼
- ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନକୁ ବାଚସ୍ପତିଙ୍କ ଉଦ୍‌ଘାଟନ, ସ୍ଥାନ: ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ସକାଳ ୮ଟା।
- ସତ୍ୟ ସାଇ ବାବାଙ୍କ ଦିବ୍ୟ ପାଦୁକା ଯାତ୍ରା, ସ୍ଥାନ: ଦଶପଲ୍ଲା ବ୍ଲକ ହନୁମନ୍ତ ଓ ଆଖପାଖ ଗାଁ, ସମୟ: ସକାଳ ୮ଟା ରୁ ରାତି ୯ଟା ୩୦।
- ମାଙ୍କ ନାଁରେ ଗୋଟିଏ ଗଛ ଜିଲାସ୍ତରୀୟ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ:ବଡପଣ୍ଡୁସର ବାଇପାସ୍ ରୋଡ, ସମୟ:ସକାଳ ୯ଟା।
- ବିଶ୍ୱକର୍ମା ପୂଜା, ସ୍ଥାନ: ନୟାଗଡ, ଖଣ୍ଡପଡା, କଣ୍ଟିଲୋ ଓ ଭାପୁର ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ, କଣ୍ଟିଲୋ ଜଳସମ୍ପଦ ବିଭାଗ କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ସମୂହ ଚାରାରୋପଣ, ସ୍ଥାନ:କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ, ସମୟ: ସକାଳ ୯ଟା।

## ରାୟଗଡ଼ା
- ଚାରାରୋପଣ, ସ୍ଥାନ: ଜଗମଣ୍ଡା ବଡ଼ବନ୍ଧ ପଦ୍ମପୁର, ସମୟ: ସକାଳ ୬ଟା, ସ୍ଥାନ: ଚନ୍ଦ୍ରପୁର ବ୍ଲକ ପିଷ୍କାପଙ୍ଗା, ସମୟ: ସକାଳ ୮ଟା।
- ସ୍ୱଚ୍ଛତା ହିଁ ସେବା, ସ୍ଥାନ: ରାୟଗଡ଼ା ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୯ଟା।
- ରାଜ୍ୟରେ ମହିଳା ସୁରକ୍ଷା ପ୍ରସଙ୍ଗ ନେଇ ବିଜେଡିର ପ୍ରତିବାଦ, ଡିଜିପିଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ, ସ୍ଥାନ: ରାୟଗଡ଼ା ଏସ୍‌ପିଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱକର୍ମା ପୂଜା, ସ୍ଥାନ: ଟିକିରି ସୋରିଷପଦର ବିଦ୍ୟୁତ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର
- ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନରେ ସ୍ୱାସ୍ଥ୍ୟ ଶିବିର ଓ ରକ୍ତଦାନ ଶିବିର, ସ୍ଥାନ: ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର, ସମୟ: ସକାଳ ୮ଟା।
- ଏକ ପେଡ୍ ମା କେ ନାମ କାର୍ଯ୍ୟକ୍ରମ, ସ୍ଥାନ: ଉମରକୋଟ ଜମରୁଣ୍ଡା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମୟ: ସକାଳ ୮ ଟା, ସ୍ଥାନ: ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟ, ସ୍ଥାନ: ନବରଙ୍ଗପୁର ୧୨ ବାଟାଲିୟନ ସିଆର୍‌ପିଏଫ୍ କାର୍ଯ୍ୟାଳୟ, ସ୍ଥାନ: ତେନ୍ତୁଲିଖୁଣ୍ଟି ବ୍ଲକ, ସମୟ: ସକାଳ୯ଟା।




# ପାର୍ବଣ ପାଇଁ ସ୍ୱତନ୍ତ୍ର ସାପ୍ତାହିକ ଟ୍ରେନ୍ ଚଳାଚଳ

**ଭୁବନେଶ୍ୱର,୧୬।୯(ଅନୁରାଧା ମହାରଣା)**

ପାର୍ବଣ ଋତୁରେ ଭିଡ଼ ପରିଚାଳନା କରିବା ପାଇଁ ଭାରତୀୟ ରେଳପଥ ପକ୍ଷରୁ ସ୍ୱତ ନ୍ତ୍ର ସାପ୍ତାହିକ ଟ୍ରେନ ପରିଚାଳନା ବ୍ୟବସ୍ଥା କରାଯାଇଛି। ୦୮୩୧୧ ସମ୍ବଲପୁର – ଇରୋଡ ସାପ୍ତାହିକ ସ୍ୱତନ୍ତ୍ର ଏକ୍ସପ୍ରେସ୍ ଟ୍ରେନ ନଭେମ୍ବର ୨୬ ପର୍ଯ୍ୟନ୍ତ ପ୍ରତି ବୁଧବାର ଦିନ ୧୧ଟା ୩୫ରେ ସମ୍ବଲପୁରରୁ ଛାଡ଼ିବ। ୦୮୩୧୨ ଇରୋଡ – ସମ୍ବଲପୁର ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ ନଭେମ୍ବର ୨୮ ପର୍ଯ୍ୟନ୍ତ ପ୍ରତି ଶୁକ୍ରବାର ଦିନ ୨ଟା ୪୫ରେ ଇରୋଡ ଛାଡ଼ିବ। ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ବରଗଡ଼ ରୋଡ୍, ବଲାଙ୍ଗୀର, ଟିଟିଲାଗଡ଼, କେସିଙ୍ଗା, ମୁନିଗୁଡା, ରାୟଗଡ଼ା, ପାର୍ବତୀପୁରମ, ବବିଲି, ବିଜୟନଗରମ୍, କୋଟ୍ଟାଭାଲାସା ଏବଂ ଦୁଭଡ଼ାଡ଼ାରେ ଏହି ସ୍ୱତନ୍ତ୍ର ସାପ୍ତାହିକ ଟ୍ରେନ୍ ରହଣି କରିବ। ଏହି ସ୍ୱତନ୍ତ୍ର ଟ୍ରେନ୍‌ରେ ଗୋଟିଏ ୨ୟ ଶ୍ରେଣୀ ଏସି, ୩ଟି ତୃତୀୟ ଶ୍ରେଣୀ ଏସ୍, ସ୍ଲିପର କ୍ଲାସ –୯, ଜେନେରାଲ ଦ୍ୱିତୀୟ କ୍ଲାସ –୪, ୨ଟି ଦ୍ୱିତୀୟ ଶ୍ରେଣୀ ଲଗେଜ କମ ଦିବ୍ୟାଙ୍ଗଜନ କୋଚ–୨ ଏବଂ ଗୋଟିଏ ପାଣ୍ଟ୍ରିକାର୍ ରହିବ। ସେହିପରି ୦୫୯୫୨ ନୂତନ ତିନସୁକିଆ– ଏସ୍ଏଭିଟି ବେଙ୍ଗାଲୁରୁ ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ ଅକ୍ଟୋବର ୩୦ ପର୍ଯ୍ୟନ୍ତ ପ୍ରତି ଗୁରୁବାର ସନ୍ଧ୍ୟା ୬ଟା ୪୫ରେ ନୂତନ ତିନସୁକିଆରୁ ଛାଡ଼ିବ। ୦୫୯୫୧ ଏସ୍ଏମ୍‌ଭି ବେଙ୍ଗାଲୁରୁ – ନୂତନ ତିନସୁକିଆ ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ ପ୍ରତି ରବିବାର ରାତି ୧୧ଟା ୫୦ରେ ଏସ୍ଏମ୍‌ଭି ବେଙ୍ଗାଲୁରୁରୁ ନଭେମ୍ବର ୨ ପର୍ଯ୍ୟନ୍ତ ଛାଡ଼ିବ। ଏହି ଟ୍ରେନ୍‌ଗୁଡ଼ିକ ପୂର୍ବତଟ ରେଳପଥ ସୀମା ମଧ୍ୟରେ ଭଦ୍ରକ, ଯାଜପୁର ରୋଡ, କଟକ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ, ବାଲୁଗାଁ, ବ୍ରହ୍ମପୁର, ପଲାସା, ଶ୍ରୀକାକୁଲମ ରୋଡ, ଚିପୁରୁପାଲି, ବିଜୟନଗରମ୍, କୋଟ୍ଟାଭାଲାସା ଏବଂ ଦୁଭଡ଼ାଡାରେ ରହଣି କରିବ। ଏହି ଯୋଡ଼ା ଟ୍ରେନରେ ୨ଟି ତୃତୀୟ ଶ୍ରେଣୀ ଏସି, ୧୬ଟି ସ୍ଲିପର୍‌କ୍ଲାସ କୋଚ, ବ୍ରେକ ଭ୍ୟାନ ସହିତ ୨ଟି ଦ୍ୱିତୀୟ ଶ୍ରେଣୀ ଏବଂ ଲଗେଜ କୋଚ୍ ରହିବ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ମେଘ ଝଟକିଲା ବିଜୁଳି ମାଇଲା**
**ଦାଣ୍ଡ ଧୂଳି ନେଲା ଉଡ଼ାଇ**
**ଏଇବାଟେ ଗଲୁ କଥା ନ କହିଲୁ**
**ସଙ୍ଗରେ କି ଗଲି ଗୋଡ଼ାଇ?**

ପ୍ରେମର ମୂଲ୍ୟ ନ ବୁଝି ପ୍ରେମୀ ଯେତେବେଳେ ଉପେକ୍ଷାକରି ବସେ, ସେତେବେଳେ ତାକୁ ସହ୍ୟ କରିବା କେତେ ଯେ କଷ୍ଟକର ହୋଇଯାଏ ତାହା କେବଳ ଅନୁଭବୀ ହିଁ ଜାଣିଥାଏ। ଏପରିସ୍ଥଳେ ଦେଖି ନ ଦେଖିଲା ପରି ବ୍ୟବହାର କରି କଥା ନ କହି ବାଟ ଭାଙ୍ଗି ଚାଲିଯାଉଥିବା ପ୍ରେମୀ ପ୍ରତି ମନରେ ଅଭିମାନଭରା କ୍ଷୋଭ ଜାତହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମଣିଷ ପ୍ରକୃତି ମଲେ ତୁଟେ**
**ଘୁଷୁରି ପ୍ରକୃତି ପଙ୍କେ ଲୋଟେ।**

ମଣିଷ ପ୍ରକୃତି ଆମରଣ ଯଥା ପୂର୍ବଂ ତଥା ପରମ୍। ଘୁଷୁରିର ପ୍ରକୃତି ପଙ୍କରେ ଲୋଟିବା ଭଳି ମଣିଷ ତା'ର ଚିରାଚରିତ ପ୍ରକୃତିକୁ ଛାଡ଼ିପାରି ନ ଥାଏ। ଯାହାର ଯାହା ଜନ୍ମଗତ ସ୍ୱଭାବ ତାକୁ ବଦଳାଇବା ଅତ୍ୟନ୍ତ କଷ୍ଟକର ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।


ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଦିନକ ପରେ ବିଧାନସଭା: ବସିଲା ସର୍ବଦଳୀୟ ବୈଠକ

**ଭୁବନେଶ୍ୱର, ୧୬।୯(ସୁନିତ୍ ମିଶ୍ର)**



- ସୁରୁଖୁରୁରେ ବିଧାନସଭା ଚଳାଇବାକୁ ସମସ୍ତଙ୍କ ସହଯୋଗ ଲୋଡ଼ିଲେ ବାଚସ୍ପତି
- ଆଜି ବିରୋଧୀ ବିଜେଡି, କଂଗ୍ରେସ ବିଧାୟକ ଦଳ ବୈଠକ
- ଗୁରୁବାର ସକାଳେ ବସିପାରେ ଶାସକ ବିଧାୟକ ଦଳ ବୈଠକ
- ନାରୀ ନିର୍ଯାତନା, ସାର ଅଭାବ ହୋଇପାରେ ମୁଖ୍ୟ ପ୍ରସଙ୍ଗ

ବିଧାନସଭାର ମୌସୁମୀ ଅଧିବେଶନ ଆସନ୍ତା ୧୮ରୁ ଆରମ୍ଭ ହେବ। ଏହି ଅଧିବେଶନରେ ମୋଟ୍ ୭ଟି କାର୍ଯ୍ୟଦିବସ ରହିଛି। ତେଣୁ ଏହି ସ୍ୱଳ୍ପ ଦିନିଆ ଅଧିବେଶନ କିପରି ସୁରୁଖୁରୁରେ ଚାଲିବ ସେଥିଲାଗି ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଧାନସଭା ସ୍ଥିତ ବାଚସ୍ପତିଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ଭାଜପା ସଦସ୍ୟ ଜୟନାରାୟଣ ମିଶ୍ର, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସବୁ ଦଳ ଆସନ୍ତା ଅଧିବେଶନରେ ସହଯୋଗକରିବା ନେଇ ବାଚସ୍ପତି ସହଯୋଗ ଲୋଡ଼ିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ବୈଠକରୁ ଆସିବା ପରେ କହିଛନ୍ତି, ଦଳ ପକ୍ଷରୁ କୁହାଯାଇଛି ଯଦି ବିଧାନସଭା ସବୁ ପ୍ରକାର ବିଧିବ୍ୟବସ୍ଥା ଭିତରେ ଚାଲିବ ତେବେ କଂଗ୍ରେସ ସମ୍ପୂର୍ଣ୍ଣ ସହଯୋଗ କରିବ। ବୁଧବାର ସନ୍ଧ୍ୟା ୫ଟା ସମୟରେ କଂଗ୍ରେସ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବ। ଦଳ କେଉଁସବୁ ପ୍ରସଙ୍ଗରେ ଶାସକ ଦଳକୁ ଘେରିବ ସେନେଇ ରଣନୀତି ପ୍ରସ୍ତୁତ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପଟେ ବିଜେଡି ମଧ୍ୟ ବୁଧବାର ସନ୍ଧ୍ୟା ୫ଟା ସମୟରେ ବିଧାୟକ ଦଳ ବୈଠକ ରଖିଛି। ଏହି ଅବସରରେ ଦଳ କେଉଁ ସବୁ ପ୍ରସଙ୍ଗରେ ଶାସକ ଦଳକୁ ଘେରିବ ସେନେଇ ଚୂଡ଼ାନ୍ତ କରିବ। ଅନ୍ୟପକ୍ଷରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଦିଲ୍ଲୀ ଗସ୍ତରୁ ଏଯାଏଁ ଫେରିନାହାନ୍ତି। ତେଣୁ କାହା ନେତୃତ୍ୱରେ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବ ସେନେଇ ବିଧାୟକମାନଙ୍କୁ କୁହାଯାଇନାହିଁ। ସେହିପରି ବିରୋଧୀଙ୍କୁ ମୁକାବିଲା କରିବା ଲାଗି ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବିଧାୟକ ଦଳ ବୈଠକ ବସିବ ବୋଲି ଜଣାପଡିଛି। କେଉଁସବୁ ପ୍ରସଙ୍ଗରେ ବିରୋଧୀଙ୍କୁ ଟାର୍ଗେଟ କରି ହେବ ସେନେଇ ଚୂଡ଼ାନ୍ତ ହେବ। ମୁଖ୍ୟତଃ ବିରୋଧୀ ନାରୀ ନିର୍ଯାତନା ପ୍ରସଙ୍ଗକୁ ପ୍ରମୁଖ ବିଷୟ କରିବେ ବୋଲି ଯୋଜନା କରୁଥିବା ବେଳେ ସାର ଅଭାବ ସମସ୍ୟାକୁ ମଧ୍ୟ ନେଇ ଶାସକ ଦଳକୁ ଘେରିବାକୁ ଚିନ୍ତା କରିଛନ୍ତି।

# ମନ୍ତ୍ରୀ ପରିଷଦ ବୈଠକରେ ଅନାସ୍ଥା ଆଲୋଚନା

**ଭୁବନେଶ୍ୱର,୧୬।୯**
**(ରବିନାରାୟଣ ଜେନା)**

ଆସନ୍ତା ୧୮ ତାରିଖରେ ହେବାକୁ ଥିବା ମୌସୁମୀ ଅଧିବେଶନ କିଭଳି ଶାନ୍ତିଶୃଙ୍ଖଳାର ସହ ଚାଲିବ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନରେ ୭୫ଲକ୍ଷ ଚାରାରୋପଣ ହେବ ସେନେଇ ମଙ୍ଗଳବାର ମନ୍ତ୍ରୀପରିଷଦ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମନ୍ତ୍ରୀପରିଷଦ ବୈଠକରେ ଚାରୋଟି ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି। ସେଥିମଧ୍ୟରେ ବିଧାନସଭା ଅଧିବେଶନ କାଳରେ ଯଦି ବିରୋଧୀ ଅନାସ୍ଥା ପ୍ରସ୍ତାବ ଆଣନ୍ତି ବା ସେ ସମ୍ପର୍କିତ ଦାବି ଉଠାନ୍ତି ତାକୁ କିଭଳି ମୁକାବିଲା କରାଯିବ ଏବଂ ଗୃହରେ ଶାନ୍ତିଶୃଙ୍ଖଳା କିପରି ବଜାୟ ରହିବ ସେନେଇ ଆଲୋଚନା ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି।

ଏ ସଂକ୍ରାନ୍ତରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି ଯେ, ଆଗାମୀ ବିଧାନସଭା ଉପରେ ରାଜ୍ୟବାସୀଙ୍କ ନଜର ରହିଛି। ଏହି ସମୟରେ ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ସରକାର ନେଇପାରନ୍ତି। ଏହାବାଦ୍ ବିଧାନସଭା ପରିଚାଳନା ଓ ବିରୋଧୀଙ୍କୁ ମୁକାବିଲା କରିବା ଭଳି ବିଭିନ୍ନ ପ୍ରସଙ୍ଗ ଉପରେ ବୈଠକରେ ଆଲୋଚନା ହୋଇଛି। ବୁଧବାର ପ୍ରଧାନମନ୍ତ୍ରୀଙ୍କ ୭୫ତମ ଜନ୍ମଦିବସ ରହିଛି। ପ୍ରଧାନମନ୍ତ୍ରୀଙ୍କ ଜୟନ୍ତୀରେ ଓଡ଼ିଶାରେ ୭୫ଲକ୍ଷ ଚାରାରୋପଣ ହେବାକୁ ରହିଥିବାବେଳେ ସାରା ଦେଶରେ ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ କରାଯିବ। ଓଡ଼ିଶାରେ ଏହି ଅଭିଯାନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ମନ୍ତ୍ରୀଗଣ ଉପସ୍ଥିତ ରହିବେ ବୋଲି ମହାଲିଙ୍ଗ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ**
ଆଜି ସକାଳୁ କର୍ମାରମ୍ଭ ସକାଶେ ଅନୁକୂଳ ବାତାବରଣ ସୃଷ୍ଟି କରିବ। ଦ୍ୱିଜା ନକ୍ଷତ୍ର ସକାଶେ ଆନୁଷ୍ଠାନିକ, ସଭାସମିତି, ଧର୍ମକାର୍ଯ୍ୟ, ବନ୍ଧୁ ମିଳନ ପାଇଁ ଶୁଭ ହେବ। ସହକର୍ମୀଙ୍କ ସହ ମତାନ୍ତର କିମ୍ବା ମନାନ୍ତରଜନିତ ମାନସିକ ଅଶାନ୍ତିର ଆଶଙ୍କା ରହିଛି। ଆତ୍ମୀୟମାନେ ଅସୁବିଧାରେ ପକାଇବାକୁ ଚେଷ୍ଟା କରିପାରନ୍ତି କିନ୍ତୁ କିଛି କରିପାରିବେ ନାହିଁ।

**ବୃଷ**
ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ, ମାତ୍ର ତାହା ତତ୍‌କ୍ଷଣାତ୍ ସମାଧାନ ହୋଇଯିବ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧିରେ ପ୍ରତିବନ୍ଧକ ରହିବ ନାହିଁ। ରୋହିଣୀ ନକ୍ଷତ୍ର ସକାଶେ ଯାତ୍ରା, ପ୍ରଶାସନ, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ନୂତନ ଯାନବାହନ, ଜମିଜମା, କ୍ରୟବିକ୍ରୟ ନେଇ ଆଲୋଚନାରେ ଅଗ୍ରଗତି ଘଟିବ।

**ମିଥୁନ**
ଯେତେ ସତର୍କତାର ସହ ଚଳିଲେ ମଧ୍ୟ ବନ୍ଧୁଙ୍କ ପରୋକ୍ଷ ସମାଲୋଚନାରୁ ମନ ଅସ୍ଥିର ରହିବ। ପୁନର୍ବସୁ ନକ୍ଷତ୍ର କର୍ମକ୍ଷେତ୍ରରେ ସମସ୍ୟା ସମାଧାନରେ ବନ୍ଧୁ ସାହାଯ୍ୟ କରିବେ। ସତ୍‌ସଙ୍ଗ ଓ ଭ୍ରମଣ ସୁଯୋଗ ପାଇଲେ ମଧ୍ୟ ପରିସ୍ଥିତିବଶତଃ ତାହାକୁ ଅସ୍ୱୀକାର କରି ପାରନ୍ତି। ଜମିଜମା ଏବଂ ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହେବ।

**କର୍କଟ**
ଅଶ୍ଳେଷା ନକ୍ଷତ୍ରର ଭ୍ରମଣଜନିତ ସ୍ୱାସ୍ଥ୍ୟ ସମସ୍ୟା ନିମ୍ନାଭିମୁଖୀ ହେବ। ଆଜି ଯେଉଁ କାମ କରନ୍ତୁ ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ଇଚ୍ଛା ନ ଥାଇ ମଧ୍ୟ ଆଲୋଚନା ପରିସରରେ ବିପକ୍ଷ ବ୍ୟକ୍ତିମାନଙ୍କ ଅକାଟ୍ୟ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ଶିଳ୍ପ, ବାଣିଜ୍ୟ, ପ୍ରଶାସନ ଓ ପରିବହନ କ୍ଷେତ୍ରରୁ ସମସ୍ୟା ଦୂର ହୋଇଯିବ।

**ସିଂହ**
ଆଜି ପୂର୍ବାଫାଲ୍‌ଗୁନୀ ନକ୍ଷତ୍ର କର୍ମକ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ। ସହକର୍ମୀଙ୍କ ସହ ସମ୍ପର୍କ ଯୋଡ଼ିବାରେ ଆପଣଙ୍କ କୌଶଳ ସାହାଯ୍ୟ କରିପାରେ। ପରିବାରର ଖର୍ଚ୍ଚ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ। ସାମାଜିକ ସ୍ତରରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହୋଇପାରନ୍ତି।

**କନ୍ୟା**
କୌଣସି ବ୍ୟକ୍ତିଙ୍କୁ ପ୍ରତୀକ୍ଷା କରି କାମ ସହଜରେ ସମ୍ପନ୍ନ ହୋଇପାରିବ ନାହିଁ। ସାମୂହିକ କାମରେ ଅଥବା ରାଜନୈତିକ କ୍ଷେତ୍ରରେ ଲୋକ ସମ୍ପର୍କ ବୃଦ୍ଧି ପାଇବ। ଋଣ ସୂତ୍ରରେ ଅର୍ଥଲାଭ କରିବେ, ମାତ୍ର ଶିଳ୍ପବାଣିଜ୍ୟ ଓ ଯାତ୍ରା ସମ୍ପର୍କରେ ଚିନ୍ତା ବଢ଼ିବ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି।

**ତୁଳା**
ପରିବାରର ଆବଶ୍ୟକତା ପୂରଣ ସକାଶେ ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ଆଜିର ପ୍ରତ୍ୟୁଷ ଯାତ୍ରା ସମୟରେ ଜିନିଷପତ୍ର ହଜିଯିବାର ଆଶଙ୍କା ରହିଛି। ଚିତ୍ରା ନକ୍ଷତ୍ର ପାରିବାରିକ କ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିବେ। ସାମାଜିକ ସ୍ତରରେ ଆନୁଷ୍ଠାନିକ କାମ ସକାଶେ ତତ୍ପରତା ପ୍ରକାଶ କରିପାରନ୍ତି

**ବିଛା**
ଆଲୋଚନା ପରିସରରେ ପ୍ରିୟଜନଙ୍କ ସହ ମାମୁଲି ଘଟଣାରେ ଉଚ୍ଚବାଚ ଘଟିବ। ଆର୍ଥିକ ସ୍ଥିତି ଭଲ ରହିବା ସହ ପରିବାରରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି। ଅନୁରାଧା ନକ୍ଷତ୍ର ସକାଶେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବା ସହ ସାହାଯ୍ୟ ମଧ୍ୟ କରିବେ।

**ଧନୁ**
କର୍ମକ୍ଷେତ୍ରରେ ସରଳ ଭାବେ ଅନ୍ୟମାନଙ୍କୁ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ଆବଶ୍ୟକତା ପୂରଣରେ ସମସ୍ୟାଜନିତ ଉନ୍ନୟନ କାମ ବାଧାପ୍ରାପ୍ତ ହେବ। ଉତ୍ତରାଷାଢ଼ା ନକ୍ଷତ୍ର ସକାଶେ ସାମୟିକ ଶାରୀରିକ ସୁସ୍ଥତା ମନୋବଳ ବୃଦ୍ଧିରେ ସହାୟକ ହେବ। କର୍ମକ୍ଷେତ୍ରର କୌଣସି ସମସ୍ୟା ମନକୁ ବାରମ୍ବାର ଆନ୍ଦୋଳିତ କରିବ।

**ମକର**
ପରୋକ୍ଷ ଶତ୍ରୁତା କାରଣରୁ ଯେତେ ଭଲ କାମ କଲେ ମଧ୍ୟ କର୍ମକ୍ଷେତ୍ରରେ ପ୍ରତିବନ୍ଧକର ସାମ୍ନା କରିବେ। ପରିଜନଙ୍କ ସହିତ ସାଧାରଣ କଥାରେ ଭୁଲବୁଝାମଣା ସୃଷ୍ଟି ହେବ। ଶିଳ୍ପ, ବାଣିଜ୍ୟ, ପରିବହନରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ ଅଳ୍ପ ସମୟରେ ଦୂରେଇ ଯିବ। ଉତ୍ତରାଷାଢ଼ା ନକ୍ଷତ୍ର ଯେତେ ଭଲ କାମ କଲେ ମଧ୍ୟ ଅଭିଯୋଗ ପାଇବେ।

**କୁମ୍ଭ**
ଆବଶ୍ୟକତା ପୂରଣ କ୍ଷେତ୍ରରେ ଅଭାବବୋଧ ଲାଗି ରହିବାରୁ ବ୍ୟସ୍ତତା ବଢ଼ିଯିବ। ଶତଭିଷା ନକ୍ଷତ୍ର ସକାଶେ ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ବନ୍ଧୁମାନଙ୍କ ପରାମର୍ଶକ୍ରମେ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ। ପ୍ରକାଶନ, ପ୍ରଶାସନ ଓ ପରିବହନରେ ସମସ୍ୟା ସମାଧାନର ରାସ୍ତା ଖୋଲିଯିବାର ଆଶା ରହିଛି।

**ମୀନ**
ରେବତୀ ନକ୍ଷତ୍ର ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ପ୍ରଶଂସିତ ହେବେ। ବନ୍ଧୁମାନଙ୍କ ସହ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇପାରନ୍ତି। ଆର୍ଥିକ ସ୍ୱଚ୍ଛଳତା ବଢ଼ିଯିବା କାରଣରୁ ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ୍ୟ ଲାଭରୁ ଖୁସି ହୋଇପାରନ୍ତି। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ କରିବାରେ ସଫଳ ହେବେ।

ଆଜି ସେପ୍ଟେମ୍ବର ୧୭ ତାରିଖ, କନ୍ୟା ସଂକ୍ରାନ୍ତି, ବିଶ୍ୱକର୍ମା ପୂଜା, ରାମାନୁଜ ଭିନ୍ନ ସର୍ବସମ୍ମତ ଇନ୍ଦିରା ଏକାଦଶୀ, ଆଶ୍ୱିନ କୃଷ୍ଣ ଏକାଦଶୀ ବୁଧବାର। ରାଶିନକ୍ଷତ୍ର–ପୁଷ୍ୟା/କର୍କଟ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ ମହାଳୟା ବିଧିରେ କରାଯିବ। ସକାଳ ଘ.୦୫.୩୮ମି. ଗତେ ଘ.୦୮.୦୩ମି. ମଧ୍ୟେ, ଘ.୧୦.୨୮ମି. ଗତେ ଘ.୧୧.୪୧ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୪୧ମି. ଗତେ ଘ.୦୧.୧୧ମି. ମଧ୍ୟେ ରାହୁ କାଳ।

ଧରିତ୍ରୀ 51 Years
DHARITRI
ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୧୭/୨୦୨୫ | Bhubaneswar, Wednesday, September 17/2025



କନ୍ଧମାଳ ଜିଲା କଳିଙ୍ଗା ଘାଟିର ଅନ୍ଧାରକୁଟି ନିକଟରେ ମଙ୍ଗଳବାର ଅପରାହ୍ନରେ ଭୂସ୍ଖଳନ ଘଟି ରାଞ୍ଚି- ବିଜୟୱାଡା ୧୫୭ ନଂ. ଜାତୀୟ ରାଜପଥ ଅବରୋଧ ହୋଇଛି।

# ପ୍ରଧାନମନ୍ତ୍ରୀଙ୍କୁ ୭୫

## ଜନ୍ମଦିନରେ ଅନେକ ବିକାଶମୂଳକ କାର୍ଯ୍ୟର ଶୁଭାରମ୍ଭ କରିବେ ମୋଦି

ନୂଆଦିଲ୍ଲୀ,୧୬।୯(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ୭୫ ବର୍ଷ ବୟସରେ ପଦାର୍ପଣ କରୁଛନ୍ତି। ଏହି ଅବସରରେ ଭାଜପା ଏବଂ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅନେକ ଜନକଲ୍ୟାଣକାରୀ ଓ ବିକାଶମୂଳକ କାର୍ଯ୍ୟର ଶୁଭାରମ୍ଭ କରାଯିବ। ପ୍ରଧାନମନ୍ତ୍ରୀ ମଧ୍ୟପ୍ରଦେଶରୁ ସାରା ଦେଶରେ ସ୍ୱାସ୍ଥ୍ୟ ଓ ପୋଷଣ ଅଭିଯାନ ପକ୍ଷ ଆରମ୍ଭ କରିବେ। ସେ ଧର୍‌ରୁ 'ସୁସ୍ଥ ନାରୀ ସଶକ୍ତ ପରିବାର' ଏବଂ ଅଷ୍ଟମ ଜାତୀୟ ପୋଷଣ ମାସର ଶୁଭାରମ୍ଭ କରିବେ। ପ୍ରଧାନମନ୍ତ୍ରୀ ଅନ୍ୟ କେତେକ ବିକାଶମୂଳକ ପଦକ୍ଷେପ ଉନ୍ମୋଚନ କରିବା ସହ ଏକ ଜନସଭାକୁ ମଧ୍ୟ ଉଦ୍‌ବୋଧନ ଦେବେ ବୋଲି ସରକାରୀ ବିବୃତିରେ କୁହାଯାଇଛି।

ସର୍ବବୃହତ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମକୁ ଦେଶର ମହିଳା ଓ ଶିଶୁମାନଙ୍କ ନିକଟରେ ପହଞ୍ଚାଇବା ପାଇଁ ୧ ଲକ୍ଷରୁ ଊର୍ଦ୍ଧ୍ୱ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯିବ। ଦେଶବ୍ୟାପୀ ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଦୈନିକ ସ୍ୱାସ୍ଥ୍ୟ କ୍ୟାମ୍ପ୍ ଅନୁଷ୍ଠିତ ହେବ। ଭାଜପାର ସଂଗଠନ ସାରା ଦେଶରେ ରକ୍ତଦାନ ଏବଂ ସ୍ୱାସ୍ଥ୍ୟ ଶିବିର


ନରେନ୍ଦ୍ର ମୋଦି

ସମେତ ଏଭଳି ଅନେକ କାର୍ଯ୍ୟକ୍ରମ ଆୟୋଜନ କରିବ। ଶାସକ ଦଳ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ 'ସେବା ପକ୍ଷ' ପାଳନ କରିବାକୁ ଥିବାବେଳେ ଉପରୋକ୍ତ କାର୍ଯ୍ୟକ୍ରମଗୁଡ଼ିକ ଏହାର ଅଂଶବିଶେଷ। ଏହି ସମୟ ମଧ୍ୟରେ ଭାରତ ନିର୍ମିତ ସାମଗ୍ରୀଗୁଡ଼ିକର ପ୍ରଚାର ପ୍ରସାର କରାଯିବା ସହ 'ମୋଦି ବିକାଶ ମାରାଥନ୍', ବିକଶିତ ଭାରତ ଉପରେ ☞ପୃଷ୍ଠା-୯

# ଭୂସ୍ଖଳନରେ ୧୩ ମୃତ, ୮ ନିଖୋଜ

**ହିମାଳୟ ପାଦଦେଶରେ ପୁଣି ପଡ଼ିଛି ପ୍ରକୃତିର କୋପ। ବାଦଲଫଟା ବର୍ଷା ଯୋଗୁ ଭୂସ୍ଖଳନ ସାଙ୍ଗକୁ ବନ୍ୟା ଉତ୍ତରାଖଣ୍ଡ ଓ ହିମାଚଳ ପ୍ରଦେଶକୁ ଦାଉ ସାଜିଛି। ଉତ୍ତରାଖଣ୍ଡର ଡେରାଡୁନ୍ ସମେତ ବିଭିନ୍ନ ଅଞ୍ଚଳରେ ସୋମବାର ରାତିରୁ ବର୍ଷା ଲାଗିରହିଥିବାରୁ ଭୂସ୍ଖଳନ ହୋଇ ରାସ୍ତାଘାଟ ଦବି ପୋଲ ଧସିଯାଇଛି। ଅନେକ ଘର ଓ ଦୋକାନ ଭାସିଯାଇଛି। ଏଥିରେ ଅନ୍ୟୂନ ୧୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୮ ନିଖୋଜ ହୋଇଯାଇଛନ୍ତି। ହିମାଚଳର ମଣ୍ଡି ଜିଲାରେ ମଧ୍ୟ ପ୍ରକୃତିର କରାଳ ରୂପ ଦେଖିବାକୁ ମିଳିଛି। ନିହରିରେ ପଥର ଅତଡ଼ା ଖସି ଏକ ଘର ଉପରକୁ ମାଡ଼ିଆସିବାରୁ ୩ ଜଣଙ୍କ ମୃତ୍ୟୁ ଘଟିଛି।**

ଡେରାଡୁନ୍/ଶିମ୍‌ଲା,୧୬।୯

ଡେରାଡୁନ୍ ଓ ଏହାର ଆଖପାଖ ଅଞ୍ଚଳରେ ସୋମବାର ବିଳମ୍ବିତ ରାତିରେ ବାଦଲଫଟା ବର୍ଷା ଯୋଗୁ ବନ୍ୟା ଓ ଭୂସ୍ଖଳନରେ ଅନ୍ୟୂନ ୧୦ ଜଣଙ୍କ ମୃତ୍ୟୁ ଘଟିବା ସହ ୮ ନିଖୋଜ ଅଛନ୍ତି। ବାଦଲଫଟା ବର୍ଷାରେ ଡେରାଡୁନ୍‌ରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ମଙ୍ଗଳବାର ଭୋର ସମୟରେ ସହସ୍ରଧାରାରେ ହଠାତ୍ ବନ୍ୟା ମାଡ଼ିଆସିବାରୁ ବହୁ ହୋଟେଲ,ଦୋକାନ ଓ ଘରଦ୍ୱାର ଭାସିଯାଇଛି। ଜିଲାର ବହୁ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଏବଂ ବ୍ୟବସାୟିକ ପ୍ରତିଷ୍ଠାନ କ୍ଷତିଗ୍ରସ୍ତ ହୋଇଛି। ବନ୍ୟାପାଣିରେ କେତେଜଣ ଭାସିଯାଇଥିବାବେଳେ ମାଟି ଅତଡ଼ା ତଳେ କେତେଜଣ ଫସିରହିଥିବା ଆଶଙ୍କା କରାଯାଉଛି। ଡେରାଡୁନ୍‌ରୁ ମାଲ ଦେବତା ଏବଂ ମସୁରୀରୁ ମଧ୍ୟ କ୍ଷୟକ୍ଷତି ହୋଇଥିବା ବିପର୍ଯ୍ୟୟ ପରିଚାଳନା ସଚିବ ବିନୋଦ କୁମାର ସୁମନ କହିଛନ୍ତି।

ଉତ୍ତରାଖଣ୍ଡର ବିଭିନ୍ନ ଅଞ୍ଚଳରେ ରାତି ସାରା ପ୍ରବଳ ବର୍ଷା ଲାଗିରହିଥିଲା। ଫଳରେ ମଙ୍ଗଳବାର ସକାଳେ ଆସିଥିବା ବନ୍ୟାରେ ବହୁ ରାସ୍ତାଘାଟ, ଘର ଓ ଦୋକାନ କ୍ଷତିଗ୍ରସ୍ତ ହେବା ସହ ଏକ ବ୍ରିଜ୍ ଭାସିଯାଇଛି। ଉଦ୍ଧାରକାରୀ ଟିମ୍ ୩୦୦ରୁ ୪୦୦ ଲୋକଙ୍କୁ ନିରାପଦ ସ୍ଥାନକୁ ନେଇଯାଇଛନ୍ତି। ତପକେଶ୍ୱର ଭଗତ ସିଂ କଲୋନିରେ ଥିବା ଶିଖର ଫଲ୍ ନିକଟରେ ୪ ଜଣ ଭାସିଯାଇଥିବାବେଳେ ମସୁରୀର ଝରିପାନି ଟୋଲ୍ ପ୍ଲାଜାଠାରେ ୨ ଶ୍ରମିକ ପୋତିହୋଇ ପଡ଼ିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ପ୍ରାଣ ହରାଇଥିବାବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ଡୋଇୱାଲରେ ବହୁ ଘର ପାଣିଘେରରେ ରହିଥିବାବେଳେ ଚନ୍ଦ୍ରଭାଗା ନଦୀରେ ଫସିଥିବା ୩ ଜଣଙ୍କୁ ଏସ୍‌ଡିଆର୍‌ଏଫ୍ ଟିମ୍ ଉଦ୍ଧାର କରିଛି। ତେହରି ଜଳାର୍ଣ୍ଣବ ହୋଇଥବାରୁ ଗୀତା ଭବନରେ ବହୁ ଲୋକ ଅଟକି ରହିଛନ୍ତି। ଭୂସ୍ଖଳନ ଯୋଗୁ ନୈନିତାଲର ଏକ ରାସ୍ତା ଅବରୋଧ ହୋଇଛି। ପ୍ରଭାବିତ ଅଞ୍ଚଳର ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ଏକ୍ସାଭେଟର ସମେତ ବିଭିନ୍ନ ଭାରି ମେଶିନ୍ ଓ ଗାଡ଼ିକୁ ନିୟୋଜିତ କରାଯାଇଛି।

ସେହିପରି ହିମାଚଳପ୍ରଦେଶରେ ବିଭିନ୍ନ ଅଞ୍ଚଳରେ ଗତ ରାତିରୁ ପ୍ରବଳ ବର୍ଷା ଲାଗିରହିଥିବାରୁ ଭୂସ୍ଖଳନରେ ଗୋଟିଏ ପରିବାରର ୩ ଜଣଙ୍କ ମୃତ୍ୟୁ ଘଟିଛି। ହଠାତ୍ ବନ୍ୟା ଆସି ଏକ ବସ୍‌ଷ୍ଟାଣ୍ଡ ବୁଡ଼ିଯାଇଛି। ଚଳିତ ମୌସୁମୀ ଋତୁରେ ହିମାଚଳପ୍ରଦେଶରେ ବନ୍ୟା ଓ ଭୂସ୍ଖଳନ ଘଟି ୨୩୨ ଜଣଙ୍କ ମୃତ୍ୟୁ ଘଟିଲାଣି। ସେଠାରେ ମୋଟ ୪୬ ଥର ବାଦଲଫଟା ବର୍ଷା ସାଙ୍ଗକୁ ୯୭ ଥର ହଠାତ୍ ବନ୍ୟା ଓ ୧୪୦ ଥର ଭୂସ୍ଖଳନ ହୋଇ ମୋଟ ୪,୫୦୪ କୋଟି ଟଙ୍କା କ୍ଷତି ହୋଇଥିବା ଆକଳନ କରାଯାଇଛି।

## କଳିଙ୍ଗା ଘାଟିରେ ଭୂସ୍ଖଳନ: କନ୍ଧମାଳ-ଗଞ୍ଜାମ ଯୋଗାଯୋଗ ବିଚ୍ଛିନ୍ନ

ଜି.ଉଦୟଗିରି/ ଫୁଲବାଣୀ/ ଭଞ୍ଜନଗର, ୧୬।୯ (ଶିଶିର ପଟ୍ଟନାୟକ/ ଚିନ୍ମୟ କୁମାର ସେଠୀ/ ରାକେଶ ରାଉତ/ବାବୁଲା ପ୍ରଧାନ)

କନ୍ଧମାଳ- ଗଞ୍ଜାମ ଜିଲା ସୀମାରେ ଥିବା କଳିଙ୍ଗା ଘାଟିର ଅନ୍ଧାରକୁଟି ନିକଟରେ ମଙ୍ଗଳବାର ଅପରାହ୍ନରେ ଭୂସ୍ଖଳନ ହୋଇଛି। କିଛିଦିନ ହେଲା ଲଗାଣ ବର୍ଷା ଯୋଗୁ ପାହାଡ଼ରୁ ଅନବରତ ପାଣି ବୋହିବା ଫଳରେ ପ୍ରାୟ ୪୦ ମିଟର ମାଟି ଅତଡ଼ା ଖସି ବଡ଼ବଡ଼ ପଥର ଜମିବା ସହ ରାସ୍ତା ଧୋଇଯାଇଛି। ଗୋଟିଏ ପୋଲ ମଧ୍ୟ ପୋତି ହୋଇଯାଇଛି। ଏଥିଯୋଗୁ ରାଞ୍ଚି- ବିଜୟୱାଡା ୧୫୭ ନଂ. ଜାତୀୟ ରାଜପଥ ଦେଇ ଯାତାୟାତ ବାଧାପ୍ରାପ୍ତ ହୋଇଛି। କନ୍ଧମାଳ ଜିଲାର ଜି. ଉଦୟଗିରି, ବାଲିଗୁଡ଼ା, ଫୁଲବାଣୀ, ଦାରିଙ୍ଗବାଡ଼ିରୁ ବ୍ରହ୍ମପୁର, ଭୁବନେଶ୍ୱରକୁ ଆଦିକୁ ☞ପୃଷ୍ଠା-୯

# 'ସୁଭଦ୍ରା'କୁ ପୂରିଲା ବର୍ଷେ

ଭୁବନେଶ୍ୱର,୧୬।୯ (ସୁନିତ୍ ମିଶ୍ର)

ରାଜ୍ୟ ସରକାରଙ୍କ ସବୁଠାରୁ ବଡ଼ ସୁଭଦ୍ରା ଯୋଜନା ଶୁଭାରମ୍ଭକୁ ବୁଧବାର ୧ ବର୍ଷ ପୂରଣ ହୋଇଛି। ଗତବର୍ଷ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ଏହି ଯୋଜନାର ଶୁଭାରମ୍ଭ କରାଯାଇଥିଲା। ନିଜେ ପ୍ରଧାନମନ୍ତ୍ରୀ ଓଡ଼ିଶା ଗସ୍ତରେ ଆସି ଉକ୍ତ ଯୋଜନାର ଶୁଭାରମ୍ଭ କରିଥିଲେ। ଏହି ଯୋଜନାରେ ଓଡ଼ିଶାରୁ ୧ କୋଟିରୁ ଅଧିକ ମହିଳା ହିତାଧିକାରୀ ଗୋଟିଏ କିସ୍ତିରେ ୫ ହଜାର ଟଙ୍କା ଲେଖା ପାଉଛନ୍ତି। ଏହାରି ଭିତରେ ଗତ ଅଗଷ୍ଟ ୯ ତାରିଖ ସୁଦ୍ଧା ରାଜ୍ୟ ସରକାର ଉକ୍ତ ଯୋଜନାରେ ୩ୟ କିସ୍ତି ହିତାଧିକାରୀମାନଙ୍କ ଖାତାକୁ ପଠାଇସାରିଛନ୍ତି। ଏହି ଯୋଜନା ଯୋଗୁ ରାଜ୍ୟରେ ୧୭ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି ହୋଇପାରିଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ଉକ୍ତ ଯୋଜନାରୁ ବାଦ୍ ପଡ଼ିଯାଇଥିବା ହିତାଧିକାରୀଙ୍କୁ ସାମିଲକରିବା ଲାଗି ଗତ ସୋମବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏକ ସ୍ୱତନ୍ତ୍ର ପୋର୍ଟାଲର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାରେ ରାଜ୍ୟ ସରକାର ମହିଳାମାନଙ୍କୁ ବର୍ଷରେ ୨ କିସ୍ତିରେ ୫ ହଜାର ଟଙ୍କା ଲେଖା ପ୍ରଦାନ କରୁଛନ୍ତି।

## ବର୍ଷାରେ ଭିଜିପାରେ ଦଶହରା

**୨୬ ଆଡ଼କୁ ଆଉ ଏକ ଘୂର୍ଣ୍ଣିବଳୟ**

ଭୁବନେଶ୍ୱର, ୧୬।୯ (ବନ୍ଦନା ସେଠୀ)

ଏଥର ବର୍ଷାରେ ଭିଜିବ ଦଶହରା। ସେପ୍ଟେମ୍ବର ୨୬ ଆଡ଼କୁ ପୁଣି ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଥିବାରୁ ଏଥର ପାର୍ବଣ ବର୍ଷାରେ ଭିଜିପାରେ ବୋଲି ପୂର୍ବାନୁମାନ କରାଯାଉଛି। ଏବେ ଝାଡ଼ଖଣ୍ଡ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହା ଅଧିକ ଘନୀଭୂତ ହୋଇ ଲଘୁଚାପ ରୂପ ନେଇପାରେ। ଏହାର ପ୍ରଭାବରେ ରାଜ୍ୟରେ ୨୦ ତାରିଖ ପର୍ଯ୍ୟନ୍ତ ବର୍ଷା ହେବା ନେଇ ସତର୍କତା ଜାରି ହୋଇଥିବା ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶକ ମନୋରମା ମହାନ୍ତି କହିଛନ୍ତି। ତେବେ ୨୬ ତାରିଖ ବେଳକୁ ସୃଷ୍ଟି ହେବାକୁ ଥିବା ଘୂର୍ଣ୍ଣିବଳୟ କେତେ ଘନୀଭୂତ ହେବ ସେନେଇ ଏବେଠାରୁ ଆକଳନ କରାଯାଇପାରିନାହିଁ। ସେହିପରି ଏବେ ରାଜ୍ୟକୁ ବିଜୁଳି ଘଡ଼ଘଡ଼ି ସହ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ଗତ ୨୪ ଘଣ୍ଟାରେ ରାଜ୍ୟରେ ସର୍ବାଧିକ ୧୧.୬ ସେମି ବର୍ଷା ବରଗଡ଼ ଜିଲା ଅମ୍ବାଭୋନା ଅଞ୍ଚଳରେ ହୋଇଥିବା ରେକର୍ଡ କରାଯାଇଛି। ଏହାଛଡା ୭ଟି ସହରରେ ପ୍ରବଳରୁ ☞ପୃଷ୍ଠା-୯

**ଆଜିର ସମ୍ପାଦକୀୟ**

**ମୋଟା**

# ଅକ୍ଟୋବର ପୂର୍ବରୁ ୨୯ ଜିଲାରେ ଏସ୍‌ଆଇଆର୍

ଭୁବନେଶ୍ୱର,୧୬।୯ (ରବିନାରାୟଣ ଜେନା)

ରାଜ୍ୟଗୁଡ଼ିକରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି। ୧୭ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସିଇଓମାନେ ଏଥିପାଇଁ ସହମତି ପ୍ରକାଶ କରିଥିବାବେଳେ ଓଡ଼ିଶା ମଧ୍ୟ ହଁ ଭରିଛି। ଅକ୍ଟୋବର ପୂର୍ବରୁ ଏସ୍‌ଆଇଆର୍ ଘୋଷଣା ହୋଇପାରେ। ନୂଆପଡ଼ାକୁ ବାଦ୍‌ଦେଲେ ଅବଶିଷ୍ଟ ୨୯ ଜିଲାରେ ଏସ୍‌ଆଇଆର୍ ହେବ ବୋଲି ମଙ୍ଗଳବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ଆର. ସନ୍ଥ ଗୋପାଳନ୍ କହିଛନ୍ତି।

ସିଇଓଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଗୋପାଳନ୍ କହିଛନ୍ତି, ଭାରତର ମୁଖ୍ୟ ନିର୍ବାଚନ କମିଶନର(ସିଇସି)ଙ୍କ ସହିତ ନିକଟରେ ହୋଇଥିବା ସମ୍ମିଳନୀରେ ଏସ୍‌ଆଇଆର୍ ପାଇଁ ଅଧିକାଂଶ ରାଜ୍ୟ ରାଜି ହୋଇଛନ୍ତି। ତେବେ ଓଡ଼ିଶାରେ ନୂଆପଡ଼ାକୁ ଛାଡ଼ି ଅନ୍ୟ ସମସ୍ତ ଜିଲାରେ ଏସ୍‌ଆଇଆର୍ କରାଯାଇପାରିବ। ଏଥିପାଇଁ ଅଧିକ ମାନବ ସମ୍ବଳ ଲାଗିବ।

ନୂଆପଡ଼ାରେ ଉପନିର୍ବାଚନ ଶେଷ ହେବା ପରେ ପ୍ରାୟ ୧ ବର୍ଷ ପରେ ଏସ୍‌ଆଇଆର୍ କରାଯିବ। ମାତ୍ର ଚଳିତମାସ ଶେଷ ସପ୍ତାହରେ ଓଡ଼ିଶା ସମେତ ଅନ୍ୟ ୧୬ଟି ରାଜ୍ୟରେ ଏସ୍‌ଆଇଆର୍ ଘୋଷଣା ହେବାର ରହିଛି ବୋଲି ସିଇଓ କହିଛନ୍ତି।

ଗୋପାଳନ୍ କହିଛନ୍ତି, ଓଡ଼ିଶାରେ ଏସ୍‌ଆଇଆର୍ ପ୍ରକ୍ରିୟା ଆରମ୍ଭ ହେବାକୁ ରହିଥିଲେ ହେଁ ଏପର୍ଯ୍ୟନ୍ତ ପ୍ରମୁଖ ରାଜନୈତିକ ଦଳଗୁଡ଼ିକ ବୁଥ୍‌ସ୍ତରୀୟ ପ୍ରତିନିଧି ଦେଇପାରିନାହାନ୍ତି। ଯଦି ଏବେ ସେମାନେ ତାଙ୍କର ପ୍ରତିନିଧି ନ ଦେବେ, ପରବର୍ତ୍ତୀ ପର୍ଯ୍ୟାୟରେ ଭୋଟ ଚୋରି ଭଳି ଅନ୍ୟ କୌଣସି ପ୍ରସଙ୍ଗ ଉଠାଇଲେ ତାହା ଯୁକ୍ତିଯୁକ୍ତ ନୁହେଁ। ୧ମାସ ତଳୁ ସମସ୍ତ ରାଜନୈତିକ ଦଳଙ୍କୁ ବୁଥ୍‌ସ୍ତରୀୟ ପ୍ରତିନିଧି (ବିଏଲ୍‌ଏ) ଦେବାକୁ କୁହାଗଲାଣି। ଏପରି କି ୪ଥର ନୋଟିସ ମଧ୍ୟ ହେଲାଣି। ହେଲେ ଏପର୍ଯ୍ୟନ୍ତ ୭ଟି ଦଳ ☞ପୃଷ୍ଠା-୯

# ନୂଆପଡ଼ାରେ ୫୬ ନୂଆ ମତଦାନ କେନ୍ଦ୍ର

ଭୁବନେଶ୍ୱର,୧୬।୯ (ରବିନାରାୟଣ ଜେନା)

ନୂଆପଡ଼ାରେ ହେବାକୁ ଥିବା ଉପନିର୍ବାଚନ ଲାଗି ମତଦାନ କେନ୍ଦ୍ରଗୁଡ଼ିକର ପୁନଃ ବ୍ୟବସ୍ଥୀକରଣ କରାଯାଇଛି। ମତଦାତାଙ୍କ ସୁବିଧାକୁ ଦୃଷ୍ଟିରେ ରଖି ୫୬ଟି ନୂଆ ମତଦାନ କେନ୍ଦ୍ର ଖୋଲାଯିବ ବୋଲି ମୁଖ୍ୟନିର୍ବାଚନ ଅଧିକାରୀ (ସିଇଓ) ଆର. ସନ୍ଥ ଗୋପାଳନ୍ କହିଛନ୍ତି। ମଙ୍ଗଳବାର ସିଇଓଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଗୋପାଳନ୍ କହିଛନ୍ତି, ୭୧-ନୂଆପଡ଼ା ନିର୍ବାଚନମଣ୍ଡଳୀରେ ପୂର୍ବରୁ ୩୦୨ ମତଦାନ କେନ୍ଦ୍ର ରହିଥିଲା। ଭାରତର ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଆଉ ୫୬ଟି ନୂତନ ମତଦାନ କେନ୍ଦ୍ର ଖୋଲାଯିବ। ଏହାକୁ ମିଶାଇ ସମୁଦାୟ ମତଦାନ କେନ୍ଦ୍ର ସଂଖ୍ୟା ୩୫୮କୁ ବୃଦ୍ଧି କରାଯାଇଛି। ଏହାବ୍ୟତୀତ ଏହି ପୁନଃ ବ୍ୟବସ୍ଥୀକରଣ ପ୍ରକ୍ରିୟା ସମୟରେ ୭୧-ନୂଆପଡ଼ା ନିର୍ବାଚନମଣ୍ଡଳୀରେ ୫୨ଟି ମତଦାନ କେନ୍ଦ୍ରର ନାମ ପରିବର୍ତ୍ତନ କରାଯାଇଛି। ତେବେ ଏହି ମତଦାନ କେନ୍ଦ୍ର ମଧ୍ୟରୁ ସହରାଞ୍ଚଳରେ ୩୬ ଏବଂ ଗ୍ରାମାଞ୍ଚଳରେ ୩୨୨ ଖୋଲାଯିବ।

ସେ କହିଥିଲେ ଯେ, ନୂଆପଡ଼ା ନିର୍ବାଚନମଣ୍ଡଳୀ ସମ୍ପର୍କରେ ମଙ୍ଗଳବାରକୁ ଯୋଗ୍ୟତା ତାରିଖ ଭାବେ ରଖି ଚିଠା ଭୋଟର ତାଲିକାର ପ୍ରକାଶନ କରାଯାଇଛି। ଏହି ନିର୍ବାଚନମଣ୍ଡଳୀରେ ଏବେ ୨ ଲକ୍ଷ ୪୮ ହଜାର ୨୫୬ ମତଦାତା ରହିଛନ୍ତି। ସେମାନଙ୍କ ମଧ୍ୟରେ ୧,୨୨,୧୦୩ ପୁରୁଷ ରହିଥିବାବେଳେ ୧,୨୬,୧୩୨ଜଣ ମହିଳା ଓ ୨୧ଜଣ ତୃତୀୟ ଲିଙ୍ଗ ବର୍ଗର ମତଦାତା ରହିଛନ୍ତି। ସେହିପରି ୨୦୦୭ ବରିଷ୍ଠ ନାଗରିକ ରହିଥିବାବେଳେ ଭିନ୍ନକ୍ଷମ ମତଦାତା ୪୦୦୦ ଏବଂ ଯୁବ ମତଦାତା ୬୦୦୩ ରହିଛନ୍ତି ବୋଲି ସିଇଓ କହିଛନ୍ତି।

# ଖଣି ପାଇଁ ଅଡୁଆରେ ହାତୀ

**ବ୍ୟାପକ ଜଙ୍ଗଲ ପଦା**

ଯୋଡ଼ା,୧୬।୯ (ମାନସ ମହାନ୍ତି)

ଜଙ୍ଗଲ ଛାଡ଼ି ହାତୀ ଜନବସତି ମୁହାଁ ହେଲାବେଳକୁ ମଣିଷ ଓ ହାତୀଙ୍କ ମଧ୍ୟରେ ଅନବରତ ସଂଗ୍ରାମ ଦେଖିବାକୁ ମିଳୁଛି। କେନ୍ଦୁଝର ଜିଲାରେ ବ୍ୟାପକ ଜଙ୍ଗଲ ପଦାକରି ଖଣି ଖନନ କରାଯାଉଥିବାରୁ ପ୍ରାକୃତିକ ବାସସ୍ଥଳୀ ହରାଇ ହାତୀ ହନ୍ତସନ୍ତ ହେଉଛନ୍ତି। ଜଙ୍ଗଲର ଘନତ୍ୱ ହ୍ରାସ ପାଇବା ଯୋଗୁ ଜଙ୍ଗଲ ଛାଡ଼ି ଗାଁଗଣ୍ଡାରେ ପ୍ରବେଶ କରୁଛନ୍ତି। ଜିଲାର ବଡ଼ବିଲ ଓ ଚମ୍ପୁଆ ରେଞ୍ଜରେ ସମୁଦାୟ ହାତୀ ସଂଖ୍ୟା ପ୍ରାୟ ୫୫ ରହିଛି। ହାତୀପଲ ସନ୍ଧ୍ୟା ହେଲେ ଗ୍ରାମାଭିମୁଖୀ ହେଉଛନ୍ତି। ହାତୀର ପ୍ରାକୃତିକ ବାସସ୍ଥଳୀ ଓ ହାତୀ ବାଛିଥିବା ନିର୍ଦ୍ଦିଷ୍ଟ ଚଲାପଥ



ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲାଣି। ବୃହତ୍ ପ୍ରାଣୀ ହାତୀ ଏବେ ବାସହରା ହୋଇ ଇତସ୍ତତଃ ହେଉଛି। ବଡ଼ବିଲ ଏବଂ ଚମ୍ପୁଆ ରେଞ୍ଜର ବାଲିବନ୍ଧ ସେକ୍ସନରେ ୩୨ଟି ହାତୀ ବିଚରଣ କରୁଥିବାବେଳେ ବାମେବାରି ସେକ୍ସନରେ ୧୪ଟି ଏବଂ ବାଂଶପାଳ ବ୍ଲକ୍ ଭୂୟାଁ ଜୁଆଙ୍ଗପୀଢ଼ ଅଞ୍ଚଳରୁ ୮ଟି ହାତୀ ବାମେବାରି ବନାଞ୍ଚଳକୁ ପଶି ଆସିଛନ୍ତି। ସେହିପରି ଯୋଡ଼ା ସେକ୍ସନର ବେଲଦା ଅଞ୍ଚଳରେ ଗୋଟିଏ ହାତୀ ବିଚରଣ କରୁଥିବା ବନ ବିଭାଗ ସୂଚନା ଦେଇଛି।

ସୂଚନା ଅନୁଯାୟୀ, ସଂରକ୍ଷିତ ଜଙ୍ଗଲ, ଡିଏଲ୍‌ସି (ଡିଷ୍ଟ୍ରିକ୍ଟ ଲେଭଲ କମିଟି ଦ୍ୱାରା ଚିହ୍ନଟ ଜଙ୍ଗଲ) ଜଙ୍ଗଲ ଏବଂ ରେଭେନ୍ୟୁ ଫରେଷ୍ଟ(ରାଜସ୍ୱ ବିଭାଗର ଜଙ୍ଗଲ)ରେ ଜଙ୍ଗଲ ଜମିକୁ ଅଣଜଙ୍ଗଲରେ ରୂପାନ୍ତରିତ କରାଯାଇ ବ୍ୟାପକ ଖଣି ଖନନ କରାଯାଉଛି। କେବଳ ଯୋଡ଼ା ବନାଞ୍ଚଳରେ ପ୍ରାୟ ୨ହଜାର ହେକ୍ଟରରୁ ଊର୍ଦ୍ଧ୍ୱ ଜଙ୍ଗଲ ଜମିକୁ ଅଣଜଙ୍ଗଲ ଜମିରେ ପରିବର୍ତ୍ତନ କରାଯାଇ ଖଣି ଖନନ କରାଯାଉଛି। ସେହିପରି ବଡ଼ବିଲ ଓ ଚମ୍ପୁଆ ରେଞ୍ଜର ବନାଞ୍ଚଳର ପ୍ରାୟ ୫୨୦୦ ହେକ୍ଟର ପରିମିତ ଜଙ୍ଗଲରେ ଖଣି ଖନନ ହେଉଛି। ସରକାରୀସ୍ତରରେ ଏହାର ବୈଧାନିକ ଅନୁମୋଦନ ଯାହାକି ଡାଇଭର୍ସନ ପ୍ଲାନ୍ ଅର୍ଥାତ୍ ଜଙ୍ଗଲ ଜମିକୁ ଅଣ ଜଙ୍ଗଲରେ ବ୍ୟବହାର ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅନୁମୋଦନ ନିଆଯାଇ ଖଣି ଖନନ କରାଯାଉଛି। ଆବେଦନ କରୁଥିବା ବଡ଼ ବଡ଼ ଖଣି କମ୍ପାନୀଗୁଡ଼ିକ ଜିଲା ଜମି ବ୍ୟାଙ୍କରୁ ଜମି କିଣି ବ୍ୟବହୃତ ଜଙ୍ଗଲର ଘନତ୍ୱ ଅନୁଯାୟୀ ନେଟ୍ ପ୍ରେଜେଣ୍ଟ ଭ୍ୟାଲ୍ୟୁ ସହିତ କଟାଯାଉଥିବା ବୃକ୍ଷର ମୂଲ୍ୟ ସରକାରଙ୍କୁ ଦେଇ ଜଙ୍ଗଲ ଜମିକୁ ଅଣ ଜଙ୍ଗଲରେ ରୂପାନ୍ତରିତ କରି ଥାଆନ୍ତି ସତ, ହେଲେ ଜଙ୍ଗଲ ଅଞ୍ଚଳରେ ରହୁଥିବା ନିରୀହ ପଶୁପକ୍ଷୀ ଏହି ସରକାରୀ ପ୍ରାବଧାନରେ ବଳି ପଡ଼ିଯାଇଥାଆନ୍ତି। ଯଦିଓ ପ୍ରତ୍ୟେକ ଖଣି କମ୍ପାନୀ ଜଙ୍ଗଲ ଜମିକୁ ବ୍ୟବହାର କରିବା ☞ପୃଷ୍ଠା-୯



ପ୍ରତ୍ୟେକ ବସ୍ତୁରେ, ପ୍ରତ୍ୟେକ କ୍ଷେତ୍ରରେ, ପ୍ରତିଟି ସଂପର୍କରେ ସତ୍ୟକୁ ପରିପୂର୍ଣ୍ଣ ଛନ୍ଦ ସହ ବିକଶିତ କରିବାକୁ ହେବ ଏବଂ ଜୀବନର ପ୍ରତିଟି ଗତିବୃତ୍ତି ସୌନ୍ଦର୍ଯ୍ୟ ଓ ସଂଗତିର ପ୍ରକାଶକ ହେବା ଉଚିତ। -ଶ୍ରୀମା

-କନ୍ୟା ସଂକ୍ରାନ୍ତି, ବିଶ୍ୱକର୍ମା ପୂଜା, ଇନ୍ଦିରା ଏକାଦଶୀ, ହଳ ନିଷେଧ



# ମୋଟା

ସାରା ବିଶ୍ୱରେ ଏବେ ପିଲା ଓ କିଶୋରମାନେ ମେଦବହୁଳତା ବା ପ୍ରୟୋଜନଠାରୁ ଅଧିକ ମୋଟା ହୋଇଯାଉଛନ୍ତି ବୋଲି ନିକଟରେ ୟୁନାଇଟେଡ୍ ନେଶନ୍ସ ଇଣ୍ଟରନ୍ୟାଶନାଲ ଚିଲ୍ଡ୍ରେନ୍ସ ଏମର୍ଜେନ୍ସି ଫଣ୍ଡ (ୟୁନିସେଫ୍) ଦ୍ୱାରା ପ୍ରକାଶିତ 'ଚାଇଲ୍ଡ ନ୍ୟୁଟ୍ରିଶନ ଗ୍ଲୋବାଲ ରିପୋର୍ଟ-୨୦୨୫'ରୁ ଜଣାପଡ଼ିଛି। ରିପୋର୍ଟରେ ଦର୍ଶାଯାଇଛି ଯେ, ବିଶ୍ୱରେ ୫ରୁ ୧୯ ବର୍ଷ ବୟସ ବର୍ଗରେ ଥିବା ପିଲା ଓ କିଶୋରୀ କିଶୋରଙ୍କ ମଧ୍ୟରୁ ପ୍ରତି ୧୦ ଜଣରେ ଜଣେ ମେଦବହୁଳତାରେ ପୀଡ଼ିତ। ଅର୍ଥାତ୍ ସେମାନଙ୍କ ବୟସ ତୁଳନାରେ ଓଜନ ଅଧିକ ରହୁଛି । ଏମାନେ ଅସ୍ୱାସ୍ଥ୍ୟକର ଖାଦ୍ୟ ପରିବେଶ ସହ ବେଶୀ ଜଡ଼ିତ ରହୁଥିବାରୁ ଏଭଳି ସ୍ଥିତି ସୃଷ୍ଟି ହେଉଛି ବୋଲି ରିପୋର୍ଟରେ ସୂଚିତ କରାଯାଇଛି। ଫାଷ୍ଟଫୁଡ୍ ବା ରାସ୍ତାକଡ଼ର ଖାଦ୍ୟ ଓ ମୃଦୁପାନୀୟ ମେଦବହୁଳତାର ଏକ ପ୍ରମୁଖ କାରଣ ବୋଲି ରିପୋର୍ଟରେ ସ୍ପଷ୍ଟ କରାଯାଇଛି। କେବଳ ଏତିକି ନୁହେଁ, ଭାରତ ସମେତ ଦକ୍ଷିଣ ଏସିଆର ଅନ୍ୟ ବିକାଶଶୀଳ ଦେଶଗୁଡ଼ିକର ମାଧ୍ୟମିକ ସ୍କୁଲଗୁଡ଼ିକରେ ତଟକା ଫଳ ବଦଳରେ ଏଭଳି ଖାଦ୍ୟ ଓ ମୃଦୁପାନୀୟର ଉପଲବ୍ଧତାକୁ ମଧ୍ୟ ଦାୟୀ କରାଯାଇଛି। ଏଣୁ ପ୍ରତ୍ୟେକ ଦେଶରେ ସ୍ୱାସ୍ଥ୍ୟକର ଖାଦ୍ୟ ପରିବେଶ ସୃଷ୍ଟି କରିବାକୁ ହେଲେ ଆଇନଗତ ପଦକ୍ଷେପ ଓ ନୀତି ଆପଣାଇବାକୁ ପଡ଼ିବ ବୋଲି ରିପୋର୍ଟରେ କୁହାଯାଇଛି। ସବୁଠାରୁ ବଡ଼ କଥା ହେଉଛି, ମେଦବହୁଳତା ଅପପୁଷ୍ଟି ଯୋଗୁ କମ୍ ଓଜନ ରହୁଥିବା ପିଲାଙ୍କ ସମସ୍ୟାକୁ ମଧ୍ୟ ବଳିଯାଇଛି। ପିଲାମାନଙ୍କ ସମ୍ପର୍କରେ ଏଭଳି ରିପୋର୍ଟ ନିଶ୍ଚିତ ଭାବେ ଚିନ୍ତା ଉଦ୍ରେକକାରୀ।

ଭାରତ ପରିପ୍ରେକ୍ଷୀରେ ଦେଖିଲେ ପିଲାଙ୍କଠାରେ ମେଦବହୁଳତା ମଧ୍ୟ ବହୁଳମାତ୍ରାରେ ଦୃଶ୍ୟମାନ ହେଉଛି। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ (ଏନ୍ଏଫ୍ଏଚ୍ଏସ୍) ତଥ୍ୟକୁ ଦେଖିଲେ ୨୦୦୫ରୁ ୨୦୨୧ ମଧ୍ୟରେ ୫ ବର୍ଷରୁ କମ୍ ପିଲାଙ୍କ କ୍ଷେତ୍ରରେ ୧୨୭ ପ୍ରତିଶତ ମେଦବହୁଳତା ବୃଦ୍ଧି ପାଇଥିବା ବେଳେ ୫ରୁ ୧୯ ବର୍ଷ ବୟସ ମଧ୍ୟରେ ଏହା ଝିଅଙ୍କ କ୍ଷେତ୍ରରେ ଦୁଇଗୁଣା ଓ ପୁଅଙ୍କ କ୍ଷେତ୍ରରେ ୩ ଗୁଣ ବଢ଼ିଯାଇଛି। ୟୁନିସେଫ୍ ରିପୋର୍ଟକୁ ଦେଖିଲେ ୨୦୩୦ ସୁଦ୍ଧା ବିଶ୍ୱ ମେଦବହୁଳତାର ୧୧ ପ୍ରତିଶତ ପିଲା ଓ କିଶୋର ଭାରତରେ ଦେଖାଦେବେ। ଦେଖିବାକୁ ଗଲେ ଅନେକ ଦଶନ୍ଧି ଧରି କ୍ଷୁଧା ଓ ଅପପୁଷ୍ଟି ସହ ବୟସ ଅନୁଯାୟୀ ପିଲାଙ୍କ ଶାରୀରିକ ଓ ମାନସିକ ବିକାଶ ହେଉ ନ ଥିବାରୁ ସରକାରୀ ସ୍ତରରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। ସମ୍ଭବତଃ କେବଳ ଖାଦ୍ୟ ନୁହେଁ, ଶାରୀରିକ କାର୍ଯ୍ୟ କରିବାକୁ ଅମଙ୍ଗ ହେଉଥିବା ପିଲାମାନେ ଏହିଭଳି ମୋଟା ହୋଇଯାଉଛନ୍ତି। ନିକଟରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର ମନ୍ତ୍ରଣାଳୟ ସ୍କୁଲ ଓ ସାର୍ବଜନୀନ ସ୍ଥାନରେ ପ୍ରସ୍ତୁତ ଖାଦ୍ୟ ଯଥା ସିଙ୍ଗଡ଼ା, କଚୋଡ଼ି, ପିଜା, ବର୍ଗର, ଜିଲାପି ଏବଂ ଗୋଲାପଜାମୁ ଆଦିରେ କେତେ ଚିନି ଓ ଫ୍ୟାଟ୍ବା ଚର୍ବି ଅଂଶ ରହୁଛି, ସେ ସମ୍ପର୍କିତ ବୋର୍ଡ କିମ୍ବା ଡିଜିଟାଲ ପୋଷ୍ଟର ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏତେ ସବୁ ସତ୍ତ୍ୱେ ତାହାର ସୁଫଳ ମିଳିବା କଷ୍ଟକର ହେଉଛି ଏଇଥିପାଇଁ ଯେ ପିଲା, କିଶୋର ଏପରିକି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଖାଦ୍ୟାଭ୍ୟାସ ବଦଳିବାରେ ଲାଗିଛି। ବିଶେଷକରି ସ୍ଥାୟୀ ବଜାର, ଘର ନିକଟରେ ଉପଲବ୍ଧ ଦୋକାନ ଓ ଅନ୍‌ଲାଇନ୍ ମାଧ୍ୟମରେ ଖାଦ୍ୟ ଯୋଗାଣକାରୀ କମ୍ପାନୀ ସହଜରେ ପାଟି ସୁଆଦିଆ ଖାଦ୍ୟ ଦେଉଥିବାରୁ ପିଲାମାନେ ସେସବୁ ଦ୍ୱାରା ପ୍ରଭାବିତ ହୋଇଯାଉଛନ୍ତି। ମାତାପିତା ମଧ୍ୟ ସେସବୁ ଖାଦ୍ୟରେ କେଉଁ ଉପାଦାନ ରହୁଛି, ତାହାକୁ ନ ପରଖି ପିଲାଙ୍କୁ ଦେଉଥିବାରୁ ମେଦବହୁଳତା ବଢ଼ୁଥିବା ଖାଦ୍ୟ ବିଶେଷଜ୍ଞମାନେ କହୁଛନ୍ତି। କୋହଳ ନିୟମ ଯୋଗୁ ଅନେକ ପ୍ରକ୍ରିୟାକୃତ ଖାଦ୍ୟ ପ୍ରସ୍ତୁତକାରୀ କମ୍ପାନୀ ଅଧିକ ବିକ୍ରିକୁ ଅନିଷା କରି ଖାଦ୍ୟରେ ମିଶାଉଥିବା ଚିନି, ଲୁଣ ଓ ଫ୍ୟାଟ୍ ପରିମାଣ ଉପରେ ଯାଞ୍ଚ କରୁଥିବା ଭଳି ଦେଖାଯାଉନାହିଁ। ଏହାବ୍ୟତୀତ ବାହାରେ ଉପଲବ୍ଧ ବିଭିନ୍ନ ପ୍ରକାରର ଜଙ୍କ୍‌ଫୁଡ୍ ପିଲାଙ୍କ ସ୍ୱାସ୍ଥ୍ୟ ବିଗାଡ଼ି ଚାଲିଛି। ଭାରତ ମାନସିକ ସ୍ତରରେ ଏକ ଦରିଦ୍ର ରାଷ୍ଟ୍ର ହୋଇଥିବାରୁ ଅଭିଭାବକମାନେ ସବୁବେଳେ ମୋଟାସୋଟା ପିଲାଙ୍କୁ ଗୁଲୁଗୁଲିଆ ବୋଲି ଅଧିକ ନିକଟତର କରିବା ସହ ପ୍ରୋତ୍ସାହନ ଦେଇଥାଆନ୍ତି। ପିଲାଦିନରୁ ମୋଟା ହେବାର ଲକ୍ଷଣ ଦିଶିଯିବା ପରେ ପିଲାଙ୍କୁ ଅଧିକ ଶାରୀରିକ କ୍ରୀଡ଼ାରେ ଭାଗ ନେବା ପାଇଁ ଉତ୍ସାହିତ କରିବା ସହିତ ତାହାର ଖାଦ୍ୟରୁ ଚିନି ଏବଂ ଚର୍ବିଜାତୀୟ ଉପାଦାନକୁ ଅଲଗା କରିଦେବା ହେଉଛି ମାତାପିତାଙ୍କର ଦାୟିତ୍ୱ। ମୋଟା ହେଉଥିବା ପିଲା ପରବର୍ତ୍ତୀ ସମୟରେ ଅଧିକ ମୋଟା ହେବାର ସବୁ ସମ୍ଭାବନା ରହିଛି। ତାହାକୁ ରୋକିବା ହେଉଛି ପରିବାରର ଦାୟିତ୍ୱ। ହେଲେ ବାହାରକୁ ଖେଳିବାକୁ ନ ଦେଇ ମାତାପିତା ପଢ଼ାକୁ ଗୁରୁତ୍ୱ ଦେଉଥିବାରୁ ପିଲାମାନେ ଶାରୀରିକ ଦୃଷ୍ଟିରୁ ଫିଟ୍ ହେଉନାହାନ୍ତି, ଯାହା ମେଦବହୁଳତାର ଅନ୍ୟତମ କାରଣ ହୋଇଗଲାଣି। ଏଭଳି ସମସ୍ୟା ପିଲାଙ୍କଠାରେ ଲାଗି ରହିଲେ ଭାରତ ଭବିଷ୍ୟତରେ ଏକ ଅସୁସ୍ଥ ଓ ମୋଟାଦେଶ ଭାବେ ଗଢ଼ିଉଠିବ, ଯାହାର ସାମାଜିକ କୁପ୍ରଭାବ ଉଭୟ ଅର୍ଥନୀତି ଓ ସମାଜ ଉପରେ ପଡ଼ିବ।

> **ମେଦବହୁଳତା ସମସ୍ୟା ପିଲାଙ୍କଠାରେ ଲାଗି ରହିଲେ ଭାରତ ଭବିଷ୍ୟତରେ ଏକ ଅସୁସ୍ଥ ଓ ମୋଟାଦେଶ ଭାବେ ଗଢ଼ିଉଠିବ, ଯାହାର ସାମାଜିକ କୁପ୍ରଭାବ ଉଭୟ ଅର୍ଥନୀତି ଓ ସମାଜ ଉପରେ ପଡ଼ିବ।**

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 5 | | | | | 8 | | |
| | | | | | | | | |
| | 6 | | 3 | | 7 | 4 | 1 | |
| | | | 4 | | | | | 2 |
| | | | | 5 | 8 | 1 | | |
| | | | | | 3 | 5 | 6 | 8 |
| 7 | | | | | | | | |
| | | 9 | | | 5 | 3 | | |
| | | 2 | 9 | | | | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 2 | 5 | 8 | 4 | 6 | 3 | 7 | 9 |
| 8 | 7 | 4 | 3 | 1 | 9 | 5 | 6 | 2 |
| 9 | 3 | 6 | 2 | 5 | 7 | 8 | 4 | 1 |
| 7 | 1 | 2 | 4 | 3 | 5 | 6 | 9 | 8 |
| 6 | 8 | 3 | 7 | 9 | 1 | 4 | 2 | 5 |
| 5 | 4 | 9 | 6 | 8 | 2 | 1 | 3 | 7 |
| 3 | 6 | 7 | 1 | 2 | 8 | 9 | 5 | 4 |
| 4 | 9 | 1 | 5 | 7 | 3 | 2 | 8 | 6 |
| 2 | 5 | 8 | 9 | 6 | 4 | 7 | 1 | 3 |

ଗତକାଲିର ଉତ୍ତର

# ଏକ୍ ପେଡ୍ ମା'କେ ନାମ୍: ମା'ଙ୍କୁ ସମ୍ମାନ, ପରିବେଶକୁ ସୁରକ୍ଷା



ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ

ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ୭୫ତମ ଜନ୍ମ ଦିବସ ସାରା ଭାରତରେ ପାଳନ ହେଉଛି। ଏହି ଅବସରରେ ରାଜନୈତିକ ଦଳ, ରାଜ୍ୟ ସରକାର, ବିଭିନ୍ନ ସାମାଜିକ ଅନୁଷ୍ଠାନ ନାନା ପ୍ରକାରେ ଏହି ଦିନକୁ ପାଳନ କରୁଛନ୍ତି। ଏହି ଦିନ କେବଳ ଏକ ଜନ୍ମୋତ୍ସବ ଭାବେ ପାଳନ ହେଉନାହିଁ, ଆଜିର ଦିନରେ ଅନେକ ବିକାଶମୂଳକ କାର୍ଯ୍ୟକ୍ରମ ବିଭିନ୍ନ ସଂସ୍ଥା, ସରକାର ଓ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଆୟୋଜନ ହେଉଛି।

ଓଡ଼ିଶାରେ ବି ଭାରତୀୟ ଜନତା ପାର୍ଟି ପକ୍ଷରୁ ଅନେକ କାର୍ଯ୍ୟକ୍ରମ ଆୟୋଜନ ହେଉଛି। ସରକାରୀ ସ୍ତରରେ ଓଡ଼ିଶା ସରକାର ଏହାକୁ ପାଳନ କରୁଛନ୍ତି, ଯାହା ମଧ୍ୟରେ ସବୁଠାରୁ ଉଲ୍ଲେଖନୀୟ ହେଉଛି, ଆଜି ଗୋଟିଏ ଦିନରେ ସାରା ରାଜ୍ୟରେ ୭୫ ଲକ୍ଷ ଚାରାରୋପଣ କରାଯାଉଛି। ଏହି କାର୍ଯ୍ୟକ୍ରମ 'ଏକ ପେଡ୍ ମା' କେ ନାମ ୨.୦' ଅଭିଯାନ ଅନ୍ତର୍ଗତ କରାଯାଉଛି।

'ଏକ ପେଡ୍ ମା' କେ ନାମ' କାର୍ଯ୍ୟକ୍ରମ ମାନନୀୟ ପ୍ରଧାନମନ୍ତ୍ରୀ ଗତବର୍ଷ 'ବିଶ୍ୱ ପରିବେଶ ଦିବସ' ଅବସରରେ ୫ ଜୁନ, ୨୦୨୪ ଦିନ ଦିଲ୍ଲୀର ବୁଦ୍ଧ ଜୟନ୍ତୀ ପାର୍କରେ ଏକ ଚାରା ରୋପଣ କରି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମ କେବଳ ଗଛ ଲଗାଇବା ନୁହେଁ, ସରକାରୀ ସ୍ତରରେ ବି ତ ବିଭିନ୍ନ ବିଭାଗ ଦ୍ୱାରା ବୃକ୍ଷରୋପଣ କରାଯାଉଛି। ଏହି କାର୍ଯ୍ୟକ୍ରମର ଅନ୍ତର୍ନିହିତ ବାର୍ତ୍ତା ଥିଲା,'ମା' କୁ ସମ୍ମାନ ଦେବା ଏବଂ ପରିବେଶ ସୁରକ୍ଷାକୁ ଏକ ଜନ ଆନ୍ଦୋଳନରେ ପରିଣତ କରିବା'। ଖୁବ୍ ଅଳ୍ପ ସମୟ ଭିତରେ ଏହି ଉଭୟ ଲକ୍ଷ୍ୟ ପୂରଣ ହୋଇଥିଲା। ମାତ୍ର ଚାରିମାସ ମଧ୍ୟରେ, ଅର୍ଥାତ୍ ୨୪ ସେପ୍ଟେମ୍ବର ୨୦୨୪ ସୁଦ୍ଧା ୮୦ କୋଟି ଚାରାରୋପଣ ଧାର୍ଯ୍ୟଲକ୍ଷ୍ୟ ପୂରଣ ହୋଇଥିଲା। ଏହି କାର୍ଯ୍ୟକ୍ରମ କେବଳ ସରକାରୀ ସ୍ତରରେ ସୀମିତ ନ ହୋଇ ସାଧାରଣ ଲୋକଙ୍କ ସହଭାଗିତାରେ ସମ୍ପନ୍ନ ହୋଇଥିଲା। ଯଦିଓ ଓଡ଼ିଶାରେ ନୂତନ ସରକାର ଶାସନକୁ ଆସିଥିଲା, ଆମ ରାଜ୍ୟ ମଧ୍ୟ ୫ କୋଟିର ଧାର୍ଯ୍ୟଲକ୍ଷ୍ୟ ବଦଳରେ ୬.୭୨ କୋଟି ଚାରାରୋପଣ କରିବାରେ ସମର୍ଥ ହୋଇଥିଲା। ଏହା ସଫଳ ହୋଇଥିଲା ରାଜ୍ୟବାସୀଙ୍କ ଅକୁଣ୍ଠ ସମର୍ଥନ ପାଇଁ।

ଚଳିତବର୍ଷ ମାନନୀୟ ପ୍ରଧାନମନ୍ତ୍ରୀଙ୍କ କେବଳ ୭୫ତମ ଜନ୍ମ ବର୍ଷ ନୁହେଁ, ସଂଯୋଗବଶତଃ ଏ ବର୍ଷ ସାରା ଦେଶ ୭୫ତମ ଗଣତାନ୍ତ୍ରିକ ବାର୍ଷିକୀ ପାଳନ କରୁଛି। ସ୍ୱାଧୀନତା ପରବର୍ତ୍ତୀ ଭାରତରେ ଜନ୍ମିତ ପ୍ରଥମ ପ୍ରଧାନମନ୍ତ୍ରୀ ଭାବେ ମୋଦୀ ଜୀ ଗତ ଏଗାର ବର୍ଷ ଧରି ନୀରବଚ୍ଛିନ୍ନ ଭାବେ ଦେଶକୁ ଦୃଢ଼, ସ୍ୱଚ୍ଛ, ପ୍ରଭାବୀ ସୁଶାସନ ପ୍ରଦାନ କରୁଛନ୍ତି। ଏହି ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ଶାସନ କାଳରେ ଭାରତର ପ୍ରଗତି ନୂତନ ଶିଖରକୁ ଛୁଇଁବାରେ ସମର୍ଥ ହୋଇଛି। ସାମାଜିକ, ରାଜନୈତିକ, ଅର୍ଥନୈତିକ, ସାମରିକ ଓ ବୈଦେଶିକ, ପ୍ରତ୍ୟେକ କ୍ଷେତ୍ରରେ ଭାରତ ନିଜକୁ ପ୍ରତିପାଦନ କରିବାରେ ସମର୍ଥ ହୋଇଛି। ଆଜି ଆମ ଦେଶ ଚତୁର୍ଥ ବୃହତ୍ତମ ଅର୍ଥନୀତି ଏବଂ ଖୁବ୍‌ଶୀଘ୍ର ତୃତୀୟ ଅର୍ଥନୀତି ହେବାକୁ ଯାଉଛି। ଏହି ଅର୍ଥନୈତିକ ପ୍ରଗତି ଦେଶର ପ୍ରତି ଲୋକଙ୍କ ଜୀବନରେ ସୁଖ, ସ୍ୱଚ୍ଛନ୍ଦ ଆଣିବାରେ ସମର୍ଥ ହୋଇଛି। ସାଧାରଣ ଲୋକଙ୍କ ପାଇଁ ପ୍ରଧାନମନ୍ତ୍ରୀଙ୍କ ଆନ୍ତରିକତାର ସବୁଠାରୁ ସଦ୍ୟତମ ପ୍ରମାଣ ହେଉଛି, 'ନୂତନ ଜିଏସ୍‌ଟି ସଂସ୍କାର', ଯାହା ପ୍ରାୟ ୯୫ ପ୍ରତିଶତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟ ଆସନ୍ତା ୨୨ ତାରିଖରୁ ହ୍ରାସ ହେବାକୁ ଯାଉଛି।

ଗତ ଏଗାର ବର୍ଷରେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଚାଲିଥିବା କେନ୍ଦ୍ର ସରକାରଙ୍କ ସଫଳତାର କାହାଣୀ ବହୁତ ଲମ୍ବା। କିନ୍ତୁ ଏହିସବୁ କାର୍ଯ୍ୟକ୍ରମର ଗୋଟିଏ ଦିଗ ହେଉଛି, 'ମହିଳାଙ୍କ ପ୍ରତି ସମ୍ମାନ'। ସାରା ଭାରତବର୍ଷ ଦେଖିଛି ଯେ, ମାନନୀୟ ପ୍ରଧାନମନ୍ତ୍ରୀ ଏବଂ ତାଙ୍କ ମାତା ଜୀଙ୍କ ମଧ୍ୟରେ ନିବିଡ଼ ମମତାମୟ ସମ୍ପର୍କ। ଅନେକ ସମୟରେ ବିଭିନ୍ନ ମଞ୍ଚରେ ପ୍ରଧାନମନ୍ତ୍ରୀ ନିଜ ମାତା ଜୀଙ୍କ ସଂଘର୍ଷମୟ ଜୀବନ ବିଷୟରେ ଉଲ୍ଲେଖ କରିଛନ୍ତି। ତେଣୁ ମୋଦୀ ଜୀ କାର୍ଯ୍ୟକାରୀ କରିଥିବା ଅନେକ ଯୋଜନାରେ ଦେଶର ଗରିବ ମହିଳାଙ୍କ ସଂଘର୍ଷର କାହାଣୀର ଛାପ ଦେଖିବାକୁ ମିଳେ।

ଦେଶର ଶାସନ ଦାୟିତ୍ୱ ସମ୍ଭାଳିବା ପରେ ପ୍ରଥମ ସ୍ୱାଧୀନତା ଦିବସ ଉପଲକ୍ଷେ ଅର୍ଥାତ୍ ୧୫ ଅଗଷ୍ଟ ୨୦୧୪ ଦିନ ଲାଲକିଲ୍ଲାର ପ୍ରାଚୀରରୁ 'ସ୍ୱଚ୍ଛ ଭାରତ'ର ଡାକରା ଦେଇଥିଲେ। ଘରେ ଶୌଚାଳୟ ଅଭାବରୁ ସେ ସମୟରେ ଦେଶର ପ୍ରାୟ ଅର୍ଦ୍ଧାଧିକ ଗ୍ରାମାଞ୍ଚଳ ଲୋକେ ଖୋଲାରେ ଶୌଚ ହେଉଥିଲେ, ଯଦ୍ୱାରା ସବୁଠାରୁ ଅସୁବିଧାର ସମ୍ମୁଖୀନ ହେଉଥିଲେ ମହିଳାମାନେ। ଏହାକୁ ଦୃଷ୍ଟିରେ ରଖି 'ସ୍ୱଚ୍ଛ ଭାରତ'ର ପରିକଳ୍ପନା କରିଥିଲେ ମୋଦୀ ଜୀ, ଯାହାର ଫଳ ସ୍ୱରୂପ ଆଜି ଦେଶରେ ୯୫ ପ୍ରତିଶତରୁ ଅଧିକ ପରିବାରଙ୍କ ପାଖରେ ନିଜସ୍ୱ ଶୌଚାଳୟ ଅଛି ଏବଂ ତାକୁ ସେମାନେ ବ୍ୟବହାର କରୁଛନ୍ତି। ମହିଳାଙ୍କ ସମ୍ମାନ ରକ୍ଷା ଦିଗରେ ଏହା ଏକ ସାର୍ଥକ ପଦକ୍ଷେପ ଥିଲା।

ନିଜ ମା'ଙ୍କ ସଂଘର୍ଷମୟ ଜୀବନରୁ ଶିକ୍ଷା ନେଇ ପ୍ରଧାନମନ୍ତ୍ରୀ ଆରମ୍ଭ କରିଥିଲେ 'ଉଜ୍ଜ୍ୱଳା ଯୋଜନା'। ପରିବାର ପାଇଁ ଖାଦ୍ୟ ପ୍ରସ୍ତୁତ କଲାବେଳେ କିପରି ତାଙ୍କ ମାତାଙ୍କ ଆଖିରୁ ଧାର ଧାର ଲୁହ ବୋହି ଯାଉଥିଲା, ସେ ତାକୁ ଅନେକ ସମୟରେ ଉଲ୍ଲେଖ କରିଛନ୍ତି। ଦେଶର ଆଉ କେହି ମା' ଏପରି ପରିସ୍ଥିତିକୁ ସାମ୍ନା ନ କରନ୍ତୁ, ସେଥିପାଇଁ ପ୍ରଧାନମନ୍ତ୍ରୀ ଆରମ୍ଭ କରିଥିଲେ 'ଉଜ୍ଜ୍ୱଳା ଯୋଜନା'। ରୋଷଘରୁ କାଠ କୋଇଲା ପରି ହାନିକାରକ ଜାଳେଣି ବଦଳରେ ସ୍ୱଚ୍ଛ ରନ୍ଧନ ଗ୍ୟାସ୍ ପ୍ରଦାନ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା। ଆଜି ଦେଶରେ ପ୍ରାୟ ୩୨ କୋଟି ୮୩ ଲକ୍ଷ ପରିବାର ପାଖରେ ଏଲ୍‌ପିଜି ରନ୍ଧନ ଗ୍ୟାସ୍ ସୁବିଧା ଅଛି। ମା'ମାନଙ୍କୁ ଧୂଆଁମୁକ୍ତ ରୋଷଶାଳା ପ୍ରଦାନ କରିବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ସଫଳ ହୋଇଛନ୍ତି।

ଏହି ଦୁଇଟି କାର୍ଯ୍ୟକ୍ରମ ମା'ମାନଙ୍କ ପାଇଁ କାର୍ଯ୍ୟକାରୀ କରାଯାଉଥିବା ଅନେକ ଯୋଜନା ମଧ୍ୟରୁ କେବଳ ଉଦାହରଣ। ପ୍ରଧାନମନ୍ତ୍ରୀଙ୍କ ସବୁ ପ୍ରକାର ବିକାଶ କାର୍ଯ୍ୟଧାରାରେ ମହିଳା କଲ୍ୟାଣ ସବୁବେଳେ ସର୍ବାଗ୍ରେ ରହିଥାଏ। ସାମାଜିକ ଓ ଅର୍ଥନୈତିକ ବିକାଶ ସହିତ ରାଜନୈତିକ ସଶକ୍ତୀକରଣ ପାଇଁ 'ନାରୀ ଶକ୍ତି ବନ୍ଦନ ଅଧିନିୟମ' ପାରିତ କରାଯାଇଛି, ଯାହା ଫଳରେ ୨୦୨୯ ପରେ ମହିଳାମାନେ ବିଧାନସଭା ଓ ଲୋକ ସଭାରେ ଅତିକମ୍‌ରେ ୩୩ ପ୍ରତିଶତ ପ୍ରତିନିଧିତ୍ୱ ପାଇବେ।

ପ୍ରଧାନମନ୍ତ୍ରୀ ମୋଦୀ ଜୀଙ୍କ ମାତୃଶକ୍ତି ପ୍ରତି ସମ୍ମାନ ଧାରାରେ 'ଏକ ପେଡ୍ ମା' କେ ନାମ' କାର୍ଯ୍ୟକ୍ରମକୁ ଦେଖିବା ଆବଶ୍ୟକ। ନିଜ ଆତ୍ମୀୟ ସ୍ୱଜନଙ୍କ ସ୍ମୃତିଚାରଣ ପାଇଁ ହେଉ କିମ୍ବା ମା'ଙ୍କ ପ୍ରତି ନିଜର ଶ୍ରଦ୍ଧା ପ୍ରତିପାଦନ କରିବା ପାଇଁ ଆମେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ କରିଥାଉ। ବର୍ତ୍ତମାନ ସମୟରେ ମା'ଙ୍କ ମହତ୍ତ୍ୱ ପାଇଁ 'ମାତୃ ଦିବସ' ବି ପାଳନ କରାଯାଉଛି। କିନ୍ତୁ ବୋଧହୁଏ ସବୁଠାରୁ ପ୍ରକୃଷ୍ଟ ଏବଂ ଯଥାର୍ଥ ମାର୍ଗ ହେଉଛି ମା'ଙ୍କ ସ୍ମୃତି ହେଉ କିମ୍ବା ମା'ଙ୍କୁ ନିଜର ଭଲପାଇବା ଓ ସମ୍ମାନକୁ ଜଣାଇବା ପାଇଁ ତାଙ୍କ ନାଁରେ ଗଛଟିଏ ଲଗାଇବା। ମା'ଙ୍କ ନାମରେ ଲଗାଯାଇଥିବା ଗଛର ଯତ୍ନ ନେଲେ ଏହା ବଡ଼ ହୋଇ ମା' ପରି ଶୀତଳଛାୟା ସହିତ ଫଳ ପୁଷ୍ପ ପ୍ରଦାନ କରିବ। ତେଣୁ ପ୍ରଧାନମନ୍ତ୍ରୀଙ୍କ ପରିକଳ୍ପିତ 'ମା' ପାଇଁ ଗଛଟିଏ' ଅର୍ଥାତ୍ 'ଏକ ପେଡ୍ ମା' କେ ନାମ' କାର୍ଯ୍ୟକ୍ରମ ମା' ଓ ସନ୍ତାନଙ୍କ ମଧ୍ୟରେ ଥିବା ଅନାବିଳ ଓ ମମତାମୟୀ ସମ୍ପର୍କକୁ ସୂଚାଇଥାଏ।

ଏହି କାର୍ଯ୍ୟକ୍ରମର ଆବେଗ ବ୍ୟତୀତ ଏହା ମଧ୍ୟରେ ଅନ୍ତର୍ନିହିତ ଥିବା ପରିବେଶ ସୁରକ୍ଷାର ଲକ୍ଷ୍ୟକୁ ଏଡ଼ାଇ ଦେଇ ହେବ ନାହିଁ। ସାମ୍ପ୍ରତିକ ପରିସ୍ଥିତିରେ ବୋଧହୁଏ ସାରା ବିଶ୍ୱ ଆଜି ପରିବର୍ତ୍ତନଶୀଳ ଜଳବାୟୁ ପରିବର୍ତ୍ତନ ଏବଂ ପ୍ରଦୂଷଣ ସମସ୍ୟାର ସମ୍ମୁଖୀନ ହେଉଛି। ତେଣୁ ଏହାର ସୁରକ୍ଷା କରିବା ପାଇଁ ଅନେକ କାର୍ଯ୍ୟକ୍ରମ ବିଭିନ୍ନ ସରକାର, ଅନୁଷ୍ଠାନ ଦ୍ୱାରା କରାଯାଉଛି। ବୃକ୍ଷରୋପଣ ଏକ ଉପଯୁକ୍ତ ମାଧ୍ୟମ ପରିବେଶ ସୁରକ୍ଷା ପାଇଁ। କିନ୍ତୁ ସରକାରୀ ସ୍ତରରେ ଯେତେ ଉଦ୍ୟମ ହେଲେ ସୁଦ୍ଧା ଯେ ପର୍ଯ୍ୟନ୍ତ ନାଗରିକମାନେ ସ୍ୱତଃପ୍ରବୃତ୍ତ ଭାବେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିନାହାନ୍ତି, ସେତେ ପର୍ଯ୍ୟନ୍ତ ପରିବେଶ ସୁରକ୍ଷା ସମ୍ଭବ ହେବ ନାହିଁ।

ତେଣୁ ନାଗରିକଙ୍କୁ କୌଣସି ଅଭିଯାନରେ ସାମିଲ କରିବା ପାଇଁ ପ୍ରଧାନମନ୍ତ୍ରୀ ହେଉଛନ୍ତି ସର୍ବଶ୍ରେଷ୍ଠ ଆମ୍ବାସାଡର। ତାଙ୍କର ଆହ୍ୱାନ ଏହି କାର୍ଯ୍ୟକ୍ରମକୁ ନୂଆ ରୂପରେଖ ଦେଇଛି। ତେଣୁ ପ୍ରଧାନମନ୍ତ୍ରୀଙ୍କ ୭୫ତମ ଜନ୍ମ ଦିବସରେ ତାଙ୍କୁ ଯଥାର୍ଥ ଶୁଭେଚ୍ଛା ଜଣାଇବା ପାଇଁ ଆଜି ୭୫ ଲକ୍ଷ ଚାରାରୋପଣ କରାଯାଉଛି। ଯଦିଓ ସରକାରୀ ସହାୟତାରେ ଏହି ଅଭିଯାନ କରାଯାଉଛି, ଏହି କାର୍ଯ୍ୟକ୍ରମର ଅଗ୍ରଭାଗରେ ଅଛନ୍ତି ସାଧାରଣ ଜନତା, ସ୍ୱେଚ୍ଛାସେବୀ ସଙ୍ଗଠନ ତଥା ରାଜ୍ୟର କୋଟି କୋଟି ମା'ମାନେ। 'ଏକ ପେଡ୍ ମା' କେ ନାମ ୨.୦' ଅନ୍ତର୍ଗତ ଚଳିତବର୍ଷ ଓଡ଼ିଶାରେ ସାଢ଼େ ସାତ କୋଟି ଚାରାରୋପଣ କରାଯାଉଛି। ଆଜିର ଏହି ସାମୂହିକ ଚାରାରୋପଣ ଏହି କାର୍ଯ୍ୟକ୍ରମର ଏକ ଅଂଶ ବିଶେଷ।

ଆଜି ଜଙ୍ଗଲ ବିଭାଗ ୧୫ ଲକ୍ଷ, ପଞ୍ଚାୟତିରାଜ ୩୪ ଲକ୍ଷ, କୃଷି ବିଭାଗ ୨୩ ଲକ୍ଷ, ଶିଳ୍ପ ବିଭାଗ ୧୫ ଲକ୍ଷ, କେନ୍ଦ୍ରୀୟ ପାରାମିଲିଟାରୀ ଫୋର୍ସ ୨ ଲକ୍ଷ ୨୦ ହଜାର ଓ ବ୍ୟାଙ୍କଗୁଡ଼ିକ ୨ ଲକ୍ଷ ଚାରାରୋପଣ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ରାଜ୍ୟର ପ୍ରାୟ ୪୦ ହଜାର ଉଚ୍ଚ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୫ ଲକ୍ଷ ଛାତ୍ରୀଛାତ୍ର, ୧ ହଜାର କଲେଜର ୧ ଲକ୍ଷ ଛାତ୍ରୀଛାତ୍ର ଅତି ଉତ୍ସାହର ସହ ରୋପଣରେ ସାମିଲ ହେଉଛନ୍ତି। ଏହି ପ୍ରୟାସକୁ ସଫଳ କରିବା ପାଇଁ ୨ ଲକ୍ଷ ଶିକ୍ଷୟିତ୍ରୀ ଶିକ୍ଷକ, ୧ ଲକ୍ଷ କଲେଜ ସ୍ୱେଚ୍ଛାସେବୀ, ୭୬ ହଜାର ଅଙ୍ଗନୱାଡ଼ି କର୍ମୀ, ୧୭ ହଜାର ୫୦୦ ବନ ସୁରକ୍ଷା ସମିତି, ପରିବେଶ ଉନ୍ନୟନ କମିଟି ସଭ୍ୟାସଭ୍ୟ, ୧୭ ହଜାର ଆଶାକର୍ମୀ, ୧୬ ହଜାର ୫୦୦ ମାଇଁ ଭାରତ ସ୍ୱେଚ୍ଛାସେବୀ ଓ ୧୦ ହଜାର ଇକୋ-କ୍ଲବ ଅଣ୍ଟା ଭିଡ଼ିଛନ୍ତି।

ଚାରାରୋପଣ କରିବା ସହିତ ଏହି ଚାରାଗୁଡ଼ିକର ଯତ୍ନ ନେବା ପାଇଁ ବ୍ୟବସ୍ଥା କରାଯାଇଛି, ଯଦ୍ୱାରା ଏହା କେବଳ ଏକ ଇଭେଣ୍ଟ ମ୍ୟାନେଜ୍‌ମେଣ୍ଟ ହୋଇ ରହିବ ନାହିଁ। ତେଣୁ ରାଜ୍ୟବାସୀ ନିଜ ନିଜ ସ୍ତରରେ ଚାରାରୋପଣ ପରେ ଏହାର ଯତ୍ନ ନେବା ଉଚିତ।

ଏହା ଅନସ୍ୱୀକାର୍ଯ୍ୟ ଯେ, ମା'ଙ୍କ ସମ୍ମାନ ରକ୍ଷା ପାଇଁ ପ୍ରଧାନମନ୍ତ୍ରୀ ମୋଦୀ ଜୀ କେବେ ବି ସାଲିସ କରିନାହାନ୍ତି। 'ଅପରେଶନ ସିନ୍ଦୂର' ଏହାର ଜ୍ୱଳନ୍ତ ପ୍ରମାଣ। ଗତ ୨୩ ବର୍ଷ ହେଲା ସକ୍ରିୟ ରାଜନୀତି ମାଧ୍ୟମରେ ମୋଦୀ ଜୀ ଦେଶର ସେବା କରିଆସୁଛନ୍ତି। ତେଣୁ ଓଡ଼ିଶା ସରକାରଙ୍କ ଏହି କାର୍ଯ୍ୟକ୍ରମ ତାଙ୍କ ଜନ୍ମଦିନ ପାଳନ ପାଇଁ ଏକ ସାର୍ଥକ ଓ ପ୍ରକୃଷ୍ଟ ଉଦ୍ୟମ।

ପ୍ରଧାନମନ୍ତ୍ରୀଙ୍କ ୭୫ତମ ଜନ୍ମ ଦିବସ ଉପଲକ୍ଷେ ସାରା ଓଡ଼ିଶାବାସୀଙ୍କ ପକ୍ଷରୁ ମୁଁ ମୋଦୀ ଜୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଉଛି। ପ୍ରଭୁ ଜଗନ୍ନାଥ ତାଙ୍କୁ ଦୀର୍ଘ ଓ ନିରାମୟ ଜୀବନ ପ୍ରଦାନ କରନ୍ତୁ ଏବଂ ମା' ଭାରତୀର ସେବା କରିବା ପାଇଁ ନୂତନ ଶକ୍ତି, ନୂତନ ଉଦ୍ଦୀପନା ପ୍ରଦାନ କରନ୍ତୁ।

# ସ୍ୱଦେଶୀ ଜ୍ଞାନକୌଶଳ



ବିଭୂତି ଭୂଷଣ ବେହେରା

ଗାନ୍ଧୀଙ୍କର ସ୍ୱଦେଶୀ ଆନ୍ଦୋଳନ ଡାକରା, ବିଦେଶୀ ଜିନିଷ ହଟାଅ ଦେଶ ବଞ୍ଚାଅ ପରାଧୀନ ଭାରତର ସେତେବେଳେ ଯୁବଗୋଷ୍ଠୀକୁ ଏକ ନୂଆ ଦିଶା ମିଳିଥିଲା। ଆଜି ବି ସରକାରଙ୍କ ଆହ୍ୱାନ ବିଦେଶୀ ଜିନିଷ ହଟାଅ, ବିକଶିତ ଭାରତ ବନାଅ। ୭୯ତମ ସ୍ୱାଧୀନତା ଦିବସରେ ଭାରତର ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ସମ୍ବୋଧନ କରି କହିଥିଲେ- ଭାରତ ଆଜି, ସୋଲାର ଏନର୍ଜୀ ଉତ୍ପାଦନ, ନ୍ୟୁ କ୍ଲିୟର ଏନର୍ଜୀ ପ୍ରଗତି ପାଇଁ ଦ୍ରୁତ ଗତିରେ କାମ କରୁଛି। ସ୍ପେସ୍ ସେକ୍ଟର ବିକାଶ ପାଇଁ ଭାରତର ଯୁବକମାନେ ୩୦୦ ଷ୍ଟାର୍ଟଅପ ନିର୍ମାଣ କରିଛନ୍ତି। ମେକ୍ ଇନ୍ ଇଣ୍ଡିଆ ଦ୍ୱାରା ଫାଇଟର ଜେଟ୍ ଇଞ୍ଜିନର ତିଆରି ଯୋଜନା ଚାଲିଛି। ଆଇଟି କ୍ଷେତ୍ର ହେଉ କି ଇଣ୍ଟେଲିଜେନ୍ସ କ୍ଷେତ୍ରରେ ଭାରତ ସ୍ୱଦେଶୀ ଜ୍ଞାନକୌଶଳ ବ୍ୟବହାର କରି ଦେଶର ସୁରକ୍ଷା ବଢ଼ାଇଛି ଏବଂ ଦେଶର ଯୁବପିଢ଼ିଙ୍କୁ ଆତ୍ମନିର୍ଭର ହୁଅନ୍ତୁ ବୋଲି ସମ୍ବୋଧନ କଲେ। ବିଦେଶୀ ଜିନିଷ ପ୍ରତି ଆକୃଷ୍ଟ ହେବା ଅପେକ୍ଷା ଆମ ଦେଶର ଜିନିଷ ପ୍ରତି ଆଗ୍ରହ ସୃଷ୍ଟି କରନ୍ତୁ।

ଲକ୍ଷ୍ନୌ ସହରରେ ପଢ଼ିବା ସମୟର ଏକ କାହାଣୀ। ଦିନକର କଥା, ବଜାରରୁ ପରିବା କିଣିବା ସମୟରେ ମୋ ସାଥିରେ ଥିବା ବନ୍ଧୁଜଣଙ୍କ ପଚାରିଲେ, ଭାଇ ଆପଣ କାହିଁକି ହାଟର ବୁଢ଼ୀଲୋକଙ୍କଠାରୁ ପରିବା କିଣିଲେ। ଆପଣ ଚାହିଁଥିଲେ ହାଟର ଅନ୍ୟମାନଙ୍କଠାରୁ ବା ଫ୍ରେଶ୍ ମାର୍ଟ ବା ଆମାଜନ୍‌ରୁ ପରିବା କିଣିପାରିଥାନ୍ତେ। ଏହାର କାରଣ କ'ଣ? ମୁଁ କହିଲି, ଆପଣ ଦେଖିଥିବେ ବୁଢ଼ୀ ମାଆଟି ସଂଘର୍ଷ କରୁଛି। ଅନୁଭବ କଲି, ପରିବା ବିକିଲେ ତା' ପରିବାରର ଭୋକ ମେଣ୍ଟିବ। ସେଥିପାଇଁ ମୁଁ ଚିନ୍ତା କଲି ଅନ୍ୟମାନଙ୍କଠାରୁ ଜିନିଷ କିଣିବା ଅପେକ୍ଷା ବୁଢ଼ୀ ଲୋକଟାଠାରୁ ପରିବା କ୍ରୟ କରି ଅଧିକ ଦୁଇଟଙ୍କା ନେଲେ ମଧ୍ୟ ଭଲ। ଅନ୍ୟକୁ ହାତପାତି ଭିକ ମାଗିବା ଅପେକ୍ଷା ନିଜେ ସ୍ୱାବଲମ୍ବୀ ହୋଇପାରିଛି। ଏହା ଆମମାନଙ୍କ ପାଇଁ ଚିନ୍ତା, ଚେତନା ଓ ସଚେତନ ହେଉ।

ଭାରତ ଆଜି ସ୍ୱାବଲମ୍ବୀ ରାସ୍ତାରେ ଅବତୀର୍ଣ୍ଣ। ଏ କଥା ଆମେ କହୁନୁ, ଅପରେଶନ ସିନ୍ଦୂର କୁହେ। ମିଶାଇଲେ ମାଡ଼ରେ ଧରାଶାୟୀ ହୋଇଥିଲା ପାକିସ୍ତାନର ଅନେକ ଆତଙ୍କୀ ଆଡ୍ଡା। ଏହି ମିଶାଇଲ ଭାରତ ନିର୍ମିତ ସ୍ୱଦେଶୀ ମିଶାଇଲ। ରୁଷିଆରେ ନିର୍ମିତ ଏସ୍-୪୦୦ କ୍ଷେପଣାସ୍ତ୍ରକୁ ପୁଣି ଭାରତରେ



ନିଜସ୍ୱ ଅତ୍ୟାଧୁନିକ ସ୍ୱଦେଶୀ ଜ୍ଞାନ କୌଶଳରେ ସ୍ୱତନ୍ତ୍ର ଭାବେ ନିର୍ମାଣ କରାଯାଇଛି। ଏହି କ୍ଷେପଣାସ୍ତ୍ର ଭାରତର ସୁଦର୍ଶନଚକ୍ର ଭାବରେ ଜଣାଶୁଣା। ଭାରତକୁ ବିକଶିତ ରାଷ୍ଟ୍ର ରୂପେ ଦେଖିବାକୁ ହେଲେ ସ୍ୱାବଲମ୍ବୀ ହେବାର ସମୟ ଆସିଛି। ୧୪୦ କୋଟିରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଦେଶ ଭାରତ। ପ୍ରେସ ଇନ୍‌ଫର୍ମେଶନ ବ୍ୟୁରୋ (ପିଆଇବି) ରିପୋର୍ଟ ଅନୁଯାୟୀ ଦେଶରେ ଯୁବପିଢ଼ି ୬୬% ରହିଛନ୍ତି। ଏହି ଯୁବପିଢ଼ି ଯଦି ନିଜ ଜ୍ଞାନ ଦ୍ୱାରା ନିଜେ ସ୍ୱାବଲମ୍ବୀ ହୋଇ ସ୍ୱଦେଶୀ ଜିନିଷ ବ୍ୟବହାର ପାଇଁ ଆଗ୍ରହ ସୃଷ୍ଟି କରେ, ତେବେ ଖୁବ୍ କମ୍ ସମୟ ଭିତରେ ଭାରତ ଏକ ବିକଶିତ ଦେଶ ଭାବେ ପରିଣତ ହେବ। ବିଶ୍ୱରେ ଭାରତର ଜିଡିପି ଏବେ ଚତୁର୍ଥ ସ୍ଥାନରେ ରହିଛି। ସ୍ୱଦେଶୀ ଦ୍ରବ୍ୟର ବ୍ୟବହାର ଓ ଉତ୍ପାଦନ ଦ୍ୱାରା ଭାରତ ପ୍ରଥମ ହୋଇପାରିବ। ସ୍ୱଦେଶୀ ଦ୍ୱାରା ଯୁବକମାନଙ୍କୁ ରୋଜଗାର ମିଳିବ, ସାଧାରଣ ଗରିବ ଲୋକଟିର ଆର୍ଥିକ ସ୍ଥିତି ସବଳ ହେବ। ଠିକ ସମୟରେ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ମିଳିବ ଓ ମୂଲ୍ୟ କମ୍ ରହିବ। ରାଜ୍ୟ ବାହାରକୁ ଯାଉଥିବା ପ୍ରବାସୀ ଶ୍ରମିକମାନଙ୍କର ଚାଲଣା କମିବ। ଗାଁରେ ରହୁଥିବା ପରିବାରର ଅଭାବ ଦୂର ହେବ। ଭାରତକୁ ନାଲିଆଖି ଦେଖାଉଥିବା ଆମେରିକା ପରି ସମୃଦ୍ଧ ରାଷ୍ଟ୍ରଗୁଡ଼ିକର ଆର୍ଥିକ ସ୍ଥିତି ମେରୁଦଣ୍ଡ ଭାଙ୍ଗି ପଡ଼ିବ। ସେଥିପାଇଁ ଏକ ଶକ୍ତିଶାଳୀ ସାମାଜିକ, ସାଂସ୍କୃତିକ ଭାବନା ବିକାଶ ପାଇଁ ଅହରହ ଚେଷ୍ଟା କରାଯିବା ଉଚିତ। ଲୋକମାନଙ୍କ ମଧ୍ୟରେ ଜାଗରଣ ଓ ସ୍ୱାବଲମ୍ବୀ ଭାବନା ସୃଷ୍ଟି କରିବା ଦରକାର। ଦେଶରେ ସ୍ୱଦେଶୀ ଏକ ଜନ ଆନ୍ଦୋଳନରେ ପରିଣତ ହେଉ ଏହା ସରକାରଙ୍କ ଲକ୍ଷ୍ୟ। ଏହି ଲକ୍ଷ୍ୟ କେବଳ 'ଭାରତର ଜୟ'। ଭାରତ ଜୟର ଅର୍ଥ, ଦେଶରେ ବସବାସ କରୁଥିବା ଲୋକମାନଙ୍କ ସଂପୂର୍ଣ୍ଣ ବିକାଶ ; ବିଶ୍ୱର ଅନ୍ୟ ଦେଶମାନଙ୍କୁ ମାର୍ଗ ଦର୍ଶନ ଏବଂ ସର୍ବେ ଭବନ୍ତୁ ସୁଖିନଃ ସର୍ବେ ସନ୍ତୁ ନିରାମୟାଃ ର ବାର୍ତ୍ତା। ସ୍ୱଦେଶୀ ଆମମାନଙ୍କ ଜୀବନ ପରିବର୍ତ୍ତନର ବାହକ ହେଉ ଏବଂ ପୂଜାପାର୍ବଣରୁ ଆରମ୍ଭ ହେଉ ସ୍ୱଦେଶୀ ଦ୍ରବ୍ୟର ବ୍ୟବହାର।

**ଗଣମାଧ୍ୟମ ଗବେଷଣା ଛାତ୍ର,**
**କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ,**
**କୁନ୍ଦେଲା, ଗୁଜରାଟ**
**ମୋ: ୮୦୧୮୨୯୩୧୮୦**

## ଏଇ ଭାରତରେ

ମହିଳା ସବୁବେଳେ ସଶକ୍ତ। ସୁଯୋଗ ପାଇଲେ ସେମାନେ ସବୁ କ୍ଷେତ୍ରରେ ଶକ୍ତି ପ୍ରଦର୍ଶନ କରିପାରିବେ, ଯାହା ଦେଖିବାକୁ ମିଳିଛି ସୁନ୍ଦରବନରେ ଥିବା ଟାଇଗର ୱିଡୋଜ୍(ବାଘ ଆକ୍ରମଣରେ ମୃତ୍ୟୁମୁଖରେ ପଡ଼ିଥିବା ପୁରୁଷଙ୍କ ସ୍ତ୍ରୀ)ଙ୍କ କ୍ଷେତ୍ରରେ। ସାଧାରଣତଃ ପୁରୁଷମାନେ ହେନ୍ତାଳବନରୁ ମହୁ ସଂଗ୍ରହ ପାଇଁ ଯାଇ ବାଘ ଆକ୍ରମଣରେ ପ୍ରାଣ ହରାଇବା ଫଳରେ ଘରେ ବିଧବା ସ୍ତ୍ରୀଙ୍କୁ ପରିବାର ବୋଝ ବୋହିବାକୁ ହୋଇଥାଏ। ସେମାନଙ୍କୁ ସରକାର ଯୋଗାଇ ଦେଇଥିବା କିଛି ଟଙ୍କା ଓ ଖାଦ୍ୟସାମଗ୍ରୀରେ ସେମାନେ ବଞ୍ଚିରହିପାରିବେ, କିନ୍ତୁ ସାମଗ୍ରିକ ଭାବେ ସାମାଜିକ ସ୍ତରରେ ସେମାନେ ଅଣଦେଖା ହୋଇ ରହିଯାଉଥିବା ଲକ୍ଷ୍ୟ କରିଥିଲେ ନୀତି ଗୋୟଲ। ଏଭଳି ୫୦୦ ଟାଇଗର ୱିଡୋଜଙ୍କୁ ସ୍ଥାୟୀ ଭାବେ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ଲାଗି ମାଛଚାଷ କରିବା ଲାଗି ନୀତି ପ୍ରୋତ୍ସାହିତ କରୁଛନ୍ତି। ଏବେ ସେମାନେ ମାଛଚାଷ କରି ପରିବାର ଚଳାଉଛନ୍ତି। ଏବେ ମହିଳାମାନେ ସୁନ୍ଦରବନ ନିକଟବର୍ତ୍ତୀ ଅଞ୍ଚଳରେ ଥିବା ହୋଟେଲଗୁଡ଼ିକୁ ମାଛ ଯୋଗାଇ ଭଲ ରୋଜଗାର କରୁଛନ୍ତି। ସମଗ୍ର ସୁନ୍ଦରବନ ଅଞ୍ଚଳରେ ମୋଟ ୩୦୦୦ ଟାଇଗର ୱିଡୋଜ୍ ରହିଛନ୍ତି। ନୀତି ସେମାନଙ୍କୁ ପର୍ଯ୍ୟାୟକ୍ରମେ ସଶକ୍ତ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି।

## ଚିରନ୍ତନୀ

କିପାଁ ଏସନ କାତର କରୁଣ ଚାହାଣି
କାହିଁପାଇଁ ଏ ଗଭୀର ଖେଦ ?
ମାତ୍ର ଏକ ନିଶାର ବିଚ୍ଛେଦ !
ସାମାନ୍ୟ ସେ ବ୍ୟବଧାନ ନ ହୁଏ କି ସହି
ଏ ମରତ-ପରବାସେ ରହି ?
-(ଚକ୍ରବାକ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଐତିହ୍ୟ ଗ୍ରାମ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଉ

ମହାଶୟ,

ପ୍ରାୟ ଅର୍ଦ୍ଧ ଶତକ ଧରି ସରକାର ଓଡ଼ିଶା ସାହିତ୍ୟ ଏକାଡେମୀ ଦେଶପ୍ରାଣ ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ଜୟନ୍ତୀ ବୀରପ୍ରତାପପୁରରେ ପାଳନ କରି ଆସୁଛି। ଏବେ ହଠାତ୍ କୃପାସିନ୍ଧୁଙ୍କ ଜନ୍ମସ୍ଥାନ ବୀରହରେକୃଷ୍ଣପୁରକୁ କୃପାସିନ୍ଧୁ ସ୍ମୃତି ବିଜଡ଼ିତ ଐତିହ୍ୟ ଗ୍ରାମ ମାନ୍ୟତା ଦେଇ ସରକାର ବୀରପ୍ରତାପପୁରକୁ ଐତିହ୍ୟ ଗ୍ରାମ ଭାବେ ବିବେଚିତ ହେବାରୁ ବଞ୍ଚିତ କରିଛନ୍ତି। ଆଜିପର୍ଯ୍ୟନ୍ତ ଗ୍ରାମର ପ୍ରବେଶ ସ୍ଥଳରେ କୃପାସିନ୍ଧୁଙ୍କ ଆବକ୍ଷ ପ୍ରତିମୂର୍ତ୍ତି ଅଛି। ଏବେ ମାନ୍ୟତା ପରିବର୍ତ୍ତନ ଦାରା ଗ୍ରାମବାସୀଙ୍କୁ ଅପମାନିତ କରାଯାଇଛି। କୃପାସିନ୍ଧୁଙ୍କ ବାସଗୃହ ଏବେ ମଧ୍ୟ ଅତୀତର ସ୍ମାରକୀ ଭାବେ ଗ୍ରାମରେ ବିଦ୍ୟମାନ। ସରକାରୀ ସ୍ତରରେ ଐତିହ୍ୟ ସ୍ଥଳର ଏଭଳି ଦାୟିତ୍ୱବହୀନ ଠିକଣା ପରିବର୍ତ୍ତନ ନିନ୍ଦନୀୟ ଓ ଦୁର୍ଭାଗ୍ୟଜନକ। ଏହାର ବିରୋଧକରି ଗ୍ରାମବାସୀଙ୍କ ତରଫରୁ ତଥା ଗ୍ରାମର କୃପାସିନ୍ଧୁ ସ୍ମୃତି ସମିତି ପକ୍ଷରୁ ଜିଲାପାଳଙ୍କ ନିକଟରେ ଅଭିଯୋଗ ଦାଖଲ କରାଯାଇଛି । ପୁରୀ ଜିଲା ସଂସ୍କୃତି ଅଧିକାରୀଙ୍କୁ ଭେଟି ଏକ ପ୍ରତିନିଧି ଦଳ ତାଙ୍କର ସହଯୋଗ ଲୋଡ଼ିଛନ୍ତି। ପ୍ରଶାସନିକ ଉଦାସୀନତା ଗ୍ରାମବାସୀଙ୍କୁ ଆବେଗିକ ସ୍ତରରେ ଆଘାତ ଦେଇଛି। ଏହାର ସମାଧାନରେ ବିଳମ୍ବ କିମ୍ବା ଅନ୍ୟାୟୋଚିତ ନିର୍ଣ୍ଣୟ ଜନଅସନ୍ତୋଷକୁ ବିସ୍ଫୋରକ ପରିଣତି ଆଡ଼କୁ ନେଇଯିବା ସ୍ୱାଭାବିକ୍।

-ଡ. ଚିତ୍ତରଞ୍ଜନ ମିଶ୍ର ବୀରପ୍ରତାପପୁର, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଅପ୍ରତିଦ୍ୱନ୍ଦ୍ୱୀ ଜନନାୟକ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ୭୫ ବର୍ଷ ବୟସରେ ପଦାର୍ପଣ କରିଛନ୍ତି। ତାଙ୍କ ନେତୃତ୍ୱରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ୨୦୧୪, ୨୦୧୯ ଏବଂ ୨୦୨୪ ସାଧାରଣ ନିର୍ବାଚନରେ ବିଜୟୀ ହୋଇଛି। ମାତ୍ର ୮ ବର୍ଷ ବୟସରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ସହ ଜଡ଼ିତ ହୋଇଥିବା ମୋଦି ଗତ ପ୍ରାୟ ୪ ଦଶନ୍ଧି ଧରି ପ୍ରତ୍ୟକ୍ଷ ରାଜନୀତିରେ ସକ୍ରିୟ ରହିଛନ୍ତି। ଜଣେ ଅପ୍ରତିଦ୍ୱନ୍ଦ୍ୱୀ ଜନନାୟକ ଭାବେ ସେ ନିଜକୁ ପ୍ରତିପାଦିତ କରିପାରିଛନ୍ତି। କୌଣସି ଅଣକଂଗ୍ରେସ ଦଳର ନେତା ଭାବେ ସର୍ବାଧିକ ସମୟ ଧରି ପ୍ରଧାନମନ୍ତ୍ରୀ ପଦରେ ଅବସ୍ଥାପିତ ଥିବା ମୋଦି ୧୯୮୫ରେ ଭାରତୀୟ ଜନତା ପାର୍ଟି (ଭାଜପା)ରେ ଯୋଗଦେଇଥିଲେ। ତାଙ୍କ ନେତୃତ୍ୱରେ ଦେଶର ପ୍ରଥମ ଅଣକଂଗ୍ରେସ ଦଳ ଭାବେ ଭାଜପା ୨୦୧୪ ଏବଂ ୨୦୧୯ ଲୋକ ସଭା ନିର୍ବାଚନରେ ପୂର୍ଣ୍ଣ ବହୁମତ ହାସଲ କରିଥିଲା।

## ଲଗାତର ୧୩ ବର୍ଷର ମୁଖ୍ୟମନ୍ତ୍ରୀ

ନରେନ୍ଦ୍ର ମୋଦି ୨୦୦୧ରୁ ୨୦୧୪ ପର୍ଯ୍ୟନ୍ତ ଲଗାତର ୧୩ ବର୍ଷ ଧରି ଗୁଜରାଟ ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ନେତୃତ୍ୱରେ ଗୁଜରାଟରେ ଭାଜପା ୨୦୦୨, ୨୦୦୭, ୨୦୧୨ ବିଧାନସଭା ନିର୍ବାଚନରେ ବିଜୟୀ ହୋଇଥିଲା। ଏହି ୩ ବିଧାନସଭା ନିର୍ବାଚନରେ ମୋଦିଙ୍କ ନେତୃତ୍ୱରେ ଭାଜପା ଗୁଜରାଟର ୧୮୨ ଆସନରୁ ଯଥାକ୍ରମେ ୧୨୭, ୧୧୭ ଏବଂ ୧୧୫ ଆସନରେ ବିଜୟୀ ହୋଇଥିଲା। ତେବେ ମୁଖ୍ୟମନ୍ତ୍ରୀ ଥିବା ସମୟରେ ୨୦୦୨ରେ ଗୋଧ୍ରା ନରସଂହାରକୁ ନେଇ ମୋଦି ବିବାଦ ଘେରକୁ ଆସିଥିଲେ। ଏହି ମାମଲାରେ ମୋଦିଙ୍କୁ ଅଭିଯୁକ୍ତ ଦର୍ଶାଇ ଦାଏର ହୋଇଥିବା ପିଟିଶନକୁ ସୁପ୍ରିମକୋର୍ଟ ୨୦୨୨ରେ ଖାରଜ୍ କରିବା ସହ ମୋଦିଙ୍କୁ କ୍ଲିନ୍‌ଚିଟ୍ ପ୍ରଦାନ କରିଥିଲେ। ତେବେ ୨୦୧୪ ଲୋକ ସଭା ନିର୍ବାଚନରେ ଭାଜପାକୁ ପୂର୍ଣ୍ଣ ବହୁମତ ମିଳିବା ପରେ ମୋଦି ଗୁଜରାଟ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ।

## ମୁଖ୍ୟମନ୍ତ୍ରୀ ଥାଇ ହେଲେ ଭାଜପା ପ୍ରଧାନମନ୍ତ୍ରୀ ପ୍ରାର୍ଥୀ

୨୦୧୨ରେ ମୋଦିଙ୍କ ନେତୃତ୍ୱରେ ତୃତୀୟ ଥର ପାଇଁ ଗୁଜରାଟରେ ଭାଜପାକୁ ସଫଳତା ମିଳିବା ପରେ ୨୦୧୪ ଲୋକ ସଭା ନିର୍ବାଚନ ପାଇଁ ତାଙ୍କୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ କରିବାକୁ ଭାଜପା ଭିତରେ ଦାବି ଉଠିଥିଲା। ୨୦୧୩ ଜୁନ୍‌ରେ ମୋଦିଙ୍କୁ ଭାଜପାର ସର୍ବୋଚ୍ଚ ନିର୍ଣ୍ଣୟକାରୀ ସଂସ୍ଥା ସଂସଦୀୟ ବୋର୍ଡରେ ସାମିଲ କରାଯାଇଥିଲା। ଏହାସହ ତାଙ୍କୁ ଦଳର ନିର୍ବାଚନ ପ୍ରଚାର କମିଟିର ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଥିଲା। ୨୦୧୩ ସେପ୍ଟେମ୍ବର ୧୨ରେ ଭାଜପାର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବେ ମୋଦିଙ୍କ ନାମକୁ ଦଳର ତତ୍କାଳୀନ ରାଷ୍ଟ୍ରୀୟ ଅଧ୍ୟକ୍ଷ ରାଜନାଥ ସିଂ ଘୋଷଣା କରିଥିଲେ। ମୋଦି ଗୁଜରାଟ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ନ ଦେଇ ୨୦୧୪ ଲୋକ ସଭା ନିର୍ବାଚନ ପାଇଁଭାଜପା ପ୍ରଚାରର ମଙ୍ଗ ଧରିଥିଲେ। ୨୦୧୪ ମେ’ ୨୬ରେ ସେ ପ୍ରଥମ ଥର ପାଇଁ ଭାରତର ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଥିଲେ।

## ଆର୍‌ଏସ୍‌ଏସ୍ ପ୍ରଚାରକରୁ ଗୁଜରାଟ ମୁଖ୍ୟମନ୍ତ୍ରୀ

୧୯୭୫ ଜୁନ୍‌ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଦେଶରେ ଏମର୍ଜେନ୍ସି ଲାଗୁ କରିଥିଲେ। ଏହି ସମୟରେ ଜନସଂଘ ସମେତ ବିରୋଧୀ ଦଳଗୁଡ଼ିକର ବରିଷ୍ଠ ନେତାମାନଙ୍କୁ ଜେଲରେ ଭର୍ତ୍ତି କରାଯାଇଥିଲା। ବରିଷ୍ଠ ନେତାମାନଙ୍କ ଅନୁପସ୍ଥିତିରେ ଗୁଜରାଟର ବିରୋଧୀ ଦଳଗୁଡ଼ିକ ମଧ୍ୟରେ ଏକତା ସମନ୍ୱୟ ପାଇଁ ଆରଏସ୍‌ଏସ୍ ପକ୍ଷରୁ ମୋଦିଙ୍କୁ ଗୁଜରାଟ ଲୋକ ସଂଘର୍ଷ ସମିତିର ସାଧାରଣ ସମ୍ପାଦକ ଭାବେ ନିଯୁକ୍ତ କରାଯାଇଥିଲା। ଏହି ସମୟରେ ସେ ଏମର୍ଜେନ୍ସିକୁ ନେଇ ‘ସଂଘର୍ଷ ମା ଗୁଜରାଟ’ ନାମକ ଏକ ଗୁଜରାଟୀ ପୁସ୍ତକ ଲେଖିଥିଲେ। ୧୯୭୮ରେ ସେ ଗୁଜରାଟର ଭଦୋଦରା ଏବଂ ସୁରଟ ପାଇଁ ଆର୍‌ଏସ୍‌ଏସ୍‌ର ସମ୍ଭାଗ ପ୍ରଚାରକ (ଆଞ୍ଚଳିକ ସଙ୍ଗଠନ) ଭାବେ ନିଯୁକ୍ତ ହୋଇଥିଲେ। ୧୯୭୯ରେ ସେ ଆର୍‌ଏସ୍‌ଏସ୍ ପାଇଁ କାର୍ଯ୍ୟ କରିବାକୁ ଦିଲ୍ଲୀ ଆସିଥିଲେ। ୧୯୮୫ରେ ମୋଦି ଗୁଜରାଟ ଫେରି ଭାଜପାରେ ସକ୍ରିୟ ହୋଇଥିଲେ। ୧୯୮୭ରେ ଅହମଦାବାଦ ପୌର ନିର୍ବାଚନରେ ଭାଜପାର ବିପୁଳ ବିଜୟରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିଲା। ୧୯୮୭ର ଶେଷଭାଗରେ ସେ ଗୁଜରାଟ ଭାଜପାର ସଙ୍ଗଠନ ସମ୍ପାଦକ ଭାବେ ନିଯୁକ୍ତ ହୋଇଥିଲେ। ୧୯୯୦ରେ ସେ ଭାଜପା ଜାତୀୟ ନିର୍ବାଚନ କମିଟିର ସଦସ୍ୟ ହୋଇଥିଲେ। ୧୯୯୦ରେ ପୂର୍ବତନ ଉପପ୍ରଧାନମନ୍ତ୍ରୀ ଲାଲକୃଷ୍ଣ ଆଡଭାନୀଙ୍କ ରାମ ରଥ ଯାତ୍ରା ଏବଂ ୧୯୯୧ରୁ ୧୯୯୨ ମଧ୍ୟରେ ତତ୍କାଳୀନ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ମୁରଲୀ ମନୋହର ଯୋଶୀଙ୍କ ଏକତା ଯାତ୍ରାରେ ମୋଦିଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ୧୯୯୫ ଗୁଜରାଟ ବିଧାନସଭା ନିର୍ବାଚନରେ ମୋଦିଙ୍କ ନିର୍ବାଚନୀ ରଣନୀତି ଭାଜପାକୁ ଜିତାଇବାରେ ସହାୟକ ହୋଇଥିଲା। ସେହିବର୍ଷ ନଭେମ୍ବରରେ ସେ ଭାଜପା ରାଷ୍ଟ୍ରୀୟ ସମ୍ପାଦକ ଭାବେ ନିଯୁକ୍ତ ହୋଇଥିଲେ। ୨୦୦୧ରେ ଗୁଜରାଟର ଭୁଜ୍‌ରେ ପ୍ରଳୟଙ୍କରୀ ଭୂକମ୍ପ ହୋଇଥିଲା। ଏହି ଭୂକମ୍ପ ଯୋଗୁ ରାଜ୍ୟରେ ହୋଇଥିବା ବ୍ୟାପକ କ୍ଷୟକ୍ଷତିକୁ ଦୃଷ୍ଟିରେ ରଖି ତତ୍କାଳୀନ ଗୁଜରାଟ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା କେଶୁଭାଇ ପଟେଲ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। କେଶୁଭାଇଙ୍କ ପରେ ଭାଜପା ରାଷ୍ଟ୍ରୀୟ ନେତୃତ୍ୱ ଗୁଜରାଟ ମୁଖ୍ୟମନ୍ତ୍ରୀ ଭାବେ ମୋଦିଙ୍କ ନାମକୁ ଘୋଷଣା କରିଥିଲେ। ୨୦୦୧ ଅକ୍ଟୋବର ୩ରେ ସେ ପ୍ରଥମ ଥର ପାଇଁ ଗୁଜରାଟ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ।



## ବାଲ୍ୟଜୀବନ ଓ ଶିକ୍ଷା:

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୯୫୦ ସେପ୍ଟେମ୍ବର ୧୭ରେ ଗୁଜରାଟର ମେହଶାଣା ଜିଲାର ବଡ଼ନଗରରେ ଜନ୍ମଗ୍ରହଣ କରିଥିଲେ। ଦାମୋଦର ଦାସ ମୋଦି ଏବଂ ହୀରା ବେନ୍‌ଙ୍କର ସେ ତୃତୀୟ ସନ୍ତାନ ଥିଲେ। ମୋଦି ଓ ତାଙ୍କ ପଡ଼ୋଶୀଙ୍କ ସୂଚନା ମୁତାବକ ସେ ପିଲାବେଳେ ବଡ଼ନଗର ରେଳଷ୍ଟେଶନରେ ବାପାଙ୍କ ଚା’ ଦୋକାନରେ କାମ କରିଥିଲେ। ୧୯୬୭ରେ ସେ ବଡ଼ନଗରରୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପୂରା କରିଥିଲେ। ମାତ୍ର ୮ ବର୍ଷ ବୟସରେ ସେ ଆର୍‌ଏସ୍‌ଏସ୍ ସହ ଜଡ଼ିତ ହୋଇଥିଲେ। ୧୯୭୧ରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱରେ ଦିଲ୍ଲୀରେ ଜନସଂଘ ପକ୍ଷରୁ ହୋଇଥିବା ସତ୍ୟାଗ୍ରହରେ ସେ ସାମିଲ ହୋଇଥିଲେ। ୧୯୭୮ରେ ମୋଦି ଦିଲ୍ଲୀ ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ୍ ଓପନ୍ ଲର୍ନିଂରୁ ବ୍ୟାଚଲର ଅଫ୍ ଆର୍ଟସ୍ (ବି.ଏ.) ଡିଗ୍ରୀ ହାସଲ କରିଥିଲେ। ୧୯୮୩ରେ ସେ ଗୁଜରାଟ ୟୁନିଭର୍ସିଟିରୁ ରାଜନୀତି ବିଜ୍ଞାନରେ ମାଷ୍ଟର ଅଫ୍ ଆର୍ଟସ୍ (ଏମ୍.ଏ.) ଡିଗ୍ରୀ ହାସଲ କରିଥିଲେ।



## ଦେଶର ପ୍ରଧାନ ସେବକ

୨୦୧୪ ମେ’ ୨୬ରେ ନରେନ୍ଦ୍ର ମୋଦି ଭାରତର ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବା ପରଠୁ ନିଜକୁ ଦେଶର ପ୍ରଧାନ ସେବକ ଭାବେ ସମ୍ବୋଧିତ କରି କାର୍ଯ୍ୟ କରି ଆସୁଛନ୍ତି। ଇତିମଧ୍ୟରେ ସେ ବିଶ୍ୱର ଅନ୍ୟତମ ଅଗ୍ରଣୀ ନେତା ପାଲଟିଛନ୍ତି। ବିଭିନ୍ନ ରାଷ୍ଟ୍ରର ନେତାମାନେ ମୋଦିଙ୍କୁ ଜଣେ ଉତ୍ତମ ବନ୍ଧୁ ଭାବେ ବିବେଚନା କରିଛନ୍ତି। ଏପରି କି ବିଶ୍ୱର ଶୀର୍ଷ ନେତାଙ୍କୁ ନେଇ କରାଯାଇଥିବା ‘ଡେମୋକ୍ରାଟିକ ଲିଡର ଆପ୍ରୁଭାଲ ରେଟିଂ’ରେ ମୋଦି ୭୫% ସମର୍ଥନ ସହ ସର୍ବୋଚ୍ଚ ସ୍ଥାନରେ ରହିଛନ୍ତି।

## ପ୍ରଧାନମନ୍ତ୍ରୀ ମୋଦିଙ୍କ ୧୦ ବଡ଼ ପଦକ୍ଷେପ

ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦି ଦାୟିତ୍ୱ ଗ୍ରହଣ କରିବା ପରେ ଅନେକ ଜନକଲ୍ୟାଣକାରୀ ପଦକ୍ଷେପ ନେଇଛନ୍ତି। ତାଙ୍କ ନୀତିଗୁଡ଼ିକ ଦେଶବାସୀଙ୍କ ଦୈନନ୍ଦିନ ଜୀବନକୁ ପୁନଃ ଆକାର ଦେଇଛି। ସେ କେବଳ ବ୍ୟବସ୍ଥା ନୁହେଁ, ବରଂ ମାନସିକତାରେ ପରିବର୍ତ୍ତନ ଘଟାଇଛନ୍ତି ।

**୧. ୟୁପିଆଇ ଓ ଡିଜିଟାଲ ପେମେଣ୍ଟ**
ୟୁପିଆଇ ଦ୍ୱାରା ପଥପାର୍ଶ୍ୱ ବିକ୍ରେତାମାନେ ଏବେ ପ୍ରତ୍ୟେକ ବିକ୍ରୟକୁ ଏକ ଟ୍ୟାପ୍ ସହିତ ଟ୍ରାକ୍ କରନ୍ତି। କାରବାର ଏଭଳି ସ୍ତରରେ ପହଞ୍ଚିଛି ଯେ ଭାରତ ରିଅଲ ଟାଇମ୍ ପେମେଣ୍ଟରେ ବିଶ୍ୱର ନିର୍ବିବାଦୀୟ ନେତା ହୋଇଛି। ଏହା ଏବେ ସୀମାପାର ସ୍ଥାନାନ୍ତରକୁ ଶକ୍ତି ପ୍ରଦାନ କରିବା ସହିତ ପ୍ରବାସୀ ପରିବାରମାନେ ଟଙ୍କା ପଠାଇବା ଖର୍ଚ୍ଚରେ ବହୁତ ସଞ୍ଚୟ କରୁଛନ୍ତି।

**୨. ଜନ ଧନ ଆକାଉଣ୍ଟ**
ଅନେକ ଲକ୍ଷ ଲୋକ ବିଶେଷକରି ମହିଳାମାନେ ପ୍ରଥମ ଥର ପାଇଁ ଆର୍ଥିକ ସ୍ୱାଧୀନତା ଅନୁଭବ କରିଛନ୍ତି। ମଜୁରି ଏବଂ ସବ୍‌ସିଡି ସିଧାସଳଖ ଲୋକଙ୍କ ଆକାଉଣ୍ଟରେ ପହଞ୍ଚିବା ସହିତ ପରିବାରଗୁଡ଼ିକ ଆନୁଷ୍ଠାନିକ ବ୍ୟବସ୍ଥାରେ ସଞ୍ଚୟକୁ ସ୍ଥାନାନ୍ତର କରିବା ଆରମ୍ଭ କରିଛନ୍ତି।

**୩. ଫାସ୍‌ଟାଗ୍ ଏବଂ ପରିବହନ ଦକ୍ଷତା**
ଟୋଲ୍ ଗେଟ୍ ନିକଟରେ ଆଉ କୌଣସି ଧାଡ଼ି ଲମ୍ବୁନାହିଁ। ଇନ୍ଧନ ସଞ୍ଚୟ ହୋଇଛି, ଯାତ୍ରା ଦ୍ରୁତତର ହୋଇଛି ଏବଂ ଯୋଗାଣ ଶୃଙ୍ଖଳ ସୁଗମ ହୋଇପାରିଛି। କମ୍ ଲଜିଷ୍ଟିକ୍ସ ଖର୍ଚ୍ଚ ଭାରତର ବାଣିଜ୍ୟ ପ୍ରତିଯୋଗିତାକୁ ବୃଦ୍ଧି କରିଛି।

**୪. ଶସ୍ତା ଡେଟା ଓ ଇଣ୍ଟରନେଟ୍ ପ୍ରବେଶ**
ସୁଲଭ ଇଣ୍ଟରନେଟ୍ ସୁବିଧା ଦେଶର ଛୋଟ ଛୋଟ ସହର ଓ ଗ୍ରାମଗୁଡ଼ିକରେ ବ୍ୟାପକ ପରିବର୍ତ୍ତନ ଆଣିଛି। ଚାଷୀମାନେ ସେମାନଙ୍କ ଫୋନ୍‌ରେ ମଣ୍ଡି ମୂଲ୍ୟ ସହଜରେ ଯାଞ୍ଚ କରିପାରୁଛନ୍ତି, ଛାତ୍ରମାନେ ଅନ୍‌ଲାଇନ କ୍ଲାସରେ ଯୋଗ ଦେଉଛନ୍ତି ଏବଂ ଗ୍ରାମୀଣ ଯୁବକମାନେ କୋଡିଂ ପାଠ୍ୟକ୍ରମରେ ପ୍ରବେଶ କରନ୍ତି। ଏହି ଡିଜିଟାଲ ଲହରୀ ସମ୍ପୂର୍ଣ୍ଣ ନୂତନ ଅର୍ଥନୀତି ସୃଷ୍ଟି କରିବା ସହ ଓଟିଟି ପ୍ଲାଟଫର୍ମରୁ କୃତ୍ରିମ ପ୍ରଜ୍ଞା ଷ୍ଟାର୍ଟଅପ୍ ପର୍ଯ୍ୟନ୍ତ ଭାରତର ପ୍ରତିଭାକୁ ପ୍ରଦର୍ଶିତ କରୁଛି।

**୫. ମେଟ୍ରୋ ସମ୍ପ୍ରସାରଣ**
ଦିଲ୍ଲୀରୁ ବେଙ୍ଗାଲୁରୁ ପର୍ଯ୍ୟନ୍ତ ମେଟ୍ରୋଗୁଡ଼ିକ ହଜିଯାଇଥିବା ସମୟକୁ ଫେରି ପାଇଛନ୍ତି, ଟ୍ରାଫିକ ପୁନଃପ୍ରାପ୍ତ କରିଛନ୍ତି ଓ ପ୍ରଦୂଷଣ ହ୍ରାସ ପାଇଛି। ମେଟ୍ରୋ କରିଡର ସହିତ ରିଅଲ ଇଷ୍ଟେଟ ସମୃଦ୍ଧ ହୋଇଛି। ସହରାଞ୍ଚଳ ଅଭିବୃଦ୍ଧିକୁ ପୁନଃ ଆକାଂକ୍ଷୀ ଭାବରେ ପୁନଃ-ପରିଭାଷିତ କରାଯାଇଛି।


**୬. ଜନ ଔଷଧି କେନ୍ଦ୍ର**
ପରିବାରଗୁଡ଼ିକ ଆଉ ଚିକିତ୍ସା ବିଲ୍ ପାଇଁ ଜୀବନହାନି ଭଳି ସ୍ଥିତିର ସମ୍ମୁଖୀନ ହେଉନାହାନ୍ତି। ଜନ ଔଷଧି କେନ୍ଦ୍ରରୁ ସୁଲଭ ମୂଲ୍ୟରେ ଔଷଧ କିଣାଯାଇପାରୁଛି। ଜେନେରିକ୍‌ର ଚାହିଦା ଭାରତୀୟ ଫାର୍ମାକୁ ‘ବିଶ୍ୱର ଫାର୍ମାସି’ ଭାବରେ ବିଶ୍ୱ ଧାରକୁ ମଜଭୁତ କରିବା ପାଇଁ ମଧ୍ୟ ପ୍ରେରଣା ଦେଇଛି।

**୭. ଡିଜିଲକର ଏବଂ ଇ-ଗଭର୍ନାନ୍ସ**
ଅସଂଖ୍ୟ ଫଟୋକପି ଏବଂ ଲମ୍ବାଧାଡ଼ି ତୁରନ୍ତ ଡିଜିଟାଲ ଯାଞ୍ଚକୁ ପଥ ପ୍ରଦର୍ଶନ କରିଥିଲା। ଏହାକୁ ବ୍ୟବହାର କରି ଉଦ୍ୟୋଗୀମାନେ ଏବେ ଶୀଘ୍ର ଋଣ ପାଇପାରୁଛନ୍ତି ଏବଂ ଏକ ‘କାଗଜବିହୀନ ସଂସ୍କୃତି’ ସ୍କୁଲ ଓ ଘରୋଇ ଫାର୍ମଗୁଡ଼ିକୁ ଡିଜିଟାଲ-ପ୍ରଥମ ଅଭ୍ୟାସ ଆଡ଼କୁ ଟାଣିନେଉଛି।

**୮. ବାଣିଜ୍ୟରେ କ୍ୟୁଆର୍ କୋଡ୍**
ଚା’ ଦୋକାନଠାରୁ ମଲ୍ ପର୍ଯ୍ୟନ୍ତ କ୍ୟୁ.ଆର. କୋଡ୍ ଛୋଟ ଦୋକାନୀଙ୍କୁ ଆର୍ଥିକ ପଦଚିହ୍ନ ଦେଇଛି। ଏହାଦ୍ୱାରା ଋଣ, ବୀମା ଏବଂ ବ୍ୟବସାୟ ଅଭିବୃଦ୍ଧି ଦ୍ୱାର ଉନ୍ମୁକ୍ତ ହୋଇଛି। ବିନା ବାକ୍ୟବ୍ୟୟରେ, କଠୋର ବ୍ୟବସ୍ଥା ବିନା ଟିକସ ଅନୁପାଳନ ବୃଦ୍ଧି ପାଇଛି। ବିଶ୍ୱସ୍ତରରେ ଭାରତ ସୁଲଭ ଆର୍ଥିକ ଅନ୍ତର୍ଭୁକ୍ତୀ ପାଇଁ ଏକ ମଡେଲ ପାଲଟିଯାଇଛି।

**୯. ଗିଗ୍ ଅର୍ଥନୀତି ଅଭିବୃଦ୍ଧି**
ଡିଜିଟାଲ ପ୍ଲାଟଫର୍ମ ବ୍ୟବହାର କରି ଅନେକ ଲକ୍ଷ ଛାତ୍ର, ମହିଳା ଏବଂ ଅର୍ଦ୍ଧ-କୁଶଳୀ ଶ୍ରମିକ ସ୍ୱାଧୀନ ଭାବେ କାର୍ଯ୍ୟ କରି ରୋଜଗାରକ୍ଷମ ହେବା ସହ ଦେଶର ଅର୍ଥନୀତି ବୃଦ୍ଧିରେ ସହାୟକ ହୋଇଛନ୍ତି। ଉଦାହରଣ ସ୍ୱରୂପ, ୧୦-ମିନିଟ ତେଜରାତି ବିତରଣ, ଆପ୍-ଆଧାରିତ କ୍ୟାବ୍ ଏବଂ ଖାଦ୍ୟ ଅର୍ଡରଠାରୁ ଆରମ୍ଭ କରି ବ୍ୟବହାର ଢାଞ୍ଚା, ସହର ଲଜିଷ୍ଟିକ୍ସ ଏବଂ ଏପରିକି ଖାଦ୍ୟ ଅଭ୍ୟାସକୁ ପରିବର୍ତ୍ତନ କରାଯାଇପାରିଛି।


**୧୦. ସାର୍ବଜନୀନ ସେବା ଏବଂ ଆଚରଣଗତ ପରିବର୍ତ୍ତନ**
ମଧ୍ୟସ୍ଥିଙ୍କ ହାତଚିକ୍କଣକୁ ହଟାଇ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ଲୋକଙ୍କ ପାଖରେ ପହଞ୍ଚିଛି। ଲାଞ୍ଚ କିମ୍ବା ବିଳମ୍ବ ବିନା ନାଗରିକଙ୍କ ପାଖରେ ଟଙ୍କା ପହଞ୍ଚିବା ନିଶ୍ଚିତ ହୋଇଛି। ସ୍ୱଚ୍ଛ ଭାରତ ମହିଳାମାନଙ୍କୁ ଶୌଚାଳୟ ଏବଂ ସୁରକ୍ଷା ସହିତ ମର୍ଯ୍ୟାଦା ଦେଇଛି।




ବାଲୁକା କଳା ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ। **(ଫଟୋ: ଯଜ୍ଞେଶ୍ୱର ମହାନ୍ତି)**



# ସଶକ୍ତ ଏବଂ ଆତ୍ମନିର୍ଭର ଭାରତର ଶିଳ୍ପୀ ମୋଦୀ



ଅମିତ ଶାହ
କେନ୍ଦ୍ର ସ୍ୱରାଷ୍ଟ୍ର ଏବଂ ସମବାୟ ମନ୍ତ୍ରୀ

ସେପ୍ଟେମ୍ବର ୧୭ ତାରିଖ ଅନେକ କାରଣରୁ ଇତିହାସରେ ଗୁରୁତ୍ୱପୂର୍ଣ୍ଣ। ଏହି ଦିନରେ ସମସ୍ତ କାରିଗର ବନ୍ଧୁ ଏବଂ ଶ୍ରମିକ ବର୍ଗର ଲୋକମାନେ ହର୍ଷୋଲ୍ଲାସର ସହିତ ଭଗବାନ ବିଶ୍ୱକର୍ମାଙ୍କ ଜୟନ୍ତୀ ପାଳନ କରିଥା'ନ୍ତି। ଆଜିର ଦିନରେ ହାଇଦ୍ରାବାଦ ନିଷ୍ଠୁର ନିଜାମ ଏବଂ ରଜାକାରଙ୍କ କବଳରୁ ମୁକ୍ତି ପାଇଥିଲା। ଆଉ ଆଜିର ଦିନରେ ହିଁ ଏପରି ଜଣେ ଜନସେବକ ଜନ୍ମଗ୍ରହଣ କରିଥିଲେ, ଯିଏ ନିଜର ସମ୍ପୂର୍ଣ୍ଣ ଜୀବନକୁ ଦେଶ ଏବଂ ଦେଶବାସୀଙ୍କୁ ସମର୍ପି ଦେଇଛନ୍ତି। ସେ ଆଉ କେହି ନୁହନ୍ତି, ଆମ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ। ଶ୍ରୀ ମୋଦୀଙ୍କର ଏହି ଜନ୍ମଦିନ ସ୍ୱତନ୍ତ୍ର, କାରଣ ଏହା ତାଙ୍କର ୭୫ତମ ଜନ୍ମଦିନ। ମୁଁ ୧୪୦ କୋଟି ଦେଶବାସୀଙ୍କ ପକ୍ଷରୁ ଶ୍ରୀ ମୋଦୀଙ୍କୁ ଜନ୍ମଦିନର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ଭାରତର ମଜଭୁତ ଭବିଷ୍ୟତ ଲାଗି ଭଗବାନ ତାଙ୍କୁ ଦୀର୍ଘାୟୁ, ସତେଜ ଏବଂ ଉତ୍ତମ ସ୍ୱାସ୍ଥ୍ୟ ପ୍ରଦାନ କରନ୍ତୁ ବୋଲି ପ୍ରାର୍ଥନା କରୁଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ଅନେକ ଦଶନ୍ଧି ହେବ କାମ କରି ମୁଁ ଏହା ଅନୁଭବ କରିପାରିଛି ଯେ ତାଙ୍କର ବ୍ୟକ୍ତିତ୍ୱ ଜଣେ ରାଜନେତାଙ୍କଠାରୁ ବହୁ ଊର୍ଦ୍ଧ୍ୱରେ। ସେ ଜଣେ ସମର୍ପିତ ଏବଂ ଧ୍ୟେୟନିଷ୍ଠ ନେତୃତ୍ୱ ପ୍ରଦାନକାରୀ। ସେ ଏପରି ଜଣେ ନେତା, ଯାହାଙ୍କ ନେତୃତ୍ୱର ଆଧାରରେ ରାଷ୍ଟ୍ରର ଉତ୍ଥାନ ଏବଂ ଜନତାଙ୍କ କଲ୍ୟାଣ ଧ୍ୟେୟବାକ୍ୟ ରୂପେ ବିଦ୍ୟମାନ ରହିଛି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱର ବିଶେଷତ୍ୱ ହେଉଛି ସେ ନିଜ ଶାସନରେ ସମାଜର ସବୁ ବର୍ଗଙ୍କ ଭାଗୀଦାରି ସୁନିଶ୍ଚିତ କରିବାର ଦୃଷ୍ଟିକୋଣ ରଖିଥା'ନ୍ତି। ସମାଜର କୌଣସି ଗୋଟିଏ ବର୍ଗ ଏବଂ ବ୍ୟକ୍ତି ଯେପରି ବିକାଶରୁ ବଞ୍ଚିତ ନ ହେବ, ସେହି ଉଦ୍ଦେଶ୍ୟ ସହିତ ସେ ନୀତି ନିର୍ମାଣ କରନ୍ତି ଏବଂ ସେଗୁଡ଼ିକୁ କାର୍ଯ୍ୟକାରୀ କରିବା ଉପରେ ଜୋର୍ ଦେଇଥା'ନ୍ତି। ସେ ଶାସନକୁ କ୍ଷମତାର ସାଧନ ଭାବେ ନୁହେଁ, ବରଂ ସେବାର ମାଧ୍ୟମ ରୂପେ ବିବେଚନା କରିଥା'ନ୍ତି। ଏହି କାରଣରୁ ତାଙ୍କ ସରକାରରେ ଗରିବ-କଲ୍ୟାଣକୁ କେନ୍ଦ୍ରରେ ରଖାଯାଇ ଅନେକ ଯୋଜନା କେବଳ ଆରମ୍ଭ କରାଯାଇନାହିଁ, ବରଂ ସଫଳତାପୂର୍ବକ ସେଗୁଡ଼ିକର ଲକ୍ଷ୍ୟ ମଧ୍ୟ ହାସଲ କରାଯାଇପାରିଛି।

ଆମେ ସମସ୍ତେ ଦେଖିପାରୁଛୁ, ଜନଧନ ଯୋଜନା ପଚାଶ କୋଟିରୁ ଅଧିକ ଲୋକଙ୍କୁ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ସାମିଲ କରି ଆର୍ଥିକ ଅନ୍ତର୍ଭୁକ୍ତୀକରଣର ନୂଆ କାହାଣୀ ଲେଖିଛି। ଉଜ୍ଜ୍ୱଳା ଯୋଜନା ଘରେ ଘରେ ଧୂଆଁମୁକ୍ତ ଏବଂ ସମ୍ମାନଜନକ ଜୀବନର ବାର୍ତ୍ତା ପହଞ୍ଚାଇଛି। ଆୟୁଷ୍ମାନ ଭାରତ ଗରିବ ଲୋକଙ୍କୁ ସ୍ୱାସ୍ଥ୍ୟ ସୁରକ୍ଷା ଦେଇଥିବା ବେଳେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗରିବ ଲୋକଙ୍କର ନିଜସ୍ୱ ଘର ତୋଳିବାର ସ୍ୱପ୍ନ ପୂରଣ କରିଛି। ମୁଁ ଏପରି ଯୋଜନାର କୌଣସି ହିତାଧିକାରୀଙ୍କ ଆଖିରେ ସନ୍ତୋଷ ଏବଂ ଭରସା ଦେଖିଲେ ଶ୍ରୀ ମୋଦୀଙ୍କ ପ୍ରଶାସନ କିଭଳି ଜନକଲ୍ୟାଣ ଉଦ୍ଦେଶ୍ୟକୁ ତୃଣମୂଳସ୍ତରରେ ସାକାର କରୁଛି ତାହା ବୁଝିପାରିଥାଏ।

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରଚାରକ ରୂପରେ ସେ ଦେଶର ଅନେକ ଭାଗରେ ସମାଜର ପ୍ରତ୍ୟେକ ବର୍ଗଙ୍କ ସହିତ ମତ ବିନିମୟ କରିଥିଲେ। ତାଙ୍କର ତପସ୍ୱୀ ଜୀବନର ଏହା ଏପରି ଏକ ଅଧ୍ୟାୟ ଥିଲା, ଯେଉଁଥିରେ ସେ ଦେଶର ଆତ୍ମାକୁ ଅତି ନିକଟରୁ କେବଳ ଦେଖି ନ ଥିଲେ ବରଂ ଏହାର ଆନ୍ତରିକ ଶକ୍ତି ସହ ନିବିଡ଼ ଭାବେ ପରିଚିତ ହୋଇଥିଲେ। ତାଙ୍କର ଏହି ଅନୁଭବ ତାଙ୍କ ଶାସନର ନୀତି ଏବଂ କାର୍ଯ୍ୟଶୈଳୀରେ ଗରିବ-ବଞ୍ଚିତଙ୍କ ପ୍ରତି ସମବେଦନା ରୂପରେ ପରିଲକ୍ଷିତ ହୋଇଥାଏ। ସଂଘର ପ୍ରଚାରକ ରୂପରେ ଶ୍ରୀ ମୋଦୀ ସଂଗଠନ କଳାର ଗୁଣ ଶିଖିଥିଲେ ଏବଂ ପରେ ବିଜେପି ସଂଗଠନର ଶିଳ୍ପକାର ରୂପରେ ସେ ସାଂଗଠନିକ କାର୍ଯ୍ୟକୁ ଯୁଗୋପଯୋଗୀ କରିବା ଲାଗି ଅନେକ ସଫଳ ନବସୃଜନ ଏବଂ ପ୍ରୟୋଗ କରିଥିଲେ। ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ରୂପରେ ମୋଦୀ ଜୀଙ୍କ ମାର୍ଗଦର୍ଶନ ତଥା ତାଙ୍କର ସାଂଗଠନିକ ଅଭିଜ୍ଞତାକୁ ଜାତୀୟ ସ୍ତରରେ କାର୍ଯ୍ୟକାରୀ କରିବାର ସୁଯୋଗ ପାଇଥିବାରୁ ମୁଁ ନିଜକୁ ଭାଗ୍ୟଶାଳୀ ମନେକରୁଛି।

କଠିନ ପରିସ୍ଥିତିରେ ନିଷ୍ପତ୍ତି ନେବାର କ୍ଷମତାରୁ ହିଁ ଦୃଢ଼ ନେତୃତ୍ୱର ପରିଚୟ ମିଳିଥାଏ। ଏହି ବ୍ୟାପାରରେ ଶ୍ରୀ ମୋଦୀଙ୍କ ନେତୃତ୍ୱ କ୍ଷମତା ଭିନ୍ନ ଏକ ଲୁହାରେ ନିର୍ମିତ। ପ୍ରାୟତଃ ମୁଁ ଦେଖିଛି ଯେ, ଅତି କଠିନରୁ କଠିନ ପରିସ୍ଥିତିରେ ମଧ୍ୟ ସେ ଅସାଧାରଣ ଧୈର୍ଯ୍ୟ ଏବଂ ସ୍ପଷ୍ଟ ଦୃଷ୍ଟିକୋଣ ରଖିଥା'ନ୍ତି। ୨୦୧୪ ପରେ ଏପରି ଅନେକ ମୁହୂର୍ତ୍ତ ଆସିଛି, ଯେତେବେଳେ ଦେଶକୁ ବଡ଼ ଏବଂ କଠୋର ନିଷ୍ପତ୍ତି ନେବାକୁ ପଡ଼ିଛି। ଏଭଳି ସମସ୍ତ ପରିସ୍ଥିତିରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ନେତୃତ୍ୱର ସୂତ୍ରକୁ ଅତ୍ୟନ୍ତ ଦୃଢ଼ତା ଏବଂ ଦକ୍ଷତାର ସହିତ ଧରି ରଖିଛନ୍ତି ତଥା ରାଷ୍ଟ୍ର ହିତ ପାଇଁ ଅନୁକୂଳ ନିଷ୍ପତ୍ତି ନେଇଛନ୍ତି। ବିମୁଦ୍ରୀକରଣ ଏବଂ ଜିଏସ୍‌ଟି ଭଳି ପଦକ୍ଷେପ ଆର୍ଥିକ ସଂସ୍କାରକୁ ଗତିଶୀଳ କରି ଆମ ଅର୍ଥ ବ୍ୟବସ୍ଥାରେ ଏକ ନୂଆ ଅଧ୍ୟାୟ ଯୋଡ଼ିଛି। ଅନୁଚ୍ଛେଦ ୩୭୦ର ଐତିହାସିକ ଉଚ୍ଛେଦ ଶହ ଶହ ବର୍ଷ ଧରି ମନେରଖିବା ଭଳି ଏକ ଘଟଣା। ଏହି ନିଷ୍ପତ୍ତି କେବଳ ରାଜନୈତିକ ସାହସ ଆଧାରିତ ନୁହେଁ, ବରଂ ରାଷ୍ଟ୍ରୀୟ ଏକତା ଓ ଅଖଣ୍ଡତା ପ୍ରତି ଶ୍ରୀ ମୋଦୀଙ୍କର ଅତୁଟ ଆସ୍ଥାକୁ ମଧ୍ୟ ଦର୍ଶାଇଥାଏ। ତିନ୍ ତଲାକ ଭଳି ସାମାଜିକ କୁରୀତି ଉପରେ ରୋକ୍ ଲଗାଇବାର ନିଷ୍ପତ୍ତି ମହିଳାଙ୍କ ସମ୍ମାନ ଏବଂ ଅଧିକାର ସୁରକ୍ଷା ଦିଗରେ ଏକ ସାହସିକ ପଦକ୍ଷେପ ଥିଲା। ଏସବୁ ନିଷ୍ପତ୍ତି ସହଜ ନ ଥିଲା। ଏଥିମଧ୍ୟରୁ ଅନେକ ନିଷ୍ପତ୍ତିର ବିରୋଧ ମଧ୍ୟ କରାଯାଇଥିଲା, କିନ୍ତୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କେବେ ବି ବିଚଳିତ ହୋଇ ନ ଥିଲେ। ତାଙ୍କ ଭିତରେ ଏହି ଦୃଢ଼ ବିଶ୍ୱାସ ଥିଲା ଯେ ଯଦି ରାଷ୍ଟ୍ର ହିତରେ କୌଣସି କାର୍ଯ୍ୟ ଆବଶ୍ୟକ ତା'ହେଲେ ବିରୋଧ ଏବଂ ସମାଲୋଚନାକୁ ଖାତିର ନ କରି ତାକୁ ପ୍ରତ୍ୟେକ ପରିସ୍ଥିତିରେ ମଧ୍ୟ ପୂରଣ କରାଯିବା ଆବଶ୍ୟକ।

ବେଶିଦିନ ତଳର କଥା ନୁହେଁ, ଯେତେବେଳେ କୋଭିଡ୍-୧୯ ମହାମାରୀ ସାରା ଦୁନିଆକୁ ବିଚଳିତ କରି ଦେଇଥିଲା। ସେପରି କଠିନ ସମୟରେ ମଧ୍ୟ ଶ୍ରୀ ମୋଦୀ କେବଳ ଜନସାଧାରଣଙ୍କୁ ଆଶ୍ୱସ୍ତ କରି ନ ଥିଲେ, ବରଂ ଦେଶର ଉଦ୍ୟୋଗ, ବୈଜ୍ଞାନିକ ଏବଂ ଯୁବବର୍ଗଙ୍କୁ ଆତ୍ମନିର୍ଭରଶୀଳତା ଦିଗରେ ଆଗେଇ ଯିବା ପାଇଁ ଅନୁପ୍ରାଣିତ କରିଥିଲେ। ଏ ମହାମାରୀରେ ଭାରତର ଅବସ୍ଥା କ'ଣ ହେବ! ଏହି ପ୍ରଶ୍ନ ସାରା ବିଶ୍ୱରେ ଉଙ୍କି ମାରୁଥିବା ବେଳେ ଆମ ନେତୃତ୍ୱ ଦକ୍ଷତା କାରଣରୁ ଦେଶରେ ରେକର୍ଡ ସମୟ ମଧ୍ୟରେ ଟିକା ପ୍ରସ୍ତୁତ ହେବା ସହିତ ପ୍ରଯୁକ୍ତି ଦ୍ୱାରା ପରିଚାଳିତ ନିଃଶୁଳ୍କ ଟିକାକରଣ ଅଭିଯାନ ମାଧ୍ୟମରେ ଆମେ ବିଶ୍ୱ ଆଗରେ କୋଭିଡ୍ ପରିଚାଳନାର ଅନୁକରଣୀୟ ମଡେଲ ଉପସ୍ଥାପନ କଲୁ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ବାରମ୍ବାର ପ୍ରମାଣ କରିଛି ଯେ ଜାତୀୟ ସୁରକ୍ଷା ଏବଂ ସ୍ୱାଭିମାନ ସହିତ କୌଣସି ସାଲିସ କରାଯିବ ନାହିଁ। ଉରି ଆକ୍ରମଣ ପରେ ହୋଇଥିବା ସର୍ଜିକାଲ ଷ୍ଟ୍ରାଇକ ବିଶ୍ୱକୁ ଦେଖାଇ ଦେଇଥିଲା ଯେ ଭାରତ ଆଉ ଆତଙ୍କବାଦର ନୀରବ ଦର୍ଶକ ହୋଇ ରହିବ ନାହିଁ। ପୁଲୱାମା ଘଟଣା ପରେ ବାଲାକୋଟ ଏୟାରଷ୍ଟ୍ରାଇକ ଏହି ସଂକଳ୍ପକୁ ଆହୁରି ଦୃଢ଼ କରିଥିଲା। ନିକଟରେ, ପହଲଗାମ୍ ଆକ୍ରମଣର ଜବାବରେ ୭ ମେ ୨୦୨୫ରେ କରାଯାଇଥିବା 'ଅପରେଶନ ସିନ୍ଦୂର' ନିର୍ଣ୍ଣାୟକ ଭାବରେ ଆଉ ଏକ ସିଦ୍ଧାନ୍ତକୁ ଦୃଢ଼ ଭାବେ ପ୍ରତିଷ୍ଠା କରିଛି, ତାହା ହେଉଛି ଯେତେବେଳେ ଦେଶର ପରିଚୟ ଓ ନାଗରିକଙ୍କ ସୁରକ୍ଷା ଆଘାତ ପାଇବ ସେତେବେଳେ ଭାରତ ପୂର୍ଣ୍ଣ ସାହସ ଓ ଦୃଢ଼ତାର ସହିତ ଜବାବ ଦେବ। ଏହି କାର୍ଯ୍ୟଗୁଡ଼ିକ ଦେଶବାସୀଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଓ ଗର୍ବର ଭାବନାକୁ କେବଳ ମଜଭୁତ କରିନାହିଁ, ବରଂ ବିଶ୍ୱକୁ ଏହି ବାର୍ତ୍ତା ମଧ୍ୟ ଦେଇଛି ଯେ ନୂତନ ଭାରତ ନିଜ ସ୍ୱାର୍ଥର ସୁରକ୍ଷା ପାଇଁ ପ୍ରତ୍ୟେକ ପରିସ୍ଥିତିରେ ସମ୍ମୁଖୀନ ହେବାକୁ ପ୍ରସ୍ତୁତ।

ବୈଦେଶିକ ନୀତି କ୍ଷେତ୍ରରେ ମଧ୍ୟ ମୋଦୀ ଜୀଙ୍କ କାର୍ଯ୍ୟଶୈଳୀ ଅନନ୍ୟ। ଆଜି ଯେତେବେଳେ ସେ ଏକ ଅନ୍ତର୍ଜାତୀୟ ମଞ୍ଚରେ ଠିଆ ହୋଇ ଆତ୍ମବିଶ୍ୱାସର ସହିତ ଭାରତର ଦୃଷ୍ଟିକୋଣକୁ ଉପସ୍ଥାପନ କରନ୍ତି, ସେତେବେଳେ ଆମ ସମସ୍ତଙ୍କ ମନରେ ଗର୍ବର ଏକ ଲହରି ଖେଳିଯାଏ। ପୂର୍ବରୁ, ଯେଉଁଠାରେ ଭାରତକୁ ପ୍ରାୟତଃ ଏକ ଉଦୀୟମାନ ରାଷ୍ଟ୍ର ଭାବରେ ଦେଖାଯାଉଥିଲା, ଏବେ ମୋଦୀ ଜୀଙ୍କ ନେତୃତ୍ୱରେ ଭାରତ ଏକ ବିଶ୍ୱ ନେତାର ଭୂମିକା ଗ୍ରହଣ କରିବା ଆଡ଼କୁ ଅଗ୍ରସର ହେଉଛି। ପ୍ୟାରିସ ଜଳବାୟୁ ଚୁକ୍ତିନାମା ହେଉ, ଜି-୨୦ ସମ୍ମିଳନୀ ହେଉ କିମ୍ବା ଜାତିସଂଘରେ ଦିଆଯାଇଥିବା ଅଭିଭାଷଣ- ସବୁଠି ତାଙ୍କର ଆତ୍ମବିଶ୍ୱାସ ଭାରତର ବୃଦ୍ଧି ପାଉଥିବା ଶକ୍ତି ଏବଂ ଗର୍ବର ପ୍ରତୀକ ପାଲଟିଛି।

ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ ମୁଁ ଯେତିକି ଜାଣିଛି, ସେହି ଆଧାରରେ ଏହା କହିପାରେ ଯେ ତାଙ୍କର ବ୍ୟକ୍ତିତ୍ୱ କେବଳ ନୀତି ଏବଂ କାର୍ଯ୍ୟକ୍ରମ ମଧ୍ୟରେ ସୀମିତ ନୁହେଁ। ତାଙ୍କ ଭିତରେ ଏକ ସ୍ୱତନ୍ତ୍ର ଚମତ୍କାରୀ ଗୁଣ ରହିଛି, ଯାହା ଜରିଆରେ ସେ ଜନସାଧାରଣଙ୍କ ସହିତ ସିଧାସଳଖ ଯୋଡ଼ି ହୋଇପାରନ୍ତି। ତାଙ୍କ ପାଖରେ ସହଜ ଏବଂ ସରଳ କଥା କହିବାର କୌଶଳ ରହିଛି, ଯାହା କଥାବାର୍ତ୍ତା କରିବା ସମୟରେ ସିଧାସଳଖ ଜନତାଙ୍କ ମନକୁ ଛୁଇଁଥାଏ। ସେ ଯେତେବେଳେ ରେଡିଓରେ 'ମନ୍ କୀ ବାତ୍' କରନ୍ତି, କୋଟି କୋଟି ଲୋକ ଅନୁଭବ କରିଥା'ନ୍ତି ଯେ ପ୍ରଧାନମନ୍ତ୍ରୀ ସେମାନଙ୍କ ସହ ସିଧାସଳଖ କଥା ହେଉଛନ୍ତି। କୌଣସି ଗାଁର କେହି ଚାଷୀ ହେଉ କିମ୍ବା ସହରର କେହି ଛାତ୍ରୀଛାତ୍ର ଅଥବା କୌଣସି ଗୃହିଣୀ, ସମସ୍ତେ ତାଙ୍କ ପ୍ରତି ଆତ୍ମୀୟତା ଅନୁଭବ କରିଥା'ନ୍ତି। ଏହା କିଛି ସାଧାରଣ କଥା ନୁହେଁ।



ଆଜି, ଯେତେବେଳେ ମୁଁ ପଛକୁ ଫେରି ଚାହିଁଥାଏ, ମୁଁ ଦେଖେ ଯେ ଶ୍ରୀ ନରେନ୍ଦ୍ର ମୋଦୀ ଜୀ ଭାରତକୁ କେବଳ ଆର୍ଥିକ ଏବଂ ରାଜନୈତିକ ଭାବରେ ନୁହେଁ, ବରଂ ମାନସିକ ଏବଂ ସାଂସ୍କୃତିକ ଭାବରେ ମଧ୍ୟ ସଶକ୍ତ କରିଛନ୍ତି। ଭାରତର ଆଭ୍ୟନ୍ତରୀଣ ଶକ୍ତି ବିଷୟରେ ଭଲ ଭାବରେ ବୁଝିପାରୁଥିବା ମୋଦୀ ଜୀଙ୍କର ଏକ ସଂକଳ୍ପ ହେଉଛି ୨୦୪୭ରେ ଭାରତ ସ୍ୱାଧୀନତାର ୧୦୦ ବର୍ଷ ପୂରଣ କରିବା ବେଳକୁ ଆମ ଦେଶ ଏକ 'ଆତ୍ମନିର୍ଭରଶୀଳ ଭାରତ' ଏବଂ ଏକ ମହାନ୍ ଦେଶ ଭାବରେ ପୁନଃପ୍ରତିଷ୍ଠିତ ହେବ। ଏହାକୁ ହାସଲ କରିବା ପାଇଁ ସେ ତାଙ୍କର ଦୂରଦୃଷ୍ଟିପୂର୍ଣ୍ଣ ନୀତି ସହିତ ଦେଶକୁ ଦ୍ରୁତ ଗତିରେ ସେଦିଗରେ ନେଇ ଯାଉଛନ୍ତି। ବିଶ୍ୱରେ କାହାଠାରୁ ଆମେ କମ୍ ନୋହୁଁ, ସେ ପ୍ରତ୍ୟେକ ଭାରତୀୟଙ୍କ ମନରେ ଏହି ବିଶ୍ୱାସ ସୃଷ୍ଟି କରିଛନ୍ତି। ଗତ ୧୧ ବର୍ଷ ମଧ୍ୟରେ ତାଙ୍କ ନେତୃତ୍ୱରେ ଦେଶ ଆତ୍ମସମ୍ମାନ, ସ୍ୱାବଲମ୍ବନ ଏବଂ ଆତ୍ମବିଶ୍ୱାସର ନୂତନ ଶିଖରକୁ ଛୁଇଁଛି, ଯାହା ମୋ ଦୃଷ୍ଟିରେ ଐତିହାସିକ ଏବଂ ଅନନ୍ୟ।

ବାସ୍ତବରେ, ନିଜର ପ୍ରତ୍ୟେକ ମୁହୂର୍ତ୍ତକୁ ରାଷ୍ଟ୍ର ପ୍ରତି ସମର୍ପି ଦେଇଥିବା ଏବଂ ବର୍ତ୍ତମାନଠାରୁ ଭବିଷ୍ୟତ ପର୍ଯ୍ୟନ୍ତ ଦେଖିପାରୁଥିବା ବ୍ୟକ୍ତି ହିଁ ପ୍ରକୃତ ନେତୃତ୍ୱ ଦେଇପାରିଥା'ନ୍ତି। ନରେନ୍ଦ୍ର ମୋଦୀଙ୍କ ଏହି ବ୍ୟକ୍ତିତ୍ୱ ଆଜି ଭାରତର ସବୁଠାରୁ ବଡ଼ ଶକ୍ତି।

# ୭୫ତମ ଜନ୍ମଦିନର ଶୁଭେଚ୍ଛା



ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାର

ଆଜି ସେପ୍ଟେମ୍ବର ୧୭ ତାରିଖ। ଆମର ପ୍ରିୟ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କର ୭୫ତମ ଜନ୍ମଦିନ। ସାଢ଼େ ଚାରିକୋଟି ଓଡ଼ିଆଙ୍କ ତରଫରୁ ମୋଦୀ ଜୀଙ୍କୁ ଜନ୍ମଦିନର ହାର୍ଦ୍ଦିକ ଶୁଭେଚ୍ଛା। ତାଙ୍କର ଦୀର୍ଘ, ସୁସ୍ଥ ଏବଂ ନିରାମୟ ଜୀବନ କାମନା କରିବା ସହ ଆହୁରି ଉତ୍ସାହ, ଆଗ୍ରହ ଓ କଠିନ ପରିଶ୍ରମ ସହ ଜନସେବା କରନ୍ତୁ ଏହା ହିଁ କାମନା। ମୋଦୀ ଜୀ ଯିଏ ନିଜର ଆଦ୍ୟ ଯୌବନର ଅନେକ ବର୍ଷ ଗୁଜରାଟର ଅହମଦାବାଦସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ବିତାଇଛନ୍ତି। ସିଏ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଅନନ୍ୟ ଭକ୍ତ। ତାଙ୍କର ୭୫ତମ ଜନ୍ମଦିନରେ ସନାତନ ବିଶ୍ୱାସରେ କଳିଯୁଗର ଜୀବନ୍ତ ଠାକୁର ମହାପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କ ଉପରେ ଆଶୀର୍ବାଦର ବର୍ଷା କରନ୍ତୁ। ଆଜି ମହାପ୍ରଭୁଙ୍କ ପାଖରେ ଏତିକି ପ୍ରାର୍ଥନା କରୁଛି।

ଆମ ମୋଦୀ ଜୀ ଆଜି ସାରା ବିଶ୍ୱର ସବୁଠୁ ଅଧିକ ଜନପ୍ରିୟ ନେତା। ଭାରତର ଗରିବ, ଅତି ଗରିବ, ମେହେନତି ମଣିଷର ପରିବାର ସଦସ୍ୟ କହିଲେ ଭୁଲ୍ ହେବ ନାହିଁ। ସବୁ ଭେଦଭାବ, ଉଚ୍ଚନୀଚ, ବାଦ ବିବାଦକୁ ପଛକୁ ଠେଲି ରାଜନୀତିରେ ସନ୍ଥ ଭାବରେ ନିଜକୁ ପ୍ରତିଷ୍ଠିତ କରିଛନ୍ତି ମୋଦୀ ଜୀ। ତାଙ୍କର ଚାରି ଜାତି ମହିଳା-କୃଷକ-ଯୁବକ ଓ ଗରିବ ଭାରତୀୟ ରାଜନୀତିରେ ମୋଡ଼ ବଦଳାଇ ଦେଇଛି। ଆମକୁ ୨୦୦ ବର୍ଷ ଶାସନ କରିଥିବା ବ୍ରିଟିଶକୁ ପଛକୁ ଠେଲି ଆମ ଦେଶକୁ ଚତୁର୍ଥ ଶ୍ରେଷ୍ଠ ଅର୍ଥନୀତିରେ ପରିଣତ କରିବା ପଛରେ ରହିଛି ଦେଶର ବିକାଶ ପାଇଁ ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ, ସବ୍‌କା ପ୍ରୟାସର ବଡ଼ ରାଜନୈତିକ ସିଦ୍ଧାନ୍ତ। ଆମେ ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତ୍ତାମାନେ ଗାନ୍ଧୀ, ଗୋପବନ୍ଧୁ, ବିନୋବା ଏବଂ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ପରି ସାମାଜିକ କାର୍ଯ୍ୟକର୍ତ୍ତା ଓ ଚିନ୍ତାନାୟକମାନଙ୍କର ଅନୁଗାମୀ। ଭାରତୀୟ ବିଚାର ପରମ୍ପରାର ଆମ ଦେଶର ଚିନ୍ତାନାୟକ ଡା. ହେଡ୍‌ଗେୱାର ହୁଅନ୍ତୁ, ଗୁରୁ ଗୋଲୱାଲକର ବା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଏମାନଙ୍କ ଜୀବନରେ ପ୍ରତିଫଳିତ ହୁଏ। ଏକାତ୍ମ ମାନବବାଦର ସ୍ରଷ୍ଟା ତଥା ଜନସଂଘର ପ୍ରତିଷ୍ଠାତା ସଦସ୍ୟ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ବିକାଶ ମୂଳମନ୍ତ୍ର ଅନ୍ତ୍ୟୋଦୟ। ଅର୍ଥାତ୍ ବିକାଶ ଶିଢ଼ିର ଶେଷ ପାହାଚରେ ଥିବା ମଣିଷ ଶାସନ-ପ୍ରଶାସନର ପ୍ରାଥମିକତାର କେନ୍ଦ୍ରବିନ୍ଦୁକୁ ଆଣିବା ହିଁ ବିକାଶର ସହିଦିଶା ଏବଂ ସ୍ୱଚ୍ଛନୀତି। ବ୍ୟକ୍ତିଗତ ଭାବରେ ତିନି ଦଶନ୍ଧି ଧରି ବିଜେପି ଓ ସଂଘ ବିଚାର ପରିବାରର କାର୍ଯ୍ୟକର୍ତ୍ତା ଭାବରେ ମୁଁ ସକ୍ରିୟ ରହିଛି। ଆମର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କଠାରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ବିଚାରର ମୂଳ ସ୍ରୋତ ଅନ୍ତ୍ୟୋଦୟକୁ ସାକ୍ଷାତ ଦର୍ଶନ କଲାପରି ଅନୁଭବ କରିଛି। ପଣ୍ଡିତ ଦୀନଦୟାଲଙ୍କ ଅନ୍ତ୍ୟୋଦୟ ବିଚାରକୁ ଆଜି ଦିନରେ ମୋଦୀ ଜୀ ଗରିବ କଲ୍ୟାଣ କାର୍ଯ୍ୟକ୍ରମ ଭାବରେ ସର୍ବଜନବିଦିତ କରିପାରିଛନ୍ତି।

ରାଜନେତା ଭାବରେ ଆଗାମୀ ଅନେକ ପିଢ଼ି ପର୍ଯ୍ୟନ୍ତ ମୋଦୀ ଜୀଙ୍କ ଚାଲ୍-ଚରିତ୍ର -ଚେହେରା ଉଚ୍ଚକୋଟୀର ମୂଲ୍ୟାଙ୍କନ ହେବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। ମାତ୍ର ମୋର ବିଚାର ମୋଦୀ ଜୀଙ୍କୁ ଜଣେ ରାଜନେତାର କ୍ଷୁଦ୍ର ପରିଧିରେ ଇତିହାସ ସୀମିତ କରିପାରିବ ନାହିଁ। ବିଶ୍ୱ ଦରବାରରେ ମୋଦୀ ଜୀ ଜଣେ ଦୂରଦୃଷ୍ଟିସମ୍ପନ୍ନ ସାମାଜିକ ନେତୃତ୍ୱ ଓ ଦାର୍ଶନିକ ଭାବରେ ଶତାବ୍ଦୀ ଶତାବ୍ଦୀ ଧରି ବିଶ୍ୱକୁ ପ୍ରଭାବିତ କରିବେ, ଏହା ମୋର ଦୃଢ଼ ବିଶ୍ୱାସ।

ମୋର ସ୍ପଷ୍ଟ ମନେଅଛି, ୨୦୧୯ ନିର୍ବାଚନର ମତଦାନ ସରିଥାଏ। ନିର୍ବାଚନ ଲଢ଼ି ଆମେ କ୍ଳାନ୍ତ ଥାଉ। ମନରେ ଗୋଟିଏ ପ୍ରାଥମିକତା ମତଗଣନାକୁ ଅପେକ୍ଷା। ଏହି ସମୟରେ ପୁରୀ, ଖୋର୍ଦ୍ଧା ତଥା ଆଖପାଖ ଜିଲାରେ ଫନୀ ନାଁରେ ବଡ଼ ବାତ୍ୟା ଆସୁଛି ବୋଲି ପାଣିପାଗ ବିଭାଗ ସତର୍କ କରାଇଲା। ସେ ସମୟର ମୋର ପୁରୁଣା ଡାଇରିକୁ ଖୋଲି ସେ ସମୟର ଅନୁଭବକୁ ପଢ଼ିବା ବେଳେ ଆଜି ବି ଲୋମ ଟାଙ୍କୁରି ଉଠେ। ସେତେବେଳକୁ ମୁଁ ଦୁଇ ଦୁଇ ଥର ବିଧାୟକ ହୋଇସାରିଥାଏ। ମେଣ୍ଟ ସରକାର ସମୟରେ ସରକାରୀ ଦଳର ଉପମୁଖ୍ୟ ସଚେତକର ଦାୟିତ୍ୱ ବି ତୁଲାଇ ସାରିଥାଏ। ସରପଞ୍ଚରୁ-ବିଧାୟକ ପର୍ଯ୍ୟନ୍ତ ଯାତ୍ରାରେ ତ ୨୪ ଘଣ୍ଟାରୁ ଦିନରେ ଅଧିକ ସମୟ ମିଳିଲେ ଲୋକଙ୍କ ସ୍ୱାର୍ଥରେ ଲଗାଇବାର ଝୁଙ୍କ ବି ଥାଏ। ଯେତେବେଳେ ଫନୀ ଆସିବା ନେଇ ପୂର୍ବାନୁମାନ କରାଗଲା ମୁଁ ମନେ ମନେ ଭାବିଥିଲି ନିର୍ବାଚନ ସରିଛି। ଭୋଟ ଗଣତିକୁ ଅପେକ୍ଷା କରିବା ଗୋଟିଏ କାମ। ଫନୀର ପରିଚାଳନା ଦାୟିତ୍ୱ ବୋଧେ ମୋଦୀ ଜୀ ପ୍ରଶାସନ ଉପରେ ଛାଡ଼ିଦେଇ ବିଶ୍ରାମ ନେବେ। ହେଲେ ମୁଁ ବ୍ୟକ୍ତିଗତ ଭାବରେ ଫନୀର ଗତି ଓ ପ୍ରସ୍ତୁତି ଉପରେ ନଜର ରଖିଥାଏ। ବାତ୍ୟା ଆସିବା ପୂର୍ବରୁ ମୋଦୀ ଜୀ ପ୍ରଥମେ ଆମ ରାଜ୍ୟ ପାଇଁ ଆର୍ଥିକ ସହାୟତା ଘୋଷଣା କଲେ। ଫନୀ ଆସିଲା। ଖୋଦ୍ ମୋଦୀ ଜୀ ଓଡ଼ିଶା ଆସି ପୁରୀ-ଖୋର୍ଦ୍ଧା ଇତ୍ୟାଦି ଜିଲାକୁ ଆକାଶମାର୍ଗରୁ ଦେଖିଲେ। ମୋର ମନେଅଛି ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କର ମିଳିତ ସମୀକ୍ଷା ବୈଠକ ବିମାନବନ୍ଦରରେ କରିଥିଲେ। ଟିକିନିଖି ଲୋକଙ୍କ ସୁଖ-ଦୁଃଖ-ରିଲିଫ-ଥଇଥାନ, ପୁନର୍ବାସ ତଥା କ୍ଷତିପୂରଣ ପ୍ରଦାନ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କଲେ। ମୋର ମନେଅଛି ସେହି ସମୀକ୍ଷା ବୈଠକରେ ହଜାରେ କୋଟିର ସହାୟତା ଘୋଷଣା କଲେ। ମୋଦୀ ଜୀଙ୍କର ଓଡ଼ିଶାକୁ ଭଲପାଇବା, ଓଡ଼ିଆ ଲୋକଙ୍କ ପ୍ରତି ଦରଦ ଏ କଥା ଭିନ୍ନ ପ୍ରସଙ୍ଗ, ମାତ୍ର ଜଣେ ରାଜନେତା ନିର୍ବାଚନ ବା ଭୋଟ ପାଇଁ ନୁହେଁ, ଲୋକ କଲ୍ୟାଣ ପାଇଁ ଜିଇବା ଦରକାର, ସେତେବେଳେ ମୋଦୀ ଜୀ ହିଁ ଏହି ବାର୍ତ୍ତା ଦେଇଥିଲେ। ନିର୍ବାଚନର ବିଜୟ ପରାଜୟର ଚକ୍ରବ୍ୟୂହ ବାହାରେ ଲୋକ ସମସ୍ୟାର ସମାଧାନ ପାଇଁ ଅଖଣ୍ଡ ନିଷ୍ଠା ଜଣେ ରାଜନେତାକୁ ରାଷ୍ଟ୍ର ନେତାର ସିଂହାସନରେ ଅଭିଷିକ୍ତ କରେ। ଆଜି ଯେତେବେଳେ ସେଇ ପୁରୁଣା ଦିନର ସ୍ମୃତିକୁ ମନେପକାଉଛି ସେତେବେଳେ ମୁଁ ଭାବପ୍ରବଣ ହୋଇପଡୁଛି। ୨୦୧୯ ମେ ମାସର ଓଡ଼ିଶାର ଦୁର୍ଦ୍ଦଶା ଓ ସେଥିରେ ପ୍ରଧାନମନ୍ତ୍ରୀ ମୋଦୀ ଜୀ ଭୋଟ ରାଜନୀତିରୁ ଊର୍ଦ୍ଧ୍ୱକୁ ଯାଇ ନିର୍ବାଚନ ପ୍ରଚାରରେ ଶରୀରର କଷ୍ଟକୁ ତଥା ଭୋଟ ରାଜନୀତିର ପ୍ରଭାବ ନ ଥିବା ସତ୍ତ୍ୱେ ଜନସେବା ପାଇଁ ସେ ବାହାରି ଆସିଥିଲେ। ମୁଁ ଜାଣିନି ଆଉ କିଏ ପ୍ରଧାନମନ୍ତ୍ରୀ ଥିଲେ କ'ଣ କରିଥାନ୍ତେ? ସେତେବେଳେ ବି ଓଡ଼ିଶାରେ ଆଞ୍ଚଳିକ ଦଳ ଶାସନ କରୁଥିଲା। ମନ୍ତ୍ରୀ, ବିଧାୟକ ଓ ସରକାରୀ ଦଳର ନେତାମାନେ ଲୋକଙ୍କ ସହିତ ରହିବା ପରିବର୍ତ୍ତେ ପରିବାର ଓ ବିଶ୍ରାମରେ ସୀମିତ ରହି ଭୋଟ ଗଣତିକୁ ମୁଣ୍ଡ ଉପରେ ବସାଇଥିଲେ। ଆମ ଦଳ ବିଜେପି ତରଫରୁ ଆମର କେନ୍ଦ୍ରୀୟ ନେତୃତ୍ୱ ଓ କାର୍ଯ୍ୟକର୍ତ୍ତାମାନେ ବାତ୍ୟା କ୍ଷତିଗ୍ରସ୍ତଙ୍କ ସେବା କାମରେ ଲାଗି ରହିବା ପାଇଁ ବାରମ୍ବାର ପରାମର୍ଶ ଦେଇଥିଲେ।

ଫନୀ ସମୟରେ ମୋଦୀ ଜୀଙ୍କ ଏହି ପ୍ରଚେଷ୍ଟା ଓ ଉଦ୍ୟମ ମୋ ଭଳି ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତ୍ତାମାନଙ୍କ ପାଇଁ ପ୍ରେରଣା। ୨୦୧୯ରେ ବିଧାୟକ ଭାବରେ ନିର୍ବାଚିତ ହେଲି। ଦଳ ମୋତେ ଚିଫ୍ ହ୍ୱିପ୍‌ର ଦାୟିତ୍ୱ ଦେଲା। ବିଧାନସଭାର ପବ୍ଲିକ ଆକାଉଣ୍ଟସ କମିଟି ଚେୟାରମ୍ୟାନ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଲି। ମାତ୍ର ଭୋଟ ସ୍ୱାର୍ଥ ଊର୍ଦ୍ଧ୍ୱରେ ଯେ ଜନସେବା ପ୍ରାଥମିକତା ଏକଥା ନା ମନରୁ ଯାଇଛି ନା ଭବିଷ୍ୟତରେ ଯାଇପାରିବ। ମୋଦୀ ଜୀ ଗୁଜରାଟ ମୁଖ୍ୟମନ୍ତ୍ରୀ ଓ ଦେଶର ପ୍ରଧାନମନ୍ତ୍ରୀ ସରକାରର ମୁଖ୍ୟ ଭାବରେ ପାଖାପାଖି ୨୪ବର୍ଷରୁ ଊର୍ଦ୍ଧ୍ୱ ବର୍ଷ ଏହା ମଧ୍ୟରେ ବିତାଇ ସାରିଛନ୍ତି। ମୋ ଭଳି ଆଦିବାସୀ ଗରିବ ପରିବାରରୁ ଆସି ପଡ଼ି ଉଠି ଠିଆ ହୋଇଥିବା ରାଜନୈତିକ ଏବଂ ସାମାଜିକ କାର୍ଯ୍ୟକର୍ତ୍ତା ପାଇଁ ମୋଦୀ ଜୀ ଆଦର୍ଶ। ମୋ ଭଳି ରାଜନୀତି କ୍ଷେତ୍ରରେ କିଏ କେଉଁ ଦଳ ବା ବିଚାରରେ ଥାଆନ୍ତୁ ନା କାହିଁକି ମୋଦୀ ସେମାନଙ୍କ ପାଇଁ ଆଦର୍ଶ ସ୍ଥାନର ବ୍ୟକ୍ତି, କିଏ କହୁ ବା ନ କହୁ ଏହା ହିଁ ସତ୍ୟ। ମୋର ରାଜନୈତିକ ଦର୍ଶନର ପ୍ରେରଣାର ଉତ୍ସ ଭାବରେ ପୁଣି ଥରେ ନତମସ୍ତକ ହୋଇ ମୋଦୀ ଜୀଙ୍କୁ ପ୍ରଣାମ କରୁଛି।

ମୋଦୀ ଜୀ ପ୍ରଧାନମନ୍ତ୍ରୀ ହେବାର ପ୍ରଥମ ବର୍ଷରେ ପୂର୍ବୋଦୟ ପରିକଳ୍ପନାର ସୂତ୍ରଧର ହୋଇଥିଲେ। ଆର୍ଥିକ ଦୃଷ୍ଟିରୁ ଆଗରେ ଥିବା ଦେଶର ପଶ୍ଚିମ ଓ ଦକ୍ଷିଣ ଭାଗ ସହ ପୂର୍ବ ଭାରତକୁ ସମକକ୍ଷ କରାଇବାର ଇଚ୍ଛାଶକ୍ତିକୁ ଯୋଜନାରେ ରୂପାନ୍ତରିତ କରିଥିଲେ। ସମୟ ଥିଲା ଓଡ଼ିଶାର ପୂରା ବଜେଟ ସାଇଜ୍ ଯାହାଥିଲା ଏବେ ଗୋଟିଏ ଗୋଟିଏ ବିଭାଗର ବଜେଟ ତାଠୁ ଅଧିକ। ଓଡ଼ିଶାରେ ଅମାପ ଖଣିଜ ସମ୍ପଦ, ସୁଦୀର୍ଘ ବେଳାଭୂମି, ଆଦିବାସୀ ଜନତା, ପରିଶ୍ରମୀ ଓ ବୁଦ୍ଧିମାନ ମାନବ ସମ୍ବଳ ସତ୍ତ୍ୱେ ଓଡ଼ିଶା କାହିଁକି ଗରିବ ସମସ୍ତେ ପ୍ରଶ୍ନ ଉଠାଉଥିଲେ। ମୋର ମନେଅଛି ବିଜୁବାବୁ ୧୯୯୦-୯୫ରେ ମୁଖ୍ୟମନ୍ତ୍ରୀ ଥିବା ସମୟରେ ରାଜ୍ୟମାନଙ୍କୁ ଆର୍ଥିକ ସ୍ୱାୟତ୍ତତା ବା ଫିସ୍କାଲ ଅଟୋନୋମି ପ୍ରଶ୍ନ ଉଠାଇଥିଲେ। ବର୍ଷ ପରେ ବର୍ଷ ବିତିଲା। ସରକାର ପରେ ସରକାର ଆସିଲା ଓ ଗଲା। ପ୍ରାଚୁର୍ଯ୍ୟ ଭିତରେ ଓଡ଼ିଶା କାହିଁକି ଗରିବ ପ୍ରଶ୍ନକରି ସମସ୍ତେ ଦାୟିତ୍ୱ ଶେଷ କରୁଥିଲେ। ୨୦୧୪ରେ ମୋଦୀ ପ୍ରଧାନମନ୍ତ୍ରୀ ହେଲେ। ଖଣି ନିଲାମି ବ୍ୟବସ୍ଥା କଲେ। ଖୋଲା ବିଡ଼ି ବ୍ୟବସ୍ଥା ହେଲା। ଡିଏମ୍ ଫଣ୍ଡ ଖଣି ପ୍ରଭାବିତ ଜିଲାମାନଙ୍କ ହାତରେ ପ୍ରଚୁର ଅର୍ଥ ଦେଲେ। ଫଳ ସ୍ୱରୂପ ମୋଦୀଙ୍କ ନୀତି କାରଣରୁ ଆମର ବଜେଟ ଆକାର ବହୁତ ବଡ଼ ହେଲା।

ଓଡ଼ିଶା ପରି ଆମର ପଡ଼ୋଶୀ ଝାଡ଼ଖଣ୍ଡ ଓ ଛତିଶଗଡ଼ ମଧ୍ୟ ଖଣିଜ ସମ୍ପଦ ପରିପୂର୍ଣ୍ଣ ରାଜ୍ୟ ଏହାର ଲାଭ ପାଇଲେ। ଝାଡ଼ଖଣ୍ଡ ଓ ଛତିଶଗଡ଼ରେ ଖଣି ଅଛି ସତ, ମାତ୍ର ମହାପ୍ରଭୁ ଜଗନ୍ନାଥ ଆମକୁ ସୁଦୀର୍ଘ ସମୁଦ୍ର ତଟ ଦେଇଛନ୍ତି; ଯାହା ଆମର ଦୁଇ ପଡ଼ୋଶୀ ରାଜ୍ୟ ପାଖରେ ନାହିଁ। ଓଡ଼ିଶାକୁ ପ୍ରଗତିର ଶୀର୍ଷକୁ ନେବା ପାଇଁ ଓଡ଼ିଶାକୁ ପୁଞ୍ଜି ନିବେଶର ସୁଅ ଆସିବାର ରାସ୍ତା ମୋଦୀ ଜୀ ଖୋଲି ଦେଇଛନ୍ତି। କେବଳ ଉତ୍କର୍ଷ ଓଡ଼ିଶାରେ ମୋଦୀ ଜୀଙ୍କ ଉପସ୍ଥିତିରେ ୧୬.୭୩ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ଆସିଥିଲା। ଗତ ୧୫ମାସମଧ୍ୟରେ ୨୬୦ ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରୀ ଦିଆଯାଇଛି। ଏହାଦ୍ୱାରା ୫.୬ଲକ୍ଷ କୋଟିର ନିବେଶ ଏବଂ ୩.୬ଲକ୍ଷର ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଛି। ୮୪ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି।

ଗତବର୍ଷ ଆଜି ଦିନରେ ମୋଦୀ ଜୀ ତାଙ୍କ ଜନ୍ମଦିନରେ ଓଡ଼ିଶା ଆସି ଆମର ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଥିଲେ। ଆମେ ୧ କୋଟିରୁ ଊର୍ଦ୍ଧ୍ୱ ମହିଳାଙ୍କୁ ୧୫ ହଜାର ଲେଖାଏ ସେମାନଙ୍କ ବ୍ୟାଙ୍କ ଖାତାରେ ଦେଇ ସାରିଛୁ। ମୋଟ ୫୦ ହଜାର ଟଙ୍କା ଆଗାମୀ ବର୍ଷମାନଙ୍କରେ ଦେବାର ବ୍ୟୟବରାଦ କରିଛୁ। ଚାଷୀଙ୍କୁ ୧୦୦ ଟଙ୍କା ବୋନସ ଦେବାକୁ ପୂର୍ବ ବ୍ୟବସ୍ଥା ସାହସ ଜୁଟାଇ ପାରୁ ନ ଥିଲା। ଆମେ କୁଇଣ୍ଟାଲ ପିଛା ୮୦୦ଟଙ୍କାର ଇନ୍‌ପୁଟ ସବ୍‌ସିଡି ଦେଇପାରିଛୁ କାରଣ ମୋଦୀ ଜୀଙ୍କ ଗରିବ କଲ୍ୟାଣ ଆମ ଶାସନର ମୂଳ ଆଧାର। ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଗ୍ରାମୀଣ ରାସ୍ତା ଓ ଭିତ୍ତିଭୂମି ଆମର ପ୍ରାଥମିକତା। ରେଳ ଓ ସଡ଼କ ଯୋଗାଯୋଗ ମୋଦୀ ଜୀଙ୍କ ନେତୃତ୍ୱରେ ଡବଲ ଇଞ୍ଜିନ ସରକାରରେ ଦ୍ରୁତଗତିରେ ଆଗେଇ ଚାଲିଛି।

ଗରିବ କ'ଣ, ସଂଘର୍ଷ କ'ଣ, ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି କିପରି ଆଗକୁ ବଢ଼ିବାକୁ ହୁଏ ମୋଦୀ ଜୀ ତା'ର ପ୍ରତୀକ। ମା'ଙ୍କ ପାଇଁ ଶୌଚାଳୟ ହେଲା, ଜନଧନ ବ୍ୟାଙ୍କ ଖାତା, ସମସ୍ତଙ୍କ ମୁଣ୍ଡ ଉପରେ ପକ୍କା ଘର, ଘରେ ପାଇପ ପାଣି ଓ ଉଜ୍ଜ୍ୱଳା ଗ୍ୟାସ ତଥା ନିଜ ଅଞ୍ଚଳରେ ଯୁବପିଢ଼ିଙ୍କ ପାଇଁ ରୋଜଗାର ସୁଯୋଗର ବ୍ୟବସ୍ଥା କେବଳ ସଂଘର୍ଷ ପୃଷ୍ଠଭୂମିରୁ ଆସିଥିବା ମୋଦୀ ଜୀ ହିଁ ଚିନ୍ତା କରିପାରନ୍ତି। କେନ୍ଦୁଝର ଜିଲାର ରାଇକଳା ଗାଁରୁ ମୁଁ ପିଅନର ପୁଅ। ମା'ର ଗାଈ ଗୁହାଳର କାମ। ଶିକ୍ଷକରୁ ସରପଞ୍ଚ। ପଡ଼ି ଉଠି ସଂଘର୍ଷ କରି ଏଠି ପହଞ୍ଚିଛି। ମୋଦୀ ଜୀଙ୍କ ଜୀବନରୁ ଶିଖିଛି ଆଗକୁ ବହୁତ ଶିଖିବାର ଅଛି। ପୁଣି ଥରେ ଓଡ଼ିଶାବାସୀଙ୍କ ତରଫରୁ ମୋଦୀ ଜୀଙ୍କୁ ୭୫ତମ ଜନ୍ମଦିନର ଶୁଭେଚ୍ଛା ଓ ଶୁଭକାମନା ଜଣାଉଛି। ଚଳିତ ମାସ ୨୭ ତାରିଖରେ ମୋଦୀ ଜୀ ପୁଣି ଆମ ରାଜ୍ୟକୁ ଆସିବେ। ଗଞ୍ଜାମରେ ଅନେକ ଯୋଜନାର ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ନୂଆ ସରକାର ଗଠନ ହେବା ଦିନଠୁ ଚଳିତ ମାସ ୨୭ତାରିଖରେ ସେ ସପ୍ତମ ଥର ପାଇଁ ଓଡ଼ିଶା ଆସିବେ। ଆମେ ଏହି ମହାନ୍ ଜନନାୟକଙ୍କୁ ୨୭ତାରିଖରେ ସ୍ୱାଗତ ପାଇଁ ଓଡ଼ିଶାବାସୀ ପ୍ରସ୍ତୁତ। ଆଜି ୧୭ତାରିଖରେ ସାରା ରାଜ୍ୟରେ ମୋଦୀ ଜୀଙ୍କ ୭୫ତମ ଜନ୍ମ ଦିନରେ ୭୫ ଲକ୍ଷ ଚାରାରୋପଣ କାର୍ଯ୍ୟ ଚାଲିଛି। ଆପଣ ବି ଏହି ଅଭିଯାନ "ମା'ପାଇଁ ଗଛଟିଏ"ରେ ସାମିଲ ହୁଅନ୍ତୁ। ଚାରାରୋପଣ କରନ୍ତୁ। ବୃକ୍ଷକୁ ଲାଳନ ପାଳନ କରି ସୁରକ୍ଷିତ ରଖି ନିଜ ମା'ଙ୍କୁ ସମ୍ମାନ ସହ ଧରିତ୍ରୀ ମାତାର ସେବା କରନ୍ତୁ।

– ଜୟ ଜଗନ୍ନାଥ –

# ମା' ପାଇଁ ଗଛଟିଏ: ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଗଛ ଆମ ପାଇଁ ଦେବତା। ଗଛ କେବଳ ଫୁଲ, ଫଳ, ପତ୍ର, କାଠ ବା ଔଷଧ ଦିଏନି, ଉତ୍ତମ ପରିବେଶ ଗଢ଼ିଦିଏ। ସବୁଜିମାର ଛାୟା ଓ ଶୀତଳତା ଭରିଦିଏ। ଗଛର କି' ଗୁଣ ଗାଇବା। ଛୋଟ ଶିଶୁଟିଏ ପାଇଁ ଖାଦ୍ୟର ପସରା ମେଲିଦିଏ ତ ମୃତ୍ୟୁଉନ୍ମୁଖୀ ବୃଦ୍ଧ ପାଇଁ ଜୁଇକାଠ ବି ଯୋଗାଇ ଦିଏ। ଜନ୍ମରୁ ମରଣ, ଜୀବନରୁ ଜୀବିକା, ଆମୋଦ ପ୍ରମୋଦରୁ ଆବଶ୍ୟକତା ଯାଏ ସବୁଠି ଦରକାର ଗଛଟିଏ। ରାସ୍ତାଘାଟ, ଘରଦ୍ୱାର, ପୋଲବାଡ, ରେଳଧାରଣା ସବୁଥିରେ ଗଛ ଲୋଡ଼ା ପଡ଼େ। ଗଛ ବିନା ଜୀବନର ମାନେ କିଛି ନାହିଁ, ଗଛ ନାହିଁ ତ କିଛି ନାହିଁ। ଗଛ ବିନା ପାଣି ନାହିଁ, ପବନ ନାହିଁ, ଖାଦ୍ୟ ନାହିଁ, ବସ୍ତ୍ର ନାହିଁ, ରାସ୍ତାଘାଟ, ପୋଲ ବନ୍ଧବାଡ଼ କିଛି ନାହିଁ।

ଆମ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଛ ଭିତରେ ଏହି ଦେବତ୍ୱକୁ ବୁଝିଥିଲେ ତାଙ୍କ ଆଦ୍ୟ ଜୀବନରୁ। ଯୁବ ବୟସରୁ ରାଜନୈତିକ ଜୀବନ ପର୍ଯ୍ୟନ୍ତ ସେ ଅନୁଭବ କରିଛନ୍ତି ଦୁନିଆର ଯଦି ଜଣେ ନିରପେକ୍ଷ ଦରଦୀବନ୍ଧୁ କିଏ ଅଛି ସେ ହେଉଛି ଗଛ। 'ନ ଭାବି ଆଗ ପଛ, ଲଗାଇଚାଲ ଗଛ' – ତାଙ୍କର ଏହି ଆହ୍ୱାନ ଆଜିର ସମାଜରେ ସମସ୍ତଙ୍କ ପାଇଁ ସ୍ଲୋଗାନ ହୋଇପାରିଛି। ୨୦୧୯ ମସିହାରେ ଯେତେବେଳେ କେନ୍ଦୁଝର ଜଙ୍ଗଲରେ ସର୍ବଗ୍ରାସୀ ନିଆଁ ଚରିଯାଉଥିଲା, ସେତେବେଳେ ସେ ଦଳେ ଯୁବକଙ୍କୁ ଧରି ବାହାରିଗଲେ ବଣକୁ। ଲାଗିଗଲେ ନିଆଁ ଲିଭାଇବାରେ। ନିଆଁ ଲିଭାଇ ସେ ଆଗକୁ ଆଗକୁ ଚାଲିବାକୁ ଲାଗିଲେ। ତାଙ୍କର ଏପରି ନିଃସ୍ୱାର୍ଥପର କାମ ଜଙ୍ଗଲ ବିଭାଗକୁ ସ୍ତବ୍ଧ କରିଥିଲା ସେଦିନ। ସେମାନେ ସେଥିରୁ ପ୍ରୋତ୍ସାହିତ ହୋଇଥିଲେ ତୁରନ୍ତ କେନ୍ଦୁଝର ଜଙ୍ଗଲର ସେହି ନିଆଁ ଲିଭାଇବାକୁ। ଫଳରେ ସେ ବର୍ଷ କେନ୍ଦୁଝରର ପ୍ରାୟ ୩୦୦ ହେକ୍ଟର ଜଙ୍ଗଲ ଜମି ନିଶ୍ଚିତ ଧ୍ୱଂସମୁଖରୁ ରକ୍ଷା ପାଇଥିଲା।

ମୁଖ୍ୟମନ୍ତ୍ରୀ ମୋହନ ମାଝୀ କଥାର ବନ୍ଧୁ ନୁହନ୍ତି, କାମର ବନ୍ଧୁ। ସେ ଯାହା କହନ୍ତି ତାହା ହିଁ କରନ୍ତି। ବଡ଼ କଥା କହି ନିଜର ପ୍ରୌଢ଼ି ବା ବଡ଼ପଣ ଦେଖାଇବାଠାରୁ ସେ ସବୁବେଳେ ଦୂରରେ। ନିଜ ଜନ୍ମଭୂମିର ଖଣି, ପାଣି, ଗଛବୃଛ, ପାହାଡ଼ ପର୍ବତ କିପରି ସୁରକ୍ଷିତ ରହିବ, ଏହା ହିଁ ତାଙ୍କ ଆଦର୍ଶର ଅନ୍ୟ ଏକ ଦିଗ ଓ ଦିଗନ୍ତ; ତେଣିକି କ୍ଷମତା ଥାଉ ବା ନ ଥାଉ।

ଗଛ ଲଗାଇବା ଓ ଏହାର ସଂରକ୍ଷଣ କରିବା, ନୂଆ ଜଙ୍ଗଲ ସୃଷ୍ଟି ପାଇଁ ଜନ ସମାଜକୁ ଉଦ୍‌ବୁଦ୍ଧ କରାଇବା ତାଙ୍କ ବ୍ୟକ୍ତିତ୍ୱର ଅନ୍ୟ ଏକ ଦିଗ। ତାହା ହିଁ ସେ କରି ଆସିଛନ୍ତି ତାଙ୍କ ବାଲ୍ୟକାଳରୁ ଏ ଯାଏ।

ପୁଣି ଆସିଛି ସେହିଭଳି ଏକ ଆହ୍ୱାନ। ଆମର ପ୍ରଧାନମନ୍ତ୍ରୀ ମୋଦୀ ଜୀଙ୍କ ୭୫ତମ ଜୟନ୍ତୀ ସେପ୍ଟେମ୍ବର ୧୭ ତାରିଖରେ ପାଳିତ ହେବାକୁ ଯାଉଛି। ଜୟନ୍ତୀରେ ସାଧାରଣତଃ ଗୋଟିଏ ଉପହାର ଦେବାକୁ ହୁଏ। ଗତବର୍ଷ ପ୍ରଧାନମନ୍ତ୍ରୀ ଓଡ଼ିଶାରେ ତାଙ୍କର ଜୟନ୍ତୀ ପାଳନ କରିଥିଲେ। ଆମ୍ଭେମାନେ ତାଙ୍କୁ କିଛି ଉପହାର ଦେବା ପୂର୍ବରୁ ସେ ଆମକୁ ଅନେକ ପ୍ରକଳ୍ପ ଓ ଆନୁଷ୍ଠାନିକ ଅର୍ଥ ରାଶି ମଞ୍ଜୁର କରିଦେଇଥିଲେ। ଆଜି ପୁଣି ତାଙ୍କ ଜନ୍ମ ଦିବସ ଉପନୀତ। ମୁଖ୍ୟମନ୍ତ୍ରୀ ସ୍ଥିର କରିଛନ୍ତି ପ୍ରିୟ ପ୍ରଧାନମନ୍ତ୍ରୀଙ୍କୁ ଓଡ଼ିଶା ତରଫରୁ ବିନା ଭେଟିରେ ଏହି ଦିବସଟି ବେକାର ଯିବାକୁ ଦେବେନି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏହି ୭୫ତମ ଜନ୍ମ ଦିବସରେ ୭୫ଲକ୍ଷ ଚାରା ରୋପଣ କରାଯିବ। ଆଉ ତାହା ହିଁ ହେବ ପ୍ରଧାନମନ୍ତ୍ରୀଙ୍କୁ ଜନ୍ମଦିନର ଭେଟି। ଏହା ମଧ୍ୟ ଓଡ଼ିଶାର ଉଜୁଡ଼ା ଜଙ୍ଗଲକୁ ପୁନର୍ଜୀବନ ଦେବା ସହ ରାଜ୍ୟରେ ନୂଆ ଜଙ୍ଗଲ ଭୂମିର ସଂରଚନା କରିବ। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହେଉଥିବା ଏହି କାର୍ଯ୍ୟକ୍ରମର ନାମ ହେଉଛି– "ମା'ଙ୍କ ପାଇଁ ଏକ ଗଛ ଲଗାଇ।" ଏହାକୁ ସଫଳ କରିବା ଲାଗି ଓଡ଼ିଶାର ଜନସାଧାରଣଙ୍କୁ ସେ ଅନୁରୋଧ କରିଛନ୍ତି।



ଏକଥା ସତ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିକାଶ ସହିତ ପରିବେଶ ସୁରକ୍ଷାକୁ ମଧ୍ୟ ଗୁରୁତ୍ୱ ଦେଇ ଆସିଛନ୍ତି। ଏହି କ୍ରମରେ ସେ ଏହି "ଏକ୍ ପେଡ୍ ମା' କି ନାମ୍" କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ, ଯାହା ବର୍ତ୍ତମାନ ସାରା ଭାରତରେ ଏକ ବିରାଟ ଆନ୍ଦୋଳନର ରୂପ ନେଇଛି।

ଅଧିକରୁ ଅଧିକ ଚାରା ରୋପଣ, ପରିବେଶ ସୁରକ୍ଷା ପାଇଁ ଏକ ବଳିଷ୍ଠ ପଦକ୍ଷେପ। ତେଣୁ ଏହି କାର୍ଯ୍ୟକ୍ରମକୁ ଆଉ ଏକ ପାଦ ଆଗକୁ ନେଇ ପ୍ରଧାନମନ୍ତ୍ରୀଙ୍କ ୭୫ତମ ଜନ୍ମ ଦିବସ ଉପଲକ୍ଷେ ଆଜି ସେପ୍ଟେମ୍ବର ୧୭ ତାରିଖରେ ୭୫ ଲକ୍ଷ ଚାରା ରୋପଣ କରିବା ପାଇଁ ମୋହନ ସରକାର ଆଗେଇ ଆସିଛନ୍ତି। ଏହି କାର୍ଯ୍ୟକ୍ରମ ଦେଶର ଲୋକପ୍ରିୟ ପ୍ରଧାନମନ୍ତ୍ରୀଙ୍କୁ ଜନ୍ମଦିନର କେବଳ ଅଭିନନ୍ଦନ ହେବନାହିଁ, ଓଡ଼ିଶା ମାଟିକୁ ସବୁଜ ପଣତରେ ଢାଙ୍କିଦେବାର ହେବ ଉପକ୍ରମ। ଏଥିପାଇଁ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଏବଂ ପାନୀୟଜଳ, କୃଷି ଏବଂ କୃଷକ ସଶକ୍ତୀକରଣ, ଶିଳ୍ପ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଉଛନ୍ତି। ନେହେରୁ ଯୁବକେନ୍ଦ୍ର (NYK's)ର ଆଞ୍ଚଳିକ ମୁଖ୍ୟ, ୧୬୦୦୦ ସକ୍ରିୟ ସ୍ୱେଚ୍ଛାସେବୀ ଓ ୭୦୦୦ ଅତିରିକ୍ତ ଡାଟା ଏଣ୍ଟ୍ରି ଅପରେଟରଙ୍କ ମାଧ୍ୟମରେ 'ମେରିଲାଇଫ' ଓ 'ମାଇଁ ଭାରତ' ପୋର୍ଟାଲରେ ଚାରା ରୋପଣ ତଥ୍ୟ ଏବଂ ଜିଓ-ଟ୍ୟାଗ୍‌ରେ ଥିବା ଫଟୋଗ୍ରାଫଗୁଡ଼ିକୁ ପ୍ରକୃତ-ସମୟରେ ନିଶ୍ଚିତ ଅପଲୋଡ୍ କରାଇବାର ଦାୟିତ୍ୱରେ ଅଛନ୍ତି। ଏହାର ଆଞ୍ଚଳିକ ମୁଖ୍ୟ ମଧ୍ୟ ପ୍ରତ୍ୟେକ ଜିଲାର ଜିଲାପାଳମାନଙ୍କ ସହିତ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଏଥିରେ ସାଧାରଣ ଜନତାଠୁ ଆରମ୍ଭକରି ସ୍କୁଲ କଲେଜର ଛାତ୍ରଛାତ୍ରୀ, ଅଙ୍ଗନୱାଡି କର୍ମକର୍ତ୍ତା, ସୁଭଦ୍ରା ହିତାଧିକାରୀ, ପଞ୍ଚାୟତରୁ ବିଧାନସଭା ପର୍ଯ୍ୟନ୍ତ ନିର୍ବାଚିତ ପ୍ରତିନିଧି, ସରକାରୀ କର୍ମଚାରୀ, ସରକାରୀ କାର୍ଯ୍ୟାଳୟ, ଶିଳ୍ପସଂସ୍ଥା ଆଦି ସ୍ୱତଃପ୍ରବୃତ୍ତ ଭାବେ ଉତ୍ସାହର ସହିତ ସାମିଲ ହୋଇଛନ୍ତି। ଲୋକେ ପୂର୍ବରୁ ଚାରାସବୁ ମାଗିନେଇ ଯାଉଥିବାର ଦୃଶ୍ୟ ଦେଖିଲେ ସତରେ ଭାରି ଖୁସି ଲାଗୁଛି। ମୁଖ୍ୟମନ୍ତ୍ରୀଙ୍କ ଆବେଦନ ସମସ୍ତଙ୍କୁ ଆଜି ଏମିତି ଉଦ୍‌ବୁଦ୍ଧ କରିଛି ଯେ ଏହା ସାରା ରାଜ୍ୟରେ ଏକ ବିରାଟ ଜନ ଆନ୍ଦୋଳନରେ ପରିଣତ ହୋଇଯାଇଛି। ଏ ଆନ୍ଦୋଳନ ଆଜି ପରେ ସରିଯିବନି, ଏହା ନିରନ୍ତର ଚାଲୁ ରହିବ ବୋଲି ମୁଖ୍ୟମନ୍ତ୍ରୀ କଥା ଦେଇଛନ୍ତି। ସବୁଜରଙ୍ଗରେ ରଙ୍ଗାୟିତ ହେବ ଓଡ଼ିଶା। ଜଳବାୟୁରେ ଆଖିଦୃଶିଆ ସୁଧାର ଆଣିବ। ମୋହନଙ୍କ ଏହି ମହତ୍ ପଦକ୍ଷେପ ଯଥା ପୂର୍ବରୁ ଆରମ୍ଭ ହୋଇଥିଲେ ବନ୍ୟା, ବାତ୍ୟାପ୍ରବଣ, ଖଣିଖାଦାନ ଓ ଶିଳ୍ପଭରା ଆମ ଓଡ଼ିଶାର ମାଟି ଆଜି ଗହଳ ସବୁଜିମାର ଛାଇରେ ଅଳସ ଭାଙ୍ଗୁଥାନ୍ତା ନିଶ୍ଚୟ!

ଗଛ ଲଗାଇବା ଆମ ସଂସ୍କୃତି, ଚଳଣି ଓ ପରମ୍ପରାର ଏକ ଅଙ୍ଗ। ଆମ ଧର୍ମ ଓ ସଂସ୍କୃତିରେ ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବଦ୍ଦଶାରେ କିଛି ଗଛ ଲଗାଇ ତା'ର ରକ୍ଷଣାବେକ୍ଷଣ କରିଥାନ୍ତି। ପ୍ରତ୍ୟେକ ହିନ୍ଦୁ ମହିଳା ଓ କୁଳବଧୂ ସକାଳୁ ଗାଧୋଇବା ପରେ ଗୋଟିଏ ଗଛ ମୂଳେ ପାଣି ଢାଳିବା ସହ ପ୍ରଣତି ବାଢ଼ିଥାନ୍ତି। ସନ୍ଧ୍ୟାରେ ତୁଳସୀ ଗଛ ମୂଳେ ସନ୍ଧ୍ୟା ଦୀପ ଜାଳିବା ସହ ପୂଜା ଆରାଧନା କରିଥାନ୍ତି। ଗଛ ଲଗାଇବା ଓ ପରିପାଳନ କରିବା ଏକ ଧର୍ମଭିତ୍ତିକ କାର୍ଯ୍ୟ ବୋଲି ବିବେଚନା କରାଯାଏ। ଜୀବନର ଅନ୍ତିମ ଅଧ୍ୟାୟରେ ଲୋକେ ଗଛ ଲଗାଇ ଅଶେଷ ପୁଣ୍ୟ ସାଧନ ହୁଏ ବୋଲି ବିଶ୍ୱାସ କରନ୍ତି; ସେଥିପାଇଁ ପୋଖରୀ ହୁଡ଼ା, ରାସ୍ତା ଧାର, ପରିତ୍ୟକ୍ତ ପଡ଼ିଆ, ମଶାଣି, ସ୍କୁଲ ଅଗଣା, ଅଫିସ ଚତୁଃପାର୍ଶ୍ୱରେ ଗଛ ଲଗାଇଥାନ୍ତି। ଏହାଦ୍ୱାରା ପରିବେଶର ସୌନ୍ଦର୍ଯ୍ୟ ବଢ଼େ ଓ ତାହା ସୁସ୍ଥ ରହେ। ସେଥିପାଇଁ କୁହାଯାଏ ଗଛ ଆମ ଜୀବନର ଏକ ବଡ଼ ଅବିଚ୍ଛେଦ୍ୟ ଅଙ୍ଗ। ଆଜି ପ୍ରଧାନମନ୍ତ୍ରୀଙ୍କ ୭୫ତମ ଜନ୍ମଦିବସରେ ଯେତେବେଳେ ଆମେ ଓଡ଼ିଶାବାସୀ ୭୫ଲକ୍ଷ ଚାରାରୋପଣ କରିବାକୁ ଯାଉଛନ୍ତି, ଆମେ ଜାଣି ନାହାନ୍ତି ଆମେ କେତେବଡ଼ ଗୌରବର ମୁକୁଟ ଆମ ରାଜ୍ୟର ମସ୍ତକରେ ମଣ୍ଡିତ କରିବାକୁ ଯାଉଛନ୍ତି ଏକା ଦିନରେ ଏତେସଂଖ୍ୟକ ଚାରା ରୋପଣ ବିଶ୍ୱରେକର୍ଡ ସୃଷ୍ଟିକରି ଶୀଘ୍ର ଗିନିଜ ବୁକ୍ ଅଫ ରେକର୍ଡରେ ସ୍ଥାନିତ ହେବାକୁ ଯାଉଛି।

ଆମର ଏହି ଧାରା ସହିତ ମେଳଥିବା ପ୍ରଧାନମନ୍ତ୍ରୀଙ୍କ "ମା' କି ନାମ୍ ପେ ଏକ୍ ପେଡ୍" ଅଭିଯାନକୁ ଓଡ଼ିଶାରେ ଆଉ ପାଦେ ଆଗକୁ ନେବାରେ ମଙ୍ଗୁଆଳ ସାଜିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଓ ତାଙ୍କ ସରକାର।

ସାରା ଜନସମାଜର ଉନ୍ନତି କଳ୍ପେ ଅଭିପ୍ରେତ ଏହି କାର୍ଯ୍ୟକ୍ରମ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନର ଶୁଭେଚ୍ଛା ପାଇଁ ଉତ୍ସର୍ଗ ହୋଇଅଛି ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହା କେବଳ ଆମ ପରିବେଶ ସୁରକ୍ଷାରେ ସୀମିତ ନ ରହି ସମଗ୍ର ଦେଶ ପାଇଁ ଏକ ଭାବାତ୍ମକ ସାଂସ୍କୃତିକ ଆନ୍ଦୋଳନ ରୂପ ନେଇଛି। ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିବସରେ ତାଙ୍କ ପ୍ରତି ଓଡ଼ିଶାବାସୀଙ୍କ ଗଭୀର ସମ୍ମାନ ଓ ଅଭିନନ୍ଦନ!

# ଧର୍ମାନନ୍ଦଙ୍କ ସିକ୍ରେଟ୍ ମିଟିଂକୁ ନେଇ ଚର୍ଚ୍ଚା

**ବିଜେଡିକୁ ଘାରିଛି ସଙ୍ଗଠନ ଚିନ୍ତା**

- ଜିଲାସ୍ତରରେ ବସୁନି ସାଙ୍ଗଠନିକ ବୈଠକ
- ନେତା ଓ କର୍ମୀ ସୋସିଆଲ ମିଡିଆରେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି

ଢେଙ୍କାନାଳ,୧୬।୯(ରତନ ନାୟାର)

ଢେଙ୍କାନାଳ ଜିଲାରେ ସଙ୍ଗଠନକୁ କିପରି ସୁଦୃଢ଼ କରାଯିବ ସେ ନେଇ ବିଜେଡିକୁ ଚିନ୍ତା ଘାରିବାରେ ଲାଗିଛି। ଜିଲାରେ ବରିଷ୍ଠ ଓ ଯୁବନେତାଙ୍କ ମଧ୍ୟରେ ତାଳମେଳର ଅଭାବ ଦେଖାଦେଇଛି। ଗତ ୪ ତାରିଖରେ ଜିଲା ବିଜେଡି ସଭାପତି ଓ କାର୍ଯ୍ୟକାରୀ ସଭାପତିଙ୍କ ନାମ ଘୋଷଣା ହେବା ପରେ ନେତା ଓ କର୍ମୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇଛି। କେହି କେହି ଏହାକୁ ସ୍ୱାଗତ କରୁଥିବା ବେଳେ କେତେକେ ଅସନ୍ତୋଷକୁ ସାଧାରଣରେ ବ୍ୟକ୍ତ କରିଛନ୍ତି। ଜିଲା ବିଜେଡି କୃଷକ ସଙ୍ଗଠନର ଜଣେ ବରିଷ୍ଠ ନେତା ସାମାଜିକ ଗଣମାଧ୍ୟମରେ ନିଜର ଅସନ୍ତୋଷକୁ ବ୍ୟକ୍ତ କରିଥିବା ଦେଖାଯାଇଥିଲା।

ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା କାମାକ୍ଷାନଗର ବିଜ୍ଞପିତ ଅଞ୍ଚଳ ପରିଷଦ(ଏନ୍ଏସି) ଅଧ୍ୟକ୍ଷ ଧର୍ମାନନ୍ଦ ପରିଡ଼ା ୧୩ ତାରିଖରେ କାମାକ୍ଷାନଗରଠାରେ ଏକ ସିକ୍ରେଟ୍ ମିଟିଂ ଆୟୋଜନ କରିବାକୁ ନେଇ ଚର୍ଚ୍ଚା ହେଉଛି। ଏକଦା ବିଜେଡିରୁ ନିଲମ୍ବିତ ହୋଇଥିବା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କର ଏକାନ୍ତ ଅନୁଗତ ଥିଲେ ଧର୍ମାନନ୍ଦ। ପ୍ରଫୁଲ୍ଲଙ୍କ ନିଲମ୍ବନ ହେବାର ୩ଦିନ ପରେ ଧର୍ମାନନ୍ଦ ହଠାତ୍ କାମାକ୍ଷାନଗରରେ ସିକ୍ରେଟ୍ ମିଟିଂ ଆୟୋଜନ କରିବା ଘଟଣା ସାଧାରଣରେ ଆଲୋଚନାର ବିଷୟ ପାଲଟିଛି। ଜିଲାରେ ୨୦୨୪ ନିର୍ବାଚନ ପରେ ବରିଷ୍ଠ ବିଜେଡି ନେତାମାନଙ୍କ ମଧ୍ୟରେ ସମନ୍ୱୟ ନ ଥିବାବେଳେ ସାଙ୍ଗଠନିକ ବୈଠକ ମଧ୍ୟ ନିୟମିତ ବ୍ୟବଧାନରେ ହେଉ ନ ଥିବା ଦେଖିବାକୁ ମିଳିଛି। ଫଳରେ ବ୍ଲକ ଓ ପଞ୍ଚାୟତସ୍ତରରେ କିଛି ନେତା ଇତିମଧ୍ୟରେ ଦଳ ଛାଡ଼ି ଭାଜପାରେ ଯୋଗ ଦେଇଛନ୍ତି। ଅନ୍ୟ କିଛି ନେତା କଂଗ୍ରେସ ଦଳରେ ଯୋଗଦେବା ପାଇଁ ଯୋଗାଯୋଗରେ ଥିବା ଶୁଣିବାକୁ ମିଳୁଛି। ବର୍ତ୍ତମାନ ଜିଲା ବିଜେଡି ସଭାପତି ଡା. ନୃସିଂହ ଚରଣ ସାହୁଙ୍କ ସମେତ ମହେଶ ସାହୁ ଓ ସୁଧିର କୁମାର ସାମଲ ପ୍ରମୁଖ ନେତାଙ୍କ ମଧ୍ୟରେ ଗଣତି ହେଉଛନ୍ତି। ହିନ୍ଦୋଳ ବିଧାନସଭା ନିର୍ବାଚନମଣ୍ଡଳୀରେ ଗତ ନିର୍ବାଚନରେ ବିଜେଡିର ପରାଜୟ ପରେ ଉକ୍ତ ଅଞ୍ଚଳରେ ମଧ୍ୟ କୌଣସି ପ୍ରକାର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇ ନ ଥିବା କର୍ମୀଙ୍କ ମହଲରେ ଆଲୋଚନା ହେଉଛି। ନୂତନ ସଭାପତି ଓ କାର୍ଯ୍ୟକାରୀ ସଭାପତି ଚୟନ ପରେ ସମସ୍ତଙ୍କୁ କିପରି ଏକାଠି କରି ଅସନ୍ତୁଷ୍ଟଙ୍କୁ ମନେଇହେବ, ସେ ନେଇ କୌଣସି ଯୋଜନା ପ୍ରସ୍ତୁତ ହେଉନାହିଁ। ଆଗକୁ ପଞ୍ଚାୟତ ଓ ପୌରସଂସ୍ଥା ନିର୍ବାଚନ ରହିଥିବାରୁ ସଙ୍ଗଠନ କିପରି ଆଗକୁ ବଢ଼ିବ ତାହାକୁ ନେଇ ଦଳର ପୁରୁଖା, ଯୁବ ଓ ମହିଳା କର୍ମୀଙ୍କ ମଧ୍ୟରେ ଚିନ୍ତା ଘାରିଥିବା ଜଣାପଡ଼ିଛି। ଏପରିକି ଅସନ୍ତୋଷ ଏତେ ବଢ଼ିଛି ଯେ, କିଛି ଯୁବନେତା ଦଳରେ ରହିବୁ, କିନ୍ତୁ ପଦବୀ ଗ୍ରହଣ କରିବୁ ନାହିଁ ବୋଲି ସାଧାରଣରେ କହୁଥିବା ଦେଖାଯାଇଛି। ଅନ୍ୟପଟରେ କିଛି ନେତା ବ୍ୟକ୍ତିଗତ ଭାବେ ନିଜ ପସନ୍ଦର ନେତାଙ୍କ ସାଙ୍ଗରେ ରହିବେ, କିନ୍ତୁ ଦଳୀୟ କାର୍ଯ୍ୟରେ ଭାଗ ନେବେନାହିଁ ବୋଲି କହୁଛନ୍ତି। ଏସବୁ ଦେଖିଲେ ବର୍ତ୍ତମାନର ଜିଲା ସଭାପତି ଡା. ନୃସିଂହ ଚରଣ ସାହୁ ଓ କାର୍ଯ୍ୟକାରୀ ସଭାପତି ସନ୍ଦୀପ ଷଡ଼ଙ୍ଗୀ ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଧର୍ମାନନ୍ଦ ପରିଡ଼ାଙ୍କ ପାଇଁ ପରୀକ୍ଷାର ସମୟ ଆସିଥିବା ଦଳୀୟ ମହଲରେ ଚୁପୁରୁଚାପର ଚାଲିଛି। ଏବେଠାରୁ ସଙ୍ଗଠନ ବିଷୟରେ ଚିନ୍ତା ନ କଲେ ଆଗାମୀ ଦିନରେ ଦଳ ପାଇଁ କ୍ଷତିକାରକ ହୋଇପାରେ ବୋଲି କିଛି ପୁରୁଖା ନେତା କହୁଛନ୍ତି।

ଏ ନେଇ ଧର୍ମାନନ୍ଦଙ୍କୁ ପଚରାଯିବାରୁ ସେ କହିଛନ୍ତି, ଉକ୍ତ ବୈଠକ ସମ୍ପର୍କରେ କାହାକୁ ଜଣାଯାଇ ନ ଥିଲା। ଏହା ଏକ ସିକ୍ରେଟ୍ ମିଟିଂ ଥିଲା। ଜିଲା ସଭାପତି ଡା. ନୃସିଂହ ଚରଣ ସାହୁ କହିଛନ୍ତି, ତାଙ୍କୁ ସେହି ବୈଠକକୁ ଡକାଯାଇଥିଲା। କିନ୍ତୁ ଜଣେ ସମ୍ପର୍କୀୟଙ୍କ ଦେହାନ୍ତ ହୋଇଯାଇଥିବାରୁ ସେ ଯାଇପାରି ନ ଥିଲେ। ତେବେ ନବନିଯୁକ୍ତ ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ସନ୍ଦୀପ ଷଡ଼ଙ୍ଗୀ କହିଛନ୍ତି, ୨୦ ତାରିଖରେ ରାଜ୍ୟସ୍ତରରେ ଏକ ପ୍ରତିବାଦ ସଭା ପରେ ୨୪ ତାରିଖରେ କାମାକ୍ଷାନଗର ବିଧାନସଭା ନିର୍ବାଚନମଣ୍ଡଳୀରେ ଏକ ବୈଠକ ଅନୁଷ୍ଠିତ ହେବ। ଏଥିରେ ତୃଣମୂଳ ସ୍ତରର କର୍ମୀ ଓ ନେତୃବୃନ୍ଦ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହାପରେ ଜିଲାସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ପ୍ରୟାସ ଆରମ୍ଭ ହେବ ବୋଲି ସେ କହିଛନ୍ତି।

## ବିଶ୍ୱକର୍ମାଙ୍କୁ ଆରାଧନା



ସମ୍ଭବତଃ ୩.୩ ମିଲିଅନ ବର୍ଷ ପୂର୍ବେ ମଣିଷ ପ୍ରଥମେ ନିଜର ଜୀବନ ଧାରଣ ପାଇଁ ପ୍ରଥମେ ଯନ୍ତ୍ରର ନିର୍ମାଣ ଓ ବ୍ୟବହାର ଶିଖିଲା। କାଠ, ପଥରରୁ ତିଆରି ହତିଆର ବିଶେଷତଃ ତା'ର ଖାଦ୍ୟ ଓ ପୋଷଣ ପାଇଁ ବ୍ୟବହୃତ ହେଉଥିଲା। ସେହି ସମୟରୁ ଅଦ୍ୟାବଧି ମଣିଷ ତା'ର କୌଶଳ ଓ ବୁଦ୍ଧିମତା ଉପଯୋଗ କରି ସଭ୍ୟତାର ଉତ୍କର୍ଷ ସାଧନ କରି ଆସୁଛି। କିନ୍ତୁ ମଣିଷର ବିଶ୍ୱାସ ଯେ ଏସବୁ ନିର୍ମାଣର କର୍ତ୍ତା ସେ ନୁହେଁ, ଅନ୍ୟ କେହି ଅଦୃଶ୍ୟ ଶକ୍ତି। ସେଥିପାଇଁ ବୋଧହୁଏ, ଆମ ସନାତନ ସଂସ୍କୃତିରେ ସେହି ଶକ୍ତିର ଆରାଧନା ପାଇଁ ବିଶକର୍ମା ପୂଜାର ପରିକଳ୍ପନା କରାଯାଇଛି। ବିଶକର୍ମାର ଆଭିଧାନିକ ଅର୍ଥ ହେଉଛି ବିଶ ବ୍ରହ୍ମାଣ୍ଡରନିର୍ମାଣକର୍ତ୍ତା। ଆଜିର ଅତ୍ୟାଧୁନିକ ଯୁଗରେ ଯେତେବେଳେ ପ୍ରଯୁକ୍ତି ବିଦ୍ୟା ଅତି ଦ୍ରୁତ ଗତିରେ ବିକାଶ ଲାଭ କରୁଛି, ବିଶ୍ୱକର୍ମା ପୂଜାର ଗୁରୁତ୍ୱ ତଥା ମାନବ-ଯନ୍ତ୍ର ସମନ୍ୱୟର ମହତ୍ତ୍ୱ ଆହୁରି ବଢ଼ିଯାଇଛି। କାରଣ, ଏହା ମାନବୀୟ କୌଶଳ ଓ ଯନ୍ତ୍ରଶକ୍ତିର ଏକାୟନର ଏକ ପ୍ରତୀକ ପାଲଟିଛି ଏବଂ ସଭ୍ୟତାର ବିକାଶ ସମ୍ଭବ ହୋଇପାରିଛି। ବିଶକର୍ମା ପୂଜା ଏମିତି ଏକ ଅବକାଶ ଯାହା ନିଜର କର୍ମଶକ୍ତିର ପରିମାର୍ଜନ, କଳାକୌଶଳର ସମୃଦ୍ଧି ତଥା ଗୁଣାତ୍ମକ କାର୍ଯ୍ୟଶୈଳୀର ଉନ୍ନତିକରଣ ସମ୍ପର୍କରେ ଚିନ୍ତା କରିବା ପାଇଁ ସୁଯୋଗ ସୃଷ୍ଟି କରେ। ଦେବଶିଳ୍ପୀଙ୍କ ପୂଜା କେବଳ ପରମ୍ପରାରେ ସୀମିତ ନୁହେଁ, ଏହା ମଣିଷର ସର୍ଜନଶୀଳ ପ୍ରବୃତ୍ତିର ପ୍ରତୀକ। ଜଳବାୟୁ ପରିବର୍ତ୍ତନର ଯୁଗରେ, ଏହା ନିରନ୍ତର ଧାରଣୀୟତାର ବାର୍ତ୍ତା ଦେଉଛି ସୃଷ୍ଟି କର, କିନ୍ତୁ ପ୍ରକୃତିର କ୍ଷତି କରନହିଁ।

-ରବୀନ୍ଦ୍ର କୁମାର ନାୟକ,
ମୋ: ୭୦୦୮୩୬୩୯୭୨

# ଆଜିଠୁ 'ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ'

**ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ**

ଭୁବନେଶ୍ୱର,୧୬।୯(ବନ୍ଦନା ସେଠୀ)

ମହିଳା ଏବଂ ବାଳିକାମାନଙ୍କ ପାଇଁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଅଭିଯାନ 'ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ' ବୁଧବାରଠାରୁ ଆରମ୍ଭ ହେବ। ମଧ୍ୟପ୍ରଦେଶର ଧାର୍ ଜିଲାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଅଭିଯାନର ଶୁଭାରମ୍ଭ କରିବେ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଜାତୀୟ ପଦକ୍ଷେପ ସମନ୍ୱିତ ଏହି ଅଭିଯାନ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ଚାଲିବ। ସେହିପରି ଏହାର ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଭୁବନେଶ୍ୱର ୟୁନିଟ-୩ସ୍ଥିତ ଇଡ୍କୋ ପଡ଼ିଆରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ପ୍ରମୁଖ ଉପସ୍ଥିତ ରହିବେ। ସେହିପରି ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜରେ ହେବାକୁ ଥିବା ଆଞ୍ଚଳିକ ଶୁଭାରମ୍ଭରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଯୋଗଦେବେ। ରାଜ୍ୟ କାର୍ଯ୍ୟକ୍ରମରେ ୫୦୦୦ରୁ ଅଧିକ ମହିଳା ହିତାଧିକାରୀ ଅଂଶଗ୍ରହଣ କରିବେ। ଏମାନେ ଟିବି, ଏନ୍ସିଡି, ରକ୍ତହୀନତା ଏବଂ କର୍କଟ ରୋଗର ସ୍କ୍ରିନିଂ କରିବେ। ମହିଳାମାନଙ୍କ ସ୍ୱାସ୍ଥ୍ୟ ଓ ପୁଷ୍ଟିକୁ ପ୍ରୋତ୍ସାହିତ କରିବା, ମହିଳା ଓ ବାଳିକାଙ୍କ ସାମଗ୍ରିକ ବିକାଶ ସୁନିଶ୍ଚିତ କରିବା ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ। ଏହି କ୍ରମରେ ରାଜ୍ୟର ସମସ୍ତ ଜିଲାରେ ସର୍ବାଧିକ ମହିଳା ହିତାଧିକାରୀ ଏବଂ ଝିଅମାନଙ୍କୁ ଉଚ୍ଚ ରକ୍ତଚାପ, ମଧୁମେହ, ମୁଖ, ସ୍ତନ ଏବଂ ଗର୍ଭାଶୟ କର୍କଟ, ରକ୍ତହୀନତା, ଟିବି, ସିକିଲସେଲ ରୋଗ, ମାତୃ ସ୍ୱାସ୍ଥ୍ୟ ଏବଂ ଏନ୍ସିଡି ପାଇଁ ସ୍କ୍ରିନିଂ କରାଯିବାର ଲକ୍ଷ୍ୟ ରଖାଯାଇଛି। ଅଭିଯାନ ସମୟରେ ସମସ୍ତ ଗର୍ଭବତୀ ମହିଳାଙ୍କ ପାଇଁ ବିଶେଷଜ୍ଞଙ୍କ ଦ୍ୱାରା ପ୍ରସବ ପୂର୍ବ ପରୀକ୍ଷା ସୁନିଶ୍ଚିତ କରାଯିବ। ଟିକାକରଣ ହୋଇ ନ ଥିବା ଝିଅମାନଙ୍କୁ ନିୟମିତ ଟିକାକରଣରେ ଅନ୍ତର୍ଭୁକ୍ତ କରାଯିବ ଏବଂ ରକ୍ତହୀନତାଗ୍ରସ୍ତ ମହିଳା ଓ ଝିଅମାନେ ମାଗଣା ଚିକିତ୍ସା ପାଇବେ। ଏଥିସହ ଅକ୍ଟୋବର ୧ରେ ସାରା ରାଜ୍ୟରେ ଏକାଧିକ ରକ୍ତଦାନ ଶିବିର ଆୟୋଜନ କରାଯିବ। ଏହି ଅଭିଯାନକୁ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ମହିଳା ଓ ଶିଶୁ ବିକାଶ ବିଭାଗ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ମିଶନ ଶକ୍ତି ସହିତ ସମନ୍ୱୟ କରି ଆରମ୍ଭ କରାଯାଉଛି। ଏହା ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ ଉଭୟ ସ୍ଥାନରେ ସରକାରଙ୍କ ମହିଳା କର୍ମଚାରୀଙ୍କ ସାମଗ୍ରିକ କଭରେଜ ସୁନିଶ୍ଚିତ କରିବ ବୋଲି ସୂଚନା ଦିଆଯାଇଛି।

# ଆଜି ପୂଜା ପାଇବେ ବିଶ୍ୱବିନ୍ଧାଣୀ

- ଝଲମଲ କରୁଛି ନାଲ୍କୋନଗର
- ସକାଳୁ ଆରମ୍ଭ ହେବ କଳସ ଯାତ୍ରା

ବଣ୍ଟାଁରପାଳ,୧୬।୯(ସୁବାସ ସାହୁ)



ଦେବଶିଳ୍ପୀଙ୍କ ପୂଜା ପାଇଁ ଶେଷ ହୋଇଛି ସମସ୍ତ ପ୍ରସ୍ତୁତି। ସୁସଜ୍ଜିତ ମଣ୍ଡପ ସହ ରଙ୍ଗିନ ଆଲୋକମାଳାରେ ଝଲମଲ କରୁଛି ନାଲ୍କୋନଗର। ବୁଧବାର ସକାଳୁ ବିଶ୍ୱବିନ୍ଧାଣୀଙ୍କ ପୂଜା ଆରମ୍ଭ ହେବାକୁ ଥିବାବେଳେ ସପ୍ତାହେ ଧରି ଦୁଲୁକିବ ନାଲ୍କୋନଗର। ମହା ଆଡ଼ମ୍ବରରେ ପୂଜା ପାଳନ ପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ସକାଳୁ କଳସ ଶୋଭାଯାତ୍ରା କରାଯାଇ ମଣ୍ଡପରେ ସ୍ଥାପନ ପରେ ଆରମ୍ଭ ହେବ ପୂଜାର୍ଚ୍ଚନା। କେତେକ ଅନୁଷ୍ଠନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ ପାଇଁ ନିଷ୍ପତ୍ତି ନିଆଯାଇଛି। ଚଳିତବର୍ଷ ଦର୍ଶକଙ୍କ ମନକୁ ଛୁଇଁଲା ଭଳି ପୂଜା ପେଣ୍ଡାଲର ତୋରଣ ଓ ଭିତର ସାଜସଜ୍ଜା କରାଯାଇଛି। ଗୋଟିଏ ପୂଜା ପେଣ୍ଡାଲରେ ୫ ରୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରାଯାଇଛି। ମିନାବଜାର ଓ ପଲ୍ଲୀଶ୍ରୀ ମେଳା ମୁଖ୍ୟ ଆକର୍ଷଣ ସାଜିବ। ନୂତନ ଭାବେ ଯୋଗଦେଇଥିବା ନାଲ୍କୋ ଥାନା ଅଧିକାରୀ ଶ୍ୟାମଲାଲ ଓରାମ ଶାନ୍ତିଶୃଙ୍ଖଳା ରକ୍ଷା ଉପରେ ସତର୍କ ନଜର ରଖିଛନ୍ତି।

# ୯୧୩ ନବନିର୍ମିତ ଅଙ୍ଗନୱାଡି କେନ୍ଦ୍ର ଉଦ୍ଘାଟିତ

**ସକ୍ଷମ ଅଙ୍ଗନୱାଡି କେନ୍ଦ୍ର ହେବ ୭୪,୨୨୪ ଅଙ୍ଗନୱାଡି କେନ୍ଦ୍ର**

ଭୁବନେଶ୍ୱର, ୧୬।୯(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟର ୭୪ ହଜାର ୨୨୪ ଅଙ୍ଗନୱାଡି କେନ୍ଦ୍ର ଅଭିଯାନ ମୋଡ୍‌ରେ ସକ୍ଷମ ଅଙ୍ଗନୱାଡିରେ ରୂପାନ୍ତରିତ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ମଙ୍ଗଳବାର ଆଭାସି ମାଧ୍ୟମରେ ରାଜ୍ୟର ୯୧୩ ନବନିର୍ମିତ ଅଙ୍ଗନୱାଡି କେନ୍ଦ୍ରକୁ ଉପମୁଖ୍ୟମନ୍ତ୍ରୀ ଉଦ୍ଘାଟନ କରିଛନ୍ତି। ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସହଭାଗିତାରେ ଏହି ନବନିର୍ମିତ ଅଙ୍ଗନୱାଡି ଉଦ୍ଘାଟିତ ହୋଇଯାଇଛି। ତୃଣମୂଳସ୍ତରରେ ଅଙ୍ଗନୱାଡି କେନ୍ଦ୍ର ହେଉଛି ମହିଳା ଓ ଶିଶୁ ବିକାଶ ବିଭାଗର କେନ୍ଦ୍ରବିନ୍ଦୁ। ବହୁ ପ୍ରତୀକ୍ଷା ପରେ ରାଜ୍ୟରେ ୯୧୩ ଅଙ୍ଗନୱାଡି କେନ୍ଦ୍ରକୁ ନିଜର ଗୃହ ମିଳିଛି ବୋଲି ଉପମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ବିପଦସଙ୍କୁଳ ଅବସ୍ଥାରେ ଥିବା ଅଙ୍ଗନୱାଡି କେନ୍ଦ୍ରକୁ ବିଶେଷ ଦୃଷ୍ଟିଦେବା ପାଇଁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସ ବୁଲିଯିବା ଅଙ୍ଗନୱାଡି ଅଭିଯାନରେ ୨ ଲକ୍ଷ ୯୯ ହଜାରରୁ ଅଧିକ ଜନସାଧାରଣ ସାମିଲ୍‌ହୋଇ ଉକ୍ତ କାର୍ଯ୍ୟକ୍ରମକୁ ଏକ ଜନ ଆନ୍ଦୋଳନରେ ପରିଣିତ କରିଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ସମ୍ବଲପୁରରୁ ଆଭାସି ମାଧ୍ୟମରେ ଯୋଗଦେଇ ରାଜ୍ୟର ସବୁ ଅଙ୍ଗନୱାଡିର ଭିତ୍ତିଭୂମିକୁ ସୁଦୃଢ଼ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଅଙ୍ଗନୱାଡି କେନ୍ଦ୍ରରେ ସ୍ୱଚ୍ଛତା ଓ ପାନୀୟ ଜଳ ସୁବିଧା ଉପରେ ସେ ବିଶେଷ ଗୁରୁତ୍ୱ ଦେଇଛନ୍ତି। ଅଙ୍ଗନୱାଡି କେନ୍ଦ୍ର, ବିକଶିତ ଓଡ଼ିଶା ୨୦୩୬ ଓ ବିକଶିତ ଭାରତ ୨୦୪୭ର ମୂଳଦୁଆ ବୋଲି ମନ୍ତ୍ରୀ ମତ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଆଭାସି ମାଧ୍ୟମରେ ଯୋଡ଼ିହୋଇଥିବା ଜିଲାର ଅଙ୍ଗନୱାଡି କର୍ମୀ ଓ ସହାୟିକାମାନେ ନୂତନ ଅଙ୍ଗନୱାଡି କେନ୍ଦ୍ର ପାଇଁ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ନିଜର ଖୁସି ବ୍ୟକ୍ତ କରିଛନ୍ତି।

# ଜିଲା ଖଣିଜ ପ୍ରତିଷ୍ଠାନର ୧୦ ବର୍ଷ ପୂର୍ତ୍ତି ପାଳନ

ମାଧପୁର,୧୬।୯(ମନୋଜ କୁମାର ପ୍ରଧାନ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ୍ ଲୁଣହାଣ୍ଡି ଉଚ୍ଚ ବିଦ୍ୟାଳୟଠାରେ ମଙ୍ଗଳବାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିକଳ୍ପ ବିକାଶ ଓଡ଼ିଶା ତରଫରୁ ଜିଲା ଖଣିଜ ପ୍ରତିଷ୍ଠାନର ୧୦ବର୍ଷ ପୂର୍ତ୍ତି ପାଳନ କରାଯାଇଛି। ଏହି ଅବସରରେ ଜିଲା ଖଣିଜ ପ୍ରତିଷ୍ଠାନ ଅନୁଗୋଳ ଅନୁଦାନ ପାଣ୍ଠିରୁ ଜିଲାରେ ଚାଲିଥିବା ପ୍ରକଳ୍ପ 'ଶ୍ରୀ ଅନ୍ନ ଅଭିଯାନ କାର୍ଯ୍ୟକ୍ରମ'ର ଏକ ପୃଷ୍ଟି ଶସ୍ୟ ଖାଦ୍ୟମେଳା ଆୟୋଜନ କରାଯାଇଥିଲା। ଶ୍ରୀଅନ୍ନ ଅଭିଯାନର ବ୍ଲକ ସଂଯୋଜକ ଗୌରୀ ଶଙ୍କର ଥାଟି ଅତିଥି ପରିଚୟ ଦେଇଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଜିତ୍ କୁମାର ମେଣ୍ଡୁଲି, ବିଜ୍ଞାନ ଶିକ୍ଷକ ଅନ୍ତର୍ଯ୍ୟାମୀ ନାୟକ, ଲୁଣହାଣ୍ଡି କୃଷି ପର୍ଯ୍ୟବେକ୍ଷକ ବିଚିତ୍ରାନନ୍ଦ ବାରିକ, ଶ୍ରୀଅନ୍ନ ଅଭିଯାନ ସହକାରୀ ବ୍ଲକ ସଂଯୋଜକ ଗଣେଶ ଦେହୁରୀ, ରଜତ ପ୍ରଧାନ, ବିଦ୍ୟାଳୟର ସମସ୍ତ ଶିକ୍ଷକ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରୀଙ୍କୁ ନେଇ ମିଲେଟ ଆଧାରିତ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇ ପୁରସ୍କାର ବିତରଣ କରାଯାଇଥିଲା। ପରେ ମିଲେଟ ତିଆରି ବିଭିନ୍ନ ପ୍ରକାରର ଖାଦ୍ୟ ଅଂଶଗ୍ରହଣକାରୀଙ୍କୁ ପ୍ରଦର୍ଶନ କରାଯାଇ ସମସ୍ତଙ୍କୁ ବଣ୍ଟନ କରଯାଇଥିଲା। ସହକାରୀ ବ୍ଲକ ସଂଯୋଜକ ଦେହୁରୀ ଧନ୍ୟବାଦ ଦେଇଥିଲେ।

# ହାତୀ ଆକ୍ରମଣରୁ ବର୍ତ୍ତିବାକୁ ଯାଇ ଯୁବକ ଗୁରୁତର



ବଣ୍ଟାଁରପାଳ,୧୬।୯(ସୁବାସ ସାହୁ)

ଅନୁଗୋଳ ଜିଲା ବଣ୍ଟାଁରପାଳ ଥାନା ଝଜିରିବାହାଲ ଗ୍ରାମରେ ଘୂରି ବୁଲୁଥିବା ହାତୀ ଆକ୍ରମଣରୁ ବର୍ତ୍ତିବାକୁ ଯାଇ ଭାଗବତ ପ୍ରଧାନଙ୍କ ପୁଅ ନକୁଳ ପ୍ରଧାନ ଗୁରୁତର ହୋଇଛନ୍ତି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ନକୁଳ ମାଛ ମାରିବାକୁ ପୋଖରୀ ଆଡ଼କୁ ଯାଉଥିଲାବେଳେ ଗୋଠଛଡ଼ା ହାତୀ ସହ ମୁହାଁମୁହିଁ ହୋଇଥିଲେ। ହାତୀ ଆକ୍ରମଣରୁ ବର୍ତ୍ତିବାକୁ ନକୁଳ ଦୌଡ଼ିବା ସମୟରେ ଖସି ପଡ଼ି ଗୁରୁତର ହୋଇଥିଲେ। ଖବରପାଇ ବନ କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ନକୁଳଙ୍କ ହାତ ଏବଂ ଗୋଡ଼ରେ ଗଭୀର ଆଘାତ ଲାଗିଛି। ବନବିଭାଗ ଅଧିକାରୀ କହିଛନ୍ତି, ଝଜିରିବାହାଲ ଅଞ୍ଚଳରେ ହାତୀ ଥିବାନେଇ ଗ୍ରାମବାସୀଙ୍କୁ ଡାକବାଜି ଯନ୍ତ୍ରରେ ସୂଚନା ଦିଆଯାଇଥିଲା। ତେବେ ଯୁବକଙ୍କ ଅସାବଧାନତାରୁ ଏହିପରି ଅଘଟଣ ଘଟିଛି।

# ବୃକ୍ଷ ମାନବ ଜୀବନର ରକ୍ଷାକର୍ତ୍ତା: ଜଙ୍ଗଲ ମନ୍ତ୍ରୀ

**ଆଜି ରାଜ୍ୟରେ ୭୫ ଲକ୍ଷ ଚାରା ରୋପଣ କରାଯିବ**

ଭୁବନେଶ୍ୱର, ୧୬।୯ (ବନ୍ଦନା ସେଠୀ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜନ୍ମଦିବସ ଏବଂ 'ଏକ ପେଡ୍ ମା କେ ନାମ୍'ର ଦ୍ୱିତୀୟ ସଂସ୍କରଣ ଅଭିଯାନ ଅନ୍ତର୍ଗତ ବୁଧବାର ସମଗ୍ର ଦେଶରେ ୧.୫କୋଟି ଚାରାରୋପଣ କରାଯିବ। ଏହି କ୍ରମରେ ଓଡ଼ିଶା ସରକାର ରାଜ୍ୟର କୋଣ ଅନୁକୋଣରେ ଏକକାଳୀନ ୭୫ଲକ୍ଷ ଚାରା ରୋପଣ କରିବାକୁ ପାଇଁ ନିଷ୍ପତ୍ତି ନେଇଛନ୍ତି। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଲୋକସେବା ଭବନରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୃକ୍ଷ କେବଳ ପ୍ରାକୃତିକ ସମ୍ପଦ ନୁହେଁ, ବରଂ ମାନବଜୀବନର ରକ୍ଷାକର୍ତ୍ତା ବୋଲି ମନ୍ତ୍ରୀ କହିବା ସହିତ ଝାରସୁଗୁଡ଼ା, ତାଳଚେର, କଳିଙ୍ଗନଗର ଭଳି ଶିଳ୍ପାଞ୍ଚଳ, ସ୍ୱଳ୍ପ ବୃଷ୍ଟିପାତ ହେଉଥିବା ଅଞ୍ଚଳ ଏବଂ ଟାଙ୍ଗରା ଭୂମିରେ ଅଧିକରୁ ଅଧିକ ଚାରାରୋପଣ କରିବା ସହ ଏହାର ଉପଯୁକ୍ତ ଯତ୍ନ ନେବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଗତବର୍ଷ 'ଏକ୍ ପେଡ୍ ମା କେ ନାମ୍' ପ୍ରଥମ ସଂସ୍କରଣ ଅଭିଯାନ ଅନ୍ତର୍ଗତ ଓଡ଼ିଶାରେ ୬.୭୨କୋଟି ଚାରା ରୋପଣ ସହିତ ସମଗ୍ର ଦେଶରେ ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅନ୍ୟ ବିଭାଗ ସହିତ ସମନ୍ୱୟ ରକ୍ଷାକରି ବିଗତ ୪୫ଦିନ ମଧ୍ୟରେ ୪.୭କୋଟି ଚାରା ରୋପଣ କରିସାରିଥିବା ନେଇ ସୂଚନା ଦିଆଯାଇଛି। ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ସୂର୍ଯ୍ୟୋଦୟଠାରୁ ସୂର୍ଯ୍ୟାସ୍ତ ମଧ୍ୟରେ ୭୫ଲକ୍ଷ ଉର୍ଦ୍ଧ୍ୱ ଚାରାରୋପଣ କାର୍ଯ୍ୟ ଶେଷ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି ଆଭାସୀ ବୈଠକରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ସୁରେଶ ପନ୍ତ, କାମ୍ପାର ମୁଖ୍ୟ କାର୍ଯ୍ୟନିର୍ବାହୀ ଜି. ରାଜେଶ, ବରିଷ୍ଠ ବିଭାଗୀୟ ଅଧିକାରୀ ଏବଂ ବନଖଣ୍ଡ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।

# ସ୍ୱାସ୍ଥ୍ୟସେବା ନେଇ ଏନ୍‌ଜିଓ କର୍ମକର୍ତ୍ତାଙ୍କ ସହ ଆଲୋଚନା କଲେ ସ୍ୱାସ୍ଥ୍ୟମନ୍ତ୍ରୀ



ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏବଂ ବିଭାଗୀୟ ଅଧିକାରୀ।

ଭୁବନେଶ୍ୱର,୧୬।୯(ବନ୍ଦନା ସେଠୀ)

ସ୍ୱାସ୍ଥ୍ୟସେବା ସମ୍ପର୍କିତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ନେଇ ରାଜ୍ୟରେ କାର୍ଯ୍ୟରତ ବିଭିନ୍ନ ଏନ୍‌ଜିଓ ସଂଗଠନର କର୍ମକର୍ତ୍ତାଙ୍କ ସହ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଆଲୋଚନା କରିଛନ୍ତି। ମଙ୍ଗଳବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ଆଲୋଚନାରେ ଜନସାଧାରଣଙ୍କ ପାଇଁ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ, ଜନସଚେତନତାକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ପାଇଁ ବିଭାଗର ଲକ୍ଷ୍ୟ ବିଷୟରେ ସେମାନଙ୍କୁ ଅବଗତ କରାଯାଇଛି। ସେହିପରି ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ମଧ୍ୟପ୍ରଦେଶ ଧାର୍ ଜିଲାରୁ ଶୁଭାରମ୍ଭ ହେବାକୁଥିବା 'ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ' ସମ୍ପର୍କରେ ମନ୍ତ୍ରୀ ମହାଲିଙ୍ଗ ଆଲୋଚନା କରିଛନ୍ତି। ଏହି ଅଭିଯାନକୁ ସଫଳ କରିବା ପାଇଁ ପ୍ରୟାସ କରିବା ନେଇ ଧ୍ୟାନ ଦେବାକୁ ଏନ୍‌ଜିଓ କର୍ମକର୍ତ୍ତାମାନଙ୍କୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବୈଠକରେ ସ୍ୱାସ୍ଥ୍ୟ ସଚିବ ଅଶ୍ୱଥୀ ଏସ୍., ଏନ୍ଏଚ୍ଏମ୍ ମିଶନ ନିର୍ଦ୍ଦେଶକ ଡା. ବୃନ୍ଦା ଡି. ଏବଂ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଲୋକଙ୍କ ଆସ୍ଥାଭାଜନ ହେବାକୁ ମନ୍ତ୍ରୀଙ୍କ ପରାମର୍ଶ

**ଦକ୍ଷିଣାଞ୍ଚଳ ଡିଭିଜନସ୍ତରୀୟ ରାଜସ୍ୱ ଅଧିକାରୀ ସମ୍ମିଳନୀ**

ଛତ୍ରପୁର,୧୬।୯
(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ଦକ୍ଷିଣାଞ୍ଚଳ ଡିଭିଜନସ୍ତରୀୟ ଦୁଇଦିନିଆ ରାଜସ୍ୱ ଅଧିକାରୀ ସମ୍ମିଳନୀ ଛତ୍ରପୁରସ୍ଥିତ ଗଞ୍ଜାମ ଜିଲ୍ଲା ପରିଷଦ ଋଷିକୁଲ୍ୟା ସମ୍ମିଳନୀ ଗୃହରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ସଂଗ୍ରାମ କେଶରୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଚାଲିଥିବା ଏହି ସମ୍ମିଳନୀକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ଉଦ୍ଘାଟନ କରିଥିଲେ। ଲୋକଙ୍କ ଆସ୍ଥାଭାଜନ ହୋଇ ସେମାନଙ୍କ ସମସ୍ୟା ସମାଧାନ କରିବାକୁ ଉପସ୍ଥିତ ଅଧିକାରୀମାନଙ୍କୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଲୋକାଭିମୁଖୀ ସରକାରରେ ଯେଉଁ ଆଚରଣ ଓ ଉଚ୍ଚାରଣ ଦରକାର ସେ ନେଇ ଅଧିକାରୀଙ୍କ ମଧ୍ୟରେ ସଂସ୍କାର ଆସିବା ନିହାତି ଜରୁରୀ। ପୂର୍ବରୁ ରାଜ୍ୟ ସ୍ତରରେ ଏହି ସମ୍ମିଳନୀ ହେଉଥିଲା। ଏବେ ଡିଭିଜନସ୍ତରୀୟ କରାଯାଇଛି। ଆବଶ୍ୟକ ହେଲେ ଜିଲାସ୍ତରୀୟ ସମ୍ମିଳନୀ କରାଯିବ। ରାଜସ୍ୱ ବିଭାଗକୁ ଦୁର୍ନୀତିମୁକ୍ତ, କ୍ରିୟାଶୀଳ ଓ ଲୋକଙ୍କୁ ଭଲ ସେବା ଯୋଗାଇବାରେ କର୍ତ୍ତବ୍ୟବୋଧକୁ ଆହୁରି ଶାଳୀନତା କରିବା ଏହି ସମ୍ମିଳନୀର ଲକ୍ଷ୍ୟ ବୋଲି ମନ୍ତ୍ରୀ କହିଥିଲେ।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ ସମ୍ମିଳନୀରେ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଦିଗପହଣ୍ଡି ବିଧାୟକ ଡ. ସିଦ୍ଧାନ୍ତ ମହାପାତ୍ର, ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତିଭାସନ ମଞ୍ଚାସୀନ ଥିଲେ। ଦକ୍ଷିଣାଞ୍ଚଳ ଡିଭିଜନ ଅଧୀନ ୮ ଜିଲା ଯଥା, ଗଞ୍ଜାମ, ଗଜପତି, କନ୍ଧମାଳ, କୋରାପୁଟ, ରାୟଗଡା, ନବରଙ୍ଗପୁର, ମାଲକାନଗିରି ଓ କଳାହାଣ୍ଡିର ୭୭ ଜଣ ଅଧିକାରୀ ସମ୍ମିଳନୀରେ ଯୋଗଦେଇଥିବା ବେଳେ କେତେଜଣ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ), ଉପଜିଲାପାଳ, ତହସିଲଦାର, ଜିଲ୍ଲା ମଙ୍ଗଳ ଅଧିକାରୀ, ଆଇଟିଡିଏ ଅଧିକାରୀ, ବନ ବିଭାଗର ଅଧିକାରୀ, ଜିଲ୍ଲା ସବ୍‌ରେଜିଷ୍ଟ୍ରାର ଅଫିସର ଭିଡିଓ କନ୍‌ଫରେନ୍ସରେ ଯୋଡି ହୋଇଥିଲେ। ଭୁବନେଶ୍ୱରରୁ ରାଜସ୍ୱ ବିଭାଗର ବରିଷ୍ଠ ଅଧିକାରୀ ଯୋଗଦେଇ ରାଜସ୍ୱ ଆଇନ ଓ ନିୟମ, ଜମି ଅଧିଗ୍ରହଣ, ଥଇଥାନ, ପୁନର୍ଗଠନ କ୍ଷେତ୍ରରେ ଆସୁଥିବା ଚ୍ୟାଲେଞ୍ଜ, ବସୁନ୍ଧରା ଯୋଜନାରେ ଥଇଥାନ, ସରକାରୀ ଜମିର ସୁରକ୍ଷା ଓ ଜବରଦଖଲ ଉଚ୍ଛେଦ, ରାଜସ୍ୱ କୋର୍ଟ କେସ୍ ଏବଂ ଜଙ୍ଗଲ ଜମି ଅଧିକାର ସମ୍ପର୍କରେ ଆଲୋଚନା କରିଛନ୍ତି।



ସମ୍ମିଳନୀରେ ଉପସ୍ଥିତ ରାଜସ୍ୱ ମନ୍ତ୍ରୀ, ଆର୍‌ଡିସି, ଜିଲାପାଳ ଓ ଅଧିକାରୀମାନେ।

## ପଞ୍ଚାୟତରେ ସେବା ଯୋଗାଇବ ତହସିଲ

ରାଜସ୍ୱ ବିଭାଗକୁ ଲୋକାଭିମୁଖୀ କରିବା ସହ ଠିକ୍ ସମୟରେ ସେବା ଯୋଗାଇବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ଏଣିକି ପ୍ରତି ମାସେ କିମ୍ବା ଦୁଇ ମାସରେ ଥରେ ତହସିଲ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ଲୋକଙ୍କ ସମସ୍ୟା ସମାଧାନ କରିବା ସହ ପଟ୍ଟା ବଣ୍ଟନ କରିବେ। ଏ ନେଇ ସରକାର ଯୋଜନା ଆରମ୍ଭ କରିଛନ୍ତି ବୋଲି ଛତ୍ରପୁର ଗସ୍ତ ବେଳେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏବେ ବସୁନ୍ଧରା ଯୋଜନାରେ ସମସ୍ତ ବ୍ଲକସ୍ତରକୁ ଯାଇ ଗରିବମାନଙ୍କୁ ପଟ୍ଟା ବଣ୍ଟନ କରାଯାଉଛି। ଏଥିସହ ସଂଶୋଧନ କରି ଉତ୍ତରାଧିକାରୀ ତଥା ପିଲାମାନଙ୍କୁ ପଟ୍ଟା ବଣ୍ଟନ ଚାଲିଛି। ଦୀର୍ଘ ୫୦ ବର୍ଷ ହେଲା ଶିକ୍ଷାନୁଷ୍ଠାନଗୁଡିକୁ ପଟ୍ଟା ମିଳି ନ ଥିଲା। ଏବେ ସରକାର ଶିକ୍ଷାନୁଷ୍ଠାନକୁ ପଟ୍ଟା ପ୍ରଦାନ କରୁଛନ୍ତି। ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ବରଦାସ୍ତ କରାଯିବ ନାହିଁ। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଆଗକୁ ମଧ୍ୟ ଏହି ପ୍ରକ୍ରିୟା ଜାରି ରହିବ ବୋଲି ମନ୍ତ୍ରୀ କହିଛନ୍ତି। ଆସନ୍ତା ୨୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଞ୍ଜାମ ଗସ୍ତରେ ଆସି ଜନସଭା କରିବେ। ଦେଢ଼ ବର୍ଷରେ ରାଜ୍ୟକୁ ଏହା ତାଙ୍କର ସପ୍ତମ ଗସ୍ତ ହେବ। ଓଡ଼ିଶାର ବିକାଶ ତାଙ୍କର ଲକ୍ଷ୍ୟ ବୋଲି ମନ୍ତ୍ରୀ କହିଛନ୍ତି।

ଦିଲ୍ଲୀରେ ଆଜି




ନୂଆଦିଲ୍ଲୀର ନ୍ୟାଶନାଲ ମିଡିଆ ସେଣ୍ଟରରେ ମଙ୍ଗଳବାର ସ୍ୱଚ୍ଛତାକୁ ନେଇ 'ସ୍ପେଶାଲ କ୍ୟାମ୍ପେନ୍ ୫.୦'ର ୱେବ୍ ପୋର୍ଟାଲ ଲଞ୍ଚିଂ ଅବସରରେ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ଉଦ୍‌ବୋଧନ ଦେଉଛନ୍ତି। ପ୍ରଶାସନିକ ସଂସ୍କାର ଏବଂ ସାଧାରଣ ଅଭିଯୋଗ ବିଭାଗର ସଚିବ ଭି. ଶ୍ରୀନିବାସ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି । (ଫଟୋ-ଚମନ ଗୌତମ)

# ମାସୁଦ୍ ଅଜହରଙ୍କ ପରିବାର ଧ୍ୱଂସ

## ଅପରେଶନ ସିନ୍ଦୂରକୁ ନେଇ ଜେଇଏମ୍ ଶୀର୍ଷ କମାଣ୍ଡରଙ୍କ ବଡ଼ ସ୍ୱୀକାରୋକ୍ତି

ନୂଆଦିଲ୍ଲୀ,୧୬।୯



ମାସୁଦ ଅଜହର

ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ନେବା ପାଇଁ ଭାରତୀୟ ସେନା ଅପରେଶନ୍ ସିନ୍ଦୂର ଆରମ୍ଭ କରିଥିଲା। ମେ' ୭ ରାତିରେ ବାହାୱଲପୁରର ମର୍କଜ ସୁଭାନଲ୍ଲାରେ ଥିବା ଜୈଶ-ଇ-ମହମ୍ମଦ (ଜେଇଏମ୍)ର ମୁଖ୍ୟାଳୟକୁ ଟାର୍ଗେଟକରି ଭାରତୀୟ ସେନା ଆକ୍ରମଣ କରିଥିଲା। ଏହି ଆକ୍ରମଣ ଜେଇଏମ୍ ମୁଖ୍ୟ ମୌଲାନା ମାସୁଦ ଅଜହରଙ୍କ ପରିବାରକୁ ଚୂରମାର କରିଦେଇଥିବା ଉକ୍ତ ସଂଗଠନର ଶୀର୍ଷ କମାଣ୍ଡର ମାସୁଦ୍ ଇଲିୟାସ୍ କଶ୍ମୀରୀ ଏକ ଭିଡିଓ ବାର୍ତ୍ତାରେ ସ୍ୱୀକାର କରିଛନ୍ତି। ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଉକ୍ତ ଭିଡିଓ କ୍ଲିପ୍‌ରେ ଇଲିୟାସ କହିଛନ୍ତି, ଦେଶର ସୁରକ୍ଷା ପାଇଁ ଆମେ ଆତଙ୍କବାଦକୁ ଗ୍ରହଣ କରିଛୁ ଏବଂ ଦେଶର ସୀମାକୁ ସୁରକ୍ଷା ଦେବା ପାଇଁ ଦିଲ୍ଲୀ, କାବୁଲ ଓ କାନ୍ଦାହାରରେ ଲଢ଼େଇ କରିଛୁ। ସବୁକିଛି ଦେବା ପରେ ଗତ ମେ' ୭ରେ ଭାରତୀୟ ସେନା ବାହାୱଲପୁରରେ ଆକ୍ରମଣ କଲା ଓ ଅଜହରଙ୍କ ପରିବାରକୁ ଧ୍ୱଂସ କରିଦେଲା। ଇଲିୟାସ ଏକ ମାଇକ୍ରୋଫୋନରେ ଉଚ୍ଚ ସ୍ୱରରେ କହୁଥିବାବେଳେ ପଛରେ ବହୁ ବନ୍ଧୁକଧାରୀ ଗାର୍ଡ ଛିଡ଼ା ହୋଇଥିବା ଭିଡିଓରେ ଦେଖିବାକୁ ମିଳିଛି।

# ଇସ୍ରାଏଲ୍ ଆକ୍ରମଣରେ ୭୮ ପାଲେଷ୍ଟିନୀୟ ମୃତ

## ଗାଜା ସିଟି ଦଖଲ ପାଇଁ ଜୋର୍‌ଦାର ସ୍ଥଳଯୁଦ୍ଧ

ଜେରୁଜେଲମ୍,୧୬।୯

ଗାଜା ସିଟିକୁ ଦଖଲ କରିବା ପାଇଁ ସୋମବାର ରାତିରେ ଜୋର୍‌ଦାର ଏୟାରଷ୍ଟ୍ରାଇକ୍ ପରେ ଇସ୍ରାଏଲୀ ସେନା ମଙ୍ଗଳବାର ସ୍ଥଳ ଆକ୍ରମଣ ଆରମ୍ଭ କରିଛି। ଏହି ଆକ୍ରମଣରେ ଅନ୍ୟୂନ ୭୮ ଜଣ ପାଲେଷ୍ଟନୀୟ ନିହତ ହୋଇଛନ୍ତି। ହମାସ୍‌ର ସାମରିକ ଭିତ୍ତିଭୂମିକୁ ଧ୍ୱଂସ କରିବା ପାଇଁ ସ୍ଥଳ ଆକ୍ରମଣ ଆରମ୍ଭ ହୋଇଥିବା ଇସ୍ରାଏଲୀ ସେନା ଘୋଷଣା କରିଛି। ସେଠାର ଲୋକମାନଙ୍କୁ ଦକ୍ଷିଣ ଗାଜାକୁ ପଳାଇଯିବା ପାଇଁ ଇସ୍ରାଏଲୀ ସେନା ମୁଖପାତ୍ର ଅଭିଚୟ ଅଦ୍ରାଇ ସତର୍କ କରାଇଛନ୍ତି। ଗାଜା ଜଳୁଥିବା ଇସ୍ରାଏଲ୍ ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ୍ କାଟଜ କହିଛନ୍ତି। ଦୀର୍ଘ ସପ୍ତାହର କୂଟନୈତିକ ଉଦ୍ୟମ ସତ୍ତ୍ୱେ ସମ୍ଭାବ୍ୟ ଯୁଦ୍ଧବିରତି ଦିଗରେ କୌଣସି ଅଗ୍ରଗତି ନ ହେବାରୁ ଇସ୍ରାଏଲ୍-ହମାସ୍ ଯୁଦ୍ଧ ଆହୁରି ବଢ଼ିଛି। ଗାଜାସିଟିର ଜନବହୁଳ ଅଞ୍ଚଳ ମଧ୍ୟରେ ଇସ୍ରାଏଲ୍ ଆକ୍ରମଣକୁ ଜୋର୍‌ଦାର କରିବାର କିଛି ମିନିଟ୍ ପୂର୍ବରୁ ବହୁସଂଖ୍ୟାରେ ପାଲେଷ୍ଟିନୀୟ ଜୀବନ ବଞ୍ଚାଇବା ପାଇଁ ଗାଜା ସିଟି ଛାଡ଼ି ଚାଲିଯିବାକୁ ବାଧ ହୋଇଛନ୍ତି। ଇସ୍ରାଏଲ୍ ସ୍ଥଳ ଆକ୍ରମଣ ଘୋଷଣା କରିବା ପରେ କେବଳ କେନ୍ଦ୍ରୀୟ ଗାଜା ସିଟିର ଦରାଜରେ ୨୦ ଜଣଙ୍କ ମୃତ୍ୟୁ ଘଟିଛି।

ଆମେରିକା ପରରାଷ୍ଟ୍ର ସଚିବ ମାର୍କୋ ରୁବିଓଙ୍କ ଗସ୍ତ ପରେ ଇସ୍ରାଏଲ୍ ସ୍ଥଳ ଆକ୍ରମଣ ଆରମ୍ଭ କରିଛି। ଆକ୍ରମଣ ଯୋଜନାକୁ ଆମେରିକା ସମର୍ଥନ କରୁଥିବା ଏହା ଘୋଷଣା କରିଛି। ମଙ୍ଗଳବାର ରୁବିଓ ଇସ୍ରାଏଲ୍ ଛାଡ଼ି କାତାରରେ ପହଞ୍ଚିଛନ୍ତି। ଗତ ସପ୍ତାହରେ କାତାରରେ ଇସ୍ରାଏଲ୍ ଆକ୍ରମଣ କରିବାରୁ ହମାସ୍‌ର ୫ ସଦସ୍ୟ ନିହତ ହୋଇଥିଲେ। ରୁବିଓ ସେଠାର ଶାସକ ଅମିରଙ୍କୁ ଭେଟିବା ଯୋଜନା ରହିଛି। ସୋମବାର କାତାରରେ ଅନୁଷ୍ଠିତ ସମିଟିରେ ଇସ୍ରାଏଲ୍‌ର ଆକ୍ରମଣକୁ ନିନ୍ଦା କରାଯାଇଥିଲା। ତେବେ ଇସ୍ରାଏଲ୍‌କୁ ଟାର୍ଗେଟକରି ସେମାନେ କୌଣସି ବଡ଼ କାର୍ଯ୍ୟାନୁଷ୍ଠାନ ନିଷ୍ପତ୍ତି ନେଇ ନାହାନ୍ତି।

ଗାଜାରେ ଇସ୍ରାଏଲ୍ ଗଣହତ୍ୟା ଚଳାଇଥିବା ଜାତିସଂଘ ମାନବାଧିକାର ପରିଷଦ ଦ୍ୱାରା ଗଠିତ ଏକ ନିରପେକ୍ଷ ବିଶେଷଜ୍ଞ କମିଟି ରିପୋର୍ଟ ଦେଇଛି। ଅନ୍ତର୍ଜାତୀୟ ସମୁଦାୟ ଏହି ଗଣହତ୍ୟାକୁ ବନ୍ଦ କରିବା ସହ ଏଥିପାଇଁ ଯେଉଁମାନେ ଦାୟୀ ସେମାନଙ୍କୁ ଦଣ୍ଡିତ କରିବା ଦିଗରେ ପଦକ୍ଷେପ ନେବାକୁ କମିଟି ଆହ୍ୱାନ ଦେଇଛି। ଗାଜାରେ ହମାସ ବିରୋଧରେ ଇସ୍ରାଏଲ୍ ଚଳାଇଥିବା ଯୁଦ୍ଧରେ ପାଖାପାଖି ୬୫ ହଜାର ଲୋକଙ୍କ ମୃତ୍ୟୁ ଘଟିଲାଣି। ଏଥିପାଇଁ ୩ ଜଣିଆ କମିଟି ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସରକାର ବିରୋଧରେ ଗଣହତ୍ୟା ଅଭିଯୋଗ ଆଣିଛି। ତେବେ ଇସ୍ରାଏଲ୍ ଉକ୍ତ ରିପୋର୍ଟକୁ ବିକୃତ ଓ ମିଥ୍ୟା କହି ପ୍ରତ୍ୟାଖ୍ୟାନ କରିଛି।

ସୂଚନାଯୋଗ୍ୟ, ୨୦୨୩ ଅକ୍ଟୋବର ୭ରେ ହମାସ୍ ନେତୃତ୍ୱାଧୀନ ଆତଙ୍କବାଦୀ ଇସ୍ରାଏଲ୍ ଉପରେ ଆକ୍ରମଣ କରି ୧,୨୦୦ ଲୋକଙ୍କୁ ହତ୍ୟା କରିବା ସହ ୨୫୧ ଜଣଙ୍କୁ ପଣବନ୍ଦୀ କରି ନେଇଯାଇଥିଲେ। ଏହାର ଜବାବରେ ଇସ୍ରାଏଲ୍ ଗାଜା ବିରୋଧରେ ଯୁଦ୍ଧ ଘୋଷଣା କରିଥିଲା। ପୂର୍ବରୁ ସାମୟିକ ଅସ୍ତ୍ରବିରତି ବେଳେ ବିଭିନ୍ନ ପର୍ଯ୍ୟାୟରେ କେତେଜଣ ପଣବନ୍ଦୀଙ୍କୁ ମୁକ୍ତ କରାଯାଇଥିବାବେଳେ ଏବେ ବି ଗାଜାରେ ୪୮ ଜଣ ଜୀବିତ ପଣବନ୍ଦୀ ରହିଥିବା ବିଶ୍ୱାସ କରାଯାଉଛି। ଗାଜା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟ ଅନୁଯାୟୀ ଇସ୍ରାଏଲୀ ସେନାର ଆକ୍ରମଣରେ ୬୪,୯୦୦ ଜଣଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରୁ କେତେଜଣ ସାଧାରଣ ନାଗରିକ ଓ କେତେଜଣ ଲଢ଼ୁଆ ଆତଙ୍କବାଦୀ ତାହା ଜଣାପଡ଼ିନାହିଁ। ତେବେ ମୃତକଙ୍କ ମଧ୍ୟରୁ ଅଧା ହେଉଛନ୍ତି ମହିଳା ଓ ଛୋଟ ପିଲା। ଯୁଦ୍ଧ ବନ୍ଦ କରିବାକୁ ପଣବନ୍ଦୀଙ୍କ ପରିବାର ନେତାନ୍ୟାହୁଙ୍କୁ ନିବେଦନ କରିବା ସହ ବିଭିନ୍ନ ଦେଶ ଚାପ ପକାଉଥିଲେ ମଧ୍ୟ ଇସ୍ରାଏଲ୍ ଆକ୍ରମଣକୁ ଆହୁରି ଜୋର୍‌ଦାର କରିଛି।



ଗାଜାସିଟିରେ ଇସ୍ରାଏଲର ଆକ୍ରମଣ ପରେ ଅଲ-ଘେଫାରୀ ଟାୱାର ଜଳୁଛି।

# ବିଦାହେବେ ଦସ୍ତାବିଜ ନ ଥିବା ଦାଦନ ଶ୍ରମିକ

## ପଞ୍ଜାବ ପଞ୍ଚାୟତଗୁଡ଼ିକରେ ପ୍ରସ୍ତାବ ଗୃହୀତ

ଚଣ୍ଡିଗଡ଼,୧୬।୯

ମହାରାଷ୍ଟ୍ରରେ ମରାଠୀ ବିବାଦ ପରେ ଏବେ ପଞ୍ଜାବରେ ବାହାର ରାଜ୍ୟର ଲୋକଙ୍କୁ ଟାର୍ଗେଟ କରାଯାଉଛି। ବିନା ଦସ୍ତାବିଜ୍‌ରେ ପଞ୍ଜାବର ବିଭିନ୍ନ ଗ୍ରାମରେ ରହିଥିବା ଦାଦନ ଶ୍ରମିକମାନଙ୍କୁ ବିଦା କରାଯିବ। ଏଥିପାଇଁ ହୋଶିଆରପୁର ଜିଲାର ୨୭ଟି ଗ୍ରାମରେ ଏଭଳି ପ୍ରସ୍ତାବ ଗୃହୀତ ହୋଇଛି। ସେମାନଙ୍କ ଅଞ୍ଚଳରେ ରହିଥିବା ବାହାର ରାଜ୍ୟର ଶ୍ରମିକମାନଙ୍କୁ ଆଉ ବାସିନ୍ଦା ପ୍ରମାଣପତ୍ର ଇସ୍ୟୁ କରାଯିବ ନାହିଁ। ବୈଧ ଦସ୍ତାବିଜ୍ ନଥିବା ଦାଦନଙ୍କୁ ସପ୍ତାହେ ମଧ୍ୟରେ ଉକ୍ତ ଅଞ୍ଚଳ ଛାଡ଼ିବାକୁ କୁହାଯିବ। ଗତ ୯ ତାରିଖରେ ହୋଶିଆରପୁରରେ ୫ ବର୍ଷର ବାଳକକୁ ଜଣେ ଦାଦନ ଶ୍ରମିକ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣା ପରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ରହୁଥିବା ବାହାର ରାଜ୍ୟର ଲୋକମାନଙ୍କ ବିରୋଧରେ ଉତ୍ତେଜନା ବଢ଼ିଛି।

# ଆସାମ ସିଭିଲ୍ ସର୍ଭିସ୍ ଅଫିସର ଗିରଫ

## ଘରୁ ମିଳିଲା ନଗଦ ୯୨ ଲକ୍ଷ ଟଙ୍କା, ୨ କୋଟିର ସୁନା



ନୁପୂର ବୋରା

ଗୁଆହାଟୀ,୧୬।୯(ପି.ଟି.)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଆସାମ ସିଭିଲ୍ ସର୍ଭିସ (ଏସିଏସ୍) ଅଫିସର ନୁପୂର ବୋରାଙ୍କୁ ଗିରଫ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଭିଜିଲାନ୍ସ ସେଲ୍‌ର ଏକ ଟିମ୍ ବୋରାଙ୍କ ଗୁଆହାଟୀସ୍ଥିତ ବାସଭବନ ଉପରେ ଚଢ଼ାଉ କରି ନଗଦ ୯୨ ଲକ୍ଷ ଟଙ୍କା ଏବଂ ୨ କୋଟି ଟଙ୍କା ମୂଲ୍ୟର ସୁନା ଅଳଙ୍କାର ଜବତ କରିଛି। ଅନ୍ୟ ଏକ ଟିମ୍ ତାଙ୍କ ବାରପେଟାସ୍ଥିତ ଭଡ଼ାଘରେ ଚଢ଼ାଉ କରିଥିବାବେଳେ ତଲାସି ଜାରି ରହିଛି। ବୋରା କାମରୂପ ଜିଲାର ଗୋରୋଇମାରିଠାରେ ସର୍କଲ ଅଫିସର ଭାବେ ପୋଷ୍ଟିଂ ହୋଇଥିଲେ। ବିବାଦୀୟ ଜମି ମାମଲାରେ ସମ୍ପୃକ୍ତି ଅଭିଯୋଗ ପରେ ୬ ମାସ ହେଲା ତାଙ୍କ ଉପରେ ନଜର ରଖାଯାଇଥିଲା ବୋଲି ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କହିଛନ୍ତି। ବୋରା ତାଙ୍କ ଆୟ ତୁଳନାରେ ୪୦୦ ଗୁଣ ଅଧିକ ସମ୍ପତ୍ତି ଠୁଳ କରିଛନ୍ତି। ଏଥିପାଇଁ ବୋରାଙ୍କୁ ନିଲମ୍ବନ କିମ୍ବା ଚାକିରିରୁ ବହିଷ୍କାର ଯଥେଷ୍ଟ ହେବ ନାହିଁ। ଆଇନ ଅନୁଯାୟୀ ତାଙ୍କୁ ଦାୟୀ କରାଯିବା ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ଅସ୍ତ୍ରବିରତି ନେଇ ଆମେରିକାର ମଧ୍ୟସ୍ଥତା ପ୍ରସ୍ତାବରେ ଭାରତ ରାଜି ହୋଇ ନ ଥିଲା

## ସ୍ୱୀକାର କଲା ପାକିସ୍ତାନ



ଇଶାକ୍ ଡାର୍

ଇସ୍‌ଲାମାବାଦ୍, ୧୬।୯

ଗତ ମେ'ରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ସଂଘର୍ଷ ଚାଲିଥିବା ବେଳେ ଅସ୍ତ୍ରବିରତି ପାଇଁ ପ୍ରସ୍ତାବ ଦେଇଥିବା ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଅନେକ ଥର ଦାବି କରିଛନ୍ତି। ତେବେ ଟ୍ରମ୍ପଙ୍କ ଏହି ଦାବିକୁ ନେଇ ମଙ୍ଗଳବାର ପାକିସ୍ତାନ ପକ୍ଷରୁ ଏକ ବଡ଼ ବୟାନ ସାମ୍ନାକୁ ଆସିଛି। ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ଇଶାକ୍ ଡାର୍ ମଙ୍ଗଳବାର ଏକ ସାକ୍ଷାତ୍‌କାରରେ କହିଛନ୍ତି, ଭାରତର ଅପରେଶନ ସିନ୍ଦୂର ଏବଂ ଭାରତ-ପାକିସ୍ତାନ ସଂଘର୍ଷ ମଧ୍ୟରେ ଆମେରିକା ପକ୍ଷରୁ ଅସ୍ତ୍ରବିରତିର ପ୍ରସ୍ତାବ ଆସିଥିଲା। ତେବେ ଭାରତ ଏହି ପ୍ରସ୍ତାବରେ ରାଜି ହୋଇ ନ ଥିଲା। ସେତେବେଳେ ଏକ ସ୍ୱତନ୍ତ୍ର ସ୍ଥାନରେ ଭାରତ ଓ ପାକିସ୍ତାନ ମଧ୍ୟରେ ଆଲୋଚନା କରିବା ପାଇଁ ଆମେରିକା ପରରାଷ୍ଟ୍ର ସଚିବ ମାର୍କୋ ରୁବିଓ ଉଭୟ ଦେଶକୁ ପ୍ରସ୍ତାବ ଦେଇଥିବା ବେଳେ ଭାରତ ଏହାକୁ ଗ୍ରହଣ କରି ନ ଥିଲା। ଡାର୍ କହିଛନ୍ତି, ଗତ ଜୁଲାଇ ୨୫ରେ ୱାଶିଂଟନରେ ରୁବିଓଙ୍କ ସହ ତାଙ୍କର ସାକ୍ଷାତ ହୋଇଥିଲା, ଯେଉଁଥିରେ ସେ କହିଥିଲେ, ପାକିସ୍ତାନ ସହ କେବଳ ଦ୍ୱିପାକ୍ଷିକ ଆଲୋଚନା ହେବ ବୋଲି ଭାରତ କହି ଆସୁଛି। ଭାରତ-ପାକିସ୍ତାନ ମଧ୍ୟରେ ରହିଥିବା ସମସ୍ୟାର ତୃତୀୟ ପକ୍ଷ ସାମିଲକୁ ନେଇ ପାକିସ୍ତାନର କୌଣସି ଆପତ୍ତି ନାହିଁ, ତେବେ ଭାରତ ଏଥିରେ ସହମତ ହେଉ ନ ଥିବା ଡାର୍ କହିଛନ୍ତି।

# ଭାରତ-ଆମେରିକା ବାଣିଜ୍ୟ ଆଲୋଚନା ସକାରାତ୍ମକ

ନୂଆଦିଲ୍ଲୀ,୧୬।୯(ପି.ଟି.)

ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମା ନେଇ ଭାରତ ଗସ୍ତରେ ଆସିଥିବା ଆମେରିକୀୟ ଟିମ୍ ସହ ମଙ୍ଗଳବାର ଆଲୋଚନା ସକାରାତ୍ମକ ହୋଇଛି। ଚୁକ୍ତିନାମା ଉପରେ ତୁରନ୍ତ ଆପୋସ ଲାଭପ୍ରଦ ନିଷ୍କର୍ଷରେ ପହଞ୍ଚିବା ପାଇଁ ଉଭୟ ପକ୍ଷ ରାଜି ହୋଇଥିବା ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଆମେରିକାର ମୁଖ୍ୟ ମଧ୍ୟସ୍ଥ ବ୍ରେଣ୍ଡାନ ଲିଞ୍ଚଙ୍କ ନେତୃତ୍ୱରେ ଆସିଥିବା ଟିମ୍ ସହ ବାଣିଜ୍ୟ ବିଭାଗ ସ୍ୱତନ୍ତ୍ର ସଚିବ ରାଜେଶ ଅଗ୍ରୱାଲଙ୍କ ଟିମ୍ ଦିବସବ୍ୟାପୀ ଆଲୋଚନା କରିଥିଲା। ପ୍ରସ୍ତାବିତ ଦ୍ୱିପାକ୍ଷିକ ବାଣିଜ୍ୟ ରାଜିନାମା ସକାରାତ୍ମକ ଓ ଏହାକୁ ଆଗେଇ ନେବାକୁ ଉଦ୍ୟମ ହେଉଥିବା ଲିଞ୍ଚ୍ କହିଛନ୍ତି। ମଙ୍ଗଳବାର ଭର୍ଚୁଆଲି ଆଲୋଚନା ହୋଇଥିବାବେଳେ ପରବର୍ତ୍ତୀ ପ୍ରତ୍ୟକ୍ଷ ଆଲୋଚନା ପାଇଁ ଉଭୟ ପକ୍ଷ ନିମନ୍ତେ ସୁବିଧା ହେଲା ଭଳି ତାରିଖ ଧାର୍ଯ୍ୟ କରାଯିବ।

ସୂଚନାଯୋଗ୍ୟ, ଷଷ୍ଠ ପର୍ଯ୍ୟାୟ ଆଲୋଚନା ଅଗଷ୍ଟ ଶେଷ ଭାଗରେ ହେବାକୁ ଥିଲା। ତେବେ ରୁଷିଆରୁ ତୈଳ କିଣାକୁ ନେଇ ଭାରତୀୟ ସାମଗ୍ରୀ ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୫୦ ପ୍ରତିଶତ ଟାରିଫ୍ ଲଗାଇବା କାରଣରୁ ଦୁଇ ଦେଶର ସମ୍ପର୍କରେ ତିକ୍ତତା ଦେଖାଯିବା ସହ ଆଲୋଚନାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଥିଲା।



ବାଣିଜ୍ୟ ଆଲୋଚନା ପାଇଁ ଭାରତ ଆସିଥିବା ଆମେରିକାର ମୁଖ୍ୟ ମଧ୍ୟସ୍ଥ ବ୍ରେଣ୍ଡାନ ଲିଞ୍ଚ୍ (ମଝି) ଓ ଅନ୍ୟମାନେ।

# ପ୍ରଧାନମନ୍ତ୍ରୀଙ୍କୁ ମିଳିଥିବା ୧,୩୦୦ ଉପହାର ନିଲାମ ହେବ

ନୂଆଦିଲ୍ଲୀ,୧୬।୯(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଦେଶବିଦେଶରୁ ମିଳିଥିବା ୧,୩୦୦ରୁ ଊର୍ଦ୍ଧ୍ୱ ଉପହାରକୁ ତାଙ୍କ ଜନ୍ମଦିନ ଅବସରରେ ବୁଧବାର ଇ-ନିଲାମ କରାଯିବ। ଉକ୍ତ ଉପହାର ମଧ୍ୟରେ ରାମ ଦରବାରର ତାଞ୍ଜୋର ପେଣ୍ଟିଂ, ଧାତବ ନଟରାଜ ମୂର୍ତ୍ତି, ହାତବୁଣା ନାଗା ଶାଲ୍, ୨୦୨୪ ପାରାଅଲିମ୍ପିକ୍ ଗେମ୍‌ରୁ ମିଳିଥିବା କ୍ରୀଡ଼ା ସ୍ମାରକୀ ସେଟ୍ ରହିଛି। ଏହି ଅନ୍‌ଲାଇନ୍ ନିଲାମର ସପ୍ତମ ସଂସ୍କରଣ ଅକ୍ଟୋବର ୨ ପର୍ଯ୍ୟନ୍ତ ଚାଲିବ ବୋଲି କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍ ନ୍ୟାଶନାଲ ଗ୍ୟାଲେରି ଅଫ୍ ମଡର୍ନ ଆର୍ଟଠାରେ ଗଣମାଧ୍ୟମ ସହ ଆଲୋଚନା ବେଳେ ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଉପହାରର ପ୍ରଥମ ଇ-ଅକ୍ସନ ୨୦୧୯ ଜାନୁଆରୀରେ ହୋଇଥିଲା। ଏପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀଙ୍କୁ ମିଳିଥିବା ଉପହାର ନିଲାମରୁ ସଂଗୃହୀତ ୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ନମାମି ଗଙ୍ଗେ ପ୍ରକଳ୍ପକୁ ସହାୟତା ପାଇଁ ବିନିଯୋଗ ହୋଇଥିବା ଶେଖାୱତ୍ କହିଛନ୍ତି।

# ୨ ଥର କାମୁଡ଼ିଲେ କୁକୁରଙ୍କୁ ଆଜୀବନ ଦଣ୍ଡ

ଲକ୍ଷ୍ନୌ, ୧୬।୯



ଉତ୍ତର ପ୍ରଦେଶରେ ଲୋକଙ୍କ ଉପରକୁ କୁକୁରଙ୍କର ବଢ଼ୁଥିବା ଆକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏକ ବିଚିତ୍ର ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏଣିକି ୟୁପିରେ ମଣିଷଙ୍କୁ ୨ ଥର କାମୁଡ଼ିଥିବା କୁକୁରଙ୍କୁ ଦଣ୍ଡ ସ୍ୱରୂପ ଆନିମଲ ବାର୍ଥ କଣ୍ଟ୍ରୋଲ (ଏବିସି) ସେଣ୍ଟରରେ ଆଜୀବନ ପାଇଁ ରହିବାକୁ ପଡ଼ିବ। ରାଜ୍ୟର ଯୋଗୀ ଆଦିତ୍ୟନାଥ ସରକାରଙ୍କ ପକ୍ଷରୁ ଏ ସମ୍ପର୍କିତ ଏକ ନିର୍ଦ୍ଦେଶନାମା ସାମ୍ନାକୁ ଆସିଛି। ରାଜ୍ୟ ନଗର ଉନ୍ନୟନ ବିଭାଗର ମୁଖ୍ୟ ସଚିବ ଅମୃତ ଅଭିଜିତ ରାଜ୍ୟର ସମସ୍ତ ପୌର ସଂସ୍ଥା ପାଇଁ ଏହି ନୂତନ ନିର୍ଦ୍ଦେଶନାମା ଜାରି କରିଛନ୍ତି, ଯେଉଁଥିରେ ଲୋକଙ୍କୁ କାମୁଡୁଥିବା କୁକୁରଙ୍କ ପାଇଁ ବିଭିନ୍ନ ଦଣ୍ଡ ବିଧାନର ବ୍ୟବସ୍ଥା କରାଯାଇଛି। ନିର୍ଦ୍ଦେଶନାମା ଅନୁଯାୟୀ, ଯଦି ଏକ କୁକୁର ପ୍ରଥମ ଥର ପାଇଁ କୌଣସି ବ୍ୟକ୍ତିଙ୍କୁ କାମୁଡ଼େ ତେବେ ଦଣ୍ଡସ୍ୱରୂପ କୁକୁରଟିକୁ ୧୦ ଦିନ ପର୍ଯ୍ୟନ୍ତ ଏବିସି ସେଣ୍ଟରରେ ରଖାଯିବ। ଏହି ଅବଧିରେ କୁକୁରଟିକୁ ପର୍ଯ୍ୟବେକ୍ଷଣରେ ରଖାଯିବ। ୧୦ ଦିନ ପରେ କୁକୁରର ଶରୀରରେ ମାଇକ୍ରୋଚିପ୍ ଲଗାଯାଇ ତାକୁ ଛଡ଼ାଯିବ। ଏହି ମାଇକ୍ରୋଚିପ୍ ଜରିଆରେ କୁକୁରର ବ୍ୟବହାର ଉପରେ ନଜର ରଖାଯିବ। ତେବେ ଯଦି କୌଣସି କୁକୁର ଦ୍ୱିତୀୟ ଥର ପାଇଁ ଲୋକଙ୍କୁ କାମୁଡ଼େ, ତେବେ ସମ୍ପୃକ୍ତ ପୌରସଂସ୍ଥାର ୩ ସଦସ୍ୟ ବିଶିଷ୍ଟ ଏକ ଟିମ୍ ଘଟଣାକୁ ନେଇ ଯାଞ୍ଚ କରିବ। କୁକୁରଟି ଦୋଷୀ ସାବ୍ୟସ୍ତ ହେଲେ, ତାକୁ ଆଜୀବନ ଏବିସି ସେଣ୍ଟରରେ ରଖାଯିବ। ଆଜୀବନ ଦଣ୍ଡ ଭୋଗୁଥିବା କୁକୁରମାନେ କେବଳ ସେତେବେଳେ ମୁକୁଳିପାରିବେ, ଯେତେବେଳେ କୌଣସି ବ୍ୟକ୍ତି ଆଧିକାରିକ ରେକର୍ଡରେ ତାକୁ ନିଜ ଗୃହପାଳିତ ପ୍ରାଣୀ ଭାବେ ଗ୍ରହଣ କରିବେ। ସେହିପରି କୁକୁରଟିକୁ ସର୍ବସାଧାରଣ ରାସ୍ତା ଏବଂ ସାର୍ବଜନୀନ ସ୍ଥାନକୁ ଛାଡ଼ିବେ ନାହିଁ ବୋଲି ସେମାନଙ୍କୁ ସତ୍ୟପାଠ ଦାଖଲ କରିବାକୁ ପଡ଼ିବ। ଏହି ନିର୍ଦ୍ଦେଶନାମାରେ କୁକୁରର ଦଣ୍ଡବିଧାନ ପାଇଁ କେତେକ ସର୍ତ୍ତ ମଧ୍ୟ ରଖାଯାଇଛି। କୁକୁର କାମୁଡ଼ାରେ ପୀଡ଼ିତ ବ୍ୟକ୍ତିଙ୍କୁ ହସ୍ପିଟାଲରେ ଚିକିତ୍ସିତ ହେଉଥିବାର ପ୍ରମାଣପତ୍ର ଦେବାକୁ ପଡ଼ିବ। ଲୋକଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ଏବଂ କୁକୁରଙ୍କ ହିଂସ୍ର ବ୍ୟବହାର ଉପରେ ନିୟନ୍ତ୍ରଣ ଆଣିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି।

## ଦମ୍ପତିଙ୍କୁ ଆକ୍ରମଣ ଅଭିଯୋଗ

**ବଣ୍ଡା,(ପରିକ୍ଷିତ ସାହୁ):** ଅନୁଗୋଳ ଜିଲା ଠାକୁରଗଡ଼ ଥାନା ଖାରବଇଣ୍ଡା ଗ୍ରାମର ମମତା ସିଠ ଓ ତାଙ୍କ ସ୍ୱାମୀ ଅନାଦି ସିଠଙ୍କୁ ଧୁଣ୍ଡି ଗ୍ରାମର ୩ ଯୁବକ ଆକ୍ରମଣ କରିଥିବା ମମତା ସୋମବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୨୬୧/୨୫ ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ଦମ୍ପତି ଖାରବଇଣ୍ଡା ନିକଟରେ ଥିବା ତାଙ୍କ ହୋଟେଲରେ ଥିବାବେଳେ ଧୁଣ୍ଡି ଗ୍ରାମର ୩ ଯୁବକ ଆସି ତାଙ୍କୁ ମାଛ ମାଗିଥିଲେ। ପରେ ମାଛଗୁଡିକ ଖରାପ କହି ତାଙ୍କୁ ମାଡ଼ ମାରିବା ସହ ହତ୍ୟା ଧମକ ଦେଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

## ନ୍ୟାୟ ପାଇଁ ପ୍ରଶାସନର ଦ୍ୱାରସ୍ଥ ହେଲେ ଜମିହରା ପ୍ରଜା

# ସମୂହ ଆତ୍ମାହୁତି ପାଇଁ ଅନୁମତି ମାଗିଲେ

ଢେଙ୍କାନାଳ,୧୬।୯(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ଥାନା ଖାରଗାଡିଆ ଫାଣ୍ଡି ନିକଟରେ ଥିବା ରିଲାଏନ୍ସ ବାୟୋଗ୍ୟାସ୍ ପ୍ଲାଣ୍ଟର ଜମିହରା ପ୍ରଜାମାନେ ସମୂହ ଆତ୍ମାହୁତି ପାଇଁ ଜିଲାପାଳଙ୍କୁ ଭେଟି ଅନୁମତି ମାଗିଥିବା ଜଣାପଡିଛି। ଅଭିଯୋଗରୁ ଜଣାପଡିଛି ଯେ, ପୂର୍ବରୁ ଥିବା ପଲିଷ୍ଟର କାରଖାନା ଜମିହରା ପ୍ରଜାସଂଘର ସମସ୍ତ ସଭ୍ୟାସଭ୍ୟ ସେମାନଙ୍କର ଜମି ୧୯୮୪ ଓ ୧୯୮୬ରେ କମ୍ପାନୀ ପାଇଁ ପ୍ରଦାନ କରିଥିବା ବେଳେ ସେମାନଙ୍କୁ ଡେସିମିଲ ପିଛା ୪୦ଟଙ୍କା ପ୍ରଦାନ କରାଯାଇଥିଲା। ସମସ୍ତ ଜମିହରାଙ୍କୁ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ସେହି ସମୟରେ ସରକାର ପ୍ରତିଶ୍ରୁତି ପାଳନ କରିନଥିଲେ। ସରକାରଙ୍କ ପକ୍ଷରୁ କମ୍ପାନୀ ପାଇଁ ବଡ ବଉଲପୁର, ସାନ ବଉଲପୁର, ସୁଧାଡିହକାଟେଣୀ, ଟୁଭିନାଳି ଓ ଖାରଗାଡିଆ ମୌଜାର ଜମି ଅଧିଗ୍ରହଣ କରିଥିଲେ। କାଳକ୍ରମେ ରିଲାଏନ୍ସ କମ୍ପାନୀ ସେଠାରେ ଚାକିରି ପାଇଥିବା କିଛି ଜମିହରା ପ୍ରଜାଙ୍କୁ ୨୦୦୩ ଓ ୨୦୦୮ରେ ଛଟେଇ କରିଦେଇଥିଲା। ଏ ସଂକ୍ରାନ୍ତରେ ରିଟ୍ ପିଟିସନ ନଂ. ୧୪୧୪୮ର ଶୁଣାଣି କରି ଉଚ୍ଚ ନ୍ୟାୟାଳୟଙ୍କ ପକ୍ଷରୁ ଗତ ୧୭.୦୮.୨୦୧୫ରେ ମାମଲାର ଫଏସଲା କରିବା ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲାପାଳ ଜିଲା ଶ୍ରମ ଆୟୁକ୍ତଙ୍କୁ ଏହାର ଫଏସଲା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି ସମାଧାନ ହୋଇପାରିଲା ନାହିଁ। ସେହିପରି ୨୫.୦୧.୨୫ରେ ଅନଶନ ପ୍ରତ୍ୟାହୃତ ପାଇଁ ସଦର ଥାନା ଅଧିକାରୀଙ୍କ ଉପସ୍ଥିତିରେ କମ୍ପାନୀ କର୍ତ୍ତୃପକ୍ଷ ଓ ଜମିହରା ପ୍ରଜାସଂଘ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ସେଥିରେ କମ୍ପାନୀ ଜମିହରା ପ୍ରଜାଙ୍କୁ ନିଯୁକ୍ତି ଦେବାକୁ ସ୍ୱିକାରୋକ୍ତ କରିଥିଲେ ମଧ୍ୟ ତାହାକୁ ପାଳନ କରାଗଲା ନାହିଁ। ଫଳରେ ୧୧.୦୭.୨୦୨୫ଠାରୁ ପ୍ରଜା ସଂଘ ପକ୍ଷରୁ ପୁନର୍ବାର ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରାଯାଇଥିଲା। ଏହାପରେ ଜମିହରା ପ୍ରଜାସଂଘ, କମ୍ପାନୀ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଉପଜିଲାପାଳଙ୍କ ଉପସ୍ଥିତିରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ କମ୍ପାନୀ କର୍ମନିଯୁକ୍ତି ଦେବା ପାଇଁ ରାଜି ହୋଇଥିଲେ। କିନ୍ତୁ ଏହାର ୩ମାସ ବିତିବା ପରେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ପୁଣିଥରେ ପ୍ରଜା ସଂଘ ପକ୍ଷରୁ ଗତ ୪ ତାରିଖରେ କମ୍ପାନୀ ଫାଟକ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ କରାଯାଇଥିଲା। ଏହାପରେ ପ୍ରଶାସନ ପକ୍ଷରୁ ଧାରା ୧୬୩ ବିଏନ୍ଏସ୍ ଲଗାଇ ଧାରଣାସ୍ଥଳରୁ ଜମିହରା ପ୍ରଜାଙ୍କୁ ଜବରଦସ୍ତ ପୋଲିସ ଲଗାଇ ଉଠାଇ ନିଆଯାଇଥିଲା। ଏସବୁକୁ ନଜରରେ ରଖି ନ୍ୟାୟ ନ ପାଇ ଶେଷରେ ଜମିହରା ପ୍ରଜା ସେମାନଙ୍କୁ ତୁରନ୍ତ ନିଯୁକ୍ତି ଦିଆଯାଉ, ନ ହେଲେ ଆତ୍ମାହୁତି ପାଇଁ ଅନୁମତି ପ୍ରଦାନ କରାଯାଉ ବୋଲି ପଲିଷ୍ଟର କାରଖାନା ଜମିହରା ପ୍ରଜାସଂଘ ବଉଲପୁର ସଭାପତି ଅରୁଣ କୁମାର ସାହୁ, ସଦାଶିବପୁର ସରପଞ୍ଚ ଧରିତ୍ରୀ ମଲ୍ଲିକ, ସମ୍ପାଦକ ଆଶୁତୋଷ ରାଉତଙ୍କ ସମେତ ବହୁ ଜମିହରା ପ୍ରଜା ଦାବି କରିଛନ୍ତି।


ନ୍ୟାୟ ପାଇଁ ଜିଲାପାଳଙ୍କୁ ଭେଟିବାକୁ ଯାଇଥିବା ଜମିହରା ପ୍ରଜା ସଂଘର ସଦସ୍ୟ।

# ପାଣି ଓହଳା ପାହାଡ଼ର ଜବରଦଖଲ ଜଙ୍ଗଲ ଜମି ପୁନରୁଦ୍ଧାର କରାଯାଉ

ଢେଙ୍କାନାଳ,୧୬।୯ (ରତନ ନାୟାର)

ଢେଙ୍କାନାଳ ପୌରାଞ୍ଚଳ ମଧ୍ୟରେ ପାଣି ଓହଳା ପାହାଡ଼ର ଜବରଦଖଲ ଜମିକୁ ପୁନରୁଦ୍ଧାର କରି ଚାରା ରୋପଣ କରିବା ପାଇଁ ମଙ୍ଗଳବାର ଦାବି ହୋଇଛି । ଏହି ଜବରଦଖଲ ଜଙ୍ଗଲ ଜମିକୁ ପୁନରୁଦ୍ଧାର କରିବା ପାଇଁ ବରିଷ୍ଠ ସମାଜସେବୀ ରାମଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ଶୁଭେନ୍ଦୁ ଶତପଥୀ, ଧ୍ରୁବଚରଣ ସ୍ୱାଇଁ, ସୌମ୍ୟ ରଞ୍ଜନ ଜେନା, ନିରୋଦ କୁମାର ସାହୁ, ବିକାଶ କୁମାର ସାହୁ ପ୍ରମୁଖ ଜିଲା ବନଖଣ୍ଡ ଅଧିକାରୀଙ୍କୁ ଲିଖିତ ଭାବରେ ଜଣାଇଛନ୍ତି । ପାଣି ଓହଳା ପାହାଡ ତଳେ ଥିବା ଚାନ୍ଦମାରୀ ସାହି ଏବଂ ସଦର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟର ଦକ୍ଷିଣ ଅଞ୍ଚଳରେ ଥିବା ଜଙ୍ଗଲ ଜମିକୁ ପର୍ଯ୍ୟାୟ କ୍ରମେ ଜଙ୍ଗଲ ଆଇନକୁ ଉଲଂଘନ କରି ଜମି ବ୍ୟବସାୟୀମାନେ ବିକ୍ରି କରି ଚାଲିଛନ୍ତି । ଏପରିକି କିଛି ବନ ବିଭାଗ କର୍ମଚାରୀ ମାନେ ଜମି ମାଫିଆଙ୍କ ସହ ହାତ ମିଳାଇଥିବା ଅଭିଯୋଗ ହୋଇଛି । ବାରମ୍ବାର ଅଭିଯୋଗ ପରେ ମଧ୍ୟ ଏହି ଜଙ୍ଗଲ ଜମି ଗୁଡିକ ବନଖଣ୍ଡ ଅଧିନକୁ ଆସିପାରୁନାହିଁ । ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ବଢୁଛି । ପାଣି ଓହଳା ପାହାଡର ଚତୁଃପାର୍ଶ୍ୱ ତାରବାଡ ଦ୍ୱାରା ଆବଦ୍ଧ କରାଯାଇଥିଲେ ମଧ୍ୟ ଅସାଧୁ ଉପାୟରେ ଏହାକୁ ଜବର ଦଖଲ କରାଯାଇଥିବା ଅଭିଯୋଗ ହୋଇଛି । ତେଣୁ ତୁରନ୍ତ ଏହି ଜଙ୍ଗଲ ଜମିକୁ ପୁନରୁଦ୍ଧାର କରି ଏଠାରେ ଚାରା ରୋପଣ କରି ଜଙ୍ଗଲ ପରିବେଶକୁ ସମୃଦ୍ଧ କରିବା ପାଇଁ ଦାବୀ ହୋଇଛି।


ଜବରଦଖଲ ଜଙ୍ଗଲ ଜମି ପୁନରୁଦ୍ଧାର ପାଇଁ ବନଖଣ୍ଡ ଅଧିକାରୀଙ୍କୁ ଭେଟୁଛନ୍ତି।

## ଓଡ଼ିଆ ଜନଜୀବନ ଓ ଭାଗବତ

ପରଜଙ୍ଗ, ୧୬।୯ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ଆନୁକୂଲ୍ୟରେ 'ଓଡ଼ିଆ ଜନଜୀବନ ଓ ଭାଗବତ' ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ପ୍ରସନ୍ନ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ଅଧକ୍ଷା ସ୍ମିତାରାଣୀ ସାହୁ, ମୁଖ୍ୟ ଅତିଥି ସାରଙ୍ଗ ଜବାହର ନବୋଦୟ ବିଦ୍ୟାଳୟ ମଧୁସ୍ମିତା ମିଶ୍ର (ରସାୟନ ବିଜ୍ଞାନ), ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ବିକାଶ ପ୍ରଧାନ ଯୋଗଦେଇ ଓଡ଼ିଆ ସମାଜରେ ଭାଗବତର ଉପାଦେୟତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପକ କୁଳମଣି ମେହେର, ଅଞ୍ଜନ କୁମାର ମହାରଣା, ଅଧ୍ୟାପିକା ଦେବିକୃପା ଦଳବେହେରା ଓଡ଼ିଆ ଜନଜୀବନରେ ଭାଗବତର ସ୍ଥାନ ସମ୍ବନ୍ଧୀୟ ଅଭିଭାଷଣ ପ୍ରଦାନ କରିଥିଲେ। ପ୍ରତିମା ସାହୁ, ରେନିମୟୀ ରାଉତ, ସୁନେଲି ପରିଡା, କାଜଲ ସାହୁ ଆଦି ଓଡ଼ିଆ ବିଭାଗର ସମସ୍ତ ଛାତ୍ରୀଛାତ୍ର ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ।

# ଭୁବନକୁ ସବ୍‌ଡିଭିଜନ ପାଇଁ ଦାବି

ଭୁବନ, ୧୬।୯ (ବିପିନ ବିହାରି ସେଠୀ)

ଢେଙ୍କାନାଳ ଜିଲା ଭୁବନ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ସୋମବାର ସବଡିଭିଜନ କରିବା ପାଇଁ ବୁଦ୍ଧିଜୀବୀମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଭୁବନ ଏନଏସି ଓ ବ୍ଲକର ବରିଷ୍ଠ ସଦସ୍ୟ ଓ ନେତୃମଣ୍ଡଳୀ ଉପସ୍ଥିତ ଥିଲେ। ଭୁବନ ପଞ୍ଚାୟତ ସମିତି ଓ ବିଜ୍ଞାପିତ ଅଞ୍ଚଳ ପରିଷଦର ଭୌଗୋଳିକ ପରିସୀମା, ଜନସଂଖ୍ୟାକୁ ଆଧାର କରି ସବଡିଭିଜନ ଗଠନ କରିବା ପାଇଁ ଅଞ୍ଚଳର ବୁଦ୍ଧିଜୀବୀଙ୍କ ମନରେ ଆଗ୍ରହ ପ୍ରକାଶ ପାଇଥିଲା। ଡ଼କ୍ଟର ସୁବାଷ ନାୟକଙ୍କ ଆହ୍ୱାନ କ୍ରମେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ସଂଗଠନକୁ ସୁଦୃଢ କରିବା ପାଇଁ ଏକ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇଥିଲା। ସର୍ବସମ୍ମତି କ୍ରମେ ଭୁବନ ବ୍ଲକର ପୂର୍ବତନ ଅଧକ୍ଷ ତଥା ଭାଜପାର ରାଷ୍ଟ୍ରୀୟ ପରିଷଦ ସଦସ୍ୟ ପ୍ରେମାନନ୍ଦ ଜେନାଙ୍କୁ କ୍ରିୟାନୁଷ୍ଠାନ କମିଟି ସଭାପତି ଭାବେ ଚୟନ କରାଯାଇଥିଲା। ସେଥିରେ ଭୁବନ ଏନଏସିର ପୂର୍ବତନ ନଗରପାଳ ନରହରୀ ସାହୁ, ଆଇନଜୀବୀ ସନାତନ ଗୁରୁ, ଅଜୟ କୁମାର ସେଠୀ, ନାବାର୍ଡ଼ ବ୍ୟାଙ୍କର ଆବସରପ୍ରାପ୍ତ ଏଜିଏମ ମାୟାଧର ନାୟକ, ସାମାଜିକ କର୍ମୀ ସନାତନ ପାତ୍ର, ବିଶିଷ୍ଟ ସମାଜିକ କର୍ମୀ ରାମଚନ୍ଦ୍ର ନାୟକ, କାପୁଡିଆ ସମାଜର ସଭାପତି ରାମଚନ୍ଦ୍ର ରାଉତ, କାଳୀବଜାର ବଣିକ ସଙ୍ଘ ସଭାପତି ସମିର କୁମାର ସାହୁ, ଦୁର୍ଗା ବଜାର ବଣିକ ସଙ୍ଘ ବରିଷ୍ଠ ସଦସ୍ୟ ଶ୍ରୀକାନ୍ତ କୁମାର ସାହୁ, ଆଇନଜୀବୀ ଶ୍ରୀନିବାସ ଗୁରୁ, ଲକ୍ଷ୍ମଣ ଦାସ, ଅମ୍ବୁଜ କୁମାର ସାହୁ, ନିରଞ୍ଜନ ଗୁରୁ, ଶ୍ରୀଧର ବେହେରା ପ୍ରମୁଖ ଉପସ୍ଥିତ ରହି ଭୁବନକୁ ସବ୍‌ଡିଭିଜନ କରି ପାଇଁ ମତାମତ ରଖିଥିଲେ। ବୈଠକରେ ସବଡିଭିଜନ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇଥିଲା। କାମାକ୍ଷାନଗର ବିଧାୟକ ସତୃପ୍ତ ଜେନାଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରାଯିବା ପାଇଁ ସ୍ଥିର କରାଯାଇଥିଲା। ଆଗାମୀ ଦିନରେ ଭୁବନ ବ୍ଲକ ଓ ଏନଏସିର ସମସ୍ତ ବୁଦ୍ଧିଜୀବୀମାନଙ୍କୁ ଏହି କ୍ରିୟାଅନୁଷ୍ଠାନ କମିଟିରେ ସାମିଲ କରାଯିବ ବୋଲି ସ୍ଥିର କରାଯାଇଥିଲା। କମିଟିର ନୂତନ ସଭାପତିଙ୍କୁ ପରିଷଦ ପକ୍ଷରୁ ଉତ୍ତରୀୟ ଓ ପୁଷ୍ପଗୁଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।



# ହିନ୍ଦୋଳରେ ଭୀମଭୋଇ ସାମର୍ଥ୍ୟ ଶିବିର

ସାତମାଇଲ, ୧୬।୯ (ସୁଶାନ୍ତ ପତି)

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ପରିସରରେ ମଙ୍ଗଳବାର ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଗୋଷ୍ଠୀଉନ୍ନୟନ ଅଧିକାରୀ ସୌରଭ କଲ୍ୟାଣ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ପ୍ରାୟ ୫ଶହରୁ ଅଧିକ ଶାରୀରିକ ଅକ୍ଷମ ବ୍ୟକ୍ତି ଯୋଗଦେଇଥିଲେ। ସମସ୍ତଙ୍କ ନାମ ପଞ୍ଜୀକରଣ ପରେ ବିଭିନ୍ନ ବିଭାଗର ଡାକ୍ତରମାନେ ପରୀକ୍ଷା ନିରୀକ୍ଷା କରି ପ୍ରମାଣପତ୍ର ପାଇଁ ସୁପାରିଶ କରିଥିଲେ। ତେବେ ବ୍ଲକର ସମସ୍ତ କର୍ମଚାରୀ, ଏନସିସି ଶିକ୍ଷାର୍ଥୀ ହିନ୍ଦୋଳ ପୋଲିସ କର୍ମଚାରୀମାନେ ଏଥିରେ ସହଯୋଗ କରିବା ସହ ବ୍ଲକ ପ୍ରଶାସନ ପକ୍ଷରୁ ବିଶ୍ରାମ, ଖାଦ୍ୟ ପାନୀୟର ସୁବ୍ୟବସ୍ଥା କରାଯାଇଥିଲା।

# ଏଏପିର ଧାରଣା ଦ୍ୱିତୀୟ ଦିନରେ


ମୁଖ୍ୟ ଚିକିତ୍ସାଧିକାରୀ ଏଏପି କର୍ମକର୍ତ୍ତାଙ୍କ ସହ ଆଲୋଚନା କରୁଛନ୍ତି।

ଢେଙ୍କାନାଳ,୧୬।୯(ରତନ ନାୟାର)

ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ସମସ୍ୟାକୁ ଆମ୍ ଆଦମୀ ପାର୍ଟି ପକ୍ଷରୁ ଦିଆଯାଇଥିବା ଧାରଣା ମଙ୍ଗଳବାର ଦ୍ୱିତୀୟ ଦିନରେ ପହଞ୍ଚିଛି । ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ମହାପାତ୍ର ଧାରଣା ସ୍ଥଳକୁ ଆସି କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ପରେ ମୁଖ୍ୟ ଚିକିତ୍ସାଧିକାରୀଙ୍କ ସନ୍ତୋଷଜନକ ଉତ୍ତର ନ ମିଳିବାରୁ ଧାରଣା ଜାରି ରଖିବା ପାଇଁ ଦଳ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି ବୋଲି ଜଣାଯାଇଛି । ଧାରଣା ସ୍ଥଳରେ ରାଜ୍ୟ ସୋସିଆଲ ମିଡ଼ିଆ ସଂପାଦକ ବିଷ୍ଣୁ ପ୍ରସାଦ ପଣ୍ଡା, ଅନୁଗୋଳ ଜିଲା ସଭାପତି ବିକ୍ରମ ରାଉତ, ସଂସଦୀୟ କ୍ଷେତ୍ର ସଭାପତି ପଙ୍କଜ ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର ବେହେରା ଉପସ୍ଥିତ ଥିଲେ । ଜିଲା ସଭାପତି ରମେଶ ପଣ୍ଡା ନେତୃତ୍ୱରେ ଦ୍ୱିତୀୟ ଦିନର ଧାରଣା ସ୍ଥଳରେ ନଗର ସଭାପତି ଦେବାଶିଷ ନନ୍ଦ, ଉପସଭାପତି ବିଜୟ ଦାସ, ଚିତ୍ତରଞ୍ଜନ ପାଣି, ଶାନ୍ତନୁ ନନ୍ଦ, ପୀତାମ୍ବର ସାମନ୍ତରାୟ, ଦେବାଶିଷ ନାଏକ, ସନ୍ତୋଷ ଖୁଣ୍ଟିଆ, ରାଜେଶ ସରକାର, ପ୍ରସନ୍ନ ତ୍ରିପାଠୀ ଓ ସଦର ବ୍ଲକ ଉପସଭାପତି ପ୍ରସନ୍ନ ବରାଳ, ଜୟନ୍ତ ଦାସଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

# ଠାକୁର ଅନୁକୂଳଚନ୍ଦ୍ରଙ୍କ ସ୍ୱତନ୍ତ୍ର ସତ୍‌ସଙ୍ଗ ସମାରୋହ

ଢେଙ୍କାନାଳ,୧୬।୯(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ତାଳବରକୋଟ ଦେଓରଗଡି ପାହାଡ ଉପରେ ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ୧୩୮ତମ ଜନ୍ମମାସ ଭାଦ୍ରବ ପରିକ୍ରମା ପରିପ୍ରେକ୍ଷୀରେ ଏକ ବିଶେଷ ସତ୍‌ସଙ୍ଗ ଡିଭାଇନ୍ ୟୁନିଭର୍ସିଟି ସତ୍‌ସଙ୍ଗ କମନ୍ ପ୍ଲାଟଫର୍ମ ଓ ସତାପ୍ରେମୀ ଜନଗଣଙ୍କର ମିଳିତ ଆନୁକୂଲ୍ୟରେ ସ୍ୱତନ୍ତ୍ର ସତସଙ୍ଗ ସମାରୋହ ୧୩ ତାରିଖରେ ଅନୁଷ୍ଠିତ ହୋଇଯାଇଛି । ଓଡିଶାର ବିଭିନ୍ନ ଅଞ୍ଚଳରୁ ଭକ୍ତମାନେ ଯୋଗ ଦେଇଥିଲେ । ଏହି ଉପଲକ୍ଷେ ବେଦମାଙ୍ଗଳିକ, ଉଷାକୀର୍ତ୍ତନ, ପ୍ରାତଃ ବିନତୀ, ପ୍ରାର୍ଥନା, ସଦ୍‌ଗ୍ରନ୍ଥ ପାଠ, ଯୋଗ, ଚାରାରୋପଣ, ଯୁବ ସମ୍ମିଳନୀ, ଭିଲେଜ୍ ଅଲମ୍ପିକ୍ କ୍ରୀଡା କ୍ରିକେଟ୍, ଭଲି, ଫୁଟ୍‌ବଲ୍, କୁଇଜ୍, ସଂଗୀତ, ନୃତ୍ୟ ପ୍ରତିଯୋଗିତା, ସର୍ବସମ୍ପ୍ରଦାୟ, ସର୍ବଦଳ, ସହପ୍ରତି ଋତ୍ୱିକ୍, ଶିକ୍ଷାବିତ୍, ଯାଜକ, ପରିବେଶବିତ୍, ବିଭିନ୍ନ ଅନୁଷ୍ଠାନର ସଭାପତି ଓ ସମ୍ପାଦକ, ଆଧ୍ୟାତ୍ମିକବିତ୍, ସମାଜସେବକ, ମାନ୍ୟଗଣ୍ୟ ବ୍ୟକ୍ତି, ଆଇନ୍‌ଜୀବୀ, ବୁଦ୍ଧିଜୀବୀ ଯୋଗ ଦେଇଥିଲେ । ଏହି ଅବସରରେ ମାଗଣା ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାଲଲହଡା ବିଧାୟକ ଅଶୋକ କୁମାର ମହାନ୍ତି ଓ ସମ୍ମାନନୀୟ ଅତିଥି ଭାବେ ସଂଜୀବ କୁମାର ନାୟକ, ପ୍ରଫେସର ବିଜୟ କୁମାର ପରିଡା, ଓଡିଶା ପ୍ରଶାସନିକ ଅଧିକାରୀ ନିରଞ୍ଜନ ବେହେରା, ଢେଙ୍କାନାଳ ଶ୍ରୀମନ୍ଦିର ସଭାପତି ମହାବୀର ପ୍ରସାଦ ତ୍ରିପାଠୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବୁଦ୍ଧିମନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ବିଶିଷ୍ଟ ଅତିଥି ଭାବେ ଅବସରପ୍ରାପ୍ତ ସିବିଆଇ ଜଜ୍ ଭିକାରୀ ଚରଣ ରାଉତ, ପ୍ରଫେସର ମାନସୀ କର, ପ୍ରଫେସର ସଙ୍ଗୀତା ସାହୁ, ପ୍ରଫେସର ବିଶ୍ୱରଞ୍ଜନ ସ୍ୱାଇଁ, ପରିବେଶବିତ ଅକ୍ଷୟ କୁମାର ଜେନା, ସମାଜସେବକ ବିଶ୍ୱପ୍ରିୟା ପଟ୍ଟନାୟକ, ମେନକା ଜେନା, ଶିକ୍ଷାବିତ୍ ଅପର୍ଣ୍ଣା ସେଠୀ, ଭରତ ଚନ୍ଦ୍ର ସାହୁ, ସରୋଜ କୁମାର ଭଞ୍ଜ, ଦେବାଶିଷ ଜେନା ଓ ଢେଙ୍କାନାଳ ପୌର ଉପାଧକ୍ଷ ପ୍ରକାଶ ଚନ୍ଦ୍ର କୁଅଁର ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦାନ କରି ନିଜର ମୂଲ୍ୟବାନ ବକ୍ତବ୍ୟ ସହ ପୁରସ୍କାର ବିତରଣ କରିଥିଲେ ।


ଠାକୁର ଅନୁକୂଳଚନ୍ଦ୍ରଙ୍କର ସ୍ୱତନ୍ତ୍ର ସତସଙ୍ଗ ସମାରୋହ।






# ଅଭିଯୁକ୍ତ ବାପାଙ୍କୁ ୨୦ ବର୍ଷ ଜେଲ

## ନାବାଳିକା ବଳାତ୍କାର ମାମଲା

ଭୁବନେଶ୍ୱର,୧୬।୯(ସତ୍ୟଜିତ୍ ରାଉତ)

ନାବାଳିକା ଝିଅକୁ ବଳାତ୍କାର ମାମଲାରେ ଅଭିଯୁକ୍ତ ବାପା ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ମଙ୍ଗଳବାର ଭୁବନେଶ୍ୱର ଆଡ୍ ହକ୍ ଅତିରିକ୍ତ ଦୌରା ଜଜ୍ ତଥା ଫାଷ୍ଟଟ୍ରାକ୍ ସ୍ୱତନ୍ତ୍ର କୋର୍ଟ (ପୋକ୍ସୋ) ଏହି ମାମଲାର ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତ ସୁଶାନ୍ତ ମଲ୍ଲିକଙ୍କୁ କୋର୍ଟ ଆଜୀବନ ଜେଲଦଣ୍ଡାଦେଶ ଦେଇଛନ୍ତି। ଏଥିସହ ତାଙ୍କୁ ୫ ହଜାର ଜରିମାନା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଜରିମାନା ଅନାଦାୟ ଅଧିକ ୩ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ସରୋଜ କୁମାର ସାହୁ ରାୟରେ କହିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ପୀଡ଼ିତାଙ୍କ ମା' ଓ ବାପା ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଘର ଭଡ଼ା ନେଇ ରହୁଥିଲେ। ମା' ଘରୋଇ ସହାୟିକା ଭାବେ କାମ କରୁଥିବାବେଳେ ୨୦୧୯ ନଭେମ୍ବର ୧୭ ତାରିଖ ସକାଳେ କାମରୁ ଫେରି ସ୍ୱାମୀଙ୍କ ଉପରେ ସନ୍ଦେହ ପ୍ରକଟ କରିଥିଲେ। ୧୩ ବର୍ଷର ଝିଅକୁ ଏନେଇ ପଚାରିବାରୁ ତାଙ୍କୁ ବାପା ବଳାତ୍କାର କରିଥିବା କହିଥିଲେ। ସୁଶାନ୍ତ ୧୧ ମାସ ଧରି ଏହି ଘୃଣ୍ୟ କାଣ୍ଡ ଭିଆଇଥିଲେ। ବାପାଙ୍କଠୁ ଧମକ ପାଇ ଭୟରେ ସେ ଘଟଣା ସମ୍ପର୍କରେ କିଛି କହୁ ନ ଥିଲେ। ଏନେଇ ପୀଡ଼ିତାଙ୍କ ମା'ଙ୍କ ପକ୍ଷରୁ ଏତଲାକ୍ରମେ ମଞ୍ଚେଶ୍ୱର ଥାନା ପୋଲିସ ଏକ ମାମଲା (ନଂ. ୫୪୦/୨୦୧୯) ରୁଜୁ କରି ସୁଶାନ୍ତଙ୍କୁ ଗିରଫ କରିଥିଲା। କୋର୍ଟ ୧୧ଜଣଙ୍କ ସାକ୍ଷ୍ୟ ଓ ୧୦୪ଟି ପ୍ରଯୁଜ୍ୟ ଦସ୍ତାବିଜ ଆଧାରରେ ରାୟ ଶୁଣାଇଥିଲେ। ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ରାଜୀବ ସାସମଲ ଏବଂ ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର ବଳରାମ ଦେଓ ମାମଲା ପରିଚାଳନା କରୁଥିଲେ।

# ଗୋପାଳପୁର ବେଳାଭୂମି ଗଣବଳାତ୍କାର ମାମଲାର ବିଚାର ଆରମ୍ଭ

## ପୋଲିସ ସାକ୍ଷୀଙ୍କ ବୟାନ ରେକର୍ଡ

ବ୍ରହ୍ମପୁର,୧୬।୯(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ଗୋପାଳପୁର ବେଳାଭୂମି ଗଣବଳାତ୍କାର ମାମଲାର ବିଚାର ଆରମ୍ଭ ହୋଇଛି। ଏହି ମାମଲାରେ ୪ ଜଣ ନାବାଳକ ବାଳସୁଧାର ଗୃହରେ ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ କୋର୍ଟ ସାବାଳକ ଭାବେ ଗ୍ରହଣ କରିଛନ୍ତି। ଜଣେ ନାବାଳକଙ୍କ ପାଇଁ ଦ୍ୱିତୀୟ ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ଶର୍ମିଷ୍ଠା ଦାଶଙ୍କ କୋର୍ଟରେ ବିଚାର ହୋଇଛି। ଏହି ମାମଲାରେ ପୋଲିସ ସାକ୍ଷୀ ରହିଥିବା ଗୋପାଳପୁର ଥାନା ଅଧୀନ ବିଟ୍ ହାଉସ ଗୃହରକ୍ଷୀ ଜି. ଚିଟି ବାବୁ ପ୍ରଥମ ସାକ୍ଷୀ ଭାବେ ମଙ୍ଗଳବାର କୋର୍ଟରେ ହାଜର ହୋଇଥିଲେ। ଘଟଣା ପରେ ପୀଡ଼ିତା ଓ ତାଙ୍କ ପୁରୁଷ ବନ୍ଧୁ ଉକ୍ତ ବିଟ୍ ହାଉସକୁ ଆସି ଘଟଣା ସମ୍ପର୍କରେ ତାଙ୍କୁ କହିଥିଲେ ବୋଲି ଚିଟି ବାବୁ ବୟାନ ଦେଇଛନ୍ତି। ମାମଲାର ପରିଚାଳନା ପାଇଁ ସ୍ୱତନ୍ତ୍ର ପିପି ଭାବେ ଆଇନ ବିଭାଗ ପକ୍ଷରୁ କାଳୀ ଚରଣ ମିଶ୍ରଙ୍କୁ ନିଯୁକ୍ତ କରାଯାଇଛି। ମଙ୍ଗଳବାର ସେ କୋର୍ଟରେ ଉପସ୍ଥିତ ରହିଥିଲେ। ସେହିପରି ଜେଲରେ ଥିବା ଅନ୍ୟ ୬ ଅଭିଯୁକ୍ତଙ୍କ ବୁଧବାର ଏଡିଜେ-୨ ଆୟୁଷମାନ ମହନ୍ତଙ୍କ କୋର୍ଟରେ ଚାର୍ଜଫ୍ରେମ ହେବ ବୋଲି ଜଣାପଡ଼ିଛି।

ଗୋପାଳପୁର ବେଳାଭୂମିରେ ଗତ ଜୁନ ୧୫ ତାରିଖ ରାତିରେ ଜଣେ ଯୁକ୍ତ ୩ ଶେଷବର୍ଷ ଛାତ୍ରୀଙ୍କୁ ତାଙ୍କ ପୁରୁଷ ବନ୍ଧୁଙ୍କ ଉପସ୍ଥିତିରେ ଗଣବଳାତ୍କାର କରାଯାଇଥିଲା। ଏହି ଘଟଣାରେ ଗୋପାଳପୁର ଥାନା ପୋଲିସ ନଂ.୧୮୬/୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସେହି ରାତିରେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୬ ଜଣ ଯୁବକଙ୍କୁ ଧରିଥିଲା। ପରବର୍ତ୍ତୀ ସମୟରେ ଅନ୍ୟ ୪ଜଣ ନାବାଳକଙ୍କୁ କାବୁ କରିଥିଲା। କ୍ରାଇମବ୍ରାଞ୍ଚ ଉକ୍ତ ମାମଲାର ତଦନ୍ତ କରିଛି। କ୍ରାଇମବ୍ରାଞ୍ଚ ୫ ଜଣ ଯୁବକ ଓ ୪ ଜଣ ନାବାଳକଙ୍କ ବିରୋଧରେ ଗତ ଜୁଲାଇ ୨୮ତାରିଖରେ ଚାର୍ଜଶିଟ ଦାଖଲ କରିଥିଲା। ଜଣେ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜଶିଟ ଦାଖଲ ହୋଇ ନ ଥିଲା। ତେଣୁ ତାଙ୍କୁ ମାମଲାରୁ ବାଦ ଦେବା ପାଇଁ ତାଙ୍କର ଓକିଲ ପୀତବାସ ପଣ୍ଡା କୋର୍ଟରେ ଡିସଚାର୍ଜ ପିଟିଶନ ଫାଇଲ କରିଥିଲେ। ଏପିପି ମଧୁସ୍ମିତା ସାହାଣୀ ପିଟିସନକୁ ଖାରଜ କରିବା ପାଇଁ ଯୁକ୍ତି ରଖିଥିଲେ। ପୂର୍ବରୁ ଏଡିଜେ-୨ ଉକ୍ତ ଅଭିଯୁକ୍ତଙ୍କ ଡିସ୍‌ଚାର୍ଜ ପିଟିଶନକୁ ଖାରଜ କରିଛନ୍ତି।

# ଅଟୋରେ ଯୁବତୀଙ୍କୁ ଅସଦାଚରଣ: ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୬।୯(ସତ୍ୟଜିତ୍ ରାଉତ)

ଚଳନ୍ତା ଅଟୋରେ ଜଣେ ଯୁବତୀଙ୍କୁ ଅସଦାଚରଣ କରାଯାଇଛି। ପ୍ରତିବାଦ କରିବାରୁ ଅଭିଯୁକ୍ତ ଯାତ୍ରୀ ଜଣକ ପୀଡ଼ିତାଙ୍କୁ ଅଟୋରୁ ଠେଲି ରାସ୍ତାରେ ଆକ୍ରମଣ କରିଛନ୍ତି। ସୋମବାର ସନ୍ଧ୍ୟାରେ ଏହି ଘଟଣା ଘଟିଥିବାବେଳେ ବଡ଼ଗଡ଼ ଥାନା ପୋଲିସ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରିଛି। ସେ ହେଲେ ବାଲିପାଟଣା ଥାନା ଅଞ୍ଚଳର ନିରଞ୍ଜନ ଭୋଇ ଓରଫ ନିର (୨୪)। କୋର୍ଟ ଚାଲାଣ ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ଗ୍ୟାରେଜ ଛକରେ ରହୁଥିବା ପୀଡ଼ିତା ଯୁବତୀ ଜଣକ ସନ୍ଧ୍ୟାରେ ଶ୍ରୀ ହସ୍ପିଟାଲ ନିକଟରୁ ଏକ ଅଟୋରେ ଚଢିଥିଲେ। ରବି ଟକିଜ୍ ଛକ ପୂର୍ବରୁ ଉକ୍ତ ଅଟୋରେ ବସିଥିବା ଅଭିଯୁକ୍ତ ନିରଞ୍ଜନ ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ଏନେଇ ଯୁବତୀ ଜଣକ ପ୍ରତିବାଦ କରିବାରୁ ନିରଞ୍ଜନ ଉତ୍ତେଜିତ ହୋଇଯାଇଥିଲେ। ଏପରିକି ନିରଞ୍ଜନ ଅଟୋଚାଳକ ଅଜୟ କୁମାର ସାହୁଙ୍କୁ ଗାଳିଗୁଲଜ କରିଥିଲେ। ପରେ ପୀଡ଼ିତାଙ୍କୁ ଗାଳିଗୁଲଜ କରିବା ସହ ରାସ୍ତାରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ।

# ୨୨ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ: ଅଟୋଚାଳକ ଗିରଫ

ଭୁବନେଶ୍ୱର,୧୬।୯(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଅବକାରୀ ଟିମ୍ ମଙ୍ଗଳବାର ସକାଳେ ବମିଖାଲ ଫ୍ଲାଏଓଭରବ୍ରିଜ୍ ନିକଟରେ ଚଢ଼ାଉ କରି ୨୨ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ କରିଛି। ଜଣେ ଅଟୋ ଚାଳକଙ୍କ ନିକଟରୁ ଏହି ୨୨୦ ଗ୍ରାମ୍ ବ୍ରାଉନସୁଗର ମିଳିଥିବାବେଳେ ଅବକାରୀ ବିଭାଗ ତାଙ୍କୁ ଗିରଫ କରିଛି। ସେ ହେଲେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପାଣ୍ଡରା ଅଞ୍ଚଳର ଶ୍ରୀକାନ୍ତ କୁମାର ମିଶ୍ର (୪୦)। ତାଙ୍କଠାରୁ ଅଟୋ (ଓଡି୦୫ଏଟି୯୧୪୬) ଜବତ କରାଯାଇଛି। ଅଭିଯୁକ୍ତ ଶ୍ରୀକାନ୍ତଙ୍କୁ କୋର୍ଟଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେ ଏହି ବ୍ରାଉନସୁଗାର କେଉଁଠୁ ଆଣିଲେ, କାହାକୁ ଦେଇଥାନ୍ତେ ଏବଂ ଏହି କାରବାରରେ ଆଉ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ ଆଦି ବିଷୟରେ ଜାଣିବାକୁ ଅବକାରୀ ଟିମ୍ ତଦନ୍ତ ଜାରି ରଖିଛି।

# ୩୨୫ ଗ୍ରାମ୍ ବ୍ରାଉନସୁଗାର ଜବତ, ୨ ଗିରଫ



ଜବତ ବ୍ରାଉନସୁଗାର ସହ ଗିରଫ ୨ ଅଭିଯୁକ୍ତ।

ଜଳେଶ୍ୱର, ୧୬।୯(ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳରେ ବ୍ରାଉନସୁଗାର କାରବାର ଦିନକୁ ଦିନ ବଢିବାରେ ଲାଗିଛି। ଅବକାରୀ ବିଭାଗ ପକ୍ଷରୁ ବାରମ୍ବାର ଚଢାଉ, ବ୍ରାଉନସୁଗାର ଜବତ ଓ ନିଶା ବେପାରୀଙ୍କୁ ଗିରଫ କରାଯାଉଥିଲେ ମଧ୍ୟ ଏହାକୁ ରୋକାଯାଇପାରୁନାହିଁ। ଜଳେଶ୍ୱର ଅବକାରୀ ବିଭାଗ ଦୁଇଟି ଟିମ୍ ଗଠନ କରି ମଙ୍ଗଳବାର ସକାଳେ ୬୦ ନମ୍ବର ରାଜପଥ ଚାଲନ୍ତି ଏବଂ ଆମ୍ବଳିଅଠା ବୁଲେଟ ଶୋ'ରୁମ୍ ପାଖରୁ ଡିଲ୍ ସମୟରେ ମାଡ଼ି ବସିଥିଲା। ଚାଲନ୍ତି ରାଜପଥ ପାଖରୁ ୨୧୫ ଗ୍ରାମ ଏବଂ ଆମ୍ବଳିଅଠା ପାଖରୁ ୧୧୦ ଗ୍ରାମ୍ ମୋଟ୍ ୩୨୫ ଗ୍ରାମ୍ ବ୍ରାଉନସୁଗାର ଜବତ ହୋଇଛି। ଗିରଫ ଯୁବକଦ୍ୱୟଙ୍କ ଘର ରାସଗୋବିନ୍ଦପୁର ଥାନା ଏବଂ ଜଳେଶ୍ୱର ଥାନା ରାଜପୁର ଅଞ୍ଚଳରେ। ଏନେଇ ଜଳେଶ୍ୱର ରେଞ୍ଜ ଅଫିସରେ ଏକ ମାମଲା (ନଂ. ୫୭/୨୫-୨୬) ଏବଂ ଜଳେଶ୍ୱର ଅବକାରୀ ଅଫିସ୍‌ରେ ମାମଲା (ନଂ. ୧୪୭/୨୫-୨୬) ରୁଜୁ ହୋଇଛି। ଏହି ସମୟରେ ଆଇଆଇସି ହରିହର ସିଂ, ସାଟେଲାଇଟ ଅଧିକାରୀ ଲକ୍ଷେସାଧବ ପ୍ରଧାନ, ଓଆଇସି ଚନ୍ଦନ ନାୟକ, ଜୟପ୍ରକାଶ ବେହୁରିଆ, ସଞ୍ଜୀବ ମୁଣ୍ଡା, ବାସୁଦେବ କାମିଲା, ଅନୀଲ ପଣ୍ଡା ଓ ମଧୁସ୍ମିତା ମହାନ୍ତ ଉପସ୍ଥିତ ଥିଲେ।

# ଡକାୟତି ଯୋଜନା ବେଳେ ଧରାପଡ଼ିଲେ ୩ ଯୁବକ

## ୩ ମୋବାଇଲ ସହ ମାରଣାସ୍ତ୍ର, ବୋଲେରୋ ଜବତ

ବାସୁଦେବପୁର,୧୬।୯ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ପଦ୍ମପୁର ଗ୍ରାମ ନିକଟରେ ଥିବା ଏକ ଖେଳପଡ଼ିଆଠାରେ ସୋମବାର ରାତିରେ ଡକାୟତି ଯୋଜନା କରୁଥିବାବେଳେ ୩ ଯୁବକଙ୍କୁ ପୋଲିସ ଧରିଛି। ବାସୁଦେବପୁର ପୋଲିସ ସେମାନଙ୍କୁ ଗିରଫ କରିଛି। ସେମାନେ ହେଲେ ଚାନ୍ଦବାଲି ଥାନା ଅଧୀନ ମତୋ ଗ୍ରାମର ହମିଜ ରାଜା କ୍ୱାଦିର(୨୧), ସେର୍‌ଖାନ ଶାହା(୩୦) ଓ ଶାହାରୁଖ ଶାହା(୨୫)। ସେମାନଙ୍କଠାରୁ ୩ ମୋବାଇଲ, ଗୋଟିଏ ଛୁରି, ଗୋଟିଏ ଭୁଜାଲି, ସ୍କ୍ରୁଡ୍ରାଇଭର ଓ ଦଉଡ଼ି ଜବତ କରାଯାଇଛି। ଏହାସହ ଏକ ବୋଲେରୋ(ଓଡି ୨୨ ଭି ୨୬୭୫) ମଧ୍ୟ ଜବତ ହୋଇଛି।

ସୂଚନା ଅନୁଯାୟୀ, ବାସୁଦେବପୁର ଥାନା ଆଇଆଇସି ଲୋପାମୁଦ୍ରା ନାୟକଙ୍କ ନିର୍ଦ୍ଦେଶକ୍ରମେ ଏସ୍ଆଇ ପୁନମ ଦେବୀ ବେହେରା ସଦଳବଳ ରାତି ପ୍ରାୟ ୧୧ଟା ୩୦ ବେଳେ ଏହି ଖେଳପଡ଼ିଆରେ ଚଢ଼ାଉ କରିଥିଲେ। ୫ ଯୁବକ ଏକାଠି ହୋଇ କୌଣସି ସ୍ଥାନରେ ଡକାୟତି କରିବା ପାଇଁ ଯୋଜନା କରୁଥିବା ବେଳେ ପୋଲିସ ମାଡ଼ି ବସିଥିଲା। ଚଢ଼ାଉ ବେଳେ ୨ ଯୁବକ ଖସି ପଳାଇଥିବା ବେଳେ ୩ଜଣଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ ସେହି ବୋଲେରୋରୁ ଭିନ୍ନ ନମ୍ବର ଥିବା ୨ଟି ନମ୍ବର ପ୍ଲେଟ୍ ଜବତ କରିଛି। ଏନେଇ ଥାନାରେ ଏକ ମାମଲା (ନଂ.୬୬୩/୨୫) ରୁଜୁ କରାଯାଇ ଏସ୍ଆଇ ଭାଗ୍ୟଜିତ ନାୟକ ଘଟଣାର ତଦନ୍ତ ଦାୟିତ୍ୱ ନେଇଛନ୍ତି।

BUSINESS

# ଠକେଇ ରୋକିବାକୁ ଏୟାରଟେଲ୍‌ର ପଦକ୍ଷେପ

## ଗ୍ରାହକଙ୍କ ଆର୍ଥିକ କ୍ଷତି ୭୦% ହ୍ରାସ

ଭୁବନେଶ୍ୱର,୧୬।୯ (ଅନୁରାଧା ମହାରଣା)




ଭାରତୀ ଏୟାରଟେଲ୍ ପକ୍ଷରୁ ନିଆଯାଇଥିବା ଠକେଇ ବିରୋଧୀ ପଦକ୍ଷେପଗୁଡ଼ିକ ସାଇବର ଅପରାଧ ଅଭିଯୋଗରେ ବଡ଼ ହ୍ରାସ ଆଣିଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ରରୁ ପ୍ରାପ୍ତ ତଥ୍ୟ ଅନୁଯାୟୀ, ଏୟାରଟେଲ୍ ନେଟ୍‌ୱର୍କରେ ଆର୍ଥିକ କ୍ଷତିର ମୂଲ୍ୟ ୬୮.୭% ହ୍ରାସ ପାଇଛି ଏବଂ ସାଇବର ଅପରାଧ ଘଟଣା ୧୪.୩% କମିଛି। ଏହା ଏୟାରଟେଲ୍‌ର ଠକେଇ ମାମଲା ସମାଧାନର ପ୍ରଭାବଶାଳୀତାକୁ ପ୍ରମାଣକରିବା ସହ ଗ୍ରାହକଙ୍କ ପାଇଁ ଏକ ନିରାପଦ ନେଟ୍‌ୱର୍କ ସୃଷ୍ଟିକରିଛି। ଏହି ତଥ୍ୟ ୨୦୨୪ ସେପ୍ଟେମ୍ବର ଏବଂ ୨୦୨୫ ଜୁନ୍ ମୁଖ୍ୟ ସାଇବର ଅପରାଧ ସୂଚକଙ୍କ ତୁଳନା ଉପରେ ଆଧାରିତ। ଏୟାରଟେଲ୍‌ର ଉପାଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଗୋପାଳ ବିତ୍ତଲ କହିଛନ୍ତି, ଆମେ ଆମ ଗ୍ରାହକଙ୍କ ପାଇଁ ସ୍କାମ୍ ଓ ଆର୍ଥିକ ଜାଲିଆତି ନିର୍ମୂଳ କରିବା ମିଶନରେ ରହିଛୁ। ଗତ ୧ ବର୍ଷରେ ଆମର ଏଆଇଚାଳିତ ନେଟ୍‌ୱର୍କ ସମାଧାନ ୪୮୩୦ କୋଟିରୁ ଅଧିକ ସ୍ପାମ୍ କଲ୍ ଚିହ୍ନଟ କରିଛି ଏବଂ ୩.୨ ଲକ୍ଷ ଜାଲିଆତି ଲିଙ୍କ୍‌କୁ ଅବରୋଧ କରିଛି। ବିତ୍ତଲ ଆହୁରି କହିଛନ୍ତି, ସ୍କାମ୍ କଲ୍ ଓ ମେସେଜର ବଢୁଥିବା ସମସ୍ୟା ସମାଧାନରେ ଗୁରୁତ୍ୱପୂର୍ଣ୍ଣ। ଏହି ସମାଧାନ ଦେଶରେ ଏକ ଟେଲିକମ୍ ସେବା ପ୍ରଦାନକାରୀଙ୍କ ଦ୍ୱାରା ଗ୍ରାହକଙ୍କୁ ରିଅଲ ଟାଇମରେ ସନ୍ଦିଗ୍ଧ ସ୍କାମ୍ କଲ୍ ଓ ମେସେଜ ବିଷୟରେ ସତର୍କ କରୁଛି।

# ଗ୍ରାମୀଣ ଯୁବକଙ୍କ ପାଇଁ ନିଯୁକ୍ତି ସୃଷ୍ଟିକରୁଛି ବେଦାନ୍ତ



## ୨୧ତମ ଖାଦ୍ୟ ଓ ପାନୀୟ ତାଲିମ

ଭୁବନେଶ୍ୱର,୧୬।୯

ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଓଡ଼ିଶାର ଭବାନୀପାଟଣାରେ ଏହାର ପ୍ରମୁଖ ଦକ୍ଷତା ତାଲିମ ପଦକ୍ଷେପ ମାଧ୍ୟମରେ ୨୧ତମ ଖାଦ୍ୟ ଏବଂ ପାନୀୟ ତାଲିମ ସଫଳତାର ସହ ସମାପ୍ତ କରିବା ସହ ପ୍ରଭାବଶାଳୀ ୯୩% ନିଯୁକ୍ତି ହାର ହାସଲ କରିଛି। ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ (ଓଏସ୍‌ଡିଏ) ସହ ମିଳିତ ଭାବରେ ପରିଚାଳିତ ଏହି କାର୍ଯ୍ୟକ୍ରମ, ଗ୍ରାମୀଣ ଯୁବକମାନଙ୍କୁ ଶିଳ୍ପ- ପ୍ରସ୍ତୁତ ଦକ୍ଷତା ଦେବା ସହ ସ୍ଥାୟୀ ଜୀବିକା ସୁଯୋଗ ସୃଷ୍ଟିକରିବା ଏବଂ ସମଗ୍ର ଅଞ୍ଚଳରେ ସାମଗ୍ରିକ, ତୃଣମୂଳସ୍ତରୀୟ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ବେଦାନ୍ତ ପ୍ରୟାସ କରୁଛି। ଏନେଇ ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ବେଦାନ୍ତ ଦୃଢ଼ ଭାବରେ ବିଶ୍ୱାସକରେ ଯେ ଦକ୍ଷତା ହେଉଛି ଆତ୍ମନିର୍ଭରଶୀଳତାର ମୂଳଦୁଆ। ଏହି ଉଲ୍ଲେଖନୀୟ ନିଯୁକ୍ତି ହାର ମାଇଲଖୁଣ୍ଟ କଳାହାଣ୍ଡିରେ ସକାରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ବେଦାନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତକରେ, ଯାହା ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ସହ ଆମର ଦୃଢ଼ ସହଯୋଗ ଦ୍ୱାରା ଜୀବିକା ବୃଦ୍ଧି କରିବା ଏବଂ ଗ୍ରାମୀଣ ଯୁବପିଢ଼ିଙ୍କ ପାଇଁ ନୂତନ ସୁଯୋଗ ଖୋଲିବା ନିମନ୍ତେ ସକ୍ଷମ ହୋଇଛି। ଏକ ବ୍ୟାପକ ଦକ୍ଷତା ଢାଞ୍ଚା ଅନୁସରଣକରି ବେଦାନ୍ତ ଲାଞ୍ଜିଗଡ଼ ଦକ୍ଷତା ତାଲିମ ପଦକ୍ଷେପ ଓଏସ୍‌ଡିଏ ଏବଂ ନାବାର୍ଡ ସହ ମିଳିତ ଭାବରେ ୩ ବର୍ଷ ମଧ୍ୟରେ ୧୨୦୦ରୁ ଅଧିକ ଗ୍ରାମୀଣ ଯୁବକଙ୍କୁ ତାଲିମ ଦେବାର ଲକ୍ଷ୍ୟ ରଖିଛି। ଏହି ପଦକ୍ଷେପ ଅଧୀନରେ ବର୍ତ୍ତମାନ ସୁଦ୍ଧା ୭୫୦ରୁ ଅଧିକ ଯୁବକଙ୍କୁ ତାଲିମ ଦିଆଯାଇଛି।

# ବିଓଆଇ କେନ୍ଦୁଝର କାର୍ଯ୍ୟାଳୟକୁ ରାଜଭାଷା ସମ୍ମାନ

ଭୁବନେଶ୍ୱର,୧୬।୯

ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ, ରାଜଭାଷା ବିଭାଗ ଦ୍ୱାରା ସେପ୍ଟେମ୍ବର ୧୪ ଓ ୧୫ରେ ଗୁଜରାଟର ଗାନ୍ଧୀନଗରଠାରେ ଆୟୋଜିତ ୫ମ ଅଖିଳ ଭାରତୀୟ ରାଜଭାଷା ସମ୍ମିଳନୀରେ ବ୍ୟାଙ୍କ ଅଫ୍ ଇଣ୍ଡିଆ(ବିଓଆଇ) କେନ୍ଦୁଝର ଆଞ୍ଚଳିକ କାର୍ଯ୍ୟାଳୟକୁ ରାଜଭାଷା ସମ୍ମାନ ପ୍ରଦାନ କରାଯାଇଛି। ଓଡ଼ିଶାର କେନ୍ଦୁଝର ନଗର ରାଜଭାଷା କାର୍ଯ୍ୟାନ୍ୱୟନ କମିଟିର ଅଧ୍ୟକ୍ଷ ଅମିତ କୁମାର ପାଲ ଏବଂ ସଦସ୍ୟ ସଚିବ ଦେବ ଜୟସ୍ୱାଲ, ଅଂଶୁଲ ଆର୍ଯ୍ୟ, ମୀନାକ୍ଷୀ ଜୌଲି ଏବଂ ଡ. ଅମ୍ଳାନ ତ୍ରିପାଠୀ ଏହି ଅବସରରେ ଉପସ୍ଥିତ ଥିଲେ। ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ଏବଂ ସମବାୟ ମନ୍ତ୍ରୀ ଅମିତ୍ ଶାହା ଉକ୍ତ ସମ୍ମିଳନୀର ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ଆଇନ ଏବଂ ନ୍ୟାୟ ରାଷ୍ଟ୍ରମନ୍ତ୍ରୀ ଅର୍ଜୁନରାମ ମେଘୱାଲ ଏବଂ ଉତ୍ତର ପ୍ରଦେଶର ରାଜ୍ୟ ସଭା ସଦସ୍ୟ ତଥା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଦୀନେଶ ଶର୍ମା ଉପସ୍ଥିତ ଥିଲେ।



# ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍‌କୁ 'ଷ୍ଟାର୍ ଏମ୍ପ୍ଲୟମେଣ୍ଟ ଆୱାର୍ଡ'



ଭୁବନେଶ୍ୱର,୧୬।୯

ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍ ବିଭିନ୍ନ ଶ୍ରେଣୀରେ ସର୍ବାଧିକ ନିଯୁକ୍ତି ସୃଷ୍ଟିକରିବା ପାଇଁ ଷ୍ଟାର ଏମ୍ପ୍ଲୟମେଣ୍ଟ ଆୱାର୍ଡ ୨୦୨୪-୨୫ (ପାରମ୍ପରିକ ଶିଳ୍ପ) ହାସଲ କରିଛି। ସୋମବାର ଭୁବନେଶ୍ୱରସ୍ଥିତ ଓୟୁଏଟି କନ୍‌ଫରେନ୍ସ ହଲ୍‌ରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିପିଏସ୍ଏଲ୍/ ଜେୟୁଏସ୍ଏଲ୍/ ଆଇଏସ୍‌ପି ଏବଂ ମାଇନ୍ସ/ କୋଇଲା ମାଇନ୍ସ ଓ ଗ୍ରୁପ୍ କର୍ପୋରେଟ୍ ଆଫେୟାର୍ସର ପ୍ରେସିଡେଣ୍ଟ ଅନିଲ କୁମାର ସିଂହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ଉକ୍ତ ସମାରୋହରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ସମେତ ବରିଷ୍ଠ ଅଧିକାରୀ, ଶିଳ୍ପ ନେତାମାନେ ଉପସ୍ଥିତ ଥିଲେ।

# ହାଇଟେକ୍ କ୍ରିକେଟ ଏକାଡେମୀର ପ୍ରଶିକ୍ଷଣ ଶିବିର

ଭୁବନେଶ୍ୱର,୧୬।୯

ହେଲ୍‌ଥ ପାର୍କ ପାଣ୍ଡରାସ୍ଥିତ ହାଇଟେକ୍ କ୍ରିକେଟ ଏକାଡେମୀଠାରେ ଦ୍ରୁତ ବୋଲିଂର ଏକ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ସେପ୍ଟେମ୍ବର ୨୭ରୁ ଅକ୍ଟୋବର ୩୦ ପର୍ଯ୍ୟନ୍ତ ଏହି ଶିବିର ହେବ ବୋଲି ଏକାଡେମୀ ପକ୍ଷରୁ ସୂଚନା ଦିଆଯାଇଛି। ଖେଳାଳିଙ୍କ ତ୍ରୁଟି ସୁଧାର ସହ ଦ୍ରୁତ ବୋଲିଂର ପ୍ରଶିକ୍ଷଣ ଦିଆଯିବ। ଇଚ୍ଛୁକ ଖେଳାଳିମାନେ ୨୪ ତାରିଖ ପୂର୍ବରୁ ନିଜର ନାମ ପଞ୍ଜୀକରଣ କରିବା ପାଇଁ ପରାମର୍ଶ ଦିଆଯାଉଛି। ଭୁବନେଶ୍ୱର ବାହାର ଖେଳାଳିଙ୍କ ପାଇଁ ରହିବାର ବ୍ୟବସ୍ଥା କରାଯାଇଛି।



# ଓଏମ୍‌ସିର ବିଭିନ୍ନ ଦଳକୁ ୧୯ ସ୍ୱର୍ଣ୍ଣ, ୨ ରୌପ୍ୟ

ଭୁବନେଶ୍ୱର,୧୬।୯



ଭୁବନେଶ୍ୱରରେ ଅନୁଷ୍ଠିତ 'କନ୍‌ଭେନସନ୍ ଅନ୍ କ୍ୱାଲିଟି କନ୍‌ସେପ୍ଟସ (ସିସିକ୍ୟୁଏସ୍-୨୦୨୫)ର ସପ୍ତମ ଚାପ୍ଟରରେ ଓଡ଼ିଶା ଖଣି ନିଗମ (ଓଏମ୍‌ସି)ର କ୍ୱାଲିଟି ସର୍କଲ ଦଳଗୁଡ଼ିକ ୧୯ଟି ସ୍ୱର୍ଣ୍ଣ ଏବଂ ୨ଟି ରୌପ୍ୟ ପୁରସ୍କାର ହାସଲ କରିଛନ୍ତି। କ୍ୱାଲିଟି ସର୍କଲ ଫୋରମ ଅଫ୍ ଇଣ୍ଡିଆ (କ୍ୟୁସିଏଫ୍‌ଆଇ), ଭୁବନେଶ୍ୱର ଚାପ୍ଟର ଦ୍ୱାରା ଆୟୋଜିତ ଏହି ସମ୍ମିଳନୀରେ 'ଆତ୍ମନିର୍ଭର ବିକଶିତ ଭାରତ ପାଇଁ କ୍ୱାଲିଟି କନ୍‌ସେପ୍ଟସ' ବିଷୟବସ୍ତୁ ଅଧୀନରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଓଏମ୍‌ସି ପକ୍ଷରୁ ଅଂଶଗ୍ରହଣ କରିଥିବା ଦଳଗୁଡ଼ିକୁ ନିଜ ନିଜର ନବସୃଜନ ପ୍ରଣାଳୀ, ଦଳଗତ କାର୍ଯ୍ୟ ଏବଂ ସମସ୍ୟା ସମାଧାନ ପଦ୍ଧତି ପ୍ରଦର୍ଶନ କରିଥିଲେ। ଏହି ସମ୍ମିଳନୀରେ କେସ୍ ଷ୍ଟଡି ଉପସ୍ଥାପନା, ଜ୍ଞାନ ପରୀକ୍ଷା ଏବଂ ମଡେଲ ପ୍ରଦର୍ଶନ ମାଧ୍ୟମରେ ପ୍ରତିଯୋଗିତା କରାଯାଇଥିଲା। ଉତ୍ପାଦନ, ବିକ୍ରୟ, ପରିବେଶ, ସୁରକ୍ଷା, ବୈଷୟିକ ଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା, ଗୁଣବତ୍ତା ନିୟନ୍ତ୍ରଣ, ସ୍ୱାସ୍ଥ୍ୟସେବା ଇତ୍ୟାଦି ଆଧାରିତ ବିଭିନ୍ନ ପ୍ରକଳ୍ପ ଉପରେ ଓଡ଼ିଶା ଖଣି ନିଗମର ସର୍ବମୋଟ ୨୨ଟି ଦଳ ଉକ୍ତ ସମ୍ମିଳନୀରେ ଅଂଶଗ୍ରହଣ କରିଥିଲେ। ସମ୍ପୃକ୍ତ ବର୍ଗରେ ସର୍ବୋଚ୍ଚ ସ୍ୱୀକୃତିପ୍ରାପ୍ତ ସ୍ୱର୍ଣ୍ଣ ବର୍ଗରେ ପୁରସ୍କୃତ ବିଜେତା ଦଳଗୁଡ଼ିକ, ଆଗାମୀ ଦିନରେ ଜାତୀୟସ୍ତରର ଏନ୍‌ସିକ୍ୟୁସି-୨୦୨୫ରେ ଓଏମ୍‌ସି ପକ୍ଷରୁ ପ୍ରତିନିଧିତ୍ୱ କରିବେ। ସୂଚନା ଥାଉକି, ୨୦୨୩ ମସିହାରେ ବେଜିଂଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଆଇସିକ୍ୟୁସିସିରେ ଓଏମ୍‌ସି ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଦୁଇଟି ଦଳ ସ୍ୱର୍ଣ୍ଣ ପୁରସ୍କାର ମଧ୍ୟ ଜିତିଛନ୍ତି, ଯାହା ଖଣି କ୍ଷେତ୍ର ମଧ୍ୟରେ ଉତ୍କୃଷ୍ଟ ଗୁଣବତ୍ତା ହାସଲ ପାଇଁ ଓଡ଼ିଶା ଖଣି ନିଗମର ନେତୃତ୍ୱକୁ ସୁଦୃଢ଼ କରିଛି।

## ଖଣି ପାଇଁ ...

ପୂର୍ବରୁ ୱାଇଲ୍ଡ ଲାଇଫ୍ ପ୍ଲାନ୍ ପ୍ରସ୍ତୁତକରି ଦପ୍ତାରିକ ସରକାରଙ୍କୁ ପ୍ରଦାନ କରିଥାଆନ୍ତି। ହେଲେ ଏହି ଫାଇଲ ଭିତରେ ନିର୍ଦ୍ଦିଷ୍ଟ ହୋଇଯାଇଥାଏ। ହାତୀ ଭଳି ବୃହତ୍ ବନ୍ୟପ୍ରାଣୀ ମଧ୍ୟ ତା'ର ପ୍ରାକୃତିକ ବାସସ୍ଥାନ ହରାଇଥାଏ। ତେଣୁ କୃତ୍ରିମ ଉପାୟରେ ସୃଷ୍ଟି କରାଯାଉଥିବା ନୂତନ ଜଙ୍ଗଲରେ ଆକାଶିଆ ଚାରା ରୋପଣକରି ଦିଆଯାଇଥାଏ। ନଷ୍ଟ କରାଯାଉଥିବା ଜଙ୍ଗଲ ଏବଂ ନୂତନ ଜଙ୍ଗଲ ସୃଷ୍ଟି କରାଯାଉଥିବା ଜଙ୍ଗଲରେ ପୂର୍ବ ଭଳି ଜଙ୍ଗଲ ଜଙ୍ଗଲୁ ଅବସ୍ଥାପିତ କରାଯାଇ ନ ଥାଏ। ଆକାଶିଆ ଗଛ ଲଗାଇ ବିଭାଗ କାର୍ଯ୍ୟ କୁଶଳତା ଦେଖାଇଥାଏ। ଏହି ବିଚିତ୍ର ବନ ସଂରକ୍ଷଣ ନୀତିରେ ଉଦ୍ଭିଦ ଜୀବଜନ୍ତୁଙ୍କ ପ୍ରକୃତିର ବାସସ୍ଥାନ। ବନ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ ଏଣିକି ଆଉ ଆକାଶିଆ ଏବଂ ଅନ୍ୟାନ୍ୟ ଗଛ ନ ଲଗାଇ ହାତୀମାନଙ୍କର ଖାଦ୍ୟ ଉପଯୋଗୀ ଯଥା କୁସି, ବାଉଁଶ, ଚାର୍କୋର, କେନ୍ଦୁ, ଶିମିଳି ଓ ବରଗଛ ପ୍ରଭୃତି ଚାରା ରୋପଣ କରାଯାଉଛି। ଚଳିତ ବର୍ଷ ରେଞ୍ଜରେ ଚଳିତ ମାସଠାରୁ ୧୧ହଜାରରୁ ଉର୍ଦ୍ଧ୍ୱ ଉପଯୋଗୀ ଗଛ ଲଗାଇବା କାର୍ଯ୍ୟ ଆରମ୍ଭ ହୋଇଛି। ପରିବେଶବିତ୍ ଉଦୟ ଶଙ୍କର ଆଚାର୍ଯ୍ୟ କହିଛନ୍ତି, ବନ ବିଭାଗ ବିଳମ୍ବରେ ଉପଯୋଗୀ ଗଛ ଲଗାଇବା କାର୍ଯ୍ୟ ଆରମ୍ଭ କରିଥିବା ବେଳେ ବିଭିନ୍ନ ବଡ଼ ବଡ଼ ଖଣି କମ୍ପାନୀ ଖଣି ଖୋଳି ଖଣିଜ ନେବା ପରେ ଗାତଗୁଡ଼ିକ ପୋତିବା କାର୍ଯ୍ୟ ବା ରିକ୍ଲାମେସନ ନ କରି ଛାଡ଼ି ଦେଉଛନ୍ତି। ଫଳରେ ଆବଶ୍ୟକ ମୁତାବକ ଜଙ୍ଗଲରେ ବନାଞ୍ଚଳ ସୃଷ୍ଟି ହୋଇପାରୁନାହିଁ। ସହର କିମ୍ବା ଗ୍ରାମ ନିକଟରେ ଥିବା ଖାଲିଛାଡ଼ଗୁଡ଼ିକରେ ନୂତନ ଜଙ୍ଗଲ ବନ ବିଭାଗ ଦ୍ୱାରା କରାଯାଉଛି। ଅନ୍ୟପକ୍ଷରେ ଅବାଧ ଖଣି ଖନନ ତଥା ବୈଧାନ ବା ଚୋରା ଭାବେ ଜଙ୍ଗଲରେ ଖଣିଜ ଖନନ ହେତୁ ହାତୀ ନିଜ ଦ୍ୱାରା ବାଛିଥିବା ଚଲାପଥ ମଧ୍ୟ ନଷ୍ଟ ହେଉଛି। ପୁରି ପାଇପ୍ ଲାଇନ ଯୋଗୁ ହାତୀ ଅଧିକାଂଶ ସ୍ଥାନରେ ପଥ ଅତିକ୍ରମ କରିପାରୁନାହିଁ। ବେଳ ଥାଉଁ ଥାଉଁ ସାବଧାନ ନ ହେଲେ ଅନେକ ଦୁର୍ଲଭ ବନ୍ୟଜନ୍ତୁଙ୍କ ପରି ହାତୀ ମଧ୍ୟ ବିଲୁପ୍ତହେବ ବୋଲି ପରିବେଶବିତ୍ ଆଚାର୍ଯ୍ୟ କହିଛନ୍ତି।

## ଅକ୍ଟୋବର ପୂର୍ବରୁ ୨୯ ...

ସମୁଦାୟ ୮,୩୯୧ ବିଏଲ୍ଏ ଦେଇଛନ୍ତି। ଓଡ଼ିଶାରେ ପ୍ରତ୍ୟେକ ଦଳ ୪୮ ହଜାରରୁ ଅଧିକ ବିଏଲ୍ଏ ଦେବାର ଆବଶ୍ୟକତା ରହିଛି। ହେଲେ ବିଜେଡି ୪,୭୭୩ଟି ବିଏଲ୍ଏ ଦେଇଥିବାବେଳେ ୩,୬୪୩ରେ ଭାଜପା ଓ ମାତ୍ର ୧୫ଟି କଂଗ୍ରେସ ତା'ର ବିଏଲ୍ଏ ଦେଇଛି। ଏପର୍ଯ୍ୟନ୍ତ ସିପିଆଇ, ସିପିଆଇ(ଏମ୍), ବିଏସ୍ପି, ଆପ୍ ଏବଂ ଏନ୍‌ପିପି ମଧ୍ୟରୁ କୌଣସି ଗୋଟିଏ ଦଳ ବିଏଲ୍ଏ ଦେଇନାହାନ୍ତି। ସେ କହିଥିଲେ ଯେ, ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ପ୍ରତିନିଧିମାନଙ୍କ ସହିତ ୭୧-ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ଉପନିର୍ବାଚନ ପାଇଁ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ (ଏସ୍ଏସ୍ଆର) ସମ୍ପର୍କିତ ବୈଠକ ସୋମବାର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଜିଲା ନିର୍ବାଚନ ଅଧିକାରୀ ଏବଂ ନିର୍ବାଚନ ପଞ୍ଜୀକରଣ ଅଧିକାରୀମାନଙ୍କୁ ସଂଶୋଧନର ସମସ୍ତ ପର୍ଯ୍ୟାୟରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ଜିଲା ୟୁନିଟ୍‌ଗୁଡ଼ିକୁ ସାମିଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାସହିତ ବିଏଲ୍ଏ ନିଯୁକ୍ତି ନେଇ ମଧ୍ୟ ଆଲୋଚନା ହୋଇଛି। ଏହି ଅବସରରେ ଖବରଦାତାଙ୍କ ପ୍ରଶ୍ନର ଉତ୍ତରରେ ସିଇଓ କହିଥିଲେ ଯେ, ଓଡ଼ିଶାରେ ଭୋଟ ଚୋରି ହୋଇନାହିଁ। ଏପରି କି ଦେଶର ଅନ୍ୟ କୌଣସି ରାଜ୍ୟରେ ମଧ୍ୟ ଭୋଟ ଚୋରି ହୋଇନାହିଁ। ଏନେଇ ସିଇସି ସ୍ପଷ୍ଟ କରିସାରିଛନ୍ତି। ସାମ୍ବିଧାନିକ ବିଧିବ୍ୟବସ୍ଥା ଅନୁଯାୟୀ ଇସିଆଇଙ୍କ ଉପରେ ଥିବା ଆସ୍ଥା ଓ ଭରସା ଯେପରି ଅତୁଟ ରହିବ, ସେ ଦିଗରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ବୋଲି ଗୋପାଲନ୍ କହିଥିଲେ। ସମ୍ମିଳନୀରେ ଅତିରିକ୍ତ ସିଇଓ ସୁଶାନ୍ତ କୁମାର ମିଶ୍ର, ପ୍ରମୋଦ କୁମାର ସାହୁ ଏବଂ ଉପମୁଖ୍ୟ ନିର୍ବାଚନ ଅଧିକାରୀ ଡ. ଲକ୍ଷ୍ମୀପ୍ରସାଦ ସାହୁ ଉପସ୍ଥିତ ଥିଲେ।

## ବର୍ଷାରେ ଭିଜିପାରେ ...

ଅତିପ୍ରବଳ ବର୍ଷା ହୋଇଛି। ବୁଧବାର ୨୦ଟି ଜିଲାକୁ ବିଜୁଳି ଘଡ଼ଘଡ଼ି ସହ ବର୍ଷା ନେଇ ସତର୍କତା ଜାରି କରାଯାଇଛି। ସେହିପରି ଗୁରୁବାର ୧୮ ଜିଲାକୁ, ଶୁକ୍ରବାର ୧୩ ଜିଲାକୁ ଓ ଶନିବାର ୨୧ ଜିଲାକୁ ବିଜୁଳି ଘଡ଼ଘଡ଼ି ସହ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଥିବା ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶକ ମହାନ୍ତି ସୂଚନା ଦେଇଛନ୍ତି।

## ପ୍ରଧାନମନ୍ତ୍ରୀଙ୍କୁ

ପ୍ରଥମ ପୃଷ୍ଠାରୁ...

ଚିତ୍ରାଙ୍କନ ପ୍ରତିଯୋଗିତା, ବୁଦ୍ଧିଜୀବୀମାନଙ୍କ ସହ ଆଲୋଚନାଚକ୍ର, ରକ୍ତଦାନ ଏବଂ ଚିକିତ୍ସା ଶିବିର, ସ୍ୱଚ୍ଛତା ଅଭିଯାନ ଆୟୋଜିତ ହେବ। ଏଥିରେ ଦଳୀୟ ସଂଗଠନ ସମେତ କେନ୍ଦ୍ର ସରକାର କିମ୍ବା ଭାଜପା କ୍ଷମତାରେ ଥିବା ରାଜ୍ୟ ସାମିଲ ହେବେ। ଜାତୀୟ ରାଜଧାନୀ ଦିଲ୍ଲୀରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଏଭଳି କେତେକ ପଦକ୍ଷେପ ଶୁଭାରମ୍ଭ କରିବେ। ଧରରେ ମୋଦି 'ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା'ରେ ପାଖାପାଖି ୧୦ ଲକ୍ଷ ଯୋଗ୍ୟ ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଲଖ ପାଣ୍ଠି ପଠାଇବେ। ଏହାସହିତ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ଉପରେ ସଚେତନତା ପାଇଁ ପ୍ରଧାନମନ୍ତ୍ରୀ 'ସୁମନ ସାଖି ଚାଟ୍‌ବୋଟ୍' ଉନ୍ମୋଚନ କରିବେ। ଉକ୍ତ ଚାଟ୍‌ବୋର୍ଟ ଗ୍ରାମାଞ୍ଚଳ ଓ ଦୁର୍ଗମ ଅଞ୍ଚଳର ଗର୍ଭବତୀ ମହିଳାମାନଙ୍କୁ ଠିକ୍ ସମୟରେ ଠିକ୍ ତଥ୍ୟ ପ୍ରଦାନ କରିବା ସହ ଜରୁରୀ ସ୍ୱାସ୍ଥ୍ୟସେବା ପାଇବାକୁ ସୁନିଶ୍ଚିତ କରାଇବ। ସିକଲ୍ ସେଲ୍ ଆନେମିଆ ବିରୋଧରେ ଅଭିଯାନର ଅଂଶ ସ୍ୱରୂପ ମୋଦି ମଧ୍ୟପ୍ରଦେଶରେ ୧୦ ନିୟୁତତମ ସିକଲ୍ ସେଲ୍ ସ୍କ୍ରିନିଂ ଆଣ୍ଡ କାଉନ୍‌ସେଲିଂ କାର୍ଡ ପ୍ରଦାନ କରିବେ। 'ଆଦି କର୍ମଯୋଗୀ ଅଭିଯାନ'ରେ ମୋଦି ଉକ୍ତ ରାଜ୍ୟରେ ଏକ କାର୍ଯ୍ୟକ୍ରମ ଆରମ୍ଭ କରିବେ ଯାହା ଆଦିବାସୀ ଗୌରବ ଏବଂ ରାଷ୍ଟ୍ରଗଠନ ଭାବନାର ସଙ୍ଗମର ପ୍ରତୀକ ହେବ। ଏଥିରେ ଆଦିବାସୀ ଅଞ୍ଚଳଗୁଡ଼ିକରେ ଅନେକ ସେବାମୂଳକ କାର୍ଯ୍ୟକ୍ରମ ରହିବ, ଯେଉଁଥିରେ ସ୍ୱାସ୍ଥ୍ୟ, ଶିକ୍ଷା, ପୋଷଣ, ଦକ୍ଷତା ବିକାଶ, ଜୀବନଶୈଳୀରେ ଉନ୍ନତି, ପରିମଳ, ଜଳ ସଂରକ୍ଷଣ ଏବଂ ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦିଆଯିବ ବୋଲି ବିବୃତିରେ କୁହାଯାଇଛି। ଫାର୍ମରୁ ଫାଇବର, ଫାଇବରରୁ ଫ୍ୟାକ୍ଟ୍ରି, ଫ୍ୟାକ୍ଟ୍ରିରୁ ଫ୍ୟାଶନ ଏବଂ ଫ୍ୟାଶନରୁ ଫରେନ୍- ପ୍ରଧାନମନ୍ତ୍ରୀଙ୍କ ୫ଏଫ୍ ଦୃଷ୍ଟିଭଙ୍ଗୀ ଅନୁଯାୟୀ, ସେ ଧର୍‌ରେ ପିଏମ୍ ମିତ୍ର ପାର୍କ ଉଦ୍‌ଘାଟନ କରିବେ। ୨,୧୫୦ ଏକରରୁ ଉର୍ଦ୍ଧ୍ୱ ଜମିରେ ପରିବ୍ୟାପ୍ତ ଏହି ପାର୍କରେ ବିଶ୍ୱ ଶ୍ରେଣୀର ସୁବିଧା ଯଥା ସାଧାରଣ ଉପଶିଷ୍ଟ ଉପଚାର ପ୍ଲାଣ୍ଟ, ସୌରଶକ୍ତି ପ୍ଲାଣ୍ଟ, ଆଧୁନିକ ରାସ୍ତା ଆଦି ରହିବ, ଯାହା ଏହାକୁ ଏକ ଆଦର୍ଶ ଶିଳ୍ପାଞ୍ଚଳ ସହରରେ ପରିଣତ କରିବ। ଏହା ଉକ୍ତ ଅଞ୍ଚଳର କପାଚାଷୀଙ୍କ ଉପାଦକୁ ଅଧିକ ମୂଲ୍ୟ ପ୍ରଦାନ କରିବା ସହ ସେମାନଙ୍କ ଆୟ ବଢ଼ାଇବ। ୨୩,୧୪୦ କୋଟି ଟଙ୍କା ନିବେଶ କରିବାକୁ ପ୍ରତିଶ୍ରୁତି ଦେଇଥିବାବେଳେ ପାଖାପାଖି ୩ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟିହେବ ଓ ରପ୍ତାନିରେ ଉଲ୍ଲେଖନୀୟ ବୃଦ୍ଧି ଘଟିବ। ପ୍ରଧାନମନ୍ତ୍ରୀ ତାଙ୍କ ଜନ୍ମଦିନରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ହାତକୁ ନେଉଥିବା ଗତବର୍ଷ ସେ ଓଡ଼ିଶାରେ ଥିଲେ ଓ ରାଜ୍ୟ ସରକାରଙ୍କ ମହତ୍ୱାକାଂକ୍ଷୀ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଥିଲେ। ଏଥିସହିତ ରେଳ ଓ ଜାତୀୟ ରାଜପଥ ପ୍ରକଳ୍ପକୁ ମଧ୍ୟ ପ୍ରଧାନମନ୍ତ୍ରୀ ଲଞ୍ଚ କରିଥିଲେ। ବୁଧବାର ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ତାଙ୍କ ସଂସଦୀୟ ଆସନ ବାରାଣସୀରେ ପୌର ନିଗମ ପକ୍ଷରୁ ୧୧୧ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରାଯିବ।

## କଳିଙ୍ଗା ଘାଟିରେ...

ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଘାଟିର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ମୋଟର ଅଟକି ରହିଛି। ପ୍ରବଳ ବର୍ଷା ଯୋଗୁ ଅଟକି ରହିଥିବା ବସ୍ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ପୋଲିସ ଏବଂ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ନିରାପଦ ସ୍ଥାନକୁ ଯିବାକୁ କହୁଛନ୍ତି। ଜି. ଉଦୟଗିରି ବିଡିଓ ଶରତ ଚନ୍ଦ୍ର ମଲ୍ଲିକ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିବା ସୂଚନା ମିଳିଛି। ଏ ନେଇ ଜାତୀୟ ରାଜପଥ ଅଧୀକ୍ଷଣ ଯନ୍ତ୍ରୀ ସାନ୍ତନୁ କୁମାର ସାହୁଙ୍କ ଯୋଗାଯୋଗ କରିବାରୁ ସେ କହିଛନ୍ତି, ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏହାର ମରାମତି ପାଇଁ ସମୟ ଲାଗିବ। ବର୍ତ୍ତମାନ ଘଟଣାସ୍ଥଳକୁ ରାସ୍ତା ସଫା ପାଇଁ ଆବଶ୍ୟକ ଯନ୍ତ୍ରପାତି ପଠାଯାଇଛି। ଏହାପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସାହୁ ପ୍ରକାଶ କରିଛନ୍ତି। ଫୁଲବାଣୀରୁ ବ୍ରହ୍ମପୁରକୁ ଟିକାବାଲି, ଚକାପାଦ ଦେଇ ଓ ଭୁବନେଶ୍ୱର ପଟୁ ଆସୁଥିବା ବସ୍ ରମ୍ଭା, ଭଞ୍ଜନଗର ଦେଇ ଚଳାଚଳ କରିବ ବୋଲି ଜଣେ ବସ ମାଲିକ ସୂଚନା ଦେଇଛନ୍ତି।


# ODISHA JOINT ENTRANCE EXAMINATION-2025 (OJEE - 2025)

No.OJEE/515 Date:15.09.2025

## NOTICE

### COUNSELLING FOR B.PHARM/LE.PHARM/ M.PHARM FOR THE SESSION 2025-26

No.h-09:This is for the information of all the candidates who have qualified in OJEE-2025/NEET UG 2025/JEE(MAIN)-2025 examinations and are interested to take admission into **B.PHARM** courses offered by various institutes in Odisha for the session 2025-26, that the process of choice filling and locking is scheduled to start from 18th September 2025, 5.00 PM. Same schedule is also applicable for candidates who have qualified in PGAT/OJEE-2025 for **M.PHARM** and OJEE 2025 for **Lateral Entry to B.PHARM** examinations and are interested to apply for admission in M. PHARM/Lateral Entry to B.PHARM Course. Candidates are advised to visit OJEE website and carefully read the "Counselling Brochure – 2025", 'Step-by- Step' and also see the complete "Counselling Schedule" available in OJEE website: http//ojee.nic.in

OIPR-14020/11/0010/2526 Sd/- Chairman, OJEE



**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR**

Office Order No. 4139/Date 15.09.2025

**No.O-790** : The tender for the works invited vide this office N.I.T. No. Tender-Online-C.C.12 of 2025 Dt-02.05.2025 issued vide this office Lr.No.2270 Dt-02.05.2025 is hereby cancelled due to some technical issues.

Sd./- Chief Construction Engineer
Central Rural Works Circle,
Bhubaneswar

OIPR-25082/11/0011/2526



**CHILIKA DEVELOPMENT AUTHORITY**
Address : Plot No. - 493 (P), Palashpalli, Pokhariput Road, Bhubaneswar - 751020

**Tender Call Notice**

Advertisement No. 1399/CDA
Dated : 15.09.2025

**No.CAD-1783** : Sealed tenders are invited for supply of instruments at CDA. The detailed terms and conditions of tender call can be downloaded from CDA website under Tender section https://www.chilika.com/Tender.php. Interested firms should submit their bid on or before 08.10.2025 by 2:30 P.M.

Sd./- Chief Executive
Chilika Development Authority

OIPR-08138/11/0005/2526



**GOVERNMENT OF ODISHA** No.MM-192
**OFFICE OF THE DIVISIONAL FOREST OFFICER SUNDARGARH FOREST DIVISION**

Phone No.-06622-272243, E-mail:dfo.sundargarh@odisha.gov.in
Tender Notice.FE&CC/DFO(T) SNG/No.04/2025-26
**Tender Notice for Soil Moisture Conservation Work**

Letter No.5326 Date:13.09.2025

| | | | |
|---|---|---|---|
| 1 | The Divisional Forest Officer, Sundargarh Forest Division on behalf of Governor of Odisha inviting percentage rate bid in double cover system on OFFLINE MODE. | | |
| 2 | Nature of Works | :- | Soil Moisture Conservation Work |
| 3 | Type of Works | :- | 1.Construction staggered Trenches (0-30 Degree Slope). 2.Construction of Loose Boulder Check Dam (LBCD) 3.Construction of Wire Mesh Loose Boulder Check Dam (WMLBCD), 4.Construction of Graded Bund(GB) |
| 4 | Tender Cost | :- | Rs.4000/- 6000/- & 10000/- |
| 5 | Class of Contractor | :- | "D", "C" & "B" Class Contractor |
| 6 | Availability of bid document in the Sundargarh portal i.e. https://sundargarh.odisha.gov.in | :- | From 10.00 AM of Dt.17.09.2025 to 5.00 P.M. of Dt.30.09.2025. |
| 7 | Date of Opening of Bid | :- | At 11.00 A.M. of Dt.03.10.2025 |
| 8 | The Bidders have to participate in OFFLINE bidding only. | | |

Sd./- Divisional Forest Officer
Sundargarh Forest Division

OIPR-08034/11/0016/2526



No.CAD-1781
**GOVERNMENT OF ODISHA**
**ROURKELA DEVELOPMENT AUTHORITY, ROURKELA**

Phone No. : (0661)-2500224, Email ID : secretaryrda@gmail.com

**NOTICE INVITING TENDERS**
**NATIONAL COMPETITIVE BIDDING THROUGH e-Procurement**
**Bid Identification No. 02/Rkl. RDA/2025-26 Dt.15.09.2025**

| | | |
|---|---|---|
| 01. | Name of the Work | : 1 No. work |
| 02. | Estimated Cost | : 36.86 Lakhs |
| 03. | Period of Completion | : 15 (Fifteen) days |
| 04. | Date & Time of availability of bid document in the Portal | : From 11.00 AM of dt.16.09.25 to 5.00 PM of 23.09.25 |
| 05. | Last date / time of receipt of bids in the Portal | : 5.00 PM of 23.09.25 |
| 06. | Date & Time of opening of Bids | : At 11.00 AM of 24.09.25 |
| 07. | Name and Address of the Officer Inviting Bid | : Secretary, Rourkela Development Authority, Uditnagar, Rourkela-769012 |

Further details can be seen from the website www.tendersodisha.gov.in

Sd./- Secretary,
Rourkela Development Authority, Rourkela

OIPR-13250/11/0103/2526



**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER, SAMBALPUR IRRIGATION DIVISION, SAMBALPUR**

E-mail id : sidsambalpur@gmail.com

**e-Procurement Notice No. SESID-04/2025-26**
Bid Identification No. SESID-04(01-10)/2025-26

No./4012 /Date. 10.09.2025

**No.A-609** : Bid documents consisting of work, estimated amount put to tender, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal https://tendersodisha.gov.in complete online process only.

| | | | |
|---|---|---|---|
| 1 | Nature of Works | : | Flood Works |
| 2 | Nos. of Works | : | 10 Nos. |
| 3 | Bid Identification No. | : | SESID-04(01-10)/2025-26 |
| 4 | Estimated Cost | : | 11.26 to 42.36 Lakhs |
| 5 | Earnest Money Deposit | : | Referred to DTCN |
| 6 | Cost of Tender Paper | : | Referred to DTCN |
| 7 | Period of Completion | : | Referred to DTCN |
| 8 | Date and Time of availability of Bid Document in the Portal | : | Dt : 24.09.2025 at 11.00 AM to Dt : 08.10.2025 upto 17.00 PM |
| 9 | Last Date/Time for receipt of Bids in the Portal | : | Dt : 08.10.2025 upto 17.00 PM |
| 10 | Date of Bid Opening | : | Dt : 09.10.2025 at 11.00 AM |
| 11 | Clarification seeking Date | : | Dt : 24.09.2025 at 11.00 AM to Dt : 08.10.2025 upto 17.00 PM |
| 12 | Date of Lottery (if required) | : | To be intimated later |
| 13 | Name and Address of the Officer Inviting Bid | : | Superintending Engineer, Sambalpur Irrigation Division, Sambalpur At/PO-Khetrajpur - 768003, Dist-Sambalpur Email id : sidsambalpur@gmail.com |

Further details can be seen from the e-procurement portal https://tendersodisha.gov.in. Any addendum/corrigendum/cancellation of tender can also be seen in said website.

Sd./- Superintending Engineer,
Sambalpur Irrigation Division, Sambalpur

OIPR-32530/11/0013/2526



**OFFICE OF THE NOTIFIED AREA COUNCIL, DHARMAGARH**
DIST - KALAHANDI, PIN - 766015
**'e'-Procurement NOTICE**
**Bid Identification No. DHM / 02 / 2025-26**

**No.C-1075** : The Executive Officer on behalf of Dharmagarh NAC invites tenders in Single Cover System. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e. **https://tendersodisha.gov.in**

| | | |
|---|---|---|
| 1. | Number of Civil Works | : **11 (Eleven) numbers** |
| 2. | Estimated Costs | : **1.35 Lakh to 16.52 Lakh** |
| 3. | Period of Completion | ; **As per NIT** |
| 4. | Date and time of availability of the bid documents in the Portal | : **From 03.00 P.M. of 13.09.2025 to 05.00 PM of 24.09.2025** |
| 5. | Last Date/Time for rceceipt of bids in the Portal | : **05.00 PM of 24.09.2025** |
| 6. | Bids will be opened on | : **11.00 AM of Dt.25.09.2025** |
| 7. | Name and address of the Officer Inviting Bid | : **Executive Officer, Dharmagarh NAC** |

Sd./- Executive Officer
Dharmagarh NAC

OIPR-13163/11/0015/2526



**OFFICE OF THE SUPERINTENDING ENGINEER R.W.S.&S. DIVISION, NUAPADA**

E-mail:eerwssnpd@rediffmail.com
**1st Corrigendum to Bid Identification No. RWS&S_14/2025-26**

No.O-786: Remaining unaltered of all terms and conditions, the following changes are hereby made to Bid Identification No.RWS&S_14/2025-26 of the Superintending Engineer, RWS&S Division, Nuapada by virtue of this corrigendum as mention below:

| As per Original NIT | As per Corrigendum |
|---|---|
| Work Sl.No. 02, Estimate Amount-9.85 Lakh, Paper Cost- 6000.00 | Work Sl.No. 02, Estimate Amount- 9.90 Lakh, Paper Cost-4000.00 |
| Last date/Time for receipt of bids in the portal: 21.09.2023 upto 5.00 P.M. | Last date/Time for receipt of bids in the portal: 22.09.2025 upto 5.00 P.M. |
| Date of Opening of bid: 22.09.2025 at 11.00 A.M. | Date of Opening of bid: 23.09.2025 at 11.00 A.M. |

Sd./- (Er. P. Sahu)
Superintending Engineer
RWSS Division, Nuapada

OIPR-25043/11/0010/2526



**OFFICE OF THE ENGINEER-IN-CHIEF (CIVIL), ODISHA NIRMAN SOUDHA, UNIT-V, BHUBANESWAR**

E-mail ID : cebuildings_orissa@yahoo.co.in, cebuildings@rediffmail.com, Tel. - (0674)-2391523

**INVITATIONS FOR BIDS (IFB)**

File No.-B-I-H.T.&H.-01/2025 Lr. No. 35261 Bhubaneswar, the 10th Sept., 2025

No.B-515 **Invitations for Bids**

**Bid Identification No. C.E.(B) - 25/2025-26**

| | | | |
|---|---|---|---|
| 1. | The Chief Engineer (Buildings-I), Odisha, Bhubaneswar, on behalf of Governor of Odisha, invites percentage rate bids in double cover system in ONLINE MODE only, for the works, **(1) "Construction of Academic Block-A (G+4) at BOSE, Cuttack", (2) "Construction of CHC Building at S.Bolang CHC under NHM PIP in the district of Sundargarh for the year 2024-25" & (3) Infrastructure Development of Bunakar Haat at Behera (Balijuri), Bargarh"** as detailed below. | | |
| 2. | **Nature of work** | : | **Building works** |
| 3. | **No. of work** | : | **03 Nos.** |
| 4. | **Bid Cost** | : | **10,000/- (each)** |
| 5. | **Class of Contractor** | : | **'A' / Special / Super Class** |
| 6. | **Availability of Bid Documents in the website** | : | **From dt.19.09.2025 to 17.00 Hours of dt.04.10.2025** |
| 7. | **Date of Opening of Bid** | : | **Dt.06.10.2025 at 11:30 AM** |
| 8. | **The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only.** | | |

Sd./- Chief Engineer (Buildings-I),
Odisha,

OIPR-34117/11/0139/2526



**ODISHA POLICE STATE HEADQUARTERS Cuttack**

Odisha Police
**Office of the D.G. & I.G. of Police, Odisha, Cuttack**
Tel. : 0671-2304001, Website : www.odishapolice.gov.in,
Email : aig-prov.odpol@od.gov.in

**No.D-210** : Online Bids through e-Tender Portal https://tendersodisha.gov.in are invited from the eligible bidders of RFP for Selection of a Consultancy Firm for establishing of Technical Assistance and Support Unit (TASU) for Odisha Police Department during the current financial year, 2025-26 as per the particulars mentioned below.

| Sl. No. | Name of Item | RFP No. & Date |
|---|---|---|
| 1. | Selection of a Consultancy Firm for establishing of Technical Assistance and Support Unit (TASU) for Odisha Police Department | **18-RFP-TASU-2025-26** Date : 13.09.2025 |

| Sl. No. | Particulars | Details |
|---|---|---|
| 1 | **Name of the Organization** | **Odisha Police Department** |
| 2 | **Method of Selection & Proposal Validity** | **Quality cum Cost Based Selection (QCBS) & 180 Day's proposal validity** |
| 3 | **Date of Issue of RFP** | **13.09.2025** |
| 4 | **Deadline for Submission of Pre-Proposal / Pre-Bid Queries** | **17.09.2025** |
| 5 | **Issue of Pre-proposal Clarifications** | **18.09.2025** |
| 6 | **Proposal Due Date** | **25.09.2025 till 12.30 PM** |
| 7 | **Date of opening of Technical and Qualification Proposal** | **26.09.2025 till 12.30 PM** |
| 8 | **Date of Presentation** | **To be informed later** |
| 9 | **Date of opening of Financial Proposal** | **To be informed technically qualified after bidders** |

**The bid document with all information relating to the bidding process including cost of bid document, Prequalification criteria and terms & conditions are available in the websites : https://tendersodisha.gov.in. The Authority reserves the right to accept / reject any part thereof or all the bids without assigning any reason thereof.**

Sd./- A.I.G. of Police (Provisioning)
Odisha, Cuttack
(Tender Calling Authority)

OIPR-12029/11/0105/2526



**ODISHA POLICE STATE HEADQUARTERS Cuttack**

Odisha Police
**Office of the D.G. & I.G. of Police, Odisha, Cuttack**
Tel. : 0671-2304001, Website : www.odishapolice.gov.in,
Email : igops.orpol@od.gov.in

**No.D-216** : Online Bids through e-Tender Portal https://tendersodisha.gov.in are invited from the eligible bidders of Optical Fiberscope for Operation Wing, Bhubaneswar during the current financial year, 2025-26 as per the particulars mentioned below.

| Sl. No. | Name of Item | Approximate quantity |
|---|---|---|
| 1. | **16-RFP-Optical Fiberscope-2025-26** | 04 Nos |

| Events | Date |
|---|---|
| RFP Issue Date | **15.09.2025** |
| RFP Publication of corrigendum (if any) and Submission Start Date & Time | |
| RFP Submission Due Date and time | **08.10.2025** |
| Date & Time of Opening of Technical Bids | **09.10.2025** |
| Date & Time of Opening of Financial Bids | To be intimated to qualified Bidder |
| Tender Document fee | {Non-refundable Rs.590/- (Rs.500/- + 18% GST (Rs.90/-)} In favour of A.I.G of Police (Prov.), Odisha, Cuttack payable at Cuttack. (Demand Draft) |
| EMD (Earnest Money Deposit) | Rs. 72000/- in favour of A.I.G. of Police (Prov.), Odisha, Cuttack payable at Cuttack. (Demand Draft) |

**The bid document with all information relating to the bidding process including cost of bid document, Prequalification criteria and terms & conditions are available in the websites : https://tendersodisha.gov.in. The Authority reserves the right to accept / reject any part thereof or all the bids without assigning any reason thereof.**

Sd./- A.I.G. of Police (Provisioning)
Odisha, Cuttack
(Tender Calling Authority)

OIPR-12029/11/0107/2526



**GOVERNMENT OF ODISHA** No.C-1077
**OFFICE OF THE ADDITIONAL CHIEF ENGINEER, PUBLIC HEALTH DIVISION, BHAWANIPATNA**

Parmanandpur, Railway Station Road, Bhawanipatna,
Dist. : Kalahandi, PIN - 766002, e-mail : eephbhpt@gmail.com

**NATIONAL COMPETITIVE BIDDING THROUGH e-Procurement**
**Identification No. ACEPH-BHPT-27 of 2025-26/Dt.12.09.2025**
**e-Procurement Notice**

| | | |
|---|---|---|
| 01. | Name of the Work | : 1No. Work |
| 02. | Type of Bid | : Single Bid System |
| 03. | Approx. Estimated Cost | : Rs.24.63 Lakh |
| 04. | Period of Completion | : 02 (Two) Calendar Months |
| 05. | Date & Time of availability of bid document in the Portal | : From 11.00 AM of dt. 16.09.2025 to 5.00 PM of 25.09.2025 |
| 06. | Last date / time of receipt of bids in the Portal | : 5.00 PM of 25.09.2025 |
| 07. | Date & Time of opening of technical Bids | : At 11.30 AM of 26.09.2025 |
| 08. | Name and Address of the Officer Inviting Bid | : Additional Chief Engineer, P.H. Division, Bhawanipatna, Railway Station Road, At/PO - Parmanandpur, 766002, Dist - Kalahandi |

Further details can be seen from the website http://tenders.ori.nic.in or www.tendersorissa.gov.in

Sd./- Additional Chief Engineer,
P.H. Division, Bhawanipatna

OIPR-13059/11/0043/2526



**ODISHA POLICE STATE HEADQUARTERS Cuttack**

Odisha Police
**Office of the D.G. & I.G. of Police, Odisha, Cuttack**
Tel. : 0671-2304001, Website : www.odishapolice.gov.in,
Email : igops.orpol@od.gov.in

**No.D-215** : Online Bids through e-Tender Portal https://tendersodisha.gov.in are invited from the eligible bidders of Night Sight for Sniper Rifle (Thermal Imager) for Operation Wing, Bhubaneswar during the current financial year, 2025-26 as per the particulars mentioned below.

| Sl. No. | Name of Item | Approximate quantity |
|---|---|---|
| 1. | 15-RFP-Night Sight for Sniper Rifle (Thermal Imager)-2025-26 | 06 Nos |

| Events | Date |
|---|---|
| RFP Issue Date | **15.09.2025** |
| RFP Submission Due Date and time | **08.10.2025** |
| Date & Time of Opening of Technical Bids | **09.10.2025** |
| Date & Time of Opening of Financial Bids | To be intimated to qualified Bidder |
| Tender Document fee | {Non-refundable Rs.590/- (Rs.500/- + 18% GST (Rs.90/-)} In favour of A.I.G of Police (Prov.), Odisha, Cuttack payable at Cuttack. (Demand Draft) |
| EMD (Earnest Money Deposit) | Rs. 10800/- In favour of A.I.G. of Police (Prov.), Odisha, Cuttack payable at Cuttack. (Demand Draft) |

**The bid document with all information relating to the bidding process including cost of bid document, Prequalification criteria and terms & conditions are available in the websites : https://tendersodisha.gov.in. The Authority reserves the right to accept / reject any part thereof or all the bids without assigning any reason thereof.**

Sd./- A.I.G. of Police (Provisioning)
Odisha, Cuttack
(Tender Calling Authority)

OIPR-12029/11/0108/2526



**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE ENGINEER-IN-CHIEF, WATER RESOURCES, SECHA SADAN, BHUBANESWAR**

No.A-624

Email Address:cemech.eicwr.od@gmail.com

**e-Procurement Notice**
**Bid Identification No.CEM/MDC-17/2025-26**

| | | |
|---|---|---|
| 1. | Name of the Work | : Mechanical Gate Works |
| 2. | No. of Works | : 01 (One) |
| 3. | Category of Executors | : SSI Units registered under DIC/ NSIC/MSME for Irrigation Shutters/ Hydro mechanical gates. |
| 4. | Bid Identification No. | : CEM/MDC-17/2025-26 |
| 5. | Estimated Cost | : Rs.77,86,340.00 |
| 6. | Period of Completion | : 3 (Three) Calendar Months |
| 7. | Date & Time of availability of bid documents in the Portal | : From dt.17.09.2025 (10.00 AM) to dt.03.10.2025 (5.30 PM) |
| 8. | Last date/time for receipt of bid in the Portal | : Dt.03.10.2025 (upto 5.30 PM) |
| 9. | Date and Place of Opening of Technical Bid | : Dt.04.10.2025 (12.00 Noon onwards in the O/o the undersigned) |
| 10. | Date and Place of Opening of Financial Bid | : To be intimated to the qualified Bidders after evaluation of Technical Bid |
| 11. | Name of the Officer Inviting Bid | : Chief Engineer, Mechanical, O/o the E.I.C.,Water Resources, Odisha, Bhubaneswar. |

Further details can be seen from the e-procurement portal **https://tendersodisha.gov.in.** Any further issue of Addenda/Corrigenda/ Cancellation Notice shall be uploaded in the aforesaid website only.

Sd./- Chief Engineer, Mechanical
O/o. Engineer-in-Chief,
Secha Sadan, Bhubaneswar

OIPR-32520/11/0075/2526



**ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ମୟୂରଭଞ୍ଜ**

**ବିଜ୍ଞପ୍ତି**

No.g-୫୨:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ନିମ୍ନଲିଖିତ ଶିଶୁଜଣଙ୍କୁ ଉଦ୍ଧାର କରାଯାଇ ଜିଲ୍ଲା ଶିଶୁ କଲ୍ୟାଣ ସମିତି, ମୟୂରଭଞ୍ଜ ନିର୍ଦ୍ଦେଶନାମା ବଳରେ ଶିଶୁଯତ୍ନ ଅନୁଷ୍ଠାନରେ ରଖାଯାଇଅଛି । ଉକ୍ତ ଶିଶୁଜଣଙ୍କର ଯଦି କେହି ପିତାମାତା, ଅଭିଭାବକ ବା ଆଇନସିଦ୍ଧ ଦାବିଦାର ଥାନ୍ତି ଏହି ବିଜ୍ଞାପନ ପ୍ରକାଶ ପାଇବାର ତିରିଶ (୩୦) ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ମୟୂରଭଞ୍ଜ, ଫୋନ ନଂ.06792-255562 କିମ୍ବା ଶିଶୁ କଲ୍ୟାଣ ସମିତି, ମୟୂରଭଞ୍ଜ ଫୋନ ନଂ.06792-262246କୁ ଯୋଗାଯୋଗ କରିପାରିବେ । ଉପରୋକ୍ତ ସମୟ ସୀମା ପରେ କୌଣସି ଦାବିପତ୍ର ଗ୍ରହଣ କରାଯିବ ନାହିଁ ଏବଂ ଶିଶୁଜଣଙ୍କୁ କିଶୋର ନ୍ୟାୟ ଆଇନ ୨୦୧୫ ଅନ୍ତର୍ଗତ ଧାରା ୩୮(୧) ଓ ପୋଷ୍ୟସନ୍ତାନ ନିୟମାବଳୀ ୨୦୨୨ ଅନୁଯାୟୀ ପୋଷ୍ୟସନ୍ତାନ ନିମନ୍ତେ ଆଇନତଃ ଯୋଗ୍ୟ ଘୋଷଣା କରାଯିବ ।

ଶିଶୁର ନାମ–ଲକ୍ଷ୍ମୀ
ଲିଙ୍ଗ–ଝିଅ
ଜନ୍ମ ତାରିଖ–
୨୯.୦୪.୨୦୨୫
ଉଦ୍ଧାର ହୋଇଥିବା ସ୍ଥାନ:
ବଡଦୁନ୍ଦୁ, ବହଳଦା,
ମୟୂରଭଞ୍ଜ



ସ୍ୱା./–
ଜିଲ୍ଲାପାଳ, ମୟୂରଭଞ୍ଜ

OIPR-33021/11/0018/2526


See Career Appointment on every Wednesday & Saturday

# ୧୨୫ ବିଲିୟନ ମେଟ୍ରିକ ଟନ୍ କୋଇଲା ଉତ୍ପାଦନ ଲକ୍ଷ୍ୟ

## ଏମ୍‌ସିଏଲ୍‌ର ୧୫ ତମ ଆର୍‌ପିଡିଏସି ବୈଠକ

ଅନୁଗୋଳ,୧୬।୯ (ମାନସ ବିଶ୍ୱାଳ)

ଅନୁଗୋଳ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏମ୍‌ସିଏଲ୍‌ର ୧୫ତମ ରିହାବିଲିଟେଶନ ଆଣ୍ଡ ପେରିଫେରି ଡେଭେଲପମେଣ୍ଟ ଆଡଭାଇଜରି କମିଟି (ଆର୍‌ପିଡିଏସି) ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଲପୁର ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣି, ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଉତ୍ତରାଞ୍ଚଳ ଆର୍‌ଡିସି ସଚିନ ରାମଚନ୍ଦ୍ର ଯାଦବ, ଜିଲାପାଳ ଅବଦଲ ମୁହମ୍ମଦ ଅଖତାର ଉପସ୍ଥିତ ଥିଲେ। ବୈଠକରେ ଜମିହରାଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବା ସହ ଚଳିତବର୍ଷ ଅନୁଗୋଳର ୬ଟି କୋଲ୍ ବ୍ଲକରୁ ୧୨୫ ବିଲିୟନ ମେଟ୍ରିକ ଟନ୍ କୋଇଲା ଉତ୍ପାଦନ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା।

ବୈଠକରେ ଆର୍‌ପିଡିଏସି ଚେୟାରମ୍ୟାନ ତଥା ଆର୍‌ଡିସି ସଚିନ ରାମଚନ୍ଦ୍ର ଯାଦବ ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ସୁଭଦ୍ରା କୋଲ୍ ବ୍ଲକ ଅଞ୍ଚଳର ଜମିହରାମାନଙ୍କୁ ଅଧିକ ଟଙ୍କା ପ୍ରଦାନ କରିବା ସହ ବାକିଥିବା ୬ଟି ପରିବାର ଲୋକଙ୍କୁ ଚାକିରି ଦେବାକୁ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ଡଓଁରା ଗ୍ରାମର ଜମିହରା ପରିବାରଙ୍କ ଦାବି ଅନୁଯାୟୀ ୧୯୯୫ ମସିହା କଟ୍‌ଅଫ୍ ଡେଟ୍ ଅନୁସାରେ ଚାକିରି ଦେବା ପାଇଁ ନିଷ୍ପତ୍ତି କରାଯାଇଥିଲା। ଗୋପାଳପ୍ରସାଦ ଗ୍ରାମରେ ଏମ୍‌ସିଏଲ୍ ପକ୍ଷରୁ କରାଯାଇଥିବା ହିଙ୍ଗୁଳା ମାଇନ୍ସ ପାଇଁ ଜମି ହରାଇଥିବା ଲୋକମାନଙ୍କୁ ଉଚ୍ଚ ରେଟ୍ ପ୍ରଦାନ କରିବାକୁ ସ୍ଥିର କରାଯାଇଥିଲା। ୨୦୧୩ ସର୍କୁଲାର ଅନୁସାରେ ସେପାରେଟ୍ ପରିବାରଙ୍କୁ ମଧ୍ୟ ପୁଟ ବଦଳରେ ଟଙ୍କା ପ୍ରଦାନ ନିଷ୍ପତ୍ତି ନିଆଯାଇଥିଲା। ଯେଉଁ କ୍ଷତିଗ୍ରସ୍ତଙ୍କ ଚାଷଜମି ନାହିଁ ଓ କେବଳ ଘରବାଡ଼ି ରହିଛି, ସେମାନଙ୍କୁ କାଟାଗୋରି-୧ରେ ନେଇ ନିୟମ ଅନୁସାରେ ସମସ୍ତ ସୁବିଧା ପ୍ରଦାନ କରାଯିବ ବୋଲି ସ୍ଥିର କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ, ଏମ୍‌ସିଏଲ୍‌ର ସମସ୍ତ ସିଏମ୍‌ଡି, ନିର୍ଦ୍ଦେଶକ, ଜେନେରାଲ ମ୍ୟାନେଜର, ଜମିହରାଙ୍କ ପକ୍ଷରୁ ସଦସ୍ୟ ରାଜେନ୍ଦ୍ର କୁମାର ସିଂ, ଲୋକନାଥ ସାହୁ, ସ୍ୱେଚ୍ଛାସେବୀ ସଙ୍ଗଠନରୁ ମାନସ ରଞ୍ଜନ ସାହୁ, ସିଦ୍ଧାର୍ଥ ପ୍ରଧାନ, ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ଏଡିଏମ୍ ପ୍ରତାପ ପ୍ରୀତିମୟ ଓ ଉଦୟ ନାଥ ମହାପାତ୍ର, ତାଳଚେର ଉପଜିଲାପାଳ ଏବଂ ଅନୁଗୋଳ ଉପଜିଲାପାଳ ଉପସ୍ଥିତ ଥିଲେ।

ଜମିହରାଙ୍କ ପକ୍ଷରୁ ଉପସ୍ଥିତ ସଦସ୍ୟ ରାଜେନ୍ଦ୍ର କୁମାର ସିଂ ବୈଠକକୁ ନେଇ ସନ୍ତୋଷ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଯେଉଁସବୁ ବିଷୟରେ ଆଲୋଚନା କରାଗଲା ତାହା ସନ୍ତୋଷଜନକ। କେନ୍ଦ୍ରମନ୍ତ୍ରୀ ଏମ୍‌ସିଏଲ୍ କର୍ତ୍ତୃପକ୍ଷଙ୍କୁ ବୈଠକରେ ତାଗିଦ୍ କରିଥିଲେ। କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି, ଅନୁଗୋଳ ଜିଲାର ୬ଟି କୋଲ୍ ବ୍ଲକରୁ ପ୍ରତିବର୍ଷ ପାଖାପାଖି ୧୦୦ ବିଲିୟନ ମେଟ୍ରିକ ଟନ୍ କୋଇଲା ଉତ୍ପାଦନ ହେଉଛି। ଚଳିତବର୍ଷ ୧୨୫ ବିଲିୟନ ମେଟ୍ରିକ ଟନ୍ କୋଇଲା ଉତ୍ପାଦନର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଜମିହରାମାନଙ୍କ ସବିଶେଷ ତଥ୍ୟ ବାହାର କରାଯାଉଛି। ଆର୍‌ପିଡିଏସିରେ ଗୁଡାଏ ପଲିସି ନିର୍ଦ୍ଧାରଣ ହୋଇଛି। ଲୋକାଭିମୁଖୀ ଜମି ଅଧିଗ୍ରହଣ ପାଇଁ ପ୍ରକ୍ରିୟା ଜାରି ରହିଛି। ଭାରତ ସରକାର ଓ ରାଜ୍ୟ ସରକାରଙ୍କ ଆଇନ ଅନୁସାରେ ଜମି ଅଧିଗ୍ରହଣ ହେବ। ଅଞ୍ଚଳର ବିକାଶ ପାଇଁ ବହୁ ନିଷ୍ପତ୍ତି ନିଆଯାଇଛି। ସଫଳତାର ସହିତ ଆର୍‌ପିଡିଏସି ବୈଠକ ସମ୍ପାଦନ ହୋଇଥିବା କେନ୍ଦ୍ରମନ୍ତ୍ରୀ ପ୍ରକାଶ କରିଥିଲେ। ଏହି ଅବସରରେ ଖବରଦାତାଙ୍କ ପ୍ରଶ୍ନର ଉତ୍ତର ରଖି କେନ୍ଦ୍ରମନ୍ତ୍ରୀ କହିଥିଲେ, ଦେଶର ଉନ୍ନତି ପାଇଁ ଶିଳ୍ପାଞ୍ଚଳର ଆବଶ୍ୟକତା ରହିଛି। ତେବେ ପ୍ରଦୂଷଣ ଏକ ଆହ୍ୱାନ। ଏହାକୁ ମୁକାବିଲା କରାଯାଉଛି। ଜଙ୍ଗଲ ନଷ୍ଟ ହେବା ଫଳରେ ହାତୀ ଅନୁଗୋଳ ଅଞ୍ଚଳର ଏକ ସମସ୍ୟା ପାଲଟିଛି। ପଶୁ-ମଣିଷ କିପରି ସୁରକ୍ଷିତ ଭାବରେ ରହିପାରିବେ ଏଥିପାଇଁ ଜଙ୍ଗଲ ବିଭାଗ ବିସ୍ତାରିତ ଭାବରେ କାର୍ଯ୍ୟ କରୁଛି। କୋଲ୍ ଇଣ୍ଡିଆର ୧୬୦୦ କୋଟି ଟଙ୍କା ସହାୟତା ଫଳରେ ଚଳିତବର୍ଷ ଠାରୁ ଜିଲାରେ ଏକ ମେଡିକାଲ କଲେଜ କାର୍ଯ୍ୟକ୍ଷମ ହୋଇପାରିଛି। ଏହା ରାଜ୍ୟ ସରକାରଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହେବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରକାଶ କରିଥିଲେ।



ଆର୍‌ପିଡିଏସି ବୈଠକରେ ସମ୍ବଲପୁର ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଢେଙ୍କାନାଳ ଏମ୍‌ପି, ତାଳଚେର ଓ ଛେଣ୍ଡିପଦା ବିଧାୟକ, ଉତ୍ତରାଞ୍ଚଳ ଆର୍‌ଡିସି, ଜିଲାପାଳ ପ୍ରମୁଖ ମଞ୍ଚାସୀନ ଅଛନ୍ତି।

# ଖଣି ପ୍ରଭାବିତ ଅଞ୍ଚଳରେ ଡିଏମ୍‌ଏଫ୍ ଅର୍ଥ ଖର୍ଚ୍ଚ କର

## ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠି ବୈଠକ

- ଅନୁଗୋଳ ଜିଲାର ୧୧୭ ପଞ୍ଚାୟତ ଖଣି ପ୍ରଭାବିତ
- ସ୍ଥାପନ ହେବ ନୂତନ ଦକ୍ଷତା ବିକାଶ କେନ୍ଦ୍ର
- ଅବହେଳା କରୁଥିବା ଠିକା ସଂସ୍ଥାର ରଦ୍ଦ ହେବ ୱାର୍କ ଅର୍ଡର

ଅନୁଗୋଳ,୧୬।୯ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ମଙ୍ଗଳବାର ଅପରାହ୍ଣରେ ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠି (ଡିଏମ୍‌ଏଫ୍) ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରତି ୩ ମାସରେ ବସିବାକୁ ଥିବା ଏହି ବୈଠକ ପ୍ରାୟ ୩ବର୍ଷ ଧରି ହୋଇ ନ ଥିବାରୁ ଖଣି ଆଖପାଖ ଅଞ୍ଚଳଗୁଡିକରେ ଉନ୍ନତିମୂଳକ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ବନ୍ଦ ପଡିଥିବା ଅଭିଯୋଗ ହେଉଥିଲା। ତେବେ ରାଜ୍ୟରେ ନୂତନ ସରକାର ଆସିବା ପରେ ପ୍ରଥମ ଥର ଏହି ବୈଠକ ଅନୁଷ୍ଠିତ ହୋଇଛି।

ଜିଲାପାଳ ଅବଦଲ ମୁହମ୍ମଦ ଅଖତାରଙ୍କ ଅଧ୍ୟକ୍ଷତାରେ ବସିଥିବା ଏହି ବୈଠକରେ ସମ୍ବଲପୁର ଏମ୍‌ପି ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଓ ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନଙ୍କ ସହ ସମସ୍ତ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ପୂର୍ବରୁ ହୋଇଥିବା ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଜିଲାପାଳ ବୈଠକରେ ତଥ୍ୟ ଉପସ୍ଥାପନ କରିଥିଲେ। ଜିଲାରେ ମୋଟ୍ ୨୨୫ ପଞ୍ଚାୟତ ମଧ୍ୟରୁ ଏବେ ୧୧୭ ପଞ୍ଚାୟତ ପ୍ରତ୍ୟକ୍ଷ କିପରୋକ୍ଷରେ ଖଣି ପାଇଁ ପ୍ରଭାବିତ ହେଉଛି। ତେଣୁ ଡିଏମ୍‌ଏଫ୍‌ରେ ଥିବା ଅର୍ଥ ଏସବୁ ଅଞ୍ଚଳର ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଖର୍ଚ୍ଚ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଜିଲାପାଳଙ୍କୁ ପରାମର୍ଶ ଦେଇଥିଲେ। ଆଗାମୀ ୫ବର୍ଷ ଭିତରେ ଶିଶୁ ସୁରକ୍ଷା ଶିକ୍ଷା ଉପରେ ଏକ ଖସଡ଼ା ପ୍ରସ୍ତୁତ ସହ ଏଥିରୁ ଯେପରି ସୁଫଳ ମିଳିବ, ସେଥିପ୍ରତି ଧ୍ୟାନ ଦେବାକୁ ଆଲୋଚନା ହୋଇଥିଲା। ଜିଲାରେ ନୂତନ ଦକ୍ଷତା ବିକାଶ କେନ୍ଦ୍ର ଖୋଲାଯିବା ସହ ସେଠାରେ ହଷ୍ଟେଲ ବ୍ୟବସ୍ଥା ରଖାଯିବ। ଫଳରେ ସେଠାରେ ଶିକ୍ଷା ନେଉଥିବା ଯୁବତୀଯୁବକ ହଷ୍ଟେଲରେ ରହି ପାଠପଢିବା ସୁବିଧା ପାଇପାରିବେ। ଜିଲାରେ ଥିବା ପୋଖରୀଗୁଡିକର ପୁନରୁଦ୍ଧାର କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ବେଳେ ବଡ କଟାଗୁଡିକୁ ପଥର ବନ୍ଧ ଘେରାଯାଇ ତାହାର ସୁରକ୍ଷା ପାଇଁ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ଖଣିରୁ ଆସୁଥିବା ଭାରିଯାନ ଜନବସତି ଅଞ୍ଚଳକୁ କିପରି ନ ଯାଇ ବାହାରେ ଯିବ, ସେଥିପାଇଁ ନୂତନ ରାସ୍ତା ମୁଖ୍ୟରାସ୍ତାକୁ ସଂଯୋଗ କରାଯିବ। ଏଥିପାଇଁ ଖୁବ୍‌ଶୀଘ୍ର ସର୍ଭେ କରି ଏକ ରିପୋର୍ଟ ଦେବାକୁ କେନ୍ଦ୍ରମନ୍ତ୍ରୀ ଜିଲାପାଳଙ୍କୁ କହିଥିଲେ। ଆଗାମୀ ଦିନରେ ଡିଏମ୍‌ଏଫ୍ ରାଶିକୁ ସାଜସଜ୍ଜା କାର୍ଯ୍ୟରେ ବ୍ୟବହାର ନ କରିବା ପାଇଁ ଏମ୍‌ପି କହିଥିଲେ। ଅଧାପନ୍ତରିଆ ଅବସ୍ଥାରେ ଥିବା ଉନ୍ନୟନ କାର୍ଯ୍ୟକୁ ଯଥାଶୀଘ୍ର ସାରିବାକୁ ନିଷ୍ପତ୍ତି ନିଆଯାଇଥିଲା। ପୂର୍ବରୁ କାର୍ଯ୍ୟ କରୁଥିବା ଠିକା ସଂସ୍ଥା ମନଇଚ୍ଛା କାମ କଲେ ନୂତନ ଟେଣ୍ଡର କରି କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ ବୋଲି ଜିଲାପାଳ କହିଥିଲେ।

# ମେଡିକାଲ କଲେଜ ପରିଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ

ତାଳଚେର,୧୬।୯ (ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେରସ୍ଥିତ ପବିତ୍ର ମୋହନ ସରକାରୀ ମେଡିକାଲ କଲେଜରେ ଚଳିତ ଶିକ୍ଷାବର୍ଷରୁ ୧୦୦ଟି ଏମ୍‌ବିବିଏସ୍ ସିଟ୍ ନାମ ଲେଖାଇବା ପାଇଁ ଜାତୀୟ ମେଡିକାଲ କମିଶନ ମଞ୍ଜୁରୀ ଦେବା ପରେ ମଙ୍ଗଳବାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ହସ୍ପିଟାଲ ପରିଦର୍ଶନ କରିଛନ୍ତି। ଏ ସମ୍ପର୍କରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଅନୁଗୋଳ ଜିଲାର ବହୁ ବର୍ଷ ପ୍ରତୀକ୍ଷାର ଅନ୍ତ ଘଟିଛି। ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ହେବା ପରେ ତାଳଚେର ଜିଲାରେ ମେଡିକାଲ କଲେଜ ସ୍ୱପ୍ନ ପୂରଣ ହୋଇପାରିଛି। ନିକଟରେ ରାଜ୍ୟ ସରକାରଙ୍କ ଆବେଦନ କ୍ରମେ ଏହି ମେଡିକାଲ କଲେଜରେ ୨୦୨୫-୨୬ ଶିକ୍ଷାବର୍ଷରୁ ୧୦୦ଟି ଏମ୍‌ବିବିଏସ୍ ସିଟ୍ ପାଇଁ ନାମଲେଖା ପ୍ରକ୍ରିୟା ଆରମ୍ଭ କରିବାକୁ ଜାତୀୟ ମେଡିକାଲ କମିଶନ ମଞ୍ଜୁରୀ ଦେଇଛନ୍ତି, ଯାହା ଖୁସିର ବିଷୟ। ଏହି ହସ୍ପିଟାଲ କାର୍ଯ୍ୟକ୍ଷମ ହେବା ଦ୍ୱାରା ତାଳଚେର ସମେତ ଅନୁଗୋଳ ଓ ଆଖପାଖ ଜିଲାର ଲୋକମାନେ ବିଶେଷ ଭାବରେ ଉପକୃତ ହେବେ। ଏହି ନିର୍ଣ୍ଣୟ ପାଇଁ ପ୍ରଧାନମନ୍ତ୍ରୀ ମୋଦି ଏବଂ ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ରମନ୍ତ୍ରୀ ଧନ୍ୟବାଦ ଜଣାଇଥିଲେ। ତାଳଚେର ମେଡିକାଲ କଲେଜର ସ୍ୱପ୍ନ ପୂରଣ କରିବା ପାଇଁ ପ୍ରଚେଷ୍ଟା କରିଥିବାରୁ ସ୍ଥାନୀୟ ଜନସାଧାରଣ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ କରିବା ସହ ଧନ୍ୟବାଦ ଜଣାଇଥିଲେ।

# ଓଏସ୍‌ଆର୍‌ଟିସିକୁ ପୌରପାଳିକାର ଜରିମାନା



କଟାଯାଇଥିବା ଗଛ ଡାଳ ଓଏସ୍‌ଆର୍‌ଟିସି କାର୍ଯ୍ୟାଳୟ ସମ୍ମୁଖରେ ପଡ଼ିରହିଛି।

ଅନୁଗୋଳ,୧୬।୯(ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍‌ଆରଟିସି) ପରିଚାଳନା କର୍ତ୍ତୃପକ୍ଷଙ୍କୁ ପୌରପାଳିକା ପକ୍ଷରୁ ଜରିମାନା କରାଯାଇଛି। ବସ୍‌ଷ୍ଟାଣ୍ଡ ଆଗରେ ମଙ୍ଗଳବାର ଗଛ ଡାଳ କଟାଯାଇ ପକାଯାଇଥିବା ବେଳେ ଆବର୍ଜନା ସବୁ ରାସ୍ତା ପାର୍ଶ୍ୱରେ ଗଦା କରାଯାଇଥିଲା। ଏହାକୁ ନେଇ ୨୧ ନମ୍ବର ୱାର୍ଡର ସ୍ୱଚ୍ଛସାଥୀ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୌର ନିର୍ବାହୀ ଅଧିକାରୀ ଓଏସ୍‌ଆର୍‌ଟିସି ଉପରେ ୨ ହଜାର ଟଙ୍କା ଜରିମାନା କରିଥିବା ଜଣାପଡ଼ିଛି।

# ସ୍ଥାୟୀ ନିଯୁକ୍ତି ନେଇ ଜମିହରାଙ୍କ ଦାବିପତ୍ର

ଅନୁଗୋଳ,୧୬।୯(ଦିବ୍ୟଶାନ୍ତନୁ ନାଥ)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ଦିନିକିଆ ଅନୁଗୋଳ ଗସ୍ତରେ ଆସିଥିବା ବେଳେ ନାଲ୍‌କୋ ବ୍ରାଉନ ଫିଲଡ୍ ସମ୍ପ୍ରସାରଣରେ ଜମି ହରାଉଥିବା ପ୍ରଜା କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଦର୍ଶାଯାଇଛି, ପୂର୍ବରୁ ଲୋକେ ନିଜର ଜମି ବା ଘରଦ୍ୱାର ହରାଇଥିବାବେଳେ ଆଜି ପର୍ଯ୍ୟନ୍ତ ନିଯୁକ୍ତି ପାଇପାରି ନାହାନ୍ତି। ଏପରି ସ୍ଥିତିରେ ନାଲ୍‌କୋ ସ୍ମେଲଟର କାରଖାନାର ବ୍ରାଉନ ଫିଲଡ୍ ସମ୍ପ୍ରସାରଣ କରିବାକୁ ପ୍ରକ୍ରିୟା ଆରମ୍ଭ କରିଛି। କମ୍ପାନୀ ଆରମ୍ଭ ସମୟରେ ଯେଉଁ ଲୋକମାନେ କିଛି ଜମି ହରାଇଥିଲେ, ବର୍ତ୍ତମାନ ସେମାନେ ସମସ୍ତ ଜମି ହରାଉଛନ୍ତି। ଏଠାକାର ପ୍ରାୟତଃ ଲୋକ ଚାଷବାସ କରି ପରିବାର ପ୍ରତିପୋଷଣ କରିଥାନ୍ତି। ଜମି ଅଧିଗ୍ରହଣରେ ଲୋକେ ନିଜ ସମସ୍ତ ଜମିବାଡ଼ି ହରେଇବେ। ଏପରିକି ପରବର୍ତ୍ତୀ ପିଢ଼ି ପାଇଁ କୌଣସି ଭୂ-ସମ୍ପତ୍ତି ମଧ୍ୟ ରହିବ ନାହିଁ। ଏହି କାରଣରୁ ଜମି ହରାଉଥିବା ସମସ୍ତ ପରିବାରକୁ ନାଲ୍‌କୋ କମ୍ପାନୀରେ ସ୍ଥାୟୀ ନିଯୁକ୍ତି ଦେବା ପାଇଁ ଗ୍ରାମବାସୀ ଦାବି କରିଥିଲେ। ଚାକିରି କ୍ଷେତ୍ରରେ କୌଣସି ବାଛବିଚାର ନ କରି ସମସ୍ତ ଜମିହରା ପ୍ରଜାଙ୍କୁ ଚାକିରି ଦେବାକୁ ଦାବି କରାଯାଇଛି।

# ହାତୀ ଚଳପ୍ରଚଳ ଅଞ୍ଚଳରେ ଲାଇଟ୍ ପାଇଁ ଏମ୍‌ପିଙ୍କ ଦାବି

ଅନୁଗୋଳ,୧୬।୯(ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ଗସ୍ତରେ ମଙ୍ଗଳବାର ଆସିଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁଗୋଳ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ କାର୍ଯ୍ୟାଳୟ ଉଦ୍‌ଘାଟନ କରିଛନ୍ତି। ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମ ପରେ ସମସ୍ତ ବନଖଣ୍ଡ ଅଧିକାରୀଙ୍କ ସହ କେନ୍ଦ୍ରମନ୍ତ୍ରୀ ଓ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ବିଭିନ୍ନ ସମସ୍ୟା ନେଇ ଆଲୋଚନାରେ କରିଥିଲେ। ଏହି ଅବସରରେ ଏମ୍‌ପି ପାଣି ହିନ୍ଦୋଳ ବନାଞ୍ଚଳରେ ହାତୀ- ମଣିଷ ସହ ମୁହାଁମୁହିଁ ଘଟଣାରେ ଏକାଧିକ ଲୋକଙ୍କ ଜୀବନ ଯାଇଥିବା ପ୍ରସଙ୍ଗ ଉଠାଇଥିଲେ। ଏପରିକି ହିନ୍ଦୋଳ ବାଘଧରିଆ ଅଞ୍ଚଳରେ ହାତୀ ଚଳପ୍ରଚଳ ହେଉଥିବା ଜନବସତି ଅଞ୍ଚଳରେ ଲାଇଟ ଲଗାଇବା ବ୍ୟବସ୍ଥା କରାଯାଉ ବୋଲି ଦାବି କରିଥିଲେ। ପୂର୍ବରୁ କହିବା ପରେ ମଧ୍ୟ କେତେକ ଅଞ୍ଚଳରେ ଲାଇଟ ଲାଗି ପାରି ନ ଥିବାରୁ ଏମ୍‌ପି ଉଦବେଗ ପ୍ରକାଶ କରିଥିଲେ। ଢେଙ୍କାନାଳ ବନଖଣ୍ଡ ଅଧିକାରୀ ସୁମିତ କରଙ୍କୁ କହିଥିଲେ, ବାଘଧରିଆ ଓ ଏହାର ଆଖପାଖ ଅଞ୍ଚଳରେ ତୁରନ୍ତ ଲାଇଟ ବ୍ୟବସ୍ଥା କରାଯାଉ।

# ବକେୟା ଅର୍ଥ ଦେବାକୁ ହିତାଧିକାରୀଙ୍କ ଦାବି


ଆଠମଲ୍ଲିକ ବ୍ଲକ କାର୍ଯ୍ୟାଳୟକୁ ଆସିଥିବା ଅଭିଯୋଗକାରୀ।

ଆଠମଲ୍ଲିକ,୧୬।୯(ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ତରଫରୁ ୨୦୨୨ ମସିହାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କୂଅ ଖୋଳିବାକୁ ଲୁହାସିଙ୍ଗା ଓ ଜାମୁଡୋଲୀ ପଞ୍ଚାୟତର ବହୁ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟାଦେଶ ବଳରେ କୂଅ ଖୋଳି ବ୍ୟବହାର କରିବାର ୨ ବର୍ଷ ବିତି ଯାଇଥିଲେ ମଧ୍ୟ ହିତାଧିକାରୀଙ୍କୁ ବକେୟା ଅର୍ଥ ମିଳି ନ ଥିବା ଅଭିଯୋଗ ହୋଇଛି। ପୂର୍ବତନ ବ୍ଲକ ଅଧ୍ୟକ୍ଷ ଚିତ୍ତରଞ୍ଜନ କର୍ଣ୍ଣଙ୍କ ନେତୃତ୍ୱରେ ସମ୍ପୃକ୍ତ ହିତାଧିକାରୀ କାଞ୍ଚନ ରାଉତ, ସନ୍ଧ୍ୟାରାଣୀ ଆଚାର୍ଯ୍ୟ, ସୁଶୀଳା ଗାଇଗରିଆ, ବିଶ୍ୱେଶ୍ୱର ଧଳ, ବଟକୃଷ୍ଣ ସାହୁ, କୃତିବାସ ରଣା, କୁକୁନି ପାତ୍ର ପ୍ରମୁଖ ବ୍ଲକ କାର୍ଯ୍ୟାଳୟକୁ ଆସି ସେମାନଙ୍କ ପ୍ରାପ୍ୟ ପାଇବାକୁ ଦାବି କରିଥିଲେ। ପୂର୍ବରୁ ହିତାଧିକାରୀମାନେ ବାରମ୍ବାର ବ୍ଲକ କାର୍ଯ୍ୟାଳୟରେ ଓ ଜିଲାପାଳଙ୍କ ଅଭିଯୋଗ ଶିବିରରେ ଅଭିଯୋଗ କରିଥିଲେ ମଧ୍ୟ ପ୍ରାପ୍ୟ ପାଇପାରି ନ ଥିବା ଅଭିଯୋଗ କରିଛନ୍ତି। ଏ ନେଇ ଜିଲା ପରିଷଦ ସଦସ୍ୟା ବବିତା କର୍ଣ୍ଣ ପୂର୍ବରୁ ପଞ୍ଚାୟତ ସଚିବଙ୍କୁ ମଧ୍ୟ ଚିଠି ଲେଖିଥିବା ଜଣାପଡିଛି। ଅଭିଯୋଗ ସମ୍ପର୍କରେ ବିଡିଓ ଟିଟୋସ ମହାନନ୍ଦିଆ କହିଛନ୍ତି, ୫୦ ପ୍ରତିଶତ ହିତାଧିକାରୀ ଅର୍ଥ ପାଇସାରିଛନ୍ତି। ଯେଉଁମାନଙ୍କ ଅର୍ଥ ବକେୟା ରହିଛି, ସେମାନଙ୍କୁ ଶୀଘ୍ର ଅର୍ଥ ପ୍ରଦାନ ବ୍ୟବସ୍ଥା କରାଯିବ।

# ଶୃଙ୍ଖଳାର ସହ ପୂଜା ସାରିବାକୁ ପୋଲିସର ନିର୍ଦ୍ଦେଶ


ବୈଠକରେ ଥାନା ଅଧିକାରୀଙ୍କ ସହ ବିଭିନ୍ନ ପୂଜା କମିଟି କର୍ମକର୍ତ୍ତା।

ବଇଣ୍ଡା,୧୬।୯(ପରିକ୍ଷିତ ସାହୁ)

ପାର୍ବଣ ଋତୁ ଚାଲିଥିବାରୁ କିପରି ଶାନ୍ତିଶୃଙ୍ଖଳା ସହ ପୂଜା ସରିବ ସେ ନେଇ କିଶୋରନଗର ବ୍ଲକ ହଣ୍ଡପା ପୋଲିସ ପକ୍ଷରୁ ମଙ୍ଗଳବାର ଥାନା ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ନମିତା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବଇଣ୍ଡା ହାଇସ୍କୁଲ ରୋଡ୍‌ର ପୂଜା କମିଟି କର୍ମକର୍ତ୍ତା ଗିରିଶଚନ୍ଦ୍ର ବେହେରା, ରାଜେନ୍ଦ୍ର ରାଉତ, ଛବି ପାତ୍ର, ରାକେଶ ମିଶ୍ର, ପ୍ରଦୀପ ସାହୁ, ବିକାଶ ବେହେରାଙ୍କ ସମେତ ସମସ୍ତ ପୂଜା କମିଟି କର୍ମକର୍ତ୍ତା ଯୋଗଦେଇଥିଲେ। କିପରି ଶୃଙ୍ଖଳାର ସହ ପୂଜା ସମାପ୍ତ ହେବ ତାହା ଉପରେ ଆଲୋଚନା କରାଯାଇଥିଲା। ଜବରଦସ୍ତ ଚାନ୍ଦା ଆଦାୟ ବନ୍ଦ ପାଇଁ ପୋଲିସ ପୂଜା କମିଟି କର୍ମକର୍ତ୍ତାଙ୍କ ସହଯୋଗ ଲୋଡ଼ିଥିଲା।

# ମିଳୁନି ପକ୍କା ଘର, ଅପେକ୍ଷାରେ ବୃଦ୍ଧ ଦମ୍ପତି

ବନ୍ତଲା,୧୬।୯(ସୁଶିତ ସାହୁ)

ଝାଟିମାଟି ଘର। ମୁଣ୍ଡ ଉପର ଚିରା ପାଲ ଦେଇ ଭିତରକୁ ଗଳୁଛି ବର୍ଷା ପାଣି। ଦିନେ ମଜୁରି ନ ଖଟିଲେ ପେଟକୁ ଦାନା ମିଳିବା କଷ୍ଟକର। ତଥାପି ସରକାରୀ ପକ୍କା ଘର ଖଣ୍ଡେ ପାଲଟିଛି ସାତ ସପନ। ସରପଞ୍ଚଙ୍କ ଠାରୁ ବିଡିଓଙ୍କ ପର୍ଯ୍ୟନ୍ତ ଗୁହାରି ପରେ ମଧ୍ୟ ସୁଫଳ ମିଳିପାରି ନ ଥିବା ଅଭିଯୋଗ କରିଛନ୍ତି ଅନୁଗୋଳ ବ୍ଲକ ବାଲୁଅକଟା ପଞ୍ଚାୟତ ସାଆନ୍ତ ସାହିର ଦମ୍ପତି ଦୁର୍ଯୋଧନ ବେହେରା(୬୦) ଓ ନିରାଶ ବେହେରା।

ଦମ୍ପତିଙ୍କ କହିବା ଅନୁଯାୟୀ, ୩ବର୍ଷ ହେଲା ଘରଟିଏ ପାଇଁ ବାରମ୍ବାର ଗୁହାରି କରିଆସୁଥିଲେ ମଧ୍ୟ କେହି ଶୁଣୁନାହାନ୍ତି। ସରପଞ୍ଚ ସୁମିତା ସାହୁ କହିଛନ୍ତି, ୨୦୨୪-୨୫ ଆର୍ଥିକ ବର୍ଷରେ ଯୋଗ୍ୟ ବିବେଚିତ ହିତାଧିକାରୀଙ୍କୁ ୮୦ଟି ଅନ୍ତ୍ୟୋଦୟ ଗୃହ ବଣ୍ଟନ ହୋଇଛି। ପୂର୍ବ ନିର୍ଦ୍ଧାରିତ ଯୋଗ୍ୟ ତାଲିକାରେ ସମ୍ପୃକ୍ତ ଦମ୍ପତିଙ୍କ ନାମ ଅନ୍ତର୍ଭୁକ୍ତ ନ ଥିବାରୁ ଘର ଯୋଗାଇବା ସମ୍ଭବ ହୋଇପାରିନାହିଁ। ତେବେ ପରବର୍ତ୍ତୀ ଅନ୍ତ୍ୟୋଦୟ ଗୃହ ବଣ୍ଟନ ନିମନ୍ତେ ଦମ୍ପତିଙ୍କ ନାମ ଅନ୍ତର୍ଭୁକ୍ତ କରାଯାଇଛି। ଏଥିପାଇଁ ସର୍ଭେ କାର୍ଯ୍ୟ ସହ ଘରର ଫଟୋ ଉତ୍ତୋଳନ ଶେଷ ହୋଇଛି। ଖୁବ୍‌ଶୀଘ୍ର ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ଗୃହ କାର୍ଯ୍ୟାଦେଶ ପ୍ରଦାନ କରାଯିବ।


ଝାଟିମାଟି ଘର ସମ୍ମୁଖରେ ବୃଦ୍ଧ ଦମ୍ପତି।

# ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜୟନ୍ତୀ ପାଳିତ

ବଇଣ୍ଡା, ୧୬।୯(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ବଇଣ୍ଡା ସତ୍‌ସଙ୍ଗ କେନ୍ଦ୍ର ଆନୁକୂଲ୍ୟରେ ଠାକୁର ଶ୍ରୀଶ୍ରୀ ଅନୁକୂଳଚନ୍ଦ୍ରଙ୍କ ୧୩୮ତମ ଜୟନ୍ତୀ ମଙ୍ଗଳବାର ସତ୍‌ସଙ୍ଗ ପରିସରରେ ପାଳିତ ହୋଇଯାଇଛି। ଯାଜକ ପୂର୍ଣ୍ଣେନ୍ଦୁ ଶେଖର ଦେହୁରୀ ପ୍ରାରମ୍ଭିକ ସୂଚନା ଦେଇଥିଲେ। ବୌଦ୍ଧ ସତ୍‌ସଙ୍ଗ କେନ୍ଦ୍ରର ପବିତ୍ର ମୋହନ ମିଶ୍ର ଯୋଗଦେଇ ଠାକୁରଙ୍କ ଭାବ ଓ ଆଦର୍ଶ ଉପରେ କହିଥିଲେ। ଅଲେଖ ଭାଇ କୀର୍ତ୍ତନ, ସଂଘମିତ୍ରା ମହାପାତ୍ର, ବିଷ୍ଣୁପ୍ରିୟା ଦାସ, ବୀରବର ଶତପଥୀ ପ୍ରମୁଖ ଭଜନ ପରିବେଷଣ କରିଥିଲେ। ବିଚିତ୍ରାନନ୍ଦ ସାହୁ, କୃଷ୍ଣଚନ୍ଦ୍ର ପ୍ରଧାନ, ଶ୍ରୀଧର ବେହେରା, ଉପଦେଷ୍ଟା ରଞ୍ଜିତ ପଟ୍ଟନାୟକ, ଅରବିନ୍ଦ ସାହୁ, ଶ୍ରୀନିବାସ ବିଶ୍ୱାଳ, ମହେଶ ସାହା, ମନୋଜ ବେହେରା, ସଚ୍ଚିଦାନନ୍ଦ ବେହେରା, ବଂଶୀଧର ଦେହୁରୀ, ସୂର୍ଯ୍ୟକାନ୍ତ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

# 'ସମସ୍ୟା ସମାଧାନର ପନ୍ଥା ଆତ୍ମହତ୍ୟା ନୁହେଁ'

ଅନୁଗୋଳ,୧୬।୯(ଦିବ୍ୟଶାନ୍ତନୁ ନାଥ)

ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ରୋକିବା ପାଇଁ ଏକ କର୍ମଶାଳା ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ନୀଳାଞ୍ଚଳ ପଟେଲଙ୍କ ସଭାପତିତ୍ୱରେ ଆୟୋଜିତ ଏହି କର୍ମଶାଳାରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟର କ୍ଲିନିକାଲ ସାଇକୋଲୋଜିଷ୍ଟ ଲିପିକା ପ୍ରଧାନ ଏବଂ ସହଯୋଗୀ ସୁବାସିନୀ ସାହୁ ଯୋଗଦେଇ ସମ୍ପ୍ରତି ଛାତ୍ରୀଛାତ୍ରଙ୍କ ମଧ୍ୟରେ ହତାଶା, ବିଷାଦ ଏବଂ ବିଭିନ୍ନ କ୍ଷେତ୍ରରେ ବିଫଳତା ନେଇ କିଭଳି ଆତ୍ମହତ୍ୟା ପ୍ରବଣତା ଦେଖାଦେଉଛି ଏବଂ ଏହାକୁ କିପରି ରୋକାଯାଇପାରିବ ସେଥିନେଇ ସୁଚିନ୍ତିତ ମତ ରଖିଥିଲେ। ସମସ୍ୟା ସମାଧାନର ପନ୍ଥା ଆତ୍ମହତ୍ୟା ନୁହେଁ ବୋଲି ବିଶେଷଜ୍ଞ ଦ୍ୱୟ କହିଥିଲେ। ରସାୟନ ବିଭାଗର ସହଯୋଗୀ ପ୍ରଫେସର ଅନସୂୟା ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରାଣୀ ବିଭାଗ ସହକାରୀ ଅଧ୍ୟାପକ ସୁଶାନ୍ତ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



ଅନୁଗୋଳ କଲେଜରେ ଅନୁଷ୍ଠିତ କର୍ମଶାଳାରେ ମଞ୍ଚାସୀନ ଅତିଥିମାନେ।



## କପାଚାଷରେ କୋଡ଼ା ଖୁସା

କପା ଚାଷ କରୁଥିଲେ କୋଡାଖୁସାକରି ହୁଡ଼ା ଟେକିଦିଅନ୍ତୁ । ଫସଲ ୯୦ ଦିନ ପରେ କିମ୍ବା ୩ ଫୁଟ ଉଚ୍ଚ ହୋଇଥିଲେ ଅଗ ଛିଣ୍ଡାଇ ଦିଅନ୍ତୁ । କପାଗଛ ୪୫ ଦିନର ହୋଇଥିଲେ କୋଡ଼ାଖୁସା କରି ହେକ୍ଟର ପ୍ରତି ୩୦ କିଲୋଗ୍ରାମ୍ ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ଗଛ ୪୫ ଦିନର ହୋଇଯାଇଥିଲେ ୧୫ ଲିଟର ପାଣିରେ ୩.୫ ମି.ଲି ହିସାବରେ ପ୍ଲାନୋଫିକ୍ସ ସିଞ୍ଚନ କରନ୍ତୁ । ୧୫ ଦିନ ପରେ ପୁନର୍ବାର ପ୍ରତି ୧୫ ଲିଟର ପାଣିରେ ୩ ମି.ଲି. ପ୍ଲାନୋଫିକ୍ସ ମିଶାଇ ସ୍ପ୍ରେ କରନ୍ତୁ । ପତ୍ରଡିଆଁ ପୋକ ଅର୍ଭକ ଦେଖାଗଲେ ପ୍ରତି ଲିଟର ପାଣିରେ ୨ ମି.ଲି. ଡାଇମେଥୋଏଟ୍ କିମ୍ବା ୩ ଲିଟର ପାଣିରେ ୧ ମି.ଲି. ଇମିଡାକ୍ଲୋପ୍ରିଡ୍ କିମ୍ବା ୧ ଗ୍ରାମ୍ ଥାୟାମେଥାକ୍ଜାମ୍ ମିଶାଇ ସକାଳବେଳା ଶୁଖିଲା ପାଗ ଦେଖି ସିଞ୍ଚନ କରନ୍ତୁ । ଏହାଛଡ଼ା ଅଠାଳିଆ ଯନ୍ତାର ବ୍ୟବହାର କରାଯାଇପାରେ ।



## ଫୁଲଚାଷ କରୁଥିଲେ...

ଫୁଲ ଚାଷ କରୁଥିଲେ ସାର ପ୍ରୟୋଗ ସମୟରେ ନିମ୍ନଲିଖିତ ବିଷୟ ପ୍ରତି ଧ୍ୟାନ ଦିଅନ୍ତୁ। ତରଳ ଖତ ହାଣ୍ଡିରେ ବା ଡ୍ରମ୍‌ରେ ୧୦ ଲିଟର ପାଣିରେ ପ୍ରାୟ ୧ କି.ଗ୍ରା. କଞ୍ଚାଗୋବର, ୫୦୦ ଗ୍ରାମ୍ ଲିମ୍ବ ବା ସୋରିଷ ପିଡ଼ିଆ ଏବଂ ୫୦୦ ଗ୍ରାମ୍ ସିଙ୍ଗିଲ ସୁପର ଫସ୍‌ଫେଟ୍ ମିଶାଇ ମଝିରେ ମଝିରେ ଘାଣ୍ଟନ୍ତୁ । ଏହାର ୧୦ ଦିନ ପରେ ଏହି ତରଳ ଖତରୁ ଏକ ମଗ ନେଇ ୯ ମଗ ପାଣି ମିଶାଇ ଗଛ ପ୍ରତି ୫୦୦ ମି.ଲି.ରୁ ୧ ଲିଟର ମାଟି ଓଦା ଥିବାବେଳେ ପ୍ରୟୋଗ କରନ୍ତୁ । ଗେଣ୍ଡୁଫୁଲ ଓ ଅନ୍ୟାନ୍ୟ ଶୀତଦିନିଆ ଫୁଲମଞ୍ଜିର ଚାରା ଅକ୍ଟୋବର ପ୍ରଥମ ସପ୍ତାହ ମଧ୍ୟରେ ପକାନ୍ତୁ । ଉନ୍ନତ ଗେଣ୍ଡୁଫୁଲ କିସମଗୁଡ଼ିକ ହେଲା – ଜ୍ୟାଣ୍ଟ ଡବଲ ଆଫ୍ରିକାନ୍ ଏଲୋ, ଜ୍ୟାଣ୍ଟବଲ୍ ଆଫ୍ରିକାନ୍ ଅରେଞ୍ଜ, ଅର୍ଲି ଏଲୋ, ଅର୍ଲି ଅରେଞ୍ଜ, ସେରାକୋଲା ଇତ୍ୟାଦି । ସେବତୀ ସେପ୍ଟେମ୍ବର ମାସରେ ଲଗାଇଥିଲେ ୪ ସପ୍ତାହରେ ଓ ୭ ସପ୍ତାହରେ ଅଗ୍ରମୁକୁଳ ଛିଣ୍ଡାଇ ଦିଅନ୍ତୁ (ବିଶେଷ କରି ଛୋଟ କିସମରେ) । ବଡ଼ କିସମରେ ଗୋଟିଏ ଗଛରେ ୨-୩ ଟି ଡାଳ ରଖି ଅନ୍ୟ ପାର୍ଶ୍ୱଡାଳଗୁଡ଼ିକ ଛୋଟ ଅବସ୍ଥାରେ ଭାଙ୍ଗିଦିଅନ୍ତୁ।

# ଗୋବନ୍ଧ୍ୟା ନିରାକରଣ



ଡା. ବୀର କିଶୋର ପରିଡ଼ା

ସାଧାରଣତଃ ଗୋବନ୍ଧ୍ୟା ବା ଗାଈଙ୍କ ବନ୍ଧ୍ୟାଦୋଷ ଦୁଇଭାଗରେ ବିଭକ୍ତ କରାଯାଇପାରେ। ପ୍ରଥମଟି ହେଲା ସ୍ଥାୟୀ ବନ୍ଧ୍ୟାଦୋଷ, ଅନ୍ୟଟି ଅସ୍ଥାୟୀ ବନ୍ଧ୍ୟାଦୋଷ ।

**ସ୍ଥାୟୀ ବନ୍ଧ୍ୟାଦୋଷ**

ଛଡ଼ା ବା ଗାଈର ଜନନେନ୍ଦ୍ରିୟ ପ୍ରଣାଳୀର କୌଣସି ଅଂଶର ଅପ୍ରାକୃତିକ ଗଠନ, ନିକୃଷ୍ଟ ଗଠନ କିମ୍ବା ଶରୀରର ବିଭିନ୍ନ ଗ୍ରନ୍ଥିଦ୍ୱାରା ହର୍‌ମୋନ୍ ଉତ୍ପାଦନର ଅଭାବ ଯୋଗୁ ଯେଉଁ ଗାଈଙ୍କୁ ପ୍ରଜନନକ୍ଷମ କରାଯାଇପାରିବ ନାହିଁ। ସେହି ଅବସ୍ଥାକୁ ସ୍ଥାୟୀ ବନ୍ଧ୍ୟାଦୋଷ କୁହାଯାଏ । ସଂକ୍ଷେପରେ କହିବାକୁ ଗଲେ, ଗାଈ ବା ଛଡ଼ା ଆଦୌ ବାଛୁରୀ ଜନ୍ମକରି ନ ପାରିବାର କ୍ଷମତାକୁ ସ୍ଥାୟୀ ଗୋବନ୍ଧ୍ୟା କହନ୍ତି ।

**ଅସ୍ଥାୟୀ ବନ୍ଧ୍ୟାଦୋଷ**

ଯେଉଁ ଗାଈ ବା ଛଡ଼ାର ଜନନେନ୍ଦ୍ରିୟ ପ୍ରଣାଳୀର ବିଭିନ୍ନ ଅଂଶ ଯଥା – ଡିମ୍ବକୋଷ, ଜରାୟୁ ଇତ୍ୟାଦିର ଗଠନ ଆଶାଜନକ ଭାବେ ହୋଇ ନ ଥିବ ; କିନ୍ତୁ ଚିକିତ୍ସା, ଉପଯୁକ୍ତ ଖାଦ୍ୟ ଓ ଲାଳନପାଳନ ଦ୍ୱାରା ଗାଈ ବା ଛଡ଼ାମାନଙ୍କୁ ପ୍ରଜନନକ୍ଷମ କରି ଗର୍ଭବତୀ କରାଯାଇପାରିବ। ସେହି ଅବସ୍ଥାକୁ ଅସ୍ଥାୟୀ ବନ୍ଧ୍ୟାଦୋଷ କୁହାଯାଏ । ପ୍ରଜନନ ଶକ୍ତିର ହ୍ରାସକୁ ଅସ୍ଥାୟୀ ଗୋବନ୍ଧ୍ୟା କହନ୍ତି ।

ଉପରୋକ୍ତ ଦୁଇ ବନ୍ଧ୍ୟାଦୋଷ ମଧ୍ୟରୁ ଗାଈ ବା ଛଡ଼ାର ସ୍ଥାୟୀ ବନ୍ଧ୍ୟାଦୋଷ ନିରାକରଣ କରିବା ସମ୍ଭବ ହୁଏନାହିଁ ଏବଂ ଆର୍ଥିକ ଦୃଷ୍ଟିକୋଣରୁ ଏହାର ନିରାକରଣ ପାଇଁ ପଦକ୍ଷେପ ନେବା ବାଞ୍ଛନୀୟ ନୁହେଁ । କିନ୍ତୁ ଦ୍ୱିତୀୟ ଅବସ୍ଥା– ଅସ୍ଥାୟୀ ବନ୍ଧ୍ୟାଦୋଷ ପାଇଁ ଗାଈ ବା ଛଡ଼ାକୁ ପରୀକ୍ଷା ନିରୀକ୍ଷାକରି ଉପଯୁକ୍ତ ଯତ୍ନ ଯଥା – ଚିକିତ୍ସା, ଉତ୍ତମ ଖାଦ୍ୟ ଯୋଗାଣ, ଉନ୍ନତ ଲାଳନପାଳନ ଦ୍ୱାରା ପ୍ରଜନନକ୍ଷମ କରାଯାଇ ଗୋପାଳକମାନଙ୍କ ସମସ୍ୟା ସମାଧାନ କରାଯାଇପାରିବ ।

**ଅସ୍ଥାୟୀ ବନ୍ଧ୍ୟାଦୋଷର କାରଣ**

ସାଧାରଣତଃ ମାଈ ବାଛୁରୀ ଜନ୍ମହେବା ପରଠାରୁ ଛଡ଼ା ହେବା ପର୍ଯ୍ୟନ୍ତ କିମ୍ବା ଗାଈଟି ଜନ୍ମ କରିସାରିବା ପରେ ଠିକ୍ ସମୟରେ ବିଭିନ୍ନ କାରଣରୁ ଗରମକୁ ଆସନ୍ତି ନାହିଁ କିମ୍ବା ପ୍ରଜନନକ୍ଷମ ବା ଗର୍ଭବତୀ ହୋଇପାରନ୍ତି ନାହିଁ । ଏହାର କେତୋଟି ମୁଖ୍ୟ କାରଣ ହେଲା –

- ଉତ୍ତମ ସୁଷମ ଖାଦ୍ୟ, ଖାଦ୍ୟପ୍ରାଣ ଓ ଧାତବ ଲବଣର ଅଭାବ।
- ଜନନେନ୍ଦ୍ରିୟ ପ୍ରଣାଳୀର କୌଣସି ଅଂଶ ଉପଯୁକ୍ତ ଭାବେ ବୃଦ୍ଧି ନ ଘଟିବା।
- ଶରୀରର ବିଭିନ୍ନ ଗ୍ରନ୍ଥି ଦ୍ୱାରା ହର୍‌ମୋନ୍ ଉତ୍ପାଦନର ଅଭାବ ।
- ଶରୀର ବିଭିନ୍ନ ରୋଗଦ୍ୱାରା ରୋଗାକ୍ରାନ୍ତ ହୋଇ ଦୁର୍ବଳ ଅବସ୍ଥା ଉପୁଜିବା ଯଥା ଯକ୍ଷ୍ମା, ଫାଟୁଆ, ଛେରା ରୋଗ, କୃମିରୋଗ ଇତ୍ୟାଦି।
- ଜନନେନ୍ଦ୍ରିୟ ପ୍ରଣାଳୀର ଅଂଶଗୁଡ଼ିକ ବିଭିନ୍ନ ଜୀବାଣୁ ଯୋଗୁ ଆକ୍ରାନ୍ତହେବା ଦ୍ୱାରା ଗାଈଗୁଡ଼ିକ ବାରମ୍ବାର ଲେଉଟାଇଥାନ୍ତି ବା ଗରମକୁ ଆସିଥାନ୍ତି।
- ଗାଈଙ୍କର ବାର୍ଦ୍ଧକ୍ୟ ଅବସ୍ଥାରେ ଦାନ୍ତ ପଡ଼ିଯାଏ । ତେଣୁ ଖାଦ୍ୟ ପଦାର୍ଥ ସହଜରେ ହଜମ ହୁଏ ନାହିଁ। ଫଳରେ ଗାଈ ଗରମକୁ ଆସନ୍ତି ନାହିଁ।
- ବିଭିନ୍ନ ପ୍ରକାର ଜଳବାୟୁ ଓ ପାରିପାର୍ଶ୍ୱିକ ଅବସ୍ଥା ମଧ୍ୟ କେତେକାଂଶରେ ଦାୟୀ। ସାଧାରଣତଃ ଗାଈମାନେ ବର୍ଷା ଓ ଶୀତଦିନେ ଯଥେଷ୍ଟ ଘାସ ଖାଇବାକୁ ପାଉଥିବାରୁ ଅଧିକ ଗରମକୁ ଆସି ଗର୍ଭବତୀ ହୁଅନ୍ତି । କିନ୍ତୁ ଖରାଦିନେ ଖାଦ୍ୟାଭାବ ସହ ହର୍‌ମୋନର ଅଭାବ ଯୋଗୁ ଖୁବ୍ କମ୍ ଗାଈ ଗରମକୁ ଆସିଥାନ୍ତି।
- ଉପଯୁକ୍ତ ଲାଳନପାଳନର ଅବ୍ୟବସ୍ଥା ଇତ୍ୟାଦି।

"ଛଡ଼ା ବା ଗାଈର ଜନନେନ୍ଦ୍ରିୟ ପ୍ରଣାଳୀର କୌଣସି ଅଂଶର ଅପ୍ରାକୃତିକ ଗଠନ, ନିକୃଷ୍ଟ ଗଠନ କିମ୍ବା ଶରୀରର ବିଭିନ୍ନ ଗ୍ରନ୍ଥିଦ୍ୱାରା ହର୍‌ମୋନ୍ ଉତ୍ପାଦନର ଅଭାବ ଯୋଗୁ ଯେଉଁ ଗାଈଙ୍କୁ ପ୍ରଜନନକ୍ଷମ କରାଯାଇପାରିବ ନାହିଁ ସେହି ଅବସ୍ଥାକୁ ସ୍ଥାୟୀ ବନ୍ଧ୍ୟାଦୋଷ କୁହାଯାଏ । ସଂକ୍ଷେପରେ କହିବାକୁ ଗଲେ, ଗାଈ ବା ଛଡ଼ା ଆଦୌ ବାଛୁରୀ ଜନ୍ମକରି ନ ପାରିବାର କ୍ଷମତାକୁ ସ୍ଥାୟୀ ଗୋବନ୍ଧ୍ୟା କହନ୍ତି ।"



**ବନ୍ଧ୍ୟାଦୋଷ କିପରି ଜାଣିବେ**

ସାଧାରଣତଃ ଦେଶୀଛଡ଼ା ୨ବର୍ଷରୁ ଅଢ଼େଇବର୍ଷ ମଧ୍ୟରେ ଓ ବିଭିନ୍ନ ସଙ୍କର ଜାତୀୟ ଛଡ଼ା ବର୍ଷେରୁ ଦେଢ଼ବର୍ଷ ମଧ୍ୟରେ ପୂର୍ଣ୍ଣାବସ୍ଥା ପ୍ରାପ୍ତ ହୁଏ ଏବଂ ପ୍ରଜନନକ୍ଷମ ହୋଇଥାନ୍ତି । ଛଡ଼ାଟି ଗର୍ଭବତୀ ହୋଇ ଜନ୍ମ କରିସାରିବା ପରେ ୨ ମାସରୁ ୩ ମାସ ମଧ୍ୟରେ ତା'ର ପୁନର୍ବାର ଋତୁସ୍ରାବ ହେବା ଉଚିତ । ଏଥିରେ ବ୍ୟତିକ୍ରମ ଘଟିଲେ ଗୋପାଳକ ଜାଣିନେବା ଉଚିତ ଯେ, ଛଡ଼ା କିମ୍ବା ଗାଈର ଅସ୍ଥାୟୀ ବନ୍ଧ୍ୟାଦୋଷ ଉପୁଜିଛି । ଯେହେତୁ ଗାଈଟିଏ ଗର୍ଭଧାରଣକରି ବାଛୁରୀଟିଏ ପ୍ରତିବର୍ଷ ଜନ୍ମ ନ ଦେଲେ କ୍ଷୀର ଉତ୍ପାଦନ ହୁଏ ନାହିଁ ଏବଂ ବର୍ଷକ ବ୍ୟବଧାନରେ ବାଛୁରୀଟି ଜନ୍ମ ନ ହେଲେ ଆର୍ଥିକ ଦୃଷ୍ଟିକୋଣରୁ ଗୋପାଳନ ଲାଭଜନକ ନୁହେଁ । ଗୋପାଳକମାନେ ମନେରଖିବା ଉଚିତ, ଯେପରିକି ଗାଈଙ୍କର ଅସ୍ଥାୟୀ ବନ୍ଧ୍ୟାଦୋଷ ନ ହୁଏ । ଆମର ଦେଶୀଗାଈଗୁଡ଼ିକ ସାଧାରଣତଃ ସବୁଜ ଘାସ, ଜଙ୍ଗଲଜାତ ଲଟାପତ୍ର ଉପରେ ନିର୍ଭରକରି ଚଳନ୍ତି । ତଥାପି ଦେଶୀଗାଈଗୁଡ଼ିକ ପ୍ରାୟ ୨ବର୍ଷରୁ ୩ ବର୍ଷ ବ୍ୟବଧାନରେ ବାଛୁରୀ ଜନ୍ମ କରନ୍ତି । ସଙ୍କର ଜାତୀୟ ଗାଈଗୁଡ଼ିକ ଉପଯୁକ୍ତ ଖାଦ୍ୟ ତଥା ଉତ୍ତମ ସୁଷମ ଗୋଖାଦ୍ୟ, ସବୁଜ ଘାସ ଇତ୍ୟାଦି ଅଭାବରୁ ସାଧାରଣତଃ ଠିକ୍ ସମୟରେ ଗରମକୁ ଆସନ୍ତି ନାହିଁ କିମ୍ବା ଋତୁସ୍ରାବ ହୁଏ ନାହିଁ । ସଙ୍କର ଜାତୀୟ ଗାଈ ବେଶି ପରିମାଣରେ କ୍ଷୀର ଉତ୍ପାଦନ କରିବା ସହ ଉପଯୁକ୍ତ ଖାଦ୍ୟର ଅଭାବ, ବିଭିନ୍ନ ପ୍ରକାର ପାରିପାର୍ଶ୍ୱିକ ଜଳବାୟୁ ନେଇ ଅସ୍ଥାୟୀ ବନ୍ଧ୍ୟାଦୋଷ ଦେଖାଯାଏ । (କ୍ରମଶଃ..)

-ସହକାରୀ ଅଧ୍ୟାପକ, ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀପାଳନ ପ୍ରତିଷ୍ଠାନ, ସୋଆ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ : ୯୪୩୭୬୦୭୩୧୨

## ସଫଳ କୃଷିଜୀବୀ
### ସମରେନ୍ଦ୍ର ଶତପଥୀ

## ଚାଷ ନୂଆ ପରିଚୟ ଦେଇଛି



ଖୋର୍ଦ୍ଧା ବ୍ଲକ୍ ଟାଙ୍ଗିଆପଡ଼ା ପଞ୍ଚାୟତର ଟାଙ୍ଗିଆପଡ଼ା ଗ୍ରାମର ସମରେନ୍ଦ୍ର ଶତପଥୀ । ସୈନ୍ୟବାହିନୀରେ କାର୍ଯ୍ୟକରି ଅବସର ନେବା ପରେ ଏବେ ଚାଷକୁ ଆପଣେଇଛନ୍ତି। କେବଳ ସେତିକି ନୁହେଁ, ନିଜର ଉପଯୁକ୍ତ ଯୋଜନା ଏବଂ ପରିଶ୍ରମ ବଳରେ ସେ ସ୍ଥାନୀୟ ଅଞ୍ଚଳରେ ନିଜକୁ ଜଣେ ସଫଳ ଚାଷୀ ଭାବରେ ପରିଚିତ କରାଇବାରେ ସକ୍ଷମ ହୋଇଛନ୍ତି। ତା' ସହ ଚାଷ ତାଙ୍କୁ ଏକ ନୂଆ ପରିଚୟ ଦେଇଛି ବୋଲି ସେ କହନ୍ତି। ସ୍ଥଳସେନାରେ ସିଗ୍‌ନାଲ ଅଫିସର ଭାବେ କାର୍ଯ୍ୟ କରୁଥିଲେ ସମରେନ୍ଦ୍ର। ସେ ଏକାଧାରରେ କୃଷି, ମାଛଚାଷ ଏବଂ ଗୋପାଳନ ସହ ଜଡ଼ିତ। ଏ ବିଷୟରେ ସମରେନ୍ଦ୍ର କହନ୍ତି, "ବର୍ତ୍ତମାନ ମୋର ସମୟ ଚାଷରେ ହିଁ ବିତୁଛି। ୨୦୧୨ରେ ସେନାରୁ ଅବସର ପରେ ଗାଁକୁ ଆସିଥିଲି। ଏହା ପରେ ନିଜସ୍ୱ ଜମିରେ ୨୦୧୩ରୁ ଚାଷକାର୍ଯ୍ୟ ଆରମ୍ଭ କରିଥିଲି। ଏଥିରୁ ମୋତେ ଆତ୍ମସନ୍ତୋଷ ମିଳିବା ସହ କିଛି ରୋଜଗାର ମଧ୍ୟ ହୋଇପାରୁଛି। ଏବେ ମୁଁ ୨ ଏକରରୁ ଊର୍ଦ୍ଧ୍ୱ ଚାଷଜମିକୁ ଫାର୍ମ ହାଉସ କରିଛି। ସେଥିରେ ବିଭିନ୍ନ ପ୍ରକାର ପନିପରିବା ଚାଷ କରିଛି। ବାଇଗଣ, କାକୁଡ଼ି, ଭେଣ୍ଡି, କଲରା, ଦେଶୀ ଛୋଟ କାଙ୍କଡ଼, ଲଙ୍କା, ଶିମ୍ବ, ଝୁଡ଼ଙ୍ଗ, ଛଚିନ୍ଦ୍ରା, ପୋଟଳ, ଜହ୍ନି, ଅମୃତଭଣ୍ଡା, ଟମାଟୋ, ଶାଗ, ମୂଳା, ବନ୍ଧାକୋବି ଆଦି ଚାଷ ହୋଇଛି। ବିଶେଷଭାବରେ ଥାଇଲାଣ୍ଡ କୋଳିର ବେଶ୍ ଚାହିଦା ରହିଛି। ବିଭିନ୍ନ ପ୍ରକାର ଆମ୍ବ, ପିଜୁଳି, ପଣସ, ଜାମୁକୋଳି, ଲିଚୁ ଗଛ ଆଦି ରହିଛି। ଏଥିସହ ବିଭିନ୍ନ ଶାଗ, ଧନିଆ, ପୁଦିନା, ଫୁଲଗଛ ମଧ୍ୟ ଲଗାଇଛି। ବିଭିନ୍ନ ଫଳ, ଫୁଲ ଚାରା ଉଦ୍ୟାନଟିଏ ତିଆରି କରିଛି। ତା' ସହ ପୋଖରୀରେ ମାଛଚାଷ ମଧ୍ୟ ଚାଲିଛି। ସକାଳୁ ଉଠିବା ପରେ ମୁଁ ମୋ କର୍ମକ୍ଷେତ୍ରକୁ ବାହାରିଯାଏ। ସେଠାରେ ସନ୍ଧ୍ୟା ପର୍ଯ୍ୟନ୍ତ ବିଭିନ୍ନ କାମରେ ବ୍ୟସ୍ତ ରହିଥାଏ। ମୁଁ କରୁଥିବା ଚାଷରେ ରାସାୟନିକ ସାର ପରିବର୍ତ୍ତେ ସମ୍ପୂର୍ଣ୍ଣ ଜୈବିକ ସାର ବ୍ୟବହାର କରିଥାଏ। ତା'ସହ ପାରମ୍ପରିକ ପଦ୍ଧତିରେ ଚାଷକରେ। ଘର ବାରିପଟେ ନିଜସ୍ୱ ଉଦ୍ୟମରେ ଗୁହାଳକରି ସେଠାରେ ୨୫ଟି ଗାଈ, ବାଛୁରି ରଖିଛି। ସ୍ଥାନୀୟ ଅଞ୍ଚଳର ୩୦ରୁ ଊର୍ଦ୍ଧ୍ୱ ଗ୍ରାମୀଣ ଚାଷୀ ମୋ ପାଖରୁ ପାରମ୍ପରିକ ଚାଷ ପଦ୍ଧତି ସମ୍ପର୍କରେ ପ୍ରଶିକ୍ଷଣ ନେଇଛନ୍ତି। ମୋଟ ଉପରେ ଚାଷ କାର୍ଯ୍ୟ ମୋତେ ଏବେ ଆତ୍ମନିର୍ଭରଶୀଳ କରାଇଛି। ତା'ସହ ସ୍ଥାନୀୟ ଯୁବକମାନେ ମୋ ଠାରୁ ଅନୁପ୍ରାଣିତ ହୋଇ ଚାଷକାର୍ଯ୍ୟକୁ ପ୍ରାଧାନ୍ୟ ଦେଉଛନ୍ତି।"

-ପ୍ରଭାତ ପାଣିଗ୍ରାହୀ

## ଜାଣି ରଖନ୍ତୁ

ବର୍ଷା ଦ୍ୱାରା କ୍ଷତିଗ୍ରସ୍ତ କୁକୁଡ଼ା ଘରଗୁଡ଼ିକୁ ଶୀଘ୍ର ମରାମତିକରି ପରିଷ୍କାର କରିଦିଅନ୍ତୁ। ଓଦା ବା ନଷ୍ଟହୋଇଯାଇଥିବା କୁକୁଡ଼ାଘର ଲିଟରକୁ ବଦଳାଇ ନୂଆ ଲିଟର ବ୍ୟବହାର କରନ୍ତୁ । ମୁକ୍ତ ଅଗଣାରେ କୁକୁଡ଼ା ପାଳନ ପାଇଁ କୁକୁଡ଼ା ଛୁଆ କିଣନ୍ତୁ । କୁକୁଡ଼ାଙ୍କୁ ଗୋଳିଆପାଣି ପିଇବାକୁ ଦିଅନ୍ତୁ ନାହିଁ । ବ୍ରଏଲର କୁକୁଡ଼ା ଫାର୍ମରେ ବାୟୁମଣ୍ଡଳର ଉତ୍ତାପକୁ ଦେଖି କୁକୁଡ଼ାଘରେ ଆବଶ୍ୟକ ଅନୁଯାୟୀ ଉତ୍ତାପ ଦିଅନ୍ତୁ । କୁକୁଡ଼ା ଫାର୍ମର ଉତ୍ତାପ କୁକୁଡ଼ା ଛୁଆ ପାଇଁ ୩୦ ଡିଗ୍ରୀ ସେଣ୍ଟିଗ୍ରେଡ୍ ଓ ବଡ଼କୁକୁଡ଼ା ପାଇଁ ୨୨ ରୁ ୨୫ ଡିଗ୍ରୀ ସେଣ୍ଟିଗ୍ରେଡ୍ ରହିବା ଉଚିତ। ନିୟମିତ ଟିକା ଦେଇ ସଂକ୍ରାମକ ରୋଗ ନିରାକରଣ କରନ୍ତୁ । ଛେଳିମେଣ୍ଢା ରହୁଥିବା ଗୃହକୁ ପରିଷ୍କାର ପରିଚ୍ଛନ୍ନକରି ଟିଙ୍କ ନିବାରଣ ଔଷଧ ଯଥା ପେଷ୍ଟୋବାନ୍ କିମ୍ବା ପେକ୍ଟୋସାଇଡ୍ କିମ୍ବା ଟିକ୍‌ଆଉଟ୍ ସିଞ୍ଚନ କରନ୍ତୁ । କୃମି ରୋଗର ପ୍ରତିକାର ପାଇଁ କୃମି ଔଷଧ ଦିଅନ୍ତୁ । ଏଣ୍ଟାରୋଟକ୍ସେମିଆ, ପିପିଆର୍ ରୋଗର ଟିକା ଦିଅନ୍ତୁ । ଶୀତଦିନ ଆସୁଥିବାରୁ ଗୁହାଳର ଝରକା ବା ଜାଳିରେ ଅଖାବସ୍ତା ବା ପଲିଥିନ୍ ଲଗାଇ ଛେଳିମେଣ୍ଢାଙ୍କୁ ଥଣ୍ଡାରୁ ରକ୍ଷା କରିବାର ବନ୍ଦୋବସ୍ତ କରନ୍ତୁ।



## ଡାଲିଜାତୀୟ ଫସଲରେ ଘାସ ଦମନ



ମୁଗ, ବିରି, ହରଡ଼ ବୁଣାହେବାର ୩ ସପ୍ତାହ ବେଳକୁ କୋଡ଼ାଖୁସାକରି ଘାସ ବାଛି ଦିଅନ୍ତୁ କିମ୍ବା କୁଇଜାଲୋଫପ୍ ଇଥାଇଲ୍ (ହେକ୍ଟର ପ୍ରତି ୧୦୦୦ ମି.ଲି. ଟାର୍ଗାସୁପର ୫% ତରଳ) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନକରି ଘାସ ଦମନ କରନ୍ତୁ । ଜମିକୁ ନିଗିଡ଼ା ରଖନ୍ତୁ । ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ପାଇଁ ମାଙ୍କୋଜେବ୍ ୬୩% ଡବ୍ଲୁପି X କାର୍ବେଣ୍ଡାଜିମ୍ ୧୨% ଡବ୍ଲୁପି (୨ ଗ୍ରାମ୍ ୧ ଲିଟର ପାଣିରେ ମିଶାଇ) ସିଞ୍ଚନ କରନ୍ତୁ । ଜଉପୋକ ଓ ସାହେବି ରୋଗ ପାଇଁ ହେକ୍ଟରେ ପ୍ରତି ୧ ଲିଟର ରୋଗର କିମ୍ବା ୧୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ମୁଗ, ବିରି, ହରଡ଼ ଆଦି ଫସଲରେ ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୨୫ ରୁ ୩୦ କି.ଗ୍ରା. କ୍ଲୋରୋପାଇରିଫସ୍ ୧.୫% ଗୁଣ୍ଡ ପ୍ରୟୋଗ କରନ୍ତୁ କିମ୍ବା ୧ ଲିଟର ପ୍ରୋଫେନୋଫସ୍ କିମ୍ବା ୧ ଲିଟର କ୍ୱିନାଲଫସ୍ ବା ୫୦୦ ମି.ଲି. ଇଣ୍ଡାକ୍ସାକାର୍ବ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସଅଳ ବୁଣାଯାଇଥିବା ମୁଗ, ବିରି ଫସଲରେ ଏ ମାସ ମଧ୍ୟଭାଗରେ ଛୁଇଁ ପାକଳହେବା ମାତ୍ରେ ତୋଳିଦିଅନ୍ତୁ ନଚେତ୍ ବର୍ଷା ଦ୍ୱାରା ନଷ୍ଟ ହୋଇଯିବ । ଧାନ ବିଲ ହିଡ଼ମାନଙ୍କରେ ବିରି ଓ ହରଡ଼ ଆଦି ଧାଡ଼ିରେ ବୁଣନ୍ତୁ ।

## ଫସଲର ବିଭିନ୍ନ ପୋଷକ ଉପାଦାନ



ନିର୍ଦ୍ଦିଷ୍ଟ ଏକ ଫସଲକୁ ବିଭିନ୍ନ ରାସାୟନିକ ପରୀକ୍ଷା କରି ଜଣାପଡିଛି ଯେ ପ୍ରତ୍ୟେକ ଫସଲରେ ୯୦ ଗୋଟି ପୋଷକ ଉପାଦାନ ଅଛି । ସେଥି ମଧ୍ୟରୁ ୧୭ ଗୋଟି ପୋଷକ ଉପାଦାନ ଫସଲ ଉତ୍ପାଦାନ ପାଇଁ ଅତି ଜରୁରୀ । ଉକ୍ତ ୧୭ ଗୋଟି ପୋଷକ ଉପାଦାନକୁ ଫସଲର ଅତ୍ୟାବଶ୍ୟକ ପୋଷକ ଉପାଦାନ କୁହାଯାଏ। ଅତ୍ୟାବଶ୍ୟକ ପୋଷକ ମଧ୍ୟରେ କାର୍ବନ, ଅକ୍ସିଜେନ, ହାଇଡ୍ରୋଜନ, ନାଇଟ୍ରୋଜେନ, ଫସପରସ, ପଟାସ, କ୍ୟାଲସିୟମ, ମ୍ୟାଗ୍ନେସିୟମ, ସଲଫର, ଆଇରନ, ମାଙ୍ଗାନିଜ, କପର, ଜିଙ୍କ, ମଲିବଡେନମ, ବୋରନ, କ୍ଲୋରିନ ଏବଂ ନିକେଲ ଅର୍ନ୍ତଭୁକ୍ତ । କୌଣସି ଗୋଟିଏ ଅତ୍ୟାବଶ୍ୟକ ପୋଷକ ଉପାଦାନର ଅଭାବ ହେଲେ ଫସଲ ତା'ର ଜୀବନ ଚକ୍ର ପରିପୂର୍ଣ୍ଣ କରିପାରିବ ନାହିଁ ଏବଂ ଗୋଟିଏ ପୋଷକ ଉପାଦାନର କାର୍ଯ୍ୟ ଅନ୍ୟ ଉପାଦାନ କରିପାରିପାରିବ ନାହିଁ । ଫସଲର ୧୭ ଗୋଟି ଅତ୍ୟାବଶ୍ୟକ ପୋଷକ ଉପାଦାନ ବ୍ୟତୀତ ଅନ୍ୟ ୮୩ ଗୋଟି ପୋଷକ ଉପାଦାନ ଫସଲର କୋଷ ଏବଂ ଶରୀର ଗଠନରେ ସହାୟକ ହୁଅନ୍ତି, କିନ୍ତୁ ଫସଲ ପାଇଁ ଖାଦ୍ୟ ପ୍ରସ୍ତୁତି କିମ୍ବା ଫସଲରେ ଫୁଲ ଫଳ ଆସିବାରେ ସାହାଯ୍ୟ କରନ୍ତି ନାହିଁ। ଉକ୍ତ ୮୩ ଗୋଟି ପୋଷକ ଉପାଦାନକୁ ଫସଲର ଉପକାରୀ ପୋଷକ ଉପାଦାନ କୁହାଯାଏ। ବିଶିଷ୍ଟ କେତୋଟି ଉପକାରୀ ପୋଷକ ଉପାଦାନ ମଧ୍ୟରେ ସିଲିକନ, କୋବାଲଟ, ସୋଡିୟମ, କ୍ରୋମିୟମ, ଭାନାଡିୟମ, ଆଲୁମିନିୟମ, ସେଲେନିୟମ, ଗାଲିୟମ ଆଦି ମୁଖ୍ୟ।

# ଧାନଚାଷରେ ସାର ପ୍ରୟୋଗ

ଢିପଜମି ଧାନରେ ଥୋଡ଼ସାର ହିସାବରେ ହେକ୍ଟର ପ୍ରତି ୧୫ କେ.ଜି. ଯବକ୍ଷାରଜାନ ସାର ବର୍ଷା ଦେଖି ପ୍ରୟୋଗ କରନ୍ତୁ । ବୁଣାଧାନରେ ବୁଣିବା ସମୟରେ ସାର ପ୍ରୟୋଗକରି ନ ଥିଲେ ବେଉଷଣ ପରେ ହେକ୍ଟର ପ୍ରତି ୩୦ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୧୫ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ। ବୁଣିବା ସମୟରେ ମୂଳସାର ହିସାବରେ ଅନୁମୋଦିତ ଯବକ୍ଷାଜାନ, ଫସ୍‌ଫରସ୍ ଓ ପଟାସ୍ ସାର ପ୍ରୟୋଗ କରିଥିଲେ ବେଉଷଣ ପରେ ୧୫ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ଜଳସେଚନର ସୁବିଧା ଥିବା ଜମିରେ ନଳିତା କଟା ହେବା ପରେ ସଅଳ କିସମ ଧାନ ଯଥା-ଖଣ୍ଡଗିରି, ପାରିଜାତ, କଳିଙ୍ଗ-୩, ଜ୍ୟୋତିର୍ମୟୀ, ସହଭାଗୀ ଧାନ,



ସିଦ୍ଧାନ୍ତ ଧାନତଳି ରୁଅନ୍ତୁ । କାହାଳିଆ ଓ କାଣ୍ଡବିନ୍ଧା ପୋକ ପ୍ରତିରୋଧ ପାଇଁ ତଳି ରୋଇବା ଦିନଠାରୁ ୧୫ ଦିନ ପରେ ୧ଲିଟର ଫିପ୍ରୋନିଲ୍ ବା କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଏକର ପ୍ରତି ୮ କି.ଗ୍ରା. କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ (ଫେର୍‌ଟେରା ୦.୪ ଜି.) ଏକର ପ୍ରତି ୬ କି.ଗ୍ରା. ହିସାବରେ ଜମିରେ ପ୍ରୟୋଗ କରାଯାଇପାରେ। ତଳିଘରାରେ ବୀଜାଣୁ ଜନିତ ପତ୍ରପୋଡ଼ା ରୋଗ ହେଲେ ଷ୍ଟେପ୍ଟୋସାଇକ୍ଲିନ୍ ୦.୦୧% (୧ ଗ୍ରାମ୍‌କୁ ୧୦ ଲିଟର ପାଣିରେ) କିମ୍ବା ପ୍ଲାଣ୍ଟୋମାଇସିନ୍ ୦.୧% (୧ ଗ୍ରାମ୍‌କୁ ୧ ଲିଟର ପାଣିରେ) ସହ କପର ଅକ୍ସିକ୍ଲୋରାଇଡ୍ ୫୦% ଡବ୍ଲ୍ୟୁପି (୩ ଗ୍ରାମ୍ ୧ଲିଟର ପାଣିରେ) ମିଶାଇ ସିଞ୍ଚନ କରନ୍ତୁ ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ଧ୍ରୁବ୍ କୁମାର ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆଜିଠୁ ବାରବାଟୀରେ ପ୍ରୋ ଟି୨୦ ଲିଗ୍


କଟକରେ ମଙ୍ଗଳବାର ଜର୍ସି ଉନ୍ମୋଚନ ଉତ୍ସବରେ ଅତିଥିଙ୍କ ଗହଣରେ ୬ ଦଳର ଅଧିନାୟକ। (ଫଟୋ: ରାଜକିଶୋର ମହାନ୍ତି)

**ଭୁବନେଶ୍ୱର, ୧୬।୯ (ତପନ ସ୍ୱାଇଁ)**

କଟକର ବାରବାଟୀ ଷ୍ଟାଡିୟମରେ ବୁଧବାରଠାରୁ ଆରମ୍ଭ ହେବାକୁ ଯାଉଛି ପ୍ରୋ ଟି୨୦ ଲିଗ୍। ସନ୍ଧ୍ୟା ୭ଟାରେ ଭୁବନେଶ୍ୱର ଟାଇଗର୍ସ ଓ କଟକ ପାନ୍ଥର୍ସ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଅନୁଷ୍ଠିତ ହେବ। ୨୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରତୀକ୍ଷିତ ଟି୨୦ ଲିଗ୍‌ରେ ମୋଟ ୧୮ଟି ମ୍ୟାଚ ଖେଳାଯିବ। ଉଦ୍‌ଘାଟନୀ ଏବଂ ଫାଇନାଲକୁ ଛାଡ଼ିଦେଲେ ଅନ୍ୟ ସବୁଦିନ ୨ଟି ଲେଖାଏ ମ୍ୟାଚ ଅନୁଷ୍ଠିତ ହେବ। ଲିଗ୍‌ର କାର୍ଯ୍ୟସୂଚୀ ପୂର୍ବରୁ ପ୍ରକାଶ ପାଇ ସାରିଥିବାବେଳେ ମଙ୍ଗଳବାର ଜର୍ସି ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। **ଭୁବନେଶ୍ୱର ଟାଇଗର୍ସ:** ସୂର୍ଯ୍ୟକାନ୍ତ ପ୍ରଧାନ (ଅଧିନାୟକ), ରାଜେଶ ଧୂପର, ଗୌରବ ଚୌଧୁରୀ, ଦେବବ୍ରତ ପ୍ରଧାନ, ବାଦଲ ବିଶ୍ୱାଳ, ଆର୍ଯ୍ୟଶ୍ରୀ ଭଞ୍ଜ, ସତ୍ୟକାମ ଭରଦ୍ୱାଜ, ବିଭାଶ ସ', ସମ୍ବିତ କୁମାର ବେଜ୍, ଶୁଭମ୍ ପ୍ରିୟଦର୍ଶୀ, ଅଂଶୁମାନ ବେଜ୍, ପ୍ରୟାନ ପ୍ରନ୍ତିକ ସାମଲ, ଅଭିନିତ ପଟ୍ଟନାୟକ, ସ୍ୱାଗତ ମିଶ୍ର, ବିକ୍ରମ ସାମଲ, ମହମ୍ମଦ ଆଝାରୁଦ୍ଦିନ। ମୁଖ୍ୟ କୋଚ୍: ପ୍ରୀତମଜିତ ଦାସ, ସହକାରୀ କୋଚ୍: କେ.ଭି. ପ୍ରସାଦ। **କଟକ ପାନ୍ଥର୍ସ:** ସ୍ୱସ୍ତିକ ସାମଲ (ଅଧିନାୟକ), ବିପ୍ଳବ ସାମନ୍ତରାୟ, ଅଭିଷେକ ରାଉତ, ହର୍ଷିତ ରାଠୋଡ, ଶୁଭମ୍ ଶତ୍ରୁଜିତ, ତାପସ କୁମାର ଦାସ, ପନକାଲା ଶଶାଙ୍କ, ଦୀନେଶ କୁମାର ମାଝି, ମହମ୍ମଦ ସୋହେଲ ଖାଁ, ପ୍ରଶାନ୍ତ ରଣା, ସ୍ୱୟମ ରାଉତରାୟ, ରାଜ ଯାଦବ, ଅନୁରାଗ ମଳିକ, ଶିବୁନ ନନ୍ଦ, ଭଗେଶ ଶର୍ମା, ଅଭିଷେକ ଚମ୍ପତି। ମୁଖ୍ୟ କୋଚ୍: ପ୍ରଭଞ୍ଜନ ମଳିକ, ସହକାରୀ କୋଚ୍: ବିଭୁଦତ୍ତ ପଣ୍ଡା।

# ପାକିସ୍ତାନ ପାଇଁ କଲମ୍ବୋ ନିରପେକ୍ଷ ଭେନ୍ୟୁ

**ନୂଆଦିଲ୍ଲୀ, ୧୬।୯ (ପି.ଟି.):** ପ୍ରଥମ ଥର ପାଇଁ ହେଉଥିବା ମହିଳା ଟି୨୦ ବିଶ୍ୱକପ୍‌ରେ ପାକିସ୍ତାନ ନେଇ ମ୍ୟାଚଗୁଡ଼ିକ ଏକ ନିରପେକ୍ଷ ଭେନ୍ୟୁରେ ଖେଳାଯିବ। ଏଥିପାଇଁ କ୍ରିକେଟ ଆସୋସିଏଶନ ଫର ଦି ବ୍ଲାଇଣ୍ଡ ଇଣ୍ଡିଆ (କାବି) କଲମ୍ବୋକୁ ନିରପେକ୍ଷ ଭେନ୍ୟୁ ଭାବେ ମନୋନୀତ କରିଛି। ପ୍ରଥମେ କାଠମାଣ୍ଡୁକୁ ନିରପେକ୍ଷ ଭେନ୍ୟୁ କରାଯାଇଥିଲା। ମାତ୍ର ନେପାଳରେ ହିଂସାତ୍ମକ ପରିସ୍ଥିତି ଯୋଗୁ ପରିବର୍ତ୍ତନ ଦରକାର ପଡ଼ିଥିଲା। ନଭେମ୍ବର ୧୧ରୁ ନଭେମ୍ବର ୨୫ ପର୍ଯ୍ୟନ୍ତ ହେବାକୁଥିବା ଏହି ଟୁର୍ଣ୍ଣାମେଣ୍ଟର ଅନ୍ୟ ଦୁଇ ଭେନ୍ୟୁ ହେଉଛି ନୂଆଦିଲ୍ଲୀ ଓ ବେଙ୍ଗାଲୁରୁ। ଟୁର୍ଣ୍ଣାମେଣ୍ଟରେ ୨୧ଟି ମ୍ୟାଚ, ଦୁଇ ସେମିଫାଇନାଲ ଏବଂ ଏକ ଗ୍ରାଣ୍ଡ ଫିନାଲେ ଖେଳାଯିବ।


## ଅଷ୍ଟମ ଜନ୍ମବାର୍ଷିକୀ ଶୁଭେଚ୍ଛା



**ଧ୍ରୁବ୍ କୁମାର ବେହେରା**
ସମେଇଗଡ଼ିଆ, ଭୁବନେଶ୍ୱର
ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତୁମର ସୁସ୍ଥ, ନୀରୋଗ, ନିରାମୟ ଜୀବନ କାମନା କରୁଛୁ।
ଶୁଭେଚ୍ଛା ସହ: ବାବା, ମାମା, ଜେଜେ, ବଡ଼ମା, ଅଜା, ଆଈ, ପରିବାରବର୍ଗ ଓ ଶୁଭେଚ୍ଛୁମାନେ।
ଧ-୧୯୫୬

SPOT ADMISSION 2025-27
**B.Ed**
Approved by NCTE & Govt of Odisha
BAJIRAO B.ED ACADEMY LLP
Education For All !!!
Near Ganjam Kala Parishad, Berhampur -760001
**99380 25554**
**63708 53214**


# ଆପୋଲୋ ଟାୟାର୍ସ ଭାରତୀୟ ଦଳର ନୂଆ ଜର୍ସି ସ୍ପନସର

**ନୂଆଦିଲ୍ଲୀ, ୧୬।୯ (ପି.ଟି.)**

ଆପୋଲୋ ଟାୟାର୍ସ ଭାରତୀୟ କ୍ରିକେଟ ଦଳର ନୂଆ ଜର୍ସି ସ୍ପନସର ଭାବେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସହ ଚୁକ୍ତି କରିଛି। ଏ ନେଇ ବିସିସିଆଇ ପକ୍ଷରୁ ମଙ୍ଗଳବାର ଘୋଷଣା କରାଯାଇଛି। ନୂଆ ଆଇନ ଅଧୀନରେ ସରକାର ରିଅଲ ମନି ଗେମିଂ ପ୍ଲାଟ୍‌ଫର୍ମକୁ ବ୍ୟାନ୍ କରିବା ପରେ ଭାରତୀୟ ଦଳର ଜର୍ସି ସ୍ପନସରଶିପ୍‌ରୁ ଡ୍ରିମ୍ ୧୧ ଓହରି ଯାଇଥିଲା। ଏଥିଯୋଗୁ ଚଳିତ ଏସିଆ କପ୍‌ରେ ଭାରତୀୟ ଦଳ ବିନା ଜର୍ସି ସ୍ପନସରରେ ଖେଳୁଛି।

ସ୍ପନସରସିପ୍ ଲାଗି ଲମ୍ବା ବିଡିଂ ପ୍ରକ୍ରିୟା ଯୋଗୁ ଚୁକ୍ତିର ମୂଲ୍ୟ ୫୭୯ କୋଟି ଟଙ୍କାରେ ପହଞ୍ଚିଛି। ଏହି ଚୁକ୍ତି ୨୦୨୮ ମାର୍ଚ୍ଚ ପର୍ଯ୍ୟନ୍ତ ଚାଲିବ। ପୂର୍ବରୁ ୩ ବର୍ଷ ଅବଧି ଲାଗି ଡ୍ରିମ୍ ୧୧ ସହ ୩୫୮ କୋଟି ଟଙ୍କାରେ ଚୁକ୍ତି କରାଯାଇଥିଲା। ଚୁକ୍ତି ସମୟସୀମା ମଧ୍ୟରେ ଉଭୟ ପୁରୁଷ ଓ ମହିଳା ଭାରତୀୟ ଦଳ ଖେଳିବାକୁ ଥିବା ୧୨୧ ଦ୍ୱିପାକ୍ଷିକ ଓ ୨୧ ଆଇସିସି ମ୍ୟାଚ୍‌ରେ ଆପୋଲୋ ଟାୟାର୍ସ ଲୋଗୋ ଜର୍ସିରେ ସ୍ଥାନ ପାଇବ। ଉଲ୍ଲେଖଯୋଗ୍ୟ, ଆପୋଲୋ ଟାୟାର୍ସ ଏକ ବହୁରାଷ୍ଟ୍ରୀୟ କମ୍ପାନୀ ଓ ଏହାର ମୁଖ୍ୟ କାର୍ଯ୍ୟାଳୟ ଗୁରୁଗ୍ରାମରେ ରହିଛି। ଏହି ଟାୟାର ନିର୍ମାତା କମ୍ପାନୀର ମାନୁଫାକ୍ଚରିଂ ୟୁନିଟ୍ସ ଭାରତ ଓ ବିଦେଶରେ ରହିଛି।

# ସ୍ମୃତି ମନ୍ଧାନା ନମ୍ବର ୱାନ୍



**ଦୁବାଇ, ୧୬।୯ (ପି.ଟି.)**

ଅଷ୍ଟ୍ରେଲିଆ ବିପକ୍ଷ ପରାଜିତ ମ୍ୟାଚରେ ଅର୍ଦ୍ଧଶତକ ହାସଲ କରିବା ପରେ ସଦ୍ୟ ପ୍ରକାଶିତ ଆଇସିସି ଅନ୍ତର୍ଜାତୀୟ ଦିନିକିଆ ମହିଳା ବ୍ୟାଟର ତାଲିକାରେ ପୁନର୍ବାର ନମ୍ବର ୱାନ ସ୍ଥାନ ହାସଲ କରିଛନ୍ତି ଭାରତର ଟପ୍ ଅର୍ଡର ଷ୍ଟାର ବ୍ୟାଟର ସ୍ମୃତି ମନ୍ଧାନା। ମୁଲାନପୁରଠାରେ ୩ ମ୍ୟାଚ ବିଶିଷ୍ଟ ସିରିଜର ପ୍ରଥମ ମ୍ୟାଚରେ ମନ୍ଧାନା ୬୩ ବଲ୍‌ରୁ ୫୮ରନ ସଂଗ୍ରହ କରିଥିଲେ। ତେବେ ସେ ଭାରତକୁ ପରାଜୟରୁ ବଞ୍ଚାଇପାରି ନ ଥିଲେ। ଅଷ୍ଟ୍ରେଲିଆ ଏହି ମ୍ୟାଚରେ ବିଜୟ ଲାଭ କରି ସିରିଜ ୧-୦ରେ ଆଗୁଆ ରହିଛି। ସେପ୍ଟେମ୍ବର ୩୦ରୁ ମହିଳା କ୍ରିକେଟ ବିଶ୍ୱକପ୍ ଆରମ୍ଭ ହେବାକୁଥିବା ବେଳେ ନମ୍ବର-୧ ସ୍ଥାନ ମନ୍ଧନାଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିବାରେ ସହାୟକ ହେବ। ଅର୍ଦ୍ଧଶତକ ଯୋଗୁ ମନ୍ଧାନାଙ୍କୁ ୭ ରେଟିଂ ପଏଣ୍ଟ ମିଳିଥିଲା। ଦ୍ୱିତୀୟ ସ୍ଥାନକୁ ଖସିଥିବା ଇଂଲଣ୍ଡ ଷ୍ଟଲୱାର୍ଟ ନାଟ୍ ସ୍କିଭର-ବ୍ରଣ୍ଟଙ୍କଠାରୁ ସେ ବର୍ତ୍ତମାନ ୪ ପଏଣ୍ଟ ଆଗରେ ରହିଛନ୍ତି। ମନ୍ଧାନା ୨୦୧୯ରେ ପ୍ରଥମେ ନମ୍ବର-୧ ର୍ୟାଙ୍କିଙ୍ଗ ହାସଲ କରିଥିଲେ। ୨୦୨୫ରେ ସେ ଦୁଇଥର ପ୍ରଥମ ସ୍ଥାନରେ ରହିପାରିଛନ୍ତି।

# ଷ୍ଟାସି କଳିଙ୍ଗ ଲାନ୍ସର୍ସ ମୁଖ୍ୟ କୋଚ୍

**ଭୁବନେଶ୍ୱର, ୧୬।୯ (ତପନ ସ୍ୱାଇଁ)**



ଅଷ୍ଟ୍ରେଲିଆନ ହକି ଲିଜେଣ୍ଡ ଜେ ଷ୍ଟାସି ବେଦାନ୍ତ କଳିଙ୍ଗ ଲାନ୍ସର୍ସର ମୁଖ୍ୟ କୋଚ୍ ନିଯୁକ୍ତ ହୋଇଛନ୍ତି। ହିରୋ ହକି ଇଣ୍ଡିଆ ଲିଗ୍‌ର ଆସନ୍ତା ସିଜନରେ କଳିଙ୍ଗ ଲାନ୍ସର୍ସ ତାଙ୍କ ପ୍ରଶିକ୍ଷଣରେ ଖେଳିବ। ପୂର୍ବ ସଂସ୍କରରେ କୋଚ୍ ଥିବା ଜର୍ମାନୀର ଭାଲେଣ୍ଟିନ ଆଲ୍ଟନବର୍ଗଙ୍କ ସ୍ଥାନରେ ଷ୍ଟାସିଙ୍କୁ ନିଯୁକ୍ତି ମିଳିଛି। ଷ୍ଟାସି ଅଷ୍ଟ୍ରେଲିଆ ପକ୍ଷରୁ ୩୨୧ଟି ଅନ୍ତର୍ଜାତୀୟ ମ୍ୟାଚରେ ପ୍ରତିନିଧିତ୍ୱ କରିବାର ଅଭିଜ୍ଞତା ରଖିଛନ୍ତି। ୪ଟି ଅଲିମ୍ପିକ୍ସରେ ଭାଗନେଇ ସେ ୧୯୯୨ (ବାର୍ସିଲୋନା-ରୌପ୍ୟ), ୧୯୯୬ (ଆଟଲାଣ୍ଟା-ବ୍ରୋଞ୍ଜ) ଓ ୨୦୦୦ (ସିଡ୍‌ନୀ-ବ୍ରୋଞ୍ଜ)ରେ ପଦକ ବିଜୟୀ ଦଳର ସଦସ୍ୟ ଥିଲେ। ଏହା ବ୍ୟତୀତ ୧୯୯୮ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ୧୯୯୯ ଚାମ୍ପିୟନ୍ସ ଟ୍ରଫିରେ ସ୍ୱର୍ଣ୍ଣ ପଦକ ଜିତିବାର ସୌଭାଗ୍ୟ ମଧ୍ୟ ସେ ପାଇଛନ୍ତି। ୧୯୯୯ରେ ଏଫ୍‌ଆଇଏଚ୍ ପ୍ଲେୟର ଅଫ୍ ଦି ଇୟର ହୋଇଥିବା ଷ୍ଟାସି ୨୦୦୦ରେ ଅଷ୍ଟ୍ରେଲିଆର ସର୍ବାଧିକ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିବା ଖେଳାଳିଭାବେ ଅବସର ନେଇଥିଲେ। ଉଭୟ ଖେଳାଳି ଓ କୋଚ୍ ଭାବେ ତାଙ୍କର ଅନେକ ଅଭିଜ୍ଞତା ରହିଛି। କୋଚିଂ କ୍ୟାରିୟରରେ ସେ ଅଷ୍ଟ୍ରେଲିଆ, ନେଦରଲାଣ୍ଡ ଓ ବେଲ୍‌ଜିୟମରେ କ୍ଲବ ଏବଂ ଘରୋଇ ହକିରେ ବେଶ୍ ପରିଚିତ। ହକି ଇଣ୍ଡିଆ ଲିଗ୍‌ର ୨୦୧୬ ଓ ୨୦୧୭ ସଂସ୍କରଣରେ ସେ ମୁମ୍ବାଇ ଫ୍ରାଞ୍ଚାଇଜ୍ ଦଳର ମୁଖ୍ୟ କୋଚ୍ ଥିଲେ। ୨୦୨୨ରୁ ସେ ଅଷ୍ଟ୍ରେଲିଆ ଜୁନିୟର ହକି ଦଳରେ ମୁଖ୍ୟ କୋଚ୍ ଅଛନ୍ତି। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କଳିଙ୍ଗ ଲାନ୍ସର୍ସ ପରିବାରକୁ ଷ୍ଟାସିଙ୍କୁ ସ୍ୱାଗତ କରିଛନ୍ତି। "ସେ ତାଙ୍କ କ୍ୟାରିୟରରେ ଅନେକ କିଛି ହାସଲ କରିଛନ୍ତି ଏବଂ ଅନ୍ତର୍ଜାତୀୟ ହକିରେ ଜଣେ ସମ୍ମାନସ୍ପଦ ବ୍ୟକ୍ତି। ତାଙ୍କ ପ୍ରଶିକ୍ଷଣରେ ଆମ ଦଳ ନିଶ୍ଚିତ ସଫଳତା ହାସଲ କରିବାନେଇ ଆମେ ଆଶାବାଦୀ। ଆମ ଦଳକୁ ସେ ଟାଇଟଲ ହାସଲ କରିବା ଦିଗରେ ସାହାଯ୍ୟ କରିବା ସହ ଯୁବ ପ୍ରତିଭାଙ୍କ ପ୍ରଦର୍ଶନରେ ଉନ୍ନତି ଆଣିବାରେ ସହାୟକ ହୋଇପାରିବେ" ବୋଲି ରାଜୀବ କୁମାର ପ୍ରକାଶ କରିଛନ୍ତି। କଳିଙ୍ଗ ଲାନ୍ସର୍ସର କୋଚ୍‌ଭାବେ ସୁଯୋଗ ପାଇଥିବାରୁ ଷ୍ଟାସି ଆନନ୍ଦବ୍ୟକ୍ତ କରିଛନ୍ତି।

# ଉଥପ୍ପା, ଯୁବିଙ୍କୁ ଇଡି ସମନ

**ନୂଆଦିଲ୍ଲୀ, ୧୬।୯ (ପି.ଟି.)**

୧Xବେଟ୍ ନାମକ ଏକ ବେଆଇନ ଅନଲାଇନ ବେଟିଂ ଆପ୍ ସହିତ ଜଡ଼ିତ ଟଙ୍କା ହେରଫେର ମାମଲାରେ ସମ୍ପୃକ୍ତିକୁ ନେଇ ପୂର୍ବତନ କ୍ରିକେଟର ରବିନ ଉଥପ୍ପା, ଯୁବରାଜ ସିଂ (ଯୁବି) ଓ ଅଭିନେତା ସୋନୁ ସୁଦଙ୍କୁ ପଚରାଉଚରା ଲାଗି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ସମନ ଜାରି କରାଯାଇଛି। ଉଥପ୍ପା (୩୯), ଯୁବି (୪୩) ଓ ସୁଦ (୫୨)ଙ୍କୁ ଆସନ୍ତା ସପ୍ତାହରେ ପ୍ରିଭେନଶନ ଅଫ୍ ମନି ଲଣ୍ଡରିଂ ଆକ୍ଟ (ପିଏମ୍‌ଏଲଏ) ଅଧୀନରେ ବୟାନ ରେକର୍ଡ କରାଇବାକୁ କୁହାଯାଇଛି। ଉଥପ୍ପାଙ୍କୁ ସେପ୍ଟେମ୍ବର ୨୨, ଯୁବିଙ୍କୁ ୨୩ ଓ ସୁଦଙ୍କୁ ୨୪ ତାରିଖରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବରୁ ଏହି ମାମଲାରେ ପୂର୍ବତନ କ୍ରିକେଟର ସୁରେଶ ରାଇନା ଓ ଶିଖର ଧାୱନଙ୍କୁ କିଛି ସପ୍ତାହ ତଳେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ପକ୍ଷରୁ ପଚରାଉଚରା କରାଯାଇଥିଲା।


# Classified Everyday
**0674-2580101, 9692975378**


MATRIMONIAL

## GROOM WANTED

ବୟସ 29, College Librarian ଭାବେ କାର୍ଯ୍ୟ କରୁଥିବା ସୁନ୍ଦରୀ ସୁଶୀଳ ବ୍ରାହ୍ମଣ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 9827160964. D-1968

44 ବର୍ଷ, Govt. High School Teacher, ଉପଯୁକ୍ତ ବୟସର ବ୍ୟକ୍ତି ବିବାହ ପାଇଁ ଯୋଗାଯୋଗ କରନ୍ତୁ। ଘରଜ୍ୱାଇଁଆ ଗ୍ରହଣୀୟ। 8455853154. D-1969


REAL ESTATE


## SALE

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ **New ODM Global School-2** ଏବଂ **KIIT** କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ **investment** ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। **9692276835, 7077632085.** D-1698

**Commercial cum residential plot, Gharabari with compoundwall touching to NH-316 Road (Nakhara to Niali) 10 K.M. from Nakhara & 15 K.M. to Bhubaneswar 80x30=2400sqft. highland from road level. @2750/- per sqft. 7809525452.** D-76494

ଭୁବନେଶ୍ୱର ନଖରାଛକରୁ ୨ K.M. ଦୂରରେ ଘରବାରି ପ୍ଲଟ 8,40,000/- ରେ ମିଳୁଛି। 8093465134. D-1923

ଭୁବନେଶ୍ୱର **NISER, IIT** ଜଟଣୀ ପାଖରେ ପ୍ରସ୍ତାବିତ **BDA 200ft** ରୋଡକୁ ଲାଗି **investment** ପ୍ଲଟ୍ ପୋଜେସନ ଥାଇ **Sqft.- 650/-, 850/-** ବିକ୍ରି ହେଉଛି– **9337166296.** D-1942


FOR RENT

**Warehouse To-let at Hanspal near NH-16, Bhubaneswar 33000sqft. Plinth+ 11000sqft. Mezzanine. Contact: 7205809501, 9861096613.** D-1985


Healthcare

Newly open health benefits spa by experts therapist con 8658088274. D-1866

The massage felt totally professional! & comfortable at all times- 7978109255. D-76492

Newly open Jyoti SPA positively health benefits (expert therapist). 8458067955. D-76936

## AFFIDAVIT

I, OM SHUVA SHANJKAR SI, S/o- Manoj Kumar SI, At- Manda, P.O./ P.S.- Bangriposi, Dist.- Mayurbhanj, PIN-757032 have changed my name to OM SHUVA SHANKAR SI by virtue of affidavit dt. 13.09.2025 sworn before Executive Magistrate, Baripada, Mayurbhanj. D-2005

By virtue of affidavit before Executive Magistrate Bhubaneswar on 14.01.2011, I have changed my name as Purnavasi Dash in place of Pournmasi Dash. Henceforth, I shall be known as Purnavasi Dash for all purpose. D-1997

I, Sakhi Dalai, aged about 42 years, W/o- Prasanna Kumar Dalai, resident of Radhakrishna Enclave, Plot No.- 206, 2nd Floor, Unit-6, P.S.- Capital, Bhubaneswar, Dist.- Khordha, PIN-751003, Odisha, do hereby solemnly affirm and declare by this affidavit No.- 57, dtd.15.09.25 that my name is recorded in my son's passport as "Kamini Dalai" and "Sakhi Dalai". Both names refer to the same person and I shall henceforth be known as Sakhi Dalai for all purposes. D-2007

I, Sandhyarani Pattanaik, At-Jubuli Town, Jadupati Bihar, P.O./P.S.- Dhenkanal Town, Dist.-Dhenkanal, Odisha-759001 declare by the affidavit No.- 7905, dtd. 28.08.2024 that now onwards my son Swastik Mathan will be known as Swastik Pattanaik for all future purposes.
Sandhyarani Pattanaik D-1996

By virtue of an affidavit sworn before the Executive Magistrate, Sambalpur, No.2762, Dtd-16/09/2025, I, Arya Mittal, S/o. Ramnibash Mittal, R/o. At/P.O.- Godbhaga, P.S.- Attabira, Dist.-Bargarh, PIN-768111, declare that I have changed my name from Arun Mittal to Arya Mittal. Henceforth, I shall be known as Arya Mittal for all purposes.
Arya Mittal D-2002

By virtue of an affidavit sworn before Executive Magistrate, Rayagada, dated-09.09.2025, I, Philomina Emmanuel, D/o- Thomman Mani Varikattu, residing at Mangala Mandir Road, near Deepti Convent School, Rayagada, Odisha, Pin-765001, declare that I have changed my name from Varricattu Sr. Sophia Philamin S.A.B.S. to Philomina Emmanuel. Henceforth, I shall be known as Philomina Emmanuel for all purposes. D-2001

I, Ashisa Kumar Pati, 63years, S/o- Late Dolagobinda Pati, At- Tanarapa Sasan, P.O.- Biribati, P.S.- CRRI, Cuttack- 754100, Odisha, declare by this affidavit No.- 2017, dtd.- 04.09.2025, that now onwards I shall be known as Ashis Kumar Pati for all purposes. D-2003

ମୁଁ, ଗଣେଶ୍ୱର ମହାନ୍ତି (ଦତକ ସ୍ୱରୂପରେ ଗଣେଶ୍ୱର ବେହେରା ଭାବେ ପରିଚିତ), ଲୋକନାଥ ମହାନ୍ତିଙ୍କ ପୁତ୍ର, ଲେଙ୍କଡ଼ିପଡ଼ା, ନୟାଗଡ଼, ଓଡ଼ିଶାର ନିବାସୀ, ଘୋଷଣା କରୁଛି ଯେ ମୋର ସମସ୍ତ ଶିକ୍ଷା, ଚାକିରି ଓ ଆଇନଗତ କାର୍ଯ୍ୟ ପାଇଁ ମୋର ଠିକ୍ ଏବଂ ବୈଧ ନାମ ଗଣେଶ୍ୱର ମହାନ୍ତି ହେଉଛି। ଯଦି କାହାର ଅଭିଯୋଗ ଥାଏ, ସେଥିପାଇଁ ୧୫ ଦିନ ମଧ୍ୟରେ ଜଣାଇବାକୁ ଅନୁରୋଧ। ଧ-୧୯୯୯

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

In the Court of the Judge, Family Court, Balangir

C.P. (Mat) No.- 14 of 2021/ I.A. No.- 02/2021
Smt. Meera Mishra @ Dash
....Petitioner
Versus
Sri. Dadhibaban Dash
....Respondent
Summon Under Order 5 Rule 20 of C.P.C.

To,
The Respondent, Sri Dadhibaban Dash, S/o- Late Bipin Bihari Dash, resident of Talipara, Bargarh Town, P.O./P.S. & Dist.- Bargarh.

Whereas, the petitioner has filed a Petition under Section 13(1)(a) and 1(b) of the Hindu Marriage Act against you in this court and whereas, you are avoiding to receive the summons issued by this Court. Hence you are directed to appear before this Court on the 6th day of Oct. 2025 at 10.30 A.M. otherwise the case be heard and decided on merit in your absence.

Giving under my hand and seal of this Court this the 8th day of Sept. 2025.

Sd./- Judge, Family Court, Balangir
D-2004

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
0199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
**classifieddharitri@gmail.com**
ରେ ଇମେଲ୍ କରନ୍ତୁ।

## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**√ସିଦ୍ଧାର୍ଥ ଆଚାର୍ଯ୍ୟ**
ଆବିର୍ଭାବ: ୧୯୬୪ | ତିରୋଧାନ: ୨୦୨୫
ବି-୪, ପଳାଶପଲ୍ଲୀ, ଭୁବନେଶ୍ୱର
ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ମହାପ୍ରଭୁଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ସ୍ମୃତି ଅର୍ଘ୍ୟରେ: ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ
ଧ-୭୬୮୫୩

**ଟାଙ୍ଗିଆରେ ଆକ୍ରମଣ ଅଭିଯୋଗ**

ବନ୍ତଳା,(ପରିକ୍ଷିତ ସାହୁ): ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ବାଦୀବାହାଳ ଗ୍ରାମର ଝଟକ ପ୍ରଧାନ ଓ ତାଙ୍କ ମା' ବାପାଙ୍କୁ ସେହି ଗ୍ରାମର ବିଜୟ ଟାଙ୍ଗୀ ଏବଂ ପଠାନ ଟାଙ୍ଗୀ ଟାଙ୍ଗିଆରେ ଆକ୍ରମଣ କରିଥିବା ଝଟକ ସୋମବାର ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ହଣ୍ଡପା ପୋଲିସ ନମ୍ବର ୩୪୪/୨୫ରେ ଏକ ମାମଲା ରୁଜୁ କରିଛି।

# ବନ ବିଭାଗ ପକ୍ଷରୁ ପ୍ରଜନନ ବୃଦ୍ଧି ବ୍ୟବସ୍ଥା ହେଉନି

## କନ୍ଧରା ଓ କପିଳାସରେ ମୟୂରଙ୍କ ସଂଖ୍ୟା ଅଧିକ

ଢେଙ୍କାନାଳ,୧୬।୯(ରତନ ନାୟାର)

ଭାରତ ବର୍ଷର ଜାତୀୟ ପକ୍ଷୀ ଭାବରେ ମୟୂରକୁ ମାନ୍ୟତା ଦିଆଯାଇଛି। ୧୯୬୩ ଫେବୃଆରୀ ୧ ରେ ମୟୂରକୁ ଭାରତର ଜାତୀୟ ପକ୍ଷୀ ଭାବେ ମାନ୍ୟତା ମିଳିଥିଲା। ଏହାର ସୁନ୍ଦରତା ଏବଂ ନୃତ୍ୟ କରିବା ଆଦିକୁ ନେଇ ମୟୂରକୁ ଏକ ପ୍ରମୁଖ ପକ୍ଷୀ ଭାବେ ବିବେଚନା କରାଯାଏ। ଭାରତୀୟ ସଂସ୍କୃତି ଓ ଆଧ୍ୟାତ୍ମିକତା ଜଗତରେ ମୟୂରକୁ ଏକ ଶୁଭ ପକ୍ଷୀ ଭାବେ ଲୋକମାନେ ମାନିଆସନ୍ତି। ମୟୂର ପୁଚ୍ଛକୁ ଭାରତୀୟ ସଂସ୍କୃତିରେ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟ ଓ ପୂଜା କାର୍ଯ୍ୟରେ ମଧ୍ୟ ବ୍ୟବହାର କରାଯାଇଥାଏ। ଢେଙ୍କାନାଳ ଜିଲାରେ ହିନ୍ଦୋଳ ରେଞ୍ଜ୍ କନ୍ଧରା ସଂରକ୍ଷିତ ଜଙ୍ଗଲ ଓ କପିଳାସ ଅଭୟାରଣ୍ୟରେ ଅଧିକ ସଂଖ୍ୟାରେ ମୟୂର ଦେଖିବାକୁ ମିଳେ। ସେହିପରି ସଦର ରେଞ୍ଜର କନ୍ଧରା ସଂରକ୍ଷିତ ଜଙ୍ଗଲକୁ ଲାଗିଥିବା ମାଟିଆମୁଣ୍ଡିଆ ଜଙ୍ଗଲରେ ମଧ ମୟୂରଙ୍କ ସଂଖ୍ୟା ଅଧିକ ରହିଛି। କିନ୍ତୁ ବନବିଭାଗ ପକ୍ଷରୁ ମୟୂରଙ୍କ ପ୍ରଜନନ ବୃଦ୍ଧିକୁ ନେଇ କୌଣସି ବ୍ୟବସ୍ଥା ଏ ପର୍ଯ୍ୟନ୍ତ ହୋଇନଥିବା ଜଣାପଡ଼ିଛି। କପିଳାସ ପ୍ରାଣୀ ଉଦ୍ୟାନରେ ମଧ ଥିବା ମୟୂର ତା'ର ନୃତ୍ୟଭଙ୍ଗୀରେ ପର୍ଯ୍ୟଟକମାନଙ୍କ ଶୋଭା ବଢ଼ାଇଥାଏ। ଅନ୍ୟପଟେ ମୟୂରମାନେ ପୁଚ୍ଛ ମେଲାଇ ନୃତ୍ୟ କରିଥାନ୍ତି। ଅଧିକାଂଶ ଜଙ୍ଗଲରେ ଶିକାରୀମାନଙ୍କର ନଜର ମୟୂର ଉପରେ ପଡ଼ିଥାଏ। କପିଳାସ ପ୍ରାଣୀ ଉଦ୍ୟାନର କେଜ୍ ମଧ୍ୟରେ ଥିବା ମୟୂରଙ୍କ ଅଣ୍ଡାଗୁଡ଼ିକ ମଧ୍ୟ ଠିକ୍ ଭାବରେ ସଂରକ୍ଷିତ ହୋଇପାରୁନି। ଏପରି ଅଣ୍ଡାଗୁଡ଼ିକ ମଧ୍ୟ ମାଟିରେ ପଡ଼ି ନଷ୍ଟ ହୋଇଯାଉଛି। ତେଣୁ ମୟୂର ଭଳି ଜାତୀୟ ପକ୍ଷୀର ପ୍ରଜନନ ପ୍ରକ୍ରିୟାରେ ଅଣ୍ଡାର ସଂରକ୍ଷଣ ଏକାନ୍ତ ଆବଶ୍ୟକ ବୋଲି ପରିବେଶବିତ୍‌ମାନେ ମତବ୍ୟକ୍ତ କରନ୍ତି। ଏ ସଂକ୍ରାନ୍ତରେ ପୂର୍ବତନ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ପ୍ରଦ୍ୟୁମ୍ନ ରଥ କୁହନ୍ତି ଯେ, ପରିବେଶ ସୁରକ୍ଷା ପାଇଁ ମୟୂରର ପ୍ରମୁଖ ଭୂମିକା ମଧ ରହିଛି। ମୟୂର ଜାତୀୟ ପକ୍ଷୀ। ମାତ୍ର ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟରେ ଏହାର ପୁଚ୍ଛକୁ ବ୍ୟବହାର କରାଯାଏ। ପୁଚ୍ଛ ସଂଗ୍ରହ ପାଇଁ ତାକୁ କଳବଳର କରି ବିକ୍ରି ନିମନ୍ତେ ଶିକାରୀମାନେ ମୟୂର ଶିକାର କରୁଛନ୍ତି। ଏହାକୁ ରୋକିବା ପାଇଁ ବନବିଭାଗ ସ୍ୱତନ୍ତ୍ର ଦୃଷ୍ଟି ପ୍ରଦାନ କରିବା ଜରୁରୀ। ସେହିପରି ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର କୁହନ୍ତି ଯେ, ଢେଙ୍କାନାଳ ଜିଲାର କନ୍ଧରା ସଂରକ୍ଷିତ ଜଙ୍ଗଲ ଓ କପିଳାସ ଅଭୟାରଣ୍ୟରେ ମୟୂର ସଂଖ୍ୟା ଅଧିକ। ମୟୂର ସଂରକ୍ଷଣ ପାଇଁ ସେପରି କିଛି ଯୋଜନା ହୋଇନାହିଁ। ମୟୂର ଘରେ ରଖିବା ଆଇନ ବିରୋଧ ବୋଲି ସେ କହିଥିଲେ।



କପିଳାସ ପ୍ରାଣୀ ଉଦ୍ୟାନ ପରିସରରେ ଏକ କେଜ୍ ମଧ୍ୟରେ ମୟୂର।

# ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ



ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

## ଉତ୍ତମ ନାଗରିକ ହେବା ପାଇଁ ପରାମର୍ଶ

ଢେଙ୍କାନାଳ,୧୬।୯(ରତନ ନାୟାର)

ଢେଙ୍କାନାଳ ଗୋପବନ୍ଧୁ ଟାଉନ ହଲଠାରେ ବିଶ୍ୱ ନାରାୟଣ ମେମୋରିଆଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ର ମାନେ ପ୍ରଥମ ବର୍ଷର ଛାତ୍ରୀଛାତ୍ର ମାନଙ୍କୁ ଫୁଲଚନ୍ଦନ ଦେଇ ସ୍ୱାଗତ କରିଥିଲେ। ନିର୍ଦ୍ଦେଶକ ତଥା ଉଦ୍ଭିଦ ବିଜ୍ଞାନ ବିଭାଗର ଅଧ୍ୟାପକ ପବିତ୍ର ମୋହନ ମହାପାତ୍ର କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହିତ ନୈତିକତା ଓ ମୂଲ୍ୟବୋଧ ସମ୍ପର୍କରେ ଛାତ୍ରୀଛାତ୍ର ମାନଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। କଲେଜର ଅଧକ୍ଷ ତଥା ରାଜନୀତି ବିଜ୍ଞାନ ଅଧ୍ୟାପକ ବିଜୟ କୁମାର ପଟ୍ଟନାୟକ, ଜଣେ ଉତ୍ତମ ନାଗରିକ ହେବା ପାଇଁ ଛାତ୍ରୀଛାତ୍ର ମାନଙ୍କୁ ପରାମର୍ଶ ଦେଇଥିଲେ। ଓଡ଼ିଆ ବିଭାଗ ଅଧ୍ୟାପକ ସୁବାସ ମହାରଣା, ଇଂରାଜୀ ବିଭାଗର ଅଶୋକ ମିଶ୍ର, ପ୍ରାଣୀ ବିଜ୍ଞାନ ଅଧ୍ୟାପକ ସୁବାସ ଷଣ୍ଢ, ପଦାର୍ଥ ବିଜ୍ଞାନ ଅଧ୍ୟାପକ ସବ୍ୟସାଚୀ ଲେଙ୍କା, ଇଂରାଜୀ ବିଭାଗ ଅଧ୍ୟାପକ ଜୀବନ ରଞ୍ଜନ ମହାପାତ୍ର, ଇତିହାସ ବିଭାଗର କବିତା ରଣା, ଅର୍ଥନୀତି ବିଭାଗର ବର୍ଷା ପ୍ରିୟଦର୍ଶିନୀ ସାହୁ, ଓଡ଼ିଆ ବିଭାଗର ଐଶ୍ୱର୍ଯ୍ୟା ପ୍ରିୟଦର୍ଶିନୀ ବାଇ, ପ୍ରାଣୀ ବିଜ୍ଞାନର ଶୁଭସ୍ମିନୀ ପଟ୍ଟନାୟକ, ରସାୟନ ବିଜ୍ଞାନର ଅନ୍ୱେଷା ଷଡଙ୍ଗୀ, ଗଣିତ ବିଭାଗର ସୋନାଲି ସାହୁ, ସୂଚନା ଓ ପ୍ରଯୁକ୍ତିବିଦ୍ୟାର ଭେଳମ ଦେହୁରି, ପଦାର୍ଥ ବିଜ୍ଞାନର ଅଧ୍ୟାପକ ଅବିନାଶ ମିଶ୍ର ପ୍ରମୁଖଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ଏହି ଅବସରରେ ନୂତନ, ପୁରାତନ ଛାତ୍ରୀଛାତ୍ର, ଅଭିଭାବକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# କଣିହାଁ ଟ୍ରକ୍ ମାଲିକ ସଂଘର ଧର୍ମଘଟ ପ୍ରତ୍ୟାହୃତ




ପବିତ୍ରନଗର,୧୬।୯(ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ୍‌ର ଟ୍ରକ୍‌ଗୁଡ଼ିକୁ ପାଉଁଶ ପରିବହନରେ ଅଗ୍ରାଧିକାର ଦେବା ଦାବିରେ କଣିହାଁ ଟ୍ରକ୍ ମାଲିକ ସଂଘ ତରଫରୁ ଏନ୍‌ଟିପିସି ଏମ୍‌ଜିଆର୍ ନିକଟସ୍ଥ ଆମ୍ରପାଳ ଛକଠାରେ ମଙ୍ଗଳବାର ଧର୍ମଘଟ କରାଯାଇଥିଲା। ସଂଘ ସଭାପତି ସୁନୀଲ କୁମାର ପ୍ରଧାନ, ସଧାରଣ ସମ୍ପାଦକ ସତ୍ୟାନନ୍ଦ ସାହୁଙ୍କ ନେତୃତ୍ୱରେ ଶତାଧିକ ମାଲିକ ସାମିଲ ହୋଇ ଏନ୍‌ଟିପିସିରୁ ପାଉଁଶ ପରିବହନ କରୁଥିବା ଟ୍ରକ୍ ବନ୍ଦ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ଟ୍ରକ୍ ଅଟକି ରହିଥିଲା। ପରେ ଏନ୍‌ଟିପିସି ଗେଷ୍ଟ ହାଉସଠାରେ ତହସିଲଦାରଙ୍କ ଅଧ୍ୟକ୍ଷତାରେ ଏନ୍‌ଟିପିସି ମ୍ୟାନେଜମେଣ୍ଟ, ପୋଲିସ ଓ ଟ୍ରକ୍ ମାଲିକ ସଂଘ ପ୍ରତିନିଧିମଣ୍ଡଳୀଙ୍କ ଉପସ୍ଥିତିରେ ବୈଠକ ବସିଥିଲା। ୭ଦିନ ମଧ୍ୟରେ ଆଞ୍ଚଳିକ ଟ୍ରକ୍ କିପରି ସୁବିଧାରେ ଚାଲିପାରିବ ସେ ଉପରେ ଆଲୋଚନା କରାଯାଇ ସମାଧାନ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦିଆଯାଇଥିଲା। ଏହାପରେ ଅପରାହ୍ନ ୩ଘଟିକାରେ ଧର୍ମଘଟ ପ୍ରତ୍ୟାହୃତ ହୋଇଥିଲା।

# ଟାଟା ଷ୍ଟିଲ୍ ମେରାମଣ୍ଡଳୀ ପକ୍ଷରୁ କୋନାର୍କ ଫର୍ନେସରେ ଇଭିସ୍କ୍ରାପ୍ ଟ୍ରାନ୍ସଫର କାର୍ ବ୍ୟବହାର

ଢେଙ୍କାନାଳ,୧୬।୯(ରତନ ନାୟାର)

ଟାଟା ଷ୍ଟିଲ୍ ମେରାମଣ୍ଡଳୀ (ଟିଏସ୍‌ଏମ୍) ପକ୍ଷରୁ ନବସୃଜନ ଓ କର୍ମକ୍ଷେତ୍ରରେ ସୁରକ୍ଷା ପଦକ୍ଷେପର ଏକ ଅଂଶ ଭାବେ କୋନାର୍କ ଫର୍ନେସରେ ଅତ୍ୟାଧୁନିକ ଇଲେକ୍ଟ୍ରିକ୍ ଯାନ-ସ୍କ୍ରାପ୍ ଟ୍ରାନ୍ସଫର କାର (ଇଭି-ଏସ୍‌ଟିସି)ର ବ୍ୟବହାର କରାଯାଉଛି। କୋନାର୍କ ଫର୍ନେସ ହେଉଛି ଏକ ପ୍ରକାରର ଇସ୍ପାତ ପ୍ରସ୍ତୁତି ଫର୍ନେସ, ଯାହା ଏକ ଇଲେକ୍ଟ୍ରିକ୍ ଆର୍କ ଫର୍ନେସ (ଇଏଏଫ୍) ଏବଂ ବେସିକ ଅକ୍ସିଜେନ୍ ଫର୍ନେସ (ବିଓଏଫ୍)ର ବୈଶିଷ୍ଟ୍ୟକୁ ମିଶ୍ରଣ କରେ। ପାରମ୍ପରିକ ଇଲେକ୍ଟ୍ରିକ କେବୁଲ ରିଲିଂ ମେକାନିଜିମ ଓ ଡିଜେଲ୍ ପରିଚାଳିତ ଯାନକୁ ଏକ ସ୍ମାର୍ଟ, ସୁରକ୍ଷିତ ଓ ସବୁଜ ବିକଳ୍ପ ଭାବେ ସ୍କ୍ରାପ୍ ପରିଚାଳନା ଦିଗରେ ଏହି ପଦକ୍ଷେପ ଏକ ଅଗ୍ରଣୀ ରୂପାନ୍ତରୀକରଣ ବ୍ୟବସ୍ଥା ଅଟେ। କୋନାର୍କ ଫର୍ନେସରେ ସ୍କ୍ରାପ୍ ବ୍ୟବହାର ବୃଦ୍ଧି (୦.୫% ରୁ ୧୦% ପର୍ଯ୍ୟନ୍ତ) ହେଲେ ଏହା ବାର୍ଷିକ ୪୭ ଟନ୍ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରିବ, ଯାହା ଶକ୍ତି ଖର୍ଚ୍ଚ ସଞ୍ଚୟ କରିବା ସହ ଅଙ୍ଗାରକାମ୍ଳ ଫୁଟ୍‌ପ୍ରିଣ୍ଟ ହ୍ରାସ କରିବାକୁ ଟାଟାଷ୍ଟିଲ୍‌ର ପ୍ରତିବଦ୍ଧତାକୁ ଦୃଢ କରିବ। ଇଭି-ଏସ୍‌ଟିସିରେ ଅନେକ ପ୍ରକାରର ଉନ୍ନତ ସୁରକ୍ଷା ବୈଶିଷ୍ଟ୍ୟ ରହିଛି, ଯେଉଁଥିରେ ମଣିଷ କିମ୍ବା ଚଳନ୍ତା ମେସିନ୍ ସହିତ ଧକ୍କାକୁ ରୋକିବା ଲାଗି ଆଣ୍ଟି-କୋଲିଜନ ସେନ୍‌ସର୍, ଚାର୍ଜିଂ ସମୟରେ ଗାଡ଼ି ଚଳାଚଳକୁ ରୋକିବା ଲାଗି ଇଣ୍ଟରଲକ୍, ଫ୍ଲାସିଂ ବିକନ୍ ବାର୍ ଏବଂ ଉଭୟ ପାର୍ଶ୍ୱରେ ଡାକବାଜୀ ବ୍ୟବସ୍ଥା ରହିଛି। ଉଭୟ ସ୍କ୍ରାପ୍‌ଲୋଡିଂ ଓ ଅନଲୋଡିଂ ପଏଣ୍ଟରେ ଲିମିଟ୍ ସ୍ୱିଚ୍ ସହିତ ଏହି ବ୍ୟବସ୍ଥାରେ ଏକ କାର୍ ରୋକିବା ବ୍ୟବସ୍ଥା ରହିଛି, ଯାହା ଲିମିଟ୍ ସ୍ୱିଚ ବନ୍ଦ ବିଫଳତା ହେବା ଭଳି ପରିସ୍ଥିତିରେ ଅତିରିକ୍ତ ସୁରକ୍ଷାସ୍ତର ଭାବେ କାର୍ଯ୍ୟ କରିବ। କାରକୁ ଚାର୍ଜିଂରେ ନ ଲଗାଇବା ପର୍ଯ୍ୟନ୍ତ ଚାର୍ଜିଂ କେବୁଲ୍‌ରେ ବିଦ୍ୟୁତ୍ ସରବରାହ ହେବ ନାହିଁ। ଇଭି-ଏସ୍‌ଟିସିର ପେଲୋଡ୍ କ୍ଷମତା ହେଉଛି ୧୦୦ ଟନ୍ ଏବଂ ଏହା ପ୍ରତି ମିନିଟ୍‌ରେ ୨୫ରୁ ୩୦ ମିଟର ବେଗରେ ପରିଚାଳିତ ହୋଇପାରିବ। ପରିଚାଳନା ଉତ୍କର୍ଷ ଓ ପରିବେଶ ଦାୟିତ୍ୱ କିଭଳି ମିଳିତ ଭାବେ ଆଗକୁ ବଢ଼ିପାରିବ ତାହାର ଏକ ଉଦାହରଣ ହେଉଛି ଇଭି ସ୍କ୍ରାପ୍ ଟ୍ରାନ୍ସଫର। ଜୈବ ଇନ୍ଧନ ଉପରେ ନିର୍ଭରଶୀଳତା କମ୍, ନିର୍ଗମନ ହ୍ରାସ କରିବା ଏବଂ କାରଖାନା ଭିତରେ ଏକ ପ୍ରଭାବୀ ସ୍କ୍ରାପ୍ ପରିଚାଳନା ଲାଗୁ କରି ୨୦୪୫ ସୁଦ୍ଧା ନେଟ୍ ଜିରୋ ନିର୍ଗମନ କରିବା ଲାଗି ଟାଟା ଷ୍ଟିଲ୍‌ର ଲକ୍ଷ୍ୟ ଦିଗରେ ଏହା ଆଉ ଏକ ପଦକ୍ଷେପ।



# ଜିଲାପାଳଙ୍କ ଦୃଷ୍ଟିହୀନ ବିଦ୍ୟାଳୟ ପରିଦର୍ଶନ

ଢେଙ୍କାନାଳ,୧୬।୯(ରତନ ନାୟାର)

ଢେଙ୍କାନାଳ ସହର କଣ୍ଟାନାଳୀ ବାଇପାସଠାରେ ଥିବା ନନ୍ଦିନୀ ଦେବୀ ଦୃଷ୍ଟିହୀନ ମୂକ, ବଧୀର ବିଦ୍ୟାଳୟକୁ ମଙ୍ଗଳବାର ସନ୍ଧ୍ୟାରେ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ପରିଦର୍ଶନରେ ଯାଇଥିଲେ। ଏହି ଅବସରରେ ତାଙ୍କ ସହିତ ଅତିରିକ୍ତ ଜିଲାପାଳ (ସାଧାରଣ) ରମେଶଚନ୍ଦ୍ର ସେଠି ଓ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଲଳିତ ମୋହନ ବେହେରା ମଧ୍ୟ ଯାଇଥିଲେ । ଦୃଷ୍ଟିହୀନ ବିଦ୍ୟାଳୟ ପରିସରରେ ଜଣେ ଦୃଷ୍ଟିହୀନ ଛାତ୍ରଙ୍କୁ ପରିଚାଳନା କମିଟିର ଜଣେ ସଦସ୍ୟ ହାତମୋଡି ତଳେ ପକାଇଦେବା ଘଟଣା ଓ ଅନ୍ୟ ସମସ୍ୟାଗୁଡିକ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ପଚାରି ବୁଝିଥିଲେ। ସେହିପରି ବିଦ୍ୟାଳୟରେ ଥିବା କର୍ମଚାରୀଙ୍କୁ ମଧ୍ୟ ସମସ୍ୟା ସମ୍ପର୍କରେ ପଚରାଉଚରା କରିଥିଲେ।

# ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ତାଲିମ ଶିବିର




କାମାକ୍ଷାନଗର,୧୬।୯
(ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ କାନପୁରାସ୍ଥିତ ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟରେ ଜିଲା ଶିକ୍ଷାଧିକାରୀ ବିନିତା ସେନାପତିଙ୍କ ପରିଚାଳନାରେ କାମାକ୍ଷାନଗର ଓ ପରଜଙ୍ଗ ବ୍ଲକର ମୋଟ ୫୯ଟି ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ନେଇ ୫ ଦିନିଆ ଜିଲାସ୍ତରୀୟ ତାଲିମ ଶିବିର 'ସମ୍ଭବ ମଡ୍ୟୁଲ' ସୋମବାର ଉଦ୍‌ଘାଟିତ ହୋଇଯାଇଛି। କାମାକ୍ଷାନଗର ଗୋଷ୍ଠୀ ଶିକ୍ଷାଧିକାରୀ ସରୋଜ କୁମାର ସାହୁ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରି କିପରି ସୂଚାରୁ ରୂପେ ଶିବିର ସମ୍ପନ୍ନ ହେବ ସେନେଇ ପରାମର୍ଶ ଦେଇଥିଲେ। ପ୍ରଧାନଶିକ୍ଷକ ଶ୍ରୀରାମ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ସାରଙ୍ଗଧର ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ରଶ୍ମିତା ଦେହୁରୀ, ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଲକ୍ଷ୍ମୀଧର ମହାନ୍ତ, ବ୍ଲକ ନୋଡାଲ ଅଧିକାରୀ ତଥା ଆର୍‌ପି ସୁରେନ୍ଦ୍ର କୁମାର ବେହେରା, ଆର୍‌ପି ଅଶୋକ କୁମାର ପଣ୍ଡା, ଦୁଷ୍ମନ୍ତ କୁମାର ବିଶ୍ୱାଳ ଓ ମାଧବାନନ୍ଦ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ବିଜ୍ଞାନ ଶିକ୍ଷକ ଧ୍ରୁବଚରଣ ସୁନ୍ଦରାୟ, ଚନ୍ଦ୍ରମଣି ଲେଙ୍କା, ନିରଞ୍ଜନ ସାହୁ, ବାନାର୍ଜୀ ମହାନ୍ତି, ଶିକ୍ଷୟିତ୍ରୀ ସୁମିତ୍ରା ଜେନା, ଶିକ୍ଷା କର୍ମଚାରୀ ଗିରିଶ ଚନ୍ଦ୍ର ମହାନ୍ତି, ରବିନାରାୟଣ ରାଉତ, ଶାନ୍ତନୁ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିଧବା ଭାଉଜଙ୍କୁ ଗର୍ଭବତୀ କରି ଦିଅର ଗିରଫ

କାମାକ୍ଷାନଗର,୧୬।୯
(ସୁଧୀର କୁମାର ପରିଡ଼ା)

ବିଧବା ଭାଉଜଙ୍କୁ ଗର୍ଭବତୀ କରି ଦିଅର ଗିରଫ ହେବା ଘଟଣା କାମାକ୍ଷାନଗର ଅଂଚଳରେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଅନୁସାରେ, କଙ୍କଡାହାଡ଼ ଥାନା ଦଣ୍ଡାଧର ଅଞ୍ଚଳର ଜନୈକ ମହିଳାଙ୍କ ସ୍ୱାମୀଙ୍କ କିଛିବର୍ଷ ତଳେ ମୃତ୍ୟୁ ଘଟିଥିଲା। ସେ ଏକୁଟିଆ ରହୁଥିଲେ। ଏହାର ସୁଯୋଗ ନେଇ ତାଙ୍କ ଦିଅର ତାଙ୍କ ସହିତ ଶାରୀରିକ ସଂପର୍କ ରଖିଥିଲେ। ବିଧବାଜଣଙ୍କ ଗର୍ଭବତୀ ହେବା ପରେ ଦିଅର ଫେରାର ହୋଇଯାଇଥିଲେ। ପରେ ବିଧବାଜଣଙ୍କ କାମାକ୍ଷାନଗର ଥାନାରେ ଦିଅରଙ୍କ ନାମରେ ଅଭିଯୋଗ କରିଥିଲେ। ପୋଲିସ ଦିଅରଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି।

# କ୍ଷୁଦ୍ର ବିଜ୍ଞାନ କେନ୍ଦ୍ର ଉଦ୍‌ଘାଟିତ

ଢେଙ୍କାନାଳ,୧୬।୯(ରତନ ନାୟାର)



ଢେଙ୍କାନାଳ ପୌରାଂଚଳ ସ୍ଥିତ ପୋଲିସ କ୍ଲଷ୍ଟରର ପୋଲିସ ଲାଇନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର କ୍ଷୁଦ୍ର ବିଜ୍ଞାନ କେନ୍ଦ୍ର ଉଦଘାଟିତ ହୋଇଯାଇଛି। ଓଡିଶା ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ ସିଏସ୍‌ଆର ଅନ୍ତର୍ଭୁକ୍ତ ଷ୍ଟେମ୍‌ଲର୍ଣ୍ଣ ଦ୍ୱାରା କରାଯାଇଥିବା ଏହି କ୍ଷୁଦ୍ର ବିଜ୍ଞାନ କେନ୍ଦ୍ରକୁ ଏସ୍‌ପି ଅଭିନବ ସୋନକର ଉଦଘାଟନ କରିଥିଲେ। ଏହି ବିଜ୍ଞାନକେନ୍ଦ୍ର ମାଧ୍ୟମରେ ଛାତ୍ରୀଛାତ୍ର ବହୁ ଜ୍ଞାନ ଅର୍ଜନ କରିବା ସହିତ ବିଜ୍ଞାନ ସମ୍ପର୍କରେ ଜାଣିବା ପାଇଁ ସେମାନଙ୍କର ଆଗ୍ରହ ବଢ଼ିବ। ଏହି କ୍ଷୁଦ୍ର ବିଜ୍ଞାନ କେନ୍ଦ୍ରର ଆଲୋକର ପ୍ରତିଫଳନ ଓ ପ୍ରସାରଣ, କ୍ରିୟା ଓ ପ୍ରକ୍ରିୟା, ଅସ୍ଥିତକୂଅ, ତାପର ଅବଶୋଷଣ, ଘର୍ଷଣ ଶକ୍ତି, ଗତି ଓ ବସ୍ତୁର ସଂରକ୍ଷଣ ନିୟମ, ଶକ୍ତି ସଂରକ୍ଷଣ ଭଳି ମୋଟ ୮୦ଟି ବିଜ୍ଞାନ ମଡେଲ ରହିଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣୀ ପ୍ରଧାନ,୬ନଂ ୱାର୍ଡ କାଉନସିଲର ସନ୍ଦିପ ଷଡଙ୍ଗୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମଞ୍ଜୁଲତା ବେହେରା, ଉପସଭାପତି ପତିତପାବନ ମହାନ୍ତି, ସିଆରସିସି ଝସକେତନ ପ୍ରଧାନ ଏବଂ ଅଭିଭାବକ ମାନେ ଉପସ୍ଥିତ ଥିଲେ। ଷ୍ଟେମ୍ ଲର୍ଣ୍ଣ ପକ୍ଷରୁ ଅବିନାଶ ତରାଇ ଓ ରାକେଶ ଜେନା ଉପସ୍ଥିତ ଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ର ଶକୁନ୍ତଳା ମିଶ୍ର, ମନୋଜବାଳା ମିଶ୍ର, ସ୍ନେହପ୍ରଭା ସାହୁ ସହଯୋଗ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ରେଖା ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ସଙ୍କୁଳସ୍ତରୀୟ ଶିକ୍ଷା ପରିଷଦ କର୍ମଶାଳା

ଓଡ଼ାପଡ଼ା,୧୬।୯(ରଞ୍ଜିତ୍ ନାୟକ)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ୍ ଧଳପୁରଠାରେ ସଙ୍କୁଳସ୍ତରୀୟ ଶିକ୍ଷା ପରିଷଦ କାର୍ଯ୍ୟଶାଳା ଓ ନୈତିକ, ଆଧ୍ୟାତ୍ମିକ ଶିକ୍ଷାର ଅନୁଭୂତି ପ୍ରୟାସ ରବିବାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଧଳପୁରଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଗିରିଶ ପ୍ରସାଦ ଦାଶ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଉମେଶ ଚନ୍ଦ୍ର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସଙ୍କୁଳ ପ୍ରମୁଖ ଅଶୋକ ମହାରଣା ସମସ୍ତ ଆଚାର୍ଯ୍ୟା ଆଚାର୍ଯ୍ୟଙ୍କ ମାର୍ଗଦର୍ଶନ କରାଇଥିଲେ। ସଙ୍କୁଳ ସଂଯୋଜକ ବସନ୍ତ କୁମାର ସ୍ୱାଇଁ କାର୍ଯ୍ୟଶାଳାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ କହିଥିଲେ। କାର୍ଯ୍ୟଶାଳାରେ ୭ଟି ବିଦ୍ୟାଳୟରୁ ମୋଟ ୪୫ ଆଚାର୍ଯ୍ୟା ଆଚାର୍ଯ୍ୟ ଉପସ୍ଥିତ ଥିଲେ। ବିଦ୍ୟାଳୟ ସଭାପତି ଘନଶ୍ୟାମ ସାମଲ ଓ ସର୍ବେଶ୍ୱର ସାହୁ, ସମସ୍ତ କାର୍ଯ୍ୟକର୍ତ୍ତା, ସଦସ୍ୟା ସଦସ୍ୟ, ଗୁରୁମା ଗୁରୁଜୀ ସହଯୋଗ କରିଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

JOB JOB !
ଅଫିସ୍‌ରେ ଫୋନ କଲ୍ ଓ ବ୍ୟାକଏଣ୍ଡରେ କାମ କରିବା ପାଇଁ ପିଲା ଦରକାର। ଫାଇନାନ୍ସ କଲେକସନ ଏକ୍ସପେରିଏନ୍ସ ଓ ଏକ୍ସଲ କାମ ଜାଣିଥିଲେ ଭଲ।
Contact or Whatsapp
8339951120

See Career Appointment on every Wednesday & Saturday

REQUIRED
ରୋହନ ଅଟୋରାଇଡର୍ସ ନିଯୁକ୍ତି
(ଅଧିକୃତ Hero MotoCorp ଡିଲର)
ଖାଲିଥିବା ପଦବୀଗୁଡ଼ିକ:
- ସିନିଅର ସେଲ୍ସ ଏକ୍‌ଜିକ୍ୟୁଟିଭ୍
- ସେଲ୍ସ ଏକ୍‌ଜିକ୍ୟୁଟିଭ୍
- PDI/ମେକାନିକ୍/ଟେକ୍ନିସିଆନ୍
- ପିଅନ • ସାଇଟ୍ ସୁପରଭାଇଜର
ଆମେ ସେମାନଙ୍କୁ ପସନ୍ଦ କରିବୁ, ଯେଉଁମାନେ ଦୁଇ-ଚକିଆ ସେଗ୍‌ମେଣ୍ଟରେ ଅନୁଭବୀ ଓ ପାତ୍ରପଡ଼ା/ତମାଣ୍ଡୋ/ବରମୁଣ୍ଡା ଅଞ୍ଚଳରେ ରହୁଥିବେ।
ADDRESS:
Near Fire Station Crossing, Baramunda, Bhubaneswar
Come to showroom for Interview with CV or Send CV at:
rohandubey231@gmail.com
Call: +91 9437065592

FAKIR MOHAN UNIVERSITY
NUAPADHI, BALASORE
WALK-IN-INTERVIEW FOR
JRF POSITION OF NRSC NICES PROJECT
Dt.16.09.2025
Applications are invited for one Junior Research Fellow (JRF) under the NICES project **"Forecasting Lighting Strikes, Enhancing Accuracy with High Resolution Models and Machine Learning: A case study from Odisha"**. Interested and eligible candidates may apply within the last day **(Last date of submission: 08.10.2025 Midnight)** from the date of publication of this advertisement. **Date of Interview is 10.10.2025**. For detailed eligibility criteria, qualification and application procedure, please visit the University website: **www.fmuuniversity.nic.in**.
Form Link: **https://forms.gle/UoFJcnf3JxdqXkKV9**
Principal Investigator
P.G. Department of Geography
Fakir Mohan University, Balasore

ପୂର୍ବ ତଟ ରେଳପଥ
ନିଲାମ କ୍ୟାଟାଲଗ୍ ନଂ. SDCM-PARK-KASR
ଲଟ୍ ନଂ./ବର୍ଗ : PARKING-KUR-KASR-TW-217-25-1 (Parking - Two Wheeler)
ବିବରଣୀ : କଣାସ ରୋଡ୍ (ଖୋର୍ଦ୍ଧା ରୋଡ୍ ମଣ୍ଡଳ) କ୍ଷେତ୍ରରେ ଦୁଇ ଚକିଆ ଗାଡ଼ି ନିମନ୍ତେ ପାର୍କିଙ୍ଗ ଲଟ୍।
ଲଟ୍ ଆରମ୍ଭ ତାରିଖ ଓ ସମୟ : 26.09.2025, 1100 ଘଟିକା, ଲଟ୍ ବନ୍ଦ ହେବା ତାରିଖ ଓ ସମୟ : 26.09.2025, 1130 ଘଟିକା।
ସର୍ବନିମ୍ନ ବୃଦ୍ଧି : 0.2%, ଲଟ୍ ସ୍ଥିତି : ଡ୍ରାଫ୍ଟ କ୍ୟାଟାଲଗରେ ନୂଆ।
ସମ୍ପୂର୍ଣ୍ଣ ବିବରଣୀ ୱେବସାଇଟ www.ireps.gov.inରେ ଉପଲବ୍ଧ।
ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍
PR-595/Q/25-26

ପୂର୍ବ ତଟ ରେଳପଥ
ନିଲାମ କ୍ୟାଟାଲଗ୍ ନଂ.SDCM-KAPG-2W-1
ଲଟ୍ ନଂ./ବର୍ଗ : PARKING-KUR-KAPG-TW-216-25-1 (Parking - Two Wheeler)
ବିବରଣୀ : (ଖୋର୍ଦ୍ଧା ରୋଡ୍ ମଣ୍ଡଳ)ରେ କାଳୁପଡ଼ା ଘାଟ ଷ୍ଟେସନର ପ୍ଲାଟଫର୍ମ-1 ପାର୍ଶ୍ୱ, OH ପାଣି ଟାଙ୍କି ସାଇଟ୍ ନିକଟସ୍ଥ କ୍ଷେତ୍ରରେ ଦୁଇ ଚକିଆ ଗାଡ଼ି ନିମନ୍ତେ ପାର୍କିଙ୍ଗ ଲଟ୍।
ଲଟ୍ ଆରମ୍ଭ ତାରିଖ ଓ ସମୟ : 25.09.2025, 1100 ଘଟିକା, ଲଟ୍ ବନ୍ଦ ହେବା ତାରିଖ ଓ ସମୟ : 25.09.2025, 1130 ଘଟିକା।
ସର୍ବନିମ୍ନ ବୃଦ୍ଧି: 0.2%, ଲଟ୍ ସ୍ଥିତି: ଡ୍ରାଫ୍ଟ କ୍ୟାଟାଲଗରେ ନୂଆ।
ସମ୍ପୂର୍ଣ୍ଣ ବିବରଣୀ ୱେବସାଇଟ www.ireps.gov.inରେ ଉପଲବ୍ଧ।
ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍
PR-594/Q/25-26

ଦ.ପୂ. ରେଳପଥ – ଟେଣ୍ଡର
ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଆର୍‌ସି-ସି-ଆଇଏନ୍‌ଟିଓବିଏଚ୍‌ଏସ୍, ତା: ୧୫।୦୯।୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ କାର୍ଯ୍ୟରତ ବରିଷ୍ଠ କୋଚିଂ ଡିପୋ ଅଧିକାରୀ, ସାନ୍ତ୍ରାଗାଛି, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ମଣ୍ଡଳ ନିମ୍ନଦର୍ଶିତ ବିବରଣୀ ଅନୁଯାୟୀ www.ireps.gov.in ୱେବ୍‌ସାଇଟ୍‌ରେ ଇ-ଟେଣ୍ଡରିଂ ମାଧ୍ୟମରେ ଖୋଲା ଟେଣ୍ଡର ଆହ୍ୱାନ କରୁଛନ୍ତି । ଯୋଗ୍ୟ ଟେଣ୍ଡରଦାତାଙ୍କୁ ତଳେ ଦର୍ଶାଯାଇଥିବା ବିବରଣୀ ଅନୁଯାୟୀ www.ireps.gov.in ୱେବ୍‌ସାଇଟ୍‌ରେ କେବଳ ଅନ୍‌ଲାଇନ ଜରିଆରେ ଆବେଦନ କରିବା ପାଇଁ ଅନୁରୋଧ କରାଯାଉଛି । କୌଣସି ଅଫ୍‌ଲାଇନ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବିବରଣୀ ପାଇଁ ଦସ୍ତାବିଜ ସେକ୍ସନରେ ଅପ୍‌ଲୋଡ୍ ହୋଇଥିବା ଟେଣ୍ଡର ଦସ୍ତାବିଜ ଦେଖନ୍ତୁ । **କାର୍ଯ୍ୟର ନାମ:** ୨ ବର୍ଷ ଅବଧି ପାଇଁ ହାଓଡା-ପୁରୀ ଏବଂ ହାଓଡା-ରାଉରକେଲା ବନ୍ଦେ ଭାରତ ଏକ୍ସପ୍ରେସ୍ ନିମନ୍ତେ ରାଉଣ୍ଡ ଟ୍ରିପ୍ ଯାତ୍ରା ପାଇଁ ଇଣ୍ଟିଗ୍ରେଟେଡ୍ ଓବିଏଚ୍‌ଏଚ୍ ଏବଂ ଯାନ୍ତ୍ରିକ କୋଚ୍ ସଫେଇ । **ଟେଣ୍ଡର ମୂଲ୍ୟ:** ₹୫,୩୩,୪୩,୩୨୭.୯୩ (ଜିଏସ୍‌ଟି ସମେତ) । **ଇଏମ୍‌ଡି:** ₹୪,୧୬,୭୦୦/- । **ଟେଣ୍ଡର ବନ୍ଦ ହେବା ତାରିଖ:** ୧୩।୧୦।୨୦୨୫, ୧୨.୦୦ ଘଟିକା । **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ₹୧୦,୦୦୦ (ଅଣ-ଫେରସ୍ତଯୋଗ୍ୟ)। (PR-631)

कार्यपालक अभियंता का कार्यालय,
पथ निर्माण विभाग,पथ प्रमण्डल,धनबाद
अल्पकालीन ई-प्रोक्योरमेंट सूचना
ई-निविदा (1st Call) निविदा सूचना सं0-
RCD /DHANBAD/1757/2025-26
दिनांक : 16.09.2025

| | | |
|---|---|---|
| 1. | कार्य का नाम | पथ प्रमण्डल, धनबाद अन्तर्गत निरसा [NH-19 (Old NH- 02) पर] -केलियासोल से खाड़ापाथर पथ (कुल लं0- 16.650 कि0मी0) का चौड़ीकरण, मजबूतीकरण एवं पुनर्निर्माण कार्य (वित्तीय वर्ष 2025-26)। |
| 2. | प्राक्कलित राशि (रू0) | रू0 44,33,17,840.00 |
| 3. | कार्य पूर्ण करने की अवधि | 12 माह |
| 4. | ई-निविदा प्राप्त करने की अंतिम तिथि एवं समय | 16.10.2025 के पूर्वाह्न 12.00 बजे तक |
| 5. | ई-निविदा का बेबसाईट पर प्रकाशन की तिथि एवं समय | 25.09.2025 के पूर्वाह्न 10.30 बजे से |
| 6. | प्री-बीड मिटिंग की तिथि एवं समय एवं स्थान | 06.10.2025 के 12.00 बजे दोपहर से मुख्य अभियंता (या0) का कार्यालय, पथ निर्माण विभाग, इंजीनियरिंग हॉस्टल नं0-02, धुर्वा, राँची। |
| 6. | ई-निविदा आमंत्रित करने वाले कार्यालय का नाम एवं पता | कार्यपालक अभियंता, पथ निर्माण विभाग, पथ प्रमण्डल, धनबाद। |
| 7. | ई-प्रोक्यूरमेन्ट अधिकारी का सम्पर्क नं0 | 0326-2313368 |
| 8. | ई-प्रोक्यूरमेन्ट सेल का सम्पर्क सहायता नम्बर | 0651-2401010 |

विस्तृत जानकारी http://jharkhandtenders.gov.in पर देखी जा सकती है।
कार्यपालक अभियंता,
PR 362132 Road(25-26).D पथ निर्माण विभाग,पथ प्रमण्डल, धनबाद

ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି
ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୫-୧୬ ତାରିଖ: ୧୬।୦୯।୨୦୨୫
ରାଷ୍ଟ୍ରପତି, ଭାରତ ସଂଘଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖଡ଼ଗପୁର ମଣ୍ଡଳ, ଦକ୍ଷିଣ ପୂର୍ବ ରେଳପଥ, ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୦୨ (ଦୁଇ) ବର୍ଷ ଅବଧି ଲାଗି ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା https://www.ireps.gov.in/ ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି ।

| ବର୍ଗ | କାଟାଲଗ୍ ନଂ. | ଇ-ନିଲାମ ତାରିଖ | ନିଲାମ ଆରମ୍ଭ ସମୟ | ନିଲାମ ସମାପ୍ତିର ସମୟ |
|---|---|---|---|---|
| ପାର୍ସଲ | ଲିଜ୍-କେଜିପି-୨୫-୧୬ | ୦୬।୧୦।୨୦୨୫ | ୧୦.୩୦ ଘ. | ୧୭.୩୦ ଘ. |

ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । କୌଣସି ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।
(PR-634) ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖଡ଼ଗପୁର
ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

GOVERNMENT OF ODISHA No.O-754
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, BOLANGIR
e-Procurement Notice
1 Name of work : Construction of Bridge in the district of Bolangir and Subarnpur under **SBY** for the year 2025-26
2 No. of work : 7 (Seven) works
3 Time for completion : 12 (Twelve) calendar months
4 Approximate estimated cost varies from : Rs.328.04 lakhs to Rs.439.95 lakhs
5 Mode of Submission of tender : Tender should be submitted online in www.tendersodisha.gov.in
6 **Other details are as follow**

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Chief Construction Engineer, R.W. Circle, Bolangir | BLGR-Online-14/2025-26 | 18.09.2025 at 11.00 A.M. | 04.10.2025 upto 5.00 P.M. | 03.10.2025 upto 5.00 P.M. | 06.10.2025 at 11.00 A.M. | The date will be intimated later on |

- Further details can be seen from the website www.tendersodisha.gov.in
- Any Corrigendum/Addendum will be displayed in the above e tender website only.

Sd./- Chief Construction Engineer
R.W.Circle, Bolangir
OIPR-25118/11/0052/2526

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER,
CENTRAL (R&B) CIRCLE, BHUBANESWAR
Mail i.d : seccbbsr@gmail.com
E-procurement Tender Call Notice No.14 of 2025-26
No. 5446 (Estg.) Bhubaneswar the 8th September-2025
**No.B-506** : The Chief Construction Engineer, Central (R&B) Circle Bhubaneswar on behalf of the Governor of Odisha invites percentage rate bids for one number Building work to be received in online bidding, double cover system for Improvement works as detailed in:https://tendersodisha.gov.in. The details of bid documents will be available in the above website from **5.00 P.M. of 18.09.2025 to 5.00 P.M of 03.10.2025**. The bidders must possess compatible Digital Signature Certificate of Class II or III. Bids received online shall be opened at **5.30 P.M of 03.10.2025** in the Office of the Chief Construction Engineer, Central (R&B) Circle, Bhubaneswar.
Further details can be seen from the e-procurement portal www.tendersodisha.gov.in.
Addendum / Corrigendum, if required, will be available only in the website.
Sd./- Er. A.K. Lenka
Chief Construction Engineer
Central (R&B) Circle, Bhubaneswar
OIPR-34156/11/0046/2526

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୧୭/୨୦୨୫ Bhubaneswar, Wednesday, September 17/ 2025

# ପିସିବି ଦାବିକୁ ଆଇସିସିର ପ୍ରତ୍ୟାଖ୍ୟାନ

**ହ୍ୟାଣ୍ଡସେକ୍ ବିବାଦ**

## ରେଫରି ପାଇକ୍ରଫ୍ଟ ହଟିବେନି

ଦୁବାଇ,୧୬।୯ (ପି.ଟି.)

ହ୍ୟାଣ୍ଡସେକ୍ ବିବାଦକୁ ନେଇ ଚଳିତ ଏସିଆ କପ୍ ଟି୨୦ ଟୁର୍ନାମେଣ୍ଟ ବେଳେ ରେଫରି ଆଣ୍ଡି ପାଇକ୍ରଫ୍ଟଙ୍କୁ ବଦଳାଇବା ଲାଗି ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ପକ୍ଷରୁ କରାଯାଇଥିବା ଆବେଦନକୁ ଅନ୍ତର୍ଜାତୀୟ କ୍ରିକେଟ୍ କାଉନସିଲ୍ (ଆଇସିସି) ମଙ୍ଗଳବାର ଆନୁଷ୍ଠାନିକ ଭାବେ ପ୍ରତ୍ୟାଖ୍ୟାନ କରିଛି। ଭାରତ ବିପକ୍ଷ ଲିଗ୍ ମ୍ୟାଚ୍ ପୂର୍ବରୁ ଘଟିଥିବା ଘଟଣାରେ ରେଫରି ପାଇକ୍ରଫ୍ଟଙ୍କ ସମ୍ପୃକ୍ତିକୁ ନେଇ ପିସିବି ଅସନ୍ତୋଷ ବ୍ୟକ୍ତ କରିବା ପରେ ଏହି ବିବାଦ ଆରମ୍ଭ ହୋଇଥିଲା। ପିସିବି ପକ୍ଷରୁ ଦାବି କରାଯାଇଥିଲା ଯେ, ମ୍ୟାଚ୍ ପୂର୍ବରୁ ଟସ୍ ବେଳେ ପାଇକ୍ରଫ୍ଟ ପାକିସ୍ତାନର ଅଧିନାୟକ ସଲମାନ ଆଘାଙ୍କୁ ଭାରତର ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ସହ ହାତ ନ ମିଳାଇବାକୁ କହିଥିଲେ। ଏପରିକି ଭାରତର ପ୍ରଭାବରେ ପାଇକ୍ରଫ୍ଟ କାର୍ଯ୍ୟ କରୁଥିବା କୁହାଯାଇଥିଲା। ତେବେ ଆଇସିସି ପକ୍ଷରୁ ପିସିବି ନିକଟକୁ ପଠାଯାଇଥିବା ଚିଠିରେ ଉଲ୍ଲେଖ କରାଯାଇଛି ଯେ, ପାଇକ୍ରଫ୍ଟଙ୍କୁ ହଟାଯିବ ନାହିଁ ଏବଂ ସେମାନଙ୍କ ଆବେଦନକୁ ଖାରଜ କରି ଦିଆଯାଇଛି। ପାଇକ୍ରଫ୍ଟଙ୍କୁ ଟସ୍ ବେଳେ ଗ୍ରାଉଣ୍ଡରେ ଉପସ୍ଥିତ ଥିବା ଏସିଆନ୍ କ୍ରିକେଟ କାଉନସିଲ (ଏସିସି) ସଦସ୍ୟ ନୋ-ହ୍ୟାଣ୍ଡସେକ ପଲିସି ସମ୍ପର୍କରେ ଜଣାଇଥିଲେ।

୬୯ ବର୍ଷୀୟ ଜିମ୍ବାୱେ ନାଗରିକ ପାଇକ୍ରଫ୍ଟ ବୁଧବାର ପାକିସ୍ତାନ ଓ ୟୁଏଇ ମଧ୍ୟରେ ଖେଳାଯିବାକୁ ଥିବା ଲିଗ୍ ମ୍ୟାଚ୍ ପରିଚାଳନା କରିବେ। ଏଥିଯୋଗୁ ଓହରିବା ଧମକ ସମ୍ପର୍କରେ ପ୍ରଶ୍ନରୁ ବର୍ତ୍ତିବା ପାଇଁ ମଙ୍ଗଳବାର ମ୍ୟାଚ୍ ପୂର୍ବ ଖବରଦାତା ସମ୍ମିଳନୀକୁ ପାକିସ୍ତାନ ପକ୍ଷରୁ ବାତିଲ କରି ଦିଆଯାଇଛି। ସୂତ୍ରରୁ ଜଣାପଡ଼ିଛି ଯେ, ହ୍ୟାଣ୍ଡସେକ ବିବାଦ ଲାଗି ପିସିବିର ଡାଇରେକ୍ଟର ଅଫ୍ କ୍ରିକେଟ୍ ଅପରେଶନ୍ସ ଉସ୍ମାନ ୱାଲହାଙ୍କୁ ଦାୟୀ କରାଯାଇ ତାଙ୍କୁ ସୋମବାର ପଦବୀରୁ ହଟାଇବାକୁ ପିସିବି ମୁଖ୍ୟ ନକଭି ନିର୍ଦ୍ଦେଶ ଦେଇଛନ୍ତି। ତାଙ୍କ ଦାୟିତ୍ୱ ଥିଲା ପାକିସ୍ତାନ ଦଳର ଅଧିନାୟକଙ୍କୁ ଟୁର୍ନାମେଣ୍ଟରେ ପାଳିତ ହେବାକୁ ଥିବା ନିୟମ ସମ୍ପର୍କରେ ଅବଗତ କରାଇବା। ହେଲେ ସେ ନୋ-ହ୍ୟାଣ୍ଡସେକ୍ ପଲିସି ସମ୍ପର୍କରେ ସଲମାନ ଆଘାଙ୍କୁ ସୂଚିତ କରିନଥିଲେ। ଫଳରେ ୱାଲହାଙ୍କ ତ୍ରୁଟି ଯୋଗୁ ଜାତୀୟ ଦଳ ଓ ଅଧିନାୟକଙ୍କୁ ଲଜ୍ଜିତ ହେବାକୁ ପଡ଼ିଥିଲା।

ଗତ ରବିବାର ଅନୁଷ୍ଠିତ ମ୍ୟାଚ୍‌କୁ ୭ ଉଇକେଟରେ ଜିତିବା ପରେ ଭାରତୀୟ ଦଳ ପ୍ରତିପକ୍ଷ ପାକିସ୍ତାନ ଦଳର ଖେଳାଳିଙ୍କ ସହ ହାତ ମିଳାଇ ନଥିଲେ। ବାଉଣ୍ଡ୍ରୀ ଲଗାଇ ଦଳକୁ ଜିତାଇବା ପରେ ସୂର୍ଯ୍ୟକୁମାର ଯାଦବ ଓ ଶିବମ ଦୁବେ ଡଗ୍‌ଆଉଟ୍‌କୁ ଫେରି ସେଠାରେ ଦଳୀୟ ଖେଳାଳିଙ୍କ ସେଲିବ୍ରେଟ୍ କରିଥିଲେ। ପାକିସ୍ତାନ ଦଳ ଓ ମୁଖ୍ୟ କୋଚ୍ ମାଇକ ହେସନ ଭାରତୀୟ ଖେଳାଳିଙ୍କ ସହ ହାତ ମିଳାଇବାକୁ ଭାରତୀୟ ଦଳର ଡ୍ରେସିଂ ରୁମ୍ ପର୍ଯ୍ୟନ୍ତ ଯାଇଥିଲେ। ହେଲେ ଡ୍ରେସିଂ ରୁମ୍ ବନ୍ଦ ଥିଲା। ଏଥିଯୋଗୁ ପିସିବି ପାଇକ୍ରଫ୍ଟଙ୍କ ପରିଚାଳନା ଉପରେ ପ୍ରଶ୍ନ ଉଠାଇବା ସହ ଆଇସିସିରେ ଏକ ଆନୁଷ୍ଠାନିକ ଭାବେ ଅଭିଯୋଗ କରିଥିଲା। ଆଇସିସି ନିକଟକୁ ପଠାଯାଇଥିବା ଚିଠିରେ ପିସିବି ପକ୍ଷରୁ ଉଲ୍ଲେଖ କରାଯାଇଥିଲା ଯେ, ଏହା ଚିନ୍ତାର ବିଷୟ ଯେ, ଆଇସିସି ଦ୍ୱାରା ନିଯୁକ୍ତ ଓ ନ୍ୟୁଟ୍ରାଲ ମ୍ୟାଚ୍ ରେଫରି ପକ୍ଷପାତ କରିଛନ୍ତି, ଯାହାକି ସ୍ପିରିଟ୍ ଅଫ୍ କ୍ରିକେଟ ଓ ଏମ୍‌ସିସି ଆଇନର ସ୍ପଷ୍ଟ ଉଲ୍ଲଂଘନ।

## ଓହରିଲେ କ୍ଷତି ସହିବ ପାକିସ୍ତାନ

ହ୍ୟାଣ୍ଡସେକ୍ ବିବାଦକୁ ନେଇ ଆଇସିସି ମ୍ୟାଚ୍ ରେଫରି ଆଣ୍ଡି ପାଇକ୍ରଫ୍ଟଙ୍କୁ ହଟାଇବା ଲାଗି ଦାବି ପୂରଣ ନହେଲେ ପାକିସ୍ତାନ ଚଳିତ ଏସିଆ କପ୍‌ରୁ ଓହରିଯିବ ବୋଲି ପିସିବି ଧମକ ଦେଇଥିଲା। ଯଦି ପାକିସ୍ତାନ ଓହରିବାକୁ ନିଷ୍ପତ୍ତି ନିଏ, ତେବେ ପିସିବିକୁ ଏସିସି ରାଜସ୍ୱର ୧୨ରୁ ୧୬ ମିଲିଅନ ଆମେରିକୀୟ ଡଲାର (୧୦୫ରୁ ୧୪୦ କୋଟି ଟଙ୍କା) କ୍ଷତି ସହିବାକୁ ପଡ଼ିବ।

୫ ଟେଷ୍ଟ ପ୍ଲେଇଂ ଦେଶ ଯଥା ଭାରତ, ପାକିସ୍ତାନ, ଶ୍ରୀଲଙ୍କା, ବାଂଲାଦେଶ ଓ ଆଫଗାନିସ୍ତାନ ମଧ୍ୟରେ ଏସିଆନ କ୍ରିକେଟ୍ କାଉନସିଲ (ଏସିସି)ର ବାର୍ଷିକ ରାଜସ୍ୱର ୧୫ ପ୍ରତିଶତ ଲେଖାଏଁ ବଣ୍ଟାଯାଏ। ବଳକା ୨୫ ପ୍ରତିଶତ ଆସୋସିଏଟେଡ୍ ଦେଶମାନଙ୍କୁ ଦିଆଯାଏ। ରାଜସ୍ୱରେ ପ୍ରସାରଣ ଚୁକ୍ତି (ଟିଭି ଓ ଡିଜିଟାଲ), ବିଭିନ୍ନ ସ୍ପନସରଶିପ୍ସ ଓ ଟିକେଟରୁ ଆସୁଥିବା ଅର୍ଥ ସାମିଲ ରହିଛି। କେବଳ ଏହି ଏସିଆ କପ୍‌ରୁ ପିସିବି ୧୨ରୁ ୧୬ ମିଲିଅନ ଡଲାର ଆୟ କରିବାକୁ ଆଶା ରଖିଛି।

ସୋନୀ ପିକଚର୍ସ ନେଟୱର୍କ ଇଣ୍ଡିଆ ସହ ଏସିସି ୮ ବର୍ଷ ଲାଗି ୧୭୦ ମିଲିଅନ ଡଲାରର ଚୁକ୍ତି କରିଛି। ପିସିବି ତଥା ଏସିସିର ବର୍ତ୍ତମାନ ମୁଖ୍ୟ ଥିବା ମହସିନ ନକଭି ପାକିସ୍ତାନର ଆଭ୍ୟନ୍ତରୀଣ ମନ୍ତ୍ରୀ ଦାୟିତ୍ୱରେ ଅଛନ୍ତି। କିନ୍ତୁ ସେ ପିସିବିର ମୁଖ୍ୟ ଭାବେ ଆଇସିସି ନିକଟକୁ ଲେଖିଥିବା ଚିଠିରେ ଏସିଆ କପ୍ ରେଫରି ପାଇକ୍ରଫ୍ଟଙ୍କୁ କଡ଼ା ସମାଲୋଚନା କରିବା ସହ ତାଙ୍କୁ ହଟାଇବାକୁ ଦାବି କରିଥିଲେ, ଯାହାକୁ ପ୍ରତ୍ୟାଖ୍ୟାନ କରି ଦିଆଯାଇଛି। ଯଦି ପିସିବି ଓହରିଯାଏ, ତେବେ ଏସିସି ବୋର୍ଡର ଅନ୍ୟ ସଦସ୍ୟ ପାକିସ୍ତାନକୁ ମିଳିବାକୁ ଥିବା ରାଜସ୍ୱର ୧୫% ଉପରେ ପ୍ରଶ୍ନ ଉଠାଇବେ। ପାକିସ୍ତାନ ଓହରିଗଲେ ଉଭୟ ପ୍ରସାରଣକାରୀ ଚ୍ୟାନେଲ ଓ ଏସିସିକୁ କ୍ଷତି ସହିବାକୁ ପଡ଼ିବ। ଏଣୁ ପାକିସ୍ତାନର ଜଣେ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରୀ ହୋଇଥିବାରୁ ନକ୍‌ଭିଙ୍କ ଲାଗି ଏସିଆ କପ୍‌ରୁ ଓହରିବା ନିଷ୍ପତ୍ତି ସହଜ ହେବନାହିଁ।

# ମୁହଁ ଖୋଲିଲା ବିସିସିଆଇ

ନୂଆଦିଲ୍ଲୀ,୧୬।୯

ଚଳିତ ଏସିଆ କପ୍‌ରେ ଦେଖାଦେଇଥିବା ହ୍ୟାଣ୍ଡସେକ୍ ବିବାଦକୁ ନେଇ ମଙ୍ଗଳବାର ବିସିସିଆଇ ପ୍ରଥମଥର ପାଇଁ ମୁହଁ ଖୋଲିଛି। ବିସିସିଆଇ ସମ୍ପାଦକ ଦେବଜିତ୍ ସାଇକିଆ କହିଛନ୍ତି, ମୁଁ କେବଳ ଏତିକି କହିପାରିବି ଯେ ଏହା ଭାରତର ଏକ ସହଜ ବିଜୟ ଥିଲା। ତୃତୀୟ ପକ୍ଷ କିମ୍ବା ଶତ୍ରୁ ଦେଶ ଦ୍ୱାରା କରାଯାଉଥିବା ବିବାଦ ଉପରେ ଧ୍ୟାନ ଦେବା ପରିବର୍ତ୍ତେ ଆମକୁ ଏହି ବିଜୟ ଉତ୍ସବ ପାଳନ କରିବା ଦରକାର। ବିବାଦକୁ ନେଇ ଆମକୁ ଚିନ୍ତିତ ହେବା ଉଚିତ୍ ନୁହେଁ। ଏହା ବଦଳରେ ଆମେ ଆମ ଖେଳାଳିଙ୍କ ପାଇଁ ଗର୍ବ କରିବା ଉଚିତ। ଆମେ ଆଶା କରୁଛୁ, ଆମର ବିଜୟଧାରା ଟୁର୍ନାମେଣ୍ଟର ଶେଷ ମ୍ୟାଚ୍ ପର୍ଯ୍ୟନ୍ତ ଜାରି ରହିବ।

# ଆଫଗାନିସ୍ତାନର ପ୍ରଭାବୀ ବୋଲିଂ

ଆବୁଧାବି,୧୬।୯

ଚଳିତ ଏସିଆ କପ୍ ଟି୨୦ ଟୁର୍ନାମେଣ୍ଟରେ ମଙ୍ଗଳବାର ଖେଳାଯାଇଥିବା ନବମ ଲିଗ୍ ମ୍ୟାଚ୍‌ରେ ବାଂଲାଦେଶ ଓ ଆଫଗାନିସ୍ତାନ ପରସ୍ପରକୁ ଭେଟିଥିଲେ। ଟସ୍ ଜିତି ବ୍ୟାଟିଂ କରିଥିବା ବାଂଲାଦେଶ ପ୍ରତିପକ୍ଷ ଆଫଗାନିସ୍ତାନ ଆଗରେ ୧୫୫ ରନର ଟାର୍ଗେଟ ରଖିଛି। ଜବାବରେ ଆଫଗାନିସ୍ତାନ ୪ ଓଭର ଶେଷ ସୁଦ୍ଧା ୧ ଉଇକେଟ ୧୮ ରନ କରିଛି। ରିପୋର୍ଟ ଲେଖା ହେଲା ବେଳକୁ ରହମାନୁଲ୍ଲା ଗୁରବାଜ ୧୧ ଓ ଇବ୍ରାହିମ ଜଦ୍ରାନ ୫ ରନରେ ବ୍ୟାଟିଂ କରୁଛନ୍ତି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୫୪ ରନ କରିଥିଲା। ଦଳ ପାଇଁ ତଞ୍ଜିଦ ହାସନ ସର୍ବାଧିକ ୫୨ (୪ ଚୌକା ଓ ୩ ଛକା) ରନ କରିଥିବା ବେଳେ ସୈଫ ହାସନ ୩୦ (୨ ଚୌକା ଓ ୧ ଛକା) ଓ ତୋହିଦ ହୃଦୟ ୨୬ (୧ ଲେଖାଏ ଚୌକା ଓ ଛକା) ରନ କରିଥିଲେ। ଆଫଗାନିସ୍ତାନ ପକ୍ଷରୁ ଅଧିନାୟକ ରସିଦ ଖାନ ଓ ନୂର ଅହମ୍ମଦ ୨ ଲେଖାଏ ଉଇକେଟ ନେଇଥିଲେ।

**ଏସିଆ କପ୍ କ୍ରିକେଟ**

(ଆଜିର ମ୍ୟାଚ୍)

**ୟୁଏଇ ବନାମ ପାକିସ୍ତାନ**

ଭେନ୍ୟୁ: ଦୁବାଇ,
ସମୟ: ରାତି ୮ଟା

ପ୍ରସାରଣ: ସୋନୀ ସ୍ପୋର୍ଟ୍ସ ନେଟୱର୍କ



ବୋଲିଂ ଆକ୍ସନରେ ନୂର ଅହମ୍ମଦ।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ